# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୧୫/୨୦୨୨ (୧୬ ପୃଷ୍ଠା) | Bhubaneswar, Friday, July 15/2022 | Page 16 | ₹ 7.00 | ★★★★★★

୪୮ଶ ଭାଗ ୨୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଟପ୍‌ଲେଙ୍କୁ ୬ ଉଇକେଟ ସଫଳତା**

ଭାରତ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଇଂଲଣ୍ଡ ବୋଲର ରିସି ଟପ୍‌ଲେ ୬ ଉଇକେଟ ସଫଳତା ହାସଲ କରିଛନ୍ତି।

୧୪ | ୦୨

**ଲଳିତ ମୋଦିଙ୍କୁ ବିବାହ କରିବେ ସୁସ୍ମିତା**

ଆଇପିଏଲ୍‌ର ପୂର୍ବତନ ଚେୟାରମ୍ୟାନ ଲଳିତ ମୋଦିଙ୍କୁ ବ୍ରହ୍ମାଣ୍ଡ ସୁନ୍ଦରୀ ତଥା ବଲିଉଡ୍ ଅଭିନେତ୍ରୀ ସୁସ୍ମିତା ସେନ୍ ବିବାହ କରିବାକୁ ଯାଉଛନ୍ତି।



**ଆଜିର ସମ୍ପାଦକୀୟ**

ରାଜପାକ୍ସେ ପରିବାରର ପତନ


ଚିତ୍ରକୋଣ୍ଡା ଏସ୍‌ଡିପିଓଙ୍କ ନାମରେ କୋର୍ଟରେ ରୁଜୁହେଲା ମାମଲା
ପୃଷ୍ଠା-୩










# କଲେଜରେ ହେବ ଟିକାକରଣ

ଭୁବନେଶ୍ୱର, ୧୪।୭ (ବ୍ୟୁରୋ)

## ବଢ଼ିଲା କୋଭିଡ୍ ଚିନ୍ତା

- ଦୈନିକ ସଂକ୍ରମଣ ୮୦୦ ଟପିଲା
- ଆଜିଠାରୁ ବୁଷ୍ଟର ଡୋଜ
- ୭୫ ଦିନ ଧରି ଚାଲିବ ଅଭିଯାନ
- ୯୯% ନେଇନାହାନ୍ତି ବୁଷ୍ଟର ଡୋଜ
- ଆବଶ୍ୟକତା ଦେଖି ହସ୍ପିଟାଲ ବେଡ୍ ବଢ଼ାଇବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ



ରାଜ୍ୟରେ କରୋନା ମହାମାରୀ ପୁଣି କାୟା ବିସ୍ତାର କଲାଣି। ଦୈନିକ ସଂକ୍ରମଣ ହୁ ହୁ ହୋଇ ବଢ଼ିଚାଲିଛି। ରାଜ୍ୟରେ ୨୪ ଘଣ୍ଟାରେ ସଂକ୍ରମିତଙ୍କ ସଂଖ୍ୟା ୮୦୦ ଟପିଲାଣି। ଗତ କିଛି ଦିନ ହେବ ଲଗାତର ବଢୁଥିବା କରୋନା ସଂକ୍ରମଣ ସରକାରଙ୍କ ଚିନ୍ତା ବଢ଼ାଇ ଦେଇଛି। ମହାମାରୀକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ଟିକାକରଣକୁ ଗୁରୁତ୍ୱ ଦେଉଛନ୍ତି। ବଢୁଥିବା ସଂକ୍ରମଣକୁ ଦୃଷ୍ଟିରେ ରଖି କଲେଜ, ବିଶ୍ୱବିଦ୍ୟାଳୟ, ବିଭିନ୍ନ ଇଞ୍ଜିନିୟରିଂ କଲେଜ, ଛାତ୍ରାବାସ ଆଦିରେ ଛାତ୍ରୀଛାତ୍ରମାନଙ୍କର ଟିକାକରଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।

ପ୍ରଥମ ଓ ଦ୍ୱିତୀୟ ଡୋଜ୍ ପରେ ଏବେ ବରିଷ୍ଠ ନାଗରିକଙ୍କୁ ବୁଷ୍ଟର ଡୋଜ୍ ଦେବା ଜାରି ରହିଛି। ଶୁକ୍ରବାରଠାରୁ ୧୮ରୁ ୫୯ ବର୍ଷୀୟଙ୍କୁ ବୁଷ୍ଟର ଡୋଜ୍ ଦିଆଯିବ। କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି କ୍ରମେ ଏହି ଡୋଜ୍ ମାଗଣାରେ ପ୍ରଦାନ କରାଯିବ। ୭୫ ଦିନ ଧରି ଚାଲିବାକୁ ଥିବା ଏହି ଟିକାକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଉଭୟ ଅନ୍‌ଲାଇନ୍ ବୁକିଂ କିମ୍ବା ସିଧାସଳଖ ଟିକାକେନ୍ଦ୍ରକୁ ଯାଇ ଲୋକମାନେ ବୁଷ୍ଟର ଡୋଜ୍ ନେଇ ପାରିବେ। ରାଜ୍ୟରେ ୧୮ରୁ ୫୯ ବର୍ଷ ବୟସ ବର୍ଗରେ ରହିଥିବା ୨କୋଟି ୬୫ଲକ୍ଷ ୮୫ହଜାର ଲୋକଙ୍କ ମଧ୍ୟରୁ ମାତ୍ର ୧ ପ୍ରତିଶତ ଅଥବା ପ୍ରାୟ ୧ଲକ୍ଷ ୫୦ ହଜାର ଲୋକ ପ୍ରିକଶନ ବା ବୁଷ୍ଟର ଡୋଜ୍ ନେଇଛନ୍ତି। ଅର୍ଥାତ୍ ୯୯% ଲୋକ ବୁଷ୍ଟର ଟିକା ନେଇ ନ ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗୁରୁବାର ଲୋକସେବା ଭବନରେ ରାଜ୍ୟର କୋଭିଡ୍ ସ୍ଥିତି ସମୀକ୍ଷା କରିଛନ୍ତି। ସହରାଞ୍ଚଳଗୁଡ଼ିକରେ ୧୮ରୁ ୫୯ ବର୍ଷ ଲୋକଙ୍କ ପାଇଁ ବ୍ୟାପକ ଟିକାକରଣ ଅଭିଯାନ ଆରମ୍ଭ କରିବାକୁ ମୁଖ୍ୟ ଶାସନ ସଚିବ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଟିକାକରଣ କାର୍ଯ୍ୟରେ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡ଼ି କର୍ମୀ, ଜନପ୍ରତିନିଧି, ସେଚ୍ଛାସେବୀ ଅନୁଷ୍ଠାନ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସାମିଲ କରିବାକୁ ଉନ୍ନୟନ କମିଶନର ପ୍ରଦୀପ ଜେନା ନିର୍ଦ୍ଦେଶ ଦେଇଛନ୍ତି। ଟିକାକରଣ କେନ୍ଦ୍ରର ଅବସ୍ଥିତି ଓ ସମୟ, କଲେକ୍ସନ ସେଣ୍ଟର ଓ ସହାୟତା କେନ୍ଦ୍ରର ନମ୍ବର ଏବଂ କୋଭିଡ୍ ଚିକିତ୍ସା ସୁବିଧା ବିଷୟରେ ଲୋକମାନଙ୍କୁ ଠିକ୍ ସୂଚନା ପ୍ରଦାନ ପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ସମୀକ୍ଷାରୁ ଜଣାପଡ଼ିଛି ଯେ ରାଜ୍ୟରେ ସମୁଦାୟ ୪୨୬୨ ସକ୍ରିୟ କୋଭିଡ୍ କେସ୍ ରହିଛି। ସେମାନଙ୍କ ମଧ୍ୟରୁ ୧୮ ବର୍ଷରୁ କମ୍ ପିଲାଙ୍କ ସଂଖ୍ୟା ୭୧। ସଂକ୍ରମିତମାନେ ମୁଖ୍ୟତଃ ହୋମ୍ ଆଇସୋଲେଶନ୍‌ରେ ରହି ଚିକିତ୍ସିତ ହେଉଛନ୍ତି। ଏବେ ସୁଦ୍ଧା ୩୯ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପ୍ରତ୍ୟେକ ମେଡିକାଲ କଲେଜ ଏବଂ ଜିଲା ଚିକିତ୍ସାଳୟରେ ସ୍ୱତନ୍ତ୍ର କୋଭିଡ୍ ୱାର୍ଡ ବ୍ୟବସ୍ଥା କରାଯାଇଛି। ଆବଶ୍ୟକତା ଅନୁସାରେ ହସ୍ପିଟାଲ ଏବଂ ବେଡ୍ ସଂଖ୍ୟା ବଢ଼ାଇବା ପାଇଁ ପ୍ରତି ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଗତ ୨୪ ଘଣ୍ଟାରେ ଚିହ୍ନଟ ହୋଇଥିବା ୮୦୪ ସଂକ୍ରମିତଙ୍କ ମଧ୍ୟରୁ ୪୭୧ଜଣ କ୍ୱାରାଣ୍ଟାଇନ୍‌ରୁ ଏବଂ ୩୩୩ ଜଣ ସ୍ଥାନୀୟ ସଂକ୍ରମିତ ଅଛନ୍ତି। ୨୬ ଜିଲାରୁ ଏହି ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଅନ୍ୟ ୪ ଜିଲାରେ ସଂକ୍ରମଣ ନେଇ ସୂଚନା ନାହିଁ। ସଂକ୍ରମଣ କ୍ଷେତ୍ରରେ ଖୋର୍ଦ୍ଧା ଜିଲା ହଟ୍‌ସ୍ପଟ୍ ପାଲଟିଛି। କେବଳ ଏହି ଜିଲାରୁ ୩୦୭ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ☞ପୃଷ୍ଠା-୪

# ଦେଶରେ ପ୍ରଥମ ମଙ୍କିପକ୍ସ ସଂକ୍ରମିତ ଚିହ୍ନଟ



ଥିରୁଭାନନ୍ତପୁରମ୍, ୧୪।୭

ଭାରତରେ ପ୍ରଥମ ମଙ୍କିପକ୍ସ ମାମଲା ଗୁରୁବାର ଚିହ୍ନଟ ହୋଇଛି। ସମ୍ପୃକ୍ତ ବ୍ୟକ୍ତି ଜଣକ କେରଳର ହୋଇଥିବାବେଳେ ସେ ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ରୁ ଭାରତ ଫେରି ଥିରୁଭାନନ୍ତପୁରମ ବିମାନବନ୍ଦରରେ ଓହ୍ଲାଇଥିଲେ। ତାଙ୍କଠାରେ ମଙ୍କିପକ୍ସର ଲକ୍ଷଣ ଦେଖାଯିବାରୁ ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ନମୁନା ସଂଗ୍ରହ କରାଯାଇ ପୁଣେସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିକୁ ପଠାଯାଇଥିଲା। ସେ ଏହି ଭୂତାଣୁରେ ସଂକ୍ରମିତ ହୋଇଥିବା ଟେଷ୍ଟ ରିପୋର୍ଟରୁ ସ୍ପଷ୍ଟ ହୋଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଗର୍ଗ କହିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ବିଦେଶରୁ ଆସିବା ପରେ ସଂକ୍ରମିତଙ୍କ ମା' ବାପାଙ୍କ ସମେତ ତାଙ୍କ ସଂସ୍ପର୍ଶରେ ଆସିଥିବା ଅଟୋ, ଟ୍ୟାକ୍ସି ଡ୍ରାଇଭର, ୧୧ ଯାତ୍ରୀଙ୍କୁ ଚିହ୍ନଟ କରାଯାଇଛି। ମଙ୍କିପକ୍ସ ଏକ ଭୂତାଣୁଜନିତ ରୋଗ। ଏଥିରେ ଆକ୍ରାନ୍ତ ହେଲେ ଜ୍ୱର ସହ ଶରୀର ସାରା ଫୋଟକା ☞ପୃଷ୍ଠା-୪

# ପ୍ରଶ୍ନପତ୍ର ଲିକ୍, ପରୀକ୍ଷା ବାତିଲ

ସମ୍ବଲପୁର, ୧୪।୭ (ବ୍ୟୁରୋ)

## ସମ୍ବଲପୁର ବିଶ୍ୱବିଦ୍ୟାଳୟ

### ୩ଜଣିଆ କମିଟି ଗଠନ, ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ

ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩ ଶେଷବର୍ଷ ଏଜୁକେଶନ ଅନର୍ସ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଛି। ଗୁରୁବାର ସକାଳେ ଘଟଣା ଜଣାପଡିବା ପରେ କର୍ତ୍ତୃପକ୍ଷ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ କଲେଜକୁ ପରୀକ୍ଷା ବାତିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ଏବେ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ରବୀନ୍ଦ୍ର ପାଣିଗ୍ରାହୀ ସୂଚନା ଦେଇ କହିଛନ୍ତି, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଯୁକ୍ତ ତିନି ଶେଷବର୍ଷ ଦ୍ୱିତୀୟ ସେମିଷ୍ଟରର ଏଜୁକେଶନ ଅନର୍ସ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଛି। ଏ ସମ୍ପର୍କରେ ପ୍ରମାଣ ମିଳିବା ପରେ ଗୁରୁବାର କଲେଜଗୁଡିକରେ ହେବାକୁ ଥିବା ପରୀକ୍ଷା ବାତିଲ କରିଦିଆଯାଇଛି। ପ୍ରଶ୍ନପତ୍ର ସେଟ୍ କରାଯାଉଥିବା ସ୍ଥାନରୁ ଲିକ୍ ହୋଇଥିବା ସନ୍ଦେହ କରାଯାଉଛି। କୁଳପତି ସଞ୍ଜୀବ ମିତ୍ତଲଙ୍କ ନିର୍ଦ୍ଦେଶ କ୍ରମେ ୩ ଜଣିଆ କମିଟି ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଏଭଳି ଘଟଣା ଯୋଗୁ ୨୦୫ କଲେଜର ୫୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପ୍ରଭାବିତ ହୋଇଛନ୍ତି। ବାତିଲ ହୋଇଥିବା ପରୀକ୍ଷା ପୁଣିଥରେ ଠିକ୍ ସମୟରେ କରାଯାଇ ଫଳାଫଳ ପ୍ରକାଶ କରାଯିବ। ଛାତ୍ରୀଛାତ୍ରଙ୍କୁ କୌଣସି ସମସ୍ୟା ହେବ ନାହିଁ। ପ୍ରଶ୍ନପତ୍ର ଲିକ୍ ଘଟଣାରେ କୌଣସି ଅଧ୍ୟାପକଙ୍କ ସମ୍ପୃକ୍ତି ପ୍ରମାଣିତ ହେଲେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ଦୁର୍ବଳ ହେଉଛି ଟଙ୍କା

ନୂଆଦିଲ୍ଲୀ, ୧୪।୭



ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ କ୍ରମାଗତ ହ୍ରାସ ପାଇବାରେ ଲାଗିଛି। ଏପରିକି ଲଗାତର ୪ର୍ଥ କାର୍ଯ୍ୟଦିବସ ଗୁରୁବାରରେ ଟଙ୍କାର ମୂଲ୍ୟ ଦୁର୍ବଳ ହୋଇ ୭୯.୮୮ ଟଙ୍କାରେ ପହଞ୍ଚିଛି। ଭାରତୀୟ ପୁଞ୍ଜି ବଜାରରୁ ବିଦେଶୀ ନିବେଶକମାନେ ଅର୍ଥ ଉଠାଇ ନେଉଥିବାରୁ ଟଙ୍କାର ମୂଲ୍ୟ ଘୋର ପ୍ରଭାବିତ ହୋଇଛି। ସେହିପରି ରପ୍ତାନୀ ତୁଳନାରେ ଆମଦାନୀ ଅଧିକ ରହୁଥିବାରୁ ଡଲାରର ଚାହିଦା ବୃଦ୍ଧି ହେବାରେ ଲାଗିଛି। ବଜାର ବିଶେଷଜ୍ଞଙ୍କ ମତରେ ଯେଉଁ ହାରରେ ଟଙ୍କାର ମୂଲ୍ୟ କମିବାରେ ଲାଗିଛି ଏହା ଆସନ୍ତା କାରବାରରେ ୮୦ ଟଙ୍କା ଛୁଇଁବ। ତାହା ହେଲେ ଭାରତୀୟ ଅର୍ଥନୀତିକୁ ଘୋର କ୍ଷତି ପହଞ୍ଚିବ। ଗତ ଫେବୃୟାରୀଠାରୁ ଡଲାର ତୁଳନାରେ ଭାରତୀୟ ମୁଦ୍ରା ପାଖାପାଖି ୨୭ଥର ହ୍ରାସ ପାଇଲାଣି। ଏହି ଧାରା ଜାରି ରହିଲେ ଖୁବ୍‌ଶୀଘ୍ର ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ସର୍ବନିମ୍ନ ସ୍ତରକୁ ଚାଲିଯିବ ବୋଲି ବିଶେଷଜ୍ଞମାନେ କହିଛନ୍ତି।




# କିସ୍ତି ଟଙ୍କା ଶୁଝି ନ ପାରି ଆତ୍ମହତ୍ୟା

ଯାଜପୁର ରୋଡ୍, ୧୪।୭ (ଡି.ଏନ.ଏ.)

ଯାଜପୁର ରୋଡ୍ ଥାନା ଅଧୀନ ସାପଗାଡ଼ିଆ ଗାଁରେ କିସ୍ତି ଟଙ୍କା ପରିଶୋଧ କରି ନ ପାରିବାରୁ ଦୀନବନ୍ଧୁ ମଣ୍ଡଳ ନାମକ ଜଣେ ବ୍ୟକ୍ତି ଗୁରୁବାର ଘର ଭିତରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଦୀନବନ୍ଧୁ ତାଙ୍କ ସ୍ତ୍ରୀ ସାବିତ୍ରୀ ଏବଂ ୩ ପିଲାଙ୍କୁ ନେଇ ସାପଗଡ଼ିଆରେ ରୁହନ୍ତି। ଗତ କିଛିଦିନ ହେବ ସେ କାମଧନ୍ଦା କରିପାରୁ ନ ଥିଲେ। ଫଳରେ ବିଭିନ୍ନ ଘରୋଇ ବ୍ୟାଙ୍କରୁ ଆଣିଥିବା ଋଣ ଟଙ୍କା ଶୁଝି ପାରୁ ନ ଥିଲେ। ଗୁରୁବାର ଏକ ଘରୋଇ ବ୍ୟାଙ୍କର କିସ୍ତି ଟଙ୍କା ଦେବାକୁ ଥିବାବେଳେ ଏହାକୁ ନେଇ ସ୍ତ୍ରୀଙ୍କ ସହିତ ତାଙ୍କର ପାଟିତୁଣ୍ଡ ☞ପୃଷ୍ଠା-୪






# ଭାରତରେ ପ୍ରଥମ ବିରଳ ବ୍ଲଡ୍‌ଗ୍ରୁପ୍

## ଏହି ଗ୍ରୁପ୍ ରକ୍ତ ଥିବା ବିଶ୍ୱର ୧୦ମ ବ୍ୟକ୍ତି

ଅହମ୍ମଦାବାଦ, ୧୪।୭

ଗୁଜରାଟର ରାଜକୋଟରୁ ଜଣେ ୬୫ ବର୍ଷୀୟ ବୃଦ୍ଧଙ୍କ ଶରୀରରେ ଏକ ପ୍ରକାର ବିରଳ ବ୍ଲଡ୍‌ଗ୍ରୁପ୍ ଚିହ୍ନଟ ହୋଇଛି। ଏହା 'ଇଏମ୍‌ଏମ୍ ନେଗେଟିଭ୍' ଭାବେ ଜଣା। ଅନ୍ୟ ୪ ବ୍ଲଡ୍ ଗ୍ରୁପ୍ ଏ, ବି, ଓ, ଏବିଠାରୁ ଏହା ସମ୍ପୂର୍ଣ୍ଣ ଅଲଗା। ପୂର୍ବରୁ ବିଶ୍ୱରେ ମାତ୍ର ୯ ଜଣ 'ଇଏମ୍‌ଏମ୍ ନେଗେଟିଭ୍' ବ୍ଲଡ୍‌ଗ୍ରୁପ୍‌ର ହୋଇଥିବାବେଳେ ଗୁଜରାଟର ସମ୍ପୃକ୍ତ ବ୍ୟକ୍ତି ଏହି ବର୍ଗର ୧୦ମ ବ୍ୟକ୍ତି ହୋଇଛନ୍ତି। ସେ ହୃତପିଣ୍ଡଜନିତ ରୋଗରେ ମଧ୍ୟ ପୀଡ଼ିତ ବୋଲି ଜଣାଯାଇଛି। ଇଏମ୍‌ଏମ୍ ରକ୍ତ କୋଷିକାରେ ଥିବା ଏକ ପ୍ରକାର ଆଣ୍ଟିଜେନ୍। ସମ୍ପୃକ୍ତ ବୃଦ୍ଧଙ୍କ ରକ୍ତରେ ଇଏମ୍‌ଏମ୍ ନ ଥିବାରୁ ଇଣ୍ଟରନ୍ୟାଶନାଲ ସୋସାଇଟି ଅଫ୍ ବ୍ଲଡ୍ ଟ୍ରାନ୍ସଫ୍ୟୁଜନ(ଆଇଏସ୍‌ବିଟି) ଏହି ବ୍ଲଡ୍ ଗ୍ରୁପ୍‌କୁ ଇଏମ୍‌ଏମ୍ ନେଗେଟିଭ୍ ଭାବେ ଚିହ୍ନଟ କରିଛି।



ମଣିଷ ଶରୀରରେ ଏ, ବି, ଓ, ଆର୍‌ଏଚ୍ ଏବଂ ଡଫିଙ୍କୁ ମିଶାଇ ୪୨ ପ୍ରକାରର ବ୍ଲଡ୍ ସିଷ୍ଟମ ରହିଥାଏ। କିନ୍ତୁ ସାଧାରଣରେ ମଣିଷ ବ୍ଲଡ୍‌ଗ୍ରୁପ୍‌କୁ ୪ ଭାଗରେ ବିଭକ୍ତ କରାଯାଇଥାଏ। ଇଏମ୍‌ଏମ୍ ନେଗେଟିଭ୍ ୪୨ତମ ବ୍ଲଡ୍ ଗ୍ରୁପ୍ ସିଷ୍ଟମ। ଏହି ବ୍ଲଡ୍ ଗ୍ରୁପ୍ ଥିବା ଲୋକଙ୍କ ରକ୍ତରେ ଇଏମ୍‌ଏମ୍ ହାଇ-ଫ୍ରିକ୍ୱେନ୍ସି ଆଣ୍ଟିଜେନ୍ ଅଭାବ ରହିଥାଏ। ଇଏମ୍‌ଏମ୍ ନେଗେଟିଭ୍ ରକ୍ତ ଥିବା ବ୍ୟକ୍ତିମାନେ ଅନ୍ୟକୁ ରକ୍ତଦାନ କରିପାରି ନ ଥାନ୍ତି କିମ୍ବା ଆବଶ୍ୟକବେଳେ ଅନ୍ୟ କାହାର ରକ୍ତ ଗ୍ରହଣ କରିପାରି ନ ଥାନ୍ତି। ରାଜକୋଟର ଏହି ବ୍ୟକ୍ତି ଜଣକ ହୃଦ୍‌ଘାତର ଶିକାର ହେବା ପରେ ଅହମ୍ମଦାବାଦରେ ଚିକିତ୍ସିତ ହେଉଛନ୍ତି। ହାର୍ଟ ସର୍ଜରି ପାଇଁ ତାଙ୍କର ରକ୍ତ ଆବଶ୍ୟକ ପଡ଼ିଥିବାବେଳେ ପରୀକ୍ଷାରୁ ଏହି ବ୍ଲଡ୍‌ଗ୍ରୁପ୍ କଥା ଜଣାପଡ଼ିଛି।

**କାନାଡାରେ ଗାନ୍ଧୀ ପ୍ରତିମୂର୍ତ୍ତି ଭାଙ୍ଗିଲେ**

କାନାଡାର ରିଚ୍‌ମଣ୍ଡ ହିଲ୍ ସହରରେ ଥିବା ମହାତ୍ମା ଗାନ୍ଧୀଙ୍କ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତିକୁ ବୁଧବାର ବିଳମ୍ବିତ ରାତିରେ ଭଙ୍ଗାରୁଜା କରାଯାଇଛି। କେତେଜଣ ଖଲିସ୍ତାନୀ ସମର୍ଥକ ଏବଂ ପାକିସ୍ତାନ ବଂଶୋଦ୍ଭବ ଏହି କାର୍ଯ୍ୟରେ ସମ୍ପୃକ୍ତ ଅଛନ୍ତି। ପ୍ରତିମୂର୍ତ୍ତି ଭାଙ୍ଗିବା ବେଳର ଭିଡିଓ ସୋସିଆଲ ମିଡିଆରେ ପ୍ରସାରିତ ହୋଇଛି। ରିପେସ୍ ପାର୍କରେ ବିଷ୍ଣୁ ମନ୍ଦିର ନିକଟରେ ଥିବା ୨୦ ଫୁଟ ଉଚ୍ଚତାର ଗାନ୍ଧୀଙ୍କ ମୂର୍ତ୍ତି ଭଙ୍ଗାଯିବାକୁ ନେଇ ଭାରତ ସରକାରଙ୍କ ପକ୍ଷରୁ ପ୍ରତିବାଦ ଜଣାଯାଇଛି। ଏପରି ଘୃଣିତ କାର୍ଯ୍ୟ ଭାରତୀୟ ସମୁଦାୟଙ୍କୁ ଦୁଃଖ ଦେଇଛି।



## ସଂକ୍ଷେପରେ

### ଭାରତରେ ୨ ବିଲିୟନ ଡଲାର ନିବେଶ କରିବ ୟୁଏଇ

**ନୂଆଦିଲ୍ଲୀ, ୧୪ା୭:** ମିଳିତ ନିବେଶ, କାରବାର ସମେତ ଦକ୍ଷିଣ ଏସିଆ ଓ ମଧ୍ୟପ୍ରାଚ୍ୟରେ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଭାରତ, ଇସ୍ରାଏଲ, ଆମେରିକା ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ମଧ୍ୟରେ ଗୁରୁବାର ପ୍ରଥମ ଆଇ୨ୟୁ୨ ସମ୍ମିଳନୀ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଇସ୍ରାଏଲ ପ୍ରତିପକ୍ଷ ୟେର ଲ୍ୟାପିଡ୍, ୟୁଏଇ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ୍ ଜାୟେଦ୍ ଅଲ୍ ନହୟାନ୍ ଏବଂ ଆମେରିକା ପ୍ରତିପକ୍ଷ ଜୋ ବାଇଡେନ୍ ଯୋଗଦେଇଥିଲେ। ଆଲୋଚନାରେ ୟୁଏଇ ଇଣ୍ଟିଗ୍ରେଟେଡ୍ ଫୁଡ୍ ପାର୍କ ସ୍ଥାପନ ପାଇଁ ଭାରତରେ ୨ ବିଲିୟନ ଆମେରିକୀୟ ଡଲାର ନିବେଶ କରିବ ବୋଲି ଘୋଷଣା କରିଛି। ଏଥିପାଇଁ ନୂଆଦିଲ୍ଲୀ ଆବଶ୍ୟକ ଜମି ଯୋଗାଇବା ସହ ଚାଷୀଙ୍କୁ ମଧ୍ୟ ଏଥିରେ ସାମିଲ କରିବ ବୋଲି ଏକ ମିଳିତ ବିବୃତିରେ କୁହାଯାଇଛି।

### ଦଲେର ମେହନ୍ଦିଙ୍କୁ ୨ ବର୍ଷ ଜେଲ



**ଚଣ୍ଡିଗଡ଼, ୧୪ା୭:** ମାନବ ଚାଲାଣ ମାମଲାରେ ପଞ୍ଜାବୀ ଭାଙ୍ଗଡା-ପପ୍ ଗାୟକ ଦଲେର ମେହନ୍ଦିଙ୍କୁ ପଟିଆଲାର ଏକ କୋର୍ଟ ୨ ବର୍ଷ ଜେଲଦଣ୍ଡାଦେଶ ଦେଇଛନ୍ତି। ୧୯ ବର୍ଷ ପୁରୁଣା ଏହି କେସ୍‌ରେ ଦଲେରଙ୍କୁ ଗିରଫ ପରେ ସ୍ଥାନୀୟ ଜେଲକୁ ପଠାଇଦିଆଯାଇଛି। ଦଲେର ଓ ତାଙ୍କ ଭାଇ ଶମେଶେର ସିଂ ବେଆଇନ ଭାବେ ଲୋକଙ୍କୁ ବିଦେଶ ଚାଲାଣ କରୁଥିବା ନେଇ ୨୦୦୩ରେ ମାମଲା ରୁଜୁ ହୋଇଥିଲା। ଦଲେର, ଶମଶେର (୨୦୧୭ ଅକ୍ଟୋବରରେ ମୃତ୍ୟୁ ଘଟିଛି)ଙ୍କ ସମେତ ଆଉ ଦୁଇ ଜଣଙ୍କ ନାମରେ ଲୋକଙ୍କୁ ବିଦେଶ ନେବା ଆଳରେ ୧ କୋଟି ଟଙ୍କା ଠକେଇ ଅଭିଯୋଗ ରହିଥିଲା। ପଟିଆଲାର ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ କୋର୍ଟ ଏହି ଗାୟକଙ୍କୁ ଦୁଇ ବର୍ଷ ଜେଲ ଏବଂ ୨,୦୦୦ ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଥିଲେ। ଏହି ରାୟକୁ ଚ୍ୟାଲେଞ୍ଜ କରି ଦଲେର ପଟିଆଲା ସେସନ୍ସ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଆଡିସିନାଲ ସେସନ୍ସ ଜଜ୍ ଏଚ୍. ଏସ୍. ଗ୍ରେୱାଲ ଦଲେରଙ୍କ ଜାମିନ ଆବେଦନକୁ ଖାରଜ କରିବା ସହ ଜୁଡିସିଆଲ ମାଜିଷ୍ଟ୍ରେଟ୍ କୋର୍ଟଙ୍କ ରାୟକୁ ବଳବତ୍ତର ରଖିଛନ୍ତି।

### ଆର୍‌ଏସ୍‌ଏସ୍‌କୁ ପିଏଫ୍‌ଆଇ ସହ ତୁଳନା

**ବିବାଦରେ ବିହାର ପୋଲିସ ଅଧିକାରୀ**

**ପାଟନା, ୧୪ା୭:** ବିହାରର ଜଣେ ବରିଷ୍ଠ ପୋଲିସ ଅଧିକାରୀ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)କୁ ଏକ ଆତଙ୍କବାଦୀ ସଙ୍ଗଠନ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ସହ ତୁଳନା କରି ବିବାଦୀୟ ହୋଇଛନ୍ତି। ପାଟନାରୁ ପିଏଫ୍‌ଆଇ ସହ ଜଡ଼ିତ ଦୁଇ ଆତଙ୍କବାଦୀ ଗିରଫ ହେବା ପରେ ଏହା ଉପରେ ପ୍ରତିକ୍ରିୟା ରଖି ଏସ୍‌ଏସ୍‌ପି ମାନବଜିତ୍ ସିଂ ଧିଲନ୍ କହିଛନ୍ତି, ଯେପରି ଆର୍‌ଏସ୍‌ଏସ୍ ନିଜର ଶାଖା ଖୋଲି ଲାଠି ବ୍ୟବହାର ଶିଖାଉଛି, ସେହିପରି ଶାରୀରିକ ଶିକ୍ଷା ନାମରେ ପିଏଫ୍‌ଆଇ ଯୁବଗୋଷ୍ଠୀକୁ ଡାକି ସେମାନଙ୍କୁ ବିଭ୍ରାନ୍ତ କରିବା ସହ ସଙ୍ଗଠନର ଆଦର୍ଶ ଓ ବିଚାର ଧାରା ପ୍ରଚାର କରୁଥିଲା। ଏହା ଉପରେ ଭାଜପା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଭଳି ମନ୍ତବ୍ୟକୁ ଏସ୍‌ଏସ୍‌ପି ମାନବଜିତ୍ ତୁରନ୍ତ ପ୍ରତ୍ୟାହାର କରିବା ସହ ତୁରନ୍ତ ଏଥିପାଇଁ କ୍ଷମା ମାଗନ୍ତୁ ବୋଲି ବିହାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଶୀଲ ମୋଦି ଟୁଇଟ୍ କରିଛନ୍ତି।

## ‘ଯୌନ ଉତ୍ପୀଡ଼ନ’ ବଦଳରେ ‘ଗୋଗୋଇ’ କୁହ



ଲୋକ ସଭା ସେକ୍ରେଟାରିଏଟ୍ ପକ୍ଷରୁ କେତେକ ଶବ୍ଦକୁ ‘ଅସଂସଦୀୟ’ ଦର୍ଶାଇ ସେଗୁଡ଼ିକ ଉପରେ କଟକଣା ଜାରି କରାଯାଇଥିବାବେଳେ ଉକ୍ତ ବୁକ୍‌ଲେଟ୍‌କୁ ନେଇ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ର କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ପଶ୍ଚିମବଙ୍ଗର କ୍ରିଷ୍ଣାନଗର ଏମ୍‌ପି ମହୁଆ ଏନେଇ ଟୁଇଟ୍ କରି ପୂର୍ବତନ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ବିରୋଧରେ ଥିବା ଯୌନ ଉତ୍ପୀଡ଼ନ ମାମଲାର ଅବତାରଣା କରିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି, ଅସଂସଦୀୟ ଶବ୍ଦ ‘ଯୌନ ଉତ୍ପୀଡ଼ନ’କୁ ହଟାଇ ସେହି ସ୍ଥାନରେ ‘ମିଷ୍ଟର ଗୋଗୋଇ’ ରଖାଯାଉ। ଏହି ତାଲିକାରେ ସଂଘୀ (ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କର୍ମକର୍ତ୍ତା) ଶବ୍ଦକୁ କାହିଁକି ସ୍ଥାନିତ କରାଯାଇ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

## ନୂଆ ଭାରତ ପାଇଁ ନୂଆ ଶବ୍ଦକୋଷ



କେନ୍ଦ୍ର ସରକାର ଅସଂସଦୀୟ ଶବ୍ଦାବଳୀ ତାଲିକାଭୁକ୍ତ କରି ଜାରି କରିଥିବା ପୁସ୍ତିକା ବିବାଦୀୟ ହୋଇଛି। ସରକାରଙ୍କ ଏହି ପଦକ୍ଷେପକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି। ରାହୁଲ ଟୁଇଟରରେ ଏକ ଫଟୋ ଶେୟାର କରିଛନ୍ତି। ଏଥିରେ ଅସଂସଦୀୟ ଶବ୍ଦର ବ୍ୟାଖ୍ୟା କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିପରି ସରକାର ଚଳାଉଛନ୍ତି ତାକୁ ସୂଚାଇବା ନିମନ୍ତେ ଆଲୋଚନା ଓ ବିତର୍କ ବେଳେ ଯେଉଁ ଶବ୍ଦଗୁଡ଼ିକୁ ନିର୍ଭୁଲ ଭାବେ ବ୍ୟବହାର କରାଯାଇଥାଏ, ସେଗୁଡ଼ିକର ଉଚ୍ଚାରଣ ଉପରେ ବର୍ତ୍ତମାନ ନିଷେଧାଦେଶ ଜାରି କରାଯାଇଛି ବୋଲି ରାହୁଲ କହିଛନ୍ତି। ଉକ୍ତ ଫଟୋରେ କ୍ୟାପ୍‌ଶନ ଲେଖାଯାଇଛି ‘ନୂଆ ଭାରତ ପାଇଁ ନୂଆ ଶବ୍ଦକୋଷ’।

# ବିବାଦରେ ଅସଂସଦୀୟ ଶବ୍ଦାବଳୀ

**ନୂଆଦିଲ୍ଲୀ,୧୪ା୭**

ଜୁମ୍‌ଲାଜୀବୀ, ବାଲ ବୁଦ୍ଧି, କୋଭିଡ୍ ସ୍ପ୍ରେଡର୍, ଛଳନାକାରୀ, ନିକମ୍ମା, ଦୋହରା ଚରିତ୍ର, ଡିଣ୍ଡିମ ପିଟିବା, କାଲ ସରକାର ଇତ୍ୟାଦି ଇତ୍ୟାଦି। ପାର୍ଲାମେଣ୍ଟରେ ଗୃହକାର୍ଯ୍ୟ ଚାଲିଥିବାବେଳେ ସଦସ୍ୟମାନେ ବେଳେବେଳେ ଏପରି ଶବ୍ଦ ବା ବାକ୍ୟ ବ୍ୟବହାର କରିଥାଆନ୍ତି, ଯାହାକୁ ପରେ ସଦନର ଅଧ୍ୟକ୍ଷଙ୍କ ନିର୍ଦ୍ଦେଶକ୍ରମେ ରେକର୍ଡରୁ ହଟାଇ ଦିଆଯାଇଥାଏ। ଲୋକ ସଭା ସଚିବାଳୟ ପକ୍ଷରୁ ଏଭଳି କେତେକ ଶବ୍ଦକୁ ଅସଂସଦୀୟ ଦର୍ଶାଯାଇ ସେଗୁଡ଼ିକୁ ବ୍ୟବହାର ନ କରିବାକୁ କୁହାଯାଇଛି। ଏନେଇ ଏକ ନୂଆ ପୁସ୍ତିକା ମଧ୍ୟ ଜାରି କରାଯାଇଛି। ଏହାକୁ ନେଇ ବିବାଦ ସୃଷ୍ଟି ହେବା ପରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା କୌଣସି ଶବ୍ଦ ଉପରେ କଟକଣା ଜାରି କରାଯାଇ ନ ଥିବା ସଫେଇ ଦେଇଛନ୍ତି।

ସଂସଦର ମୌସୁମୀ ଅଧିବେଶନ ଜୁଲାଇ ୧୮ରେ ଆରମ୍ଭ ହେବ। ଏହା ପୂର୍ବରୁ ଉଭୟ ଉଚ୍ଚ ଓ ନିମ୍ନ ସଦନରେ ବିତର୍କ ବେଳେ ସଦସ୍ୟମାନେ କେତେକ ନିର୍ଦ୍ଦିଷ୍ଟ ଶବ୍ଦ ବ୍ୟବହାର କରିପାରିବେ ନାହିଁ ବୋଲି ବୁଧବାର ଲୋକ ସଭା ସେକ୍ରେଟାରିଏଟ୍ ପକ୍ଷରୁ ଜାରି ଏକ ବୁକ୍‌ଲେଟ୍‌ରେ କୁହାଯାଇଛି। ଯଦି କୌଣସି ଏମ୍‌ପି ଏଭଳି ଶବ୍ଦ ବା ଅଭିବ୍ୟକ୍ତି ବ୍ୟବହାର କରନ୍ତି ତେବେ ସେଗୁଡ଼ିକୁ ସଂସଦୀୟ କାର୍ଯ୍ୟପ୍ରଣାଳୀରୁ ହଟାଇ ଦିଆଯିବ। ୨୦୨୧ରେ ବିଭିନ୍ନ ରାଜ୍ୟର ବ୍ୟବସ୍ଥାପକ ସଂସ୍ଥା ଏବଂ ୨୦୨୦ରେ କମନୱେଲ୍‌ଥ ପାର୍ଲାମେଣ୍ଟଗୁଡ଼ିକରେ ଅସଂସଦୀୟ ଘୋଷିତ ଶବ୍ଦାବଳୀକୁ ଭବିଷ୍ୟତ ସନ୍ଦର୍ଭ ପାଇଁ ଉକ୍ତ ବୁକ୍‌ଲେଟରେ ସନ୍ନିବେଶିତ କରାଯାଇଛି। ତେବେ ରାଜ୍ୟ ସଭା ଅଧ୍ୟକ୍ଷ ଓ ଲୋକ ସଭା ବାଚସ୍ପତି ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଏଥିରେ କୁହାଯାଇଛି। ତେବେ ବିରୋଧୀ ଦଳଗୁଡ଼ିକ ଗୁରୁବାର ଏହାକୁ ନେଇ ଆପତ୍ତି ଉଠାଇଛନ୍ତି। ଭାଜପା ଦେଶକୁ କିପରି ଧ୍ୱଂସ କରୁଛି ତାହା ବର୍ଣ୍ଣନା ପାଇଁ ସେମାନେ ବ୍ୟବହାର କରୁଥିବା ସମସ୍ତ ଶବ୍ଦକୁ ଅସଂସଦୀୟ ଦର୍ଶାଯାଇଛି



ବୋଲି ବିରୋଧୀ ଅଭିଯୋଗ ଆଣିଛନ୍ତି। ଫଳରେ ଏହାକୁ ନେଇ ସରକାରଙ୍କ ପକ୍ଷରୁ ସଫେଇ ଦିଆଯାଇଛି। ଏହା ଏକ ପ୍ରସ୍ତାବ କିମ୍ବା ନିର୍ଦ୍ଦେଶନାମା ନୁହେଁ, ବରଂ ପୂର୍ବରୁ ପାର୍ଲାମେଣ୍ଟ ଓ ରାଜ୍ୟ ବିଧାନସଭାଗୁଡ଼ିକର ଅଧ୍ୟକ୍ଷ ଏଭଳି ଶବ୍ଦଗୁଡ଼ିକୁ ହଟାଇଦେଇଥିବା କୁହାଯାଇଛି। ଏପରି କି ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ସରକାର ଅମଳରେ ମଧ୍ୟ ଏଭଳି ଶବ୍ଦଗୁଡ଼ିକୁ ଅସଂସଦୀୟ ବିବେଚନା କରାଯାଉଥିଲା। ଗତବର୍ଷ ଉକ୍ତ ତାଲିକାରେ ୬୨ ନୂଆ ଶବ୍ଦ ଯୋଡ଼ାଯାଇଥିବା କେନ୍ଦ୍ର ସରକାରଙ୍କ ସୂତ୍ରରୁ କୁହାଯାଇଛି। ବାଚସ୍ପତି ଓମ୍ ବିର୍ଲା କହିଛନ୍ତି, କୌଣସି ଶବ୍ଦ ଉପରେ କଟକଣା ଜାରି କରାଯାଇ ନାହିଁ। ସଦସ୍ୟମାନେ ଗୃହର ମର୍ଯ୍ୟାଦା ପ୍ରତି ଧ୍ୟାନଦେବା ଉଚିତ। ଏହି ତାଲିକା ହେଉଛି ଅତୀତରେ

> କୌଣସି ଶବ୍ଦ ଉପରେ କଟକଣା ଜାରି କରାଯାଇ ନାହିଁ। ସଦସ୍ୟମାନେ ଗୃହର ମର୍ଯ୍ୟାଦା ପ୍ରତି ଧ୍ୟାନଦେବା ଉଚିତ।
> -ଓମ୍ ବିର୍ଲା, ଲୋକ ସଭା ବାଚସ୍ପତି

ରେକର୍ଡରୁ ହଟାଯାଇଥିବା କେତେକ ଶବ୍ଦର ସଙ୍କଳନ। ବିରୋଧୀ ଦଳଗୁଡ଼ିକ ଏହି ୧,୧୦୦ ପୃଷ୍ଠା ସମ୍ବଳିତ ଶବ୍ଦକୋଷକୁ ପଢ଼ିଛନ୍ତି କି? ଯଦି ପଢ଼ିଥାଆନ୍ତେ ତେବେ ବିଭ୍ରାନ୍ତି ମଧ୍ୟରେ ରହି ନ ଥାଆନ୍ତେ। ୧୯୫୪, ୧୯୮୬, ୧୯୯୨, ୧୯୯୯, ୨୦୦୪, ୨୦୦୯, ୨୦୧୦ରେ ମଧ୍ୟ ଏପରି ବୁକ୍‌ଲେଟ୍ ଜାରି କରାଯାଇଥିଲା ବୋଲି ବାଚସ୍ପତି କହିଛନ୍ତି। ପ୍ରକାଶ ଯେ, ଲୋକ ସଭାରେ କାର୍ଯ୍ୟ ପ୍ରକ୍ରିୟା ଓ ଆଚରଣ ନିୟମ ୩୮୦ ଅନୁସାରେ ବିତର୍କ ବେଳେ ଅସଂସଦୀୟ, ଅପମାନଜନକ, ଅଭଦ୍ର ବା ଅସମ୍ବେଦନଶୀଳ ଶବ୍ଦ ବ୍ୟବହାର କରାଯାଇଥିବା ବାଚସ୍ପତି ମନେକଲେ ସେ ତାକୁ ଗୃହକାର୍ଯ୍ୟରୁ ବାଦ୍ ଦେବାକୁ ନିର୍ଦ୍ଦେଶ ଦେଇପାରିବେ।

## ଟ୍ରମ୍ପ୍‌ଙ୍କ ପ୍ରଥମ ସ୍ତ୍ରୀ ଇଭାନାଙ୍କ ପରଲୋକ

**ୱାଶିଂଟନ୍, ୧୪ା୭**

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ପ୍ରଥମ ସ୍ତ୍ରୀ ଇଭାନା ଟ୍ରମ୍ପ୍(୭୩)ଙ୍କ ଗୁରୁବାର ଅପରାହ୍ନରେ ନ୍ୟୁୟର୍କରେ ପରଲୋକ ହୋଇଛି। ଏ ନେଇ ଟ୍ରମ୍ପ୍ ନିଜ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟ୍ରୁଥ୍ ସୋସିଆଲରେ ପୋଷ୍ଟ କରି ଜଣାଇଛନ୍ତି। ଇଭାନାଙ୍କୁ ଟ୍ରମ୍ପ୍ ୧୯୭୭ରେ



ଇଭାନା ଟ୍ରମ୍ପ୍

ବିବାହ କରିଥିଲେ। ଇଭାନା ପୂର୍ବତନ ରାଷ୍ଟ୍ରପତିଙ୍କ ବ୍ୟବସାୟିକ ସାମ୍ରାଜ୍ୟ ଟ୍ରମ୍ପ୍ ଅର୍ଗାନାଇଜେଶନରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ। ଆମେରିକୀୟ ଅଭିନେତ୍ରୀ ମାର୍ଲା ମେପଲ୍‌ସଙ୍କ ସଂସ୍ପର୍ଶରେ ଟ୍ରମ୍ପ୍ ଆସିବା ପରେ ଇଭାନାଙ୍କ ସହ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ଶେଷରେ ୧୯୯୧ରେ ଉଭୟଙ୍କ ମଧ୍ୟରେ ବିଚ୍ଛେଦ ହୋଇଥିଲା। ପରବର୍ତ୍ତୀ ସମୟରେ ଇଭାନା ପୋଷାକ, ଜୁଏଲାରୀ ଓ ପ୍ରସାଧନ ସାମଗ୍ରୀ ବ୍ୟବସାୟ ପ୍ରତି ମନ ବଳାଇଥିଲେ। ଇଭାନା ଅନେକ ପୁସ୍ତକର ରଚୟିତା। ତାଙ୍କ ଦ୍ୱାରା ଲିଖିତ ‘ରେଜିଂ ଟ୍ରମ୍ପ୍’ ପାଠକୀୟ ଆଦୃତି ଲାଭ କରିଥିଲା। ଏହି ଦମ୍ପତିଙ୍କ ୩ ସନ୍ତାନ ଅଛନ୍ତି। ଡୋନାଲ୍ଡ ଜୁନିୟର, ଇଭାଙ୍କା ଏବଂ ଏରିକ୍। ମୃତ୍ୟୁର କାରଣ ନେଇ ଟ୍ରମ୍ପ୍‌ର ପରିବାର ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ।

## ଆତଙ୍କବାଦୀଙ୍କ ଟାର୍ଗେଟରେ ଥିଲେ ମୋଦି

**ପାଟନା, ୧୪ା୭**

ବିହାର ରାଜଧାନୀ ପାଟନାରେ ଏକ ଆତଙ୍କବାଦୀ ଆକ୍ରମଣ ଯୋଜନାକୁ ପୋଲିସ ପଣ୍ଡ କରିଛି। ଏହି ଗୋଷ୍ଠୀର ୨ ଜଣଙ୍କୁ ଗିରଫ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରେ ଜଣେ ପୂର୍ବତନ ପୋଲିସ କର୍ମଚାରୀ ରହିଛନ୍ତି। ଅଭିଯୁକ୍ତମାନେ ହେଲେ ଅଠାର ପରଭେଜ୍ ଏବଂ ଝାଡ଼ଖଣ୍ଡର ଜଣେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ମହମ୍ମଦ ଜଲାଲଉଦ୍ଦିନ। ଏହି ମଡ୍ୟୁଲ ୨୦୪୭ ସୁଦ୍ଧା ଭାରତକୁ ଇସ୍‌ଲାମୀୟ ଦେଶ କରିବାକୁ ଯୋଜନା କରିଥିଲେ। ଗତ ୧୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିହାର ଗସ୍ତ କରିଥିବାବେଳେ ସେମାନେ ତାଙ୍କୁ ହତ୍ୟା ପାଇଁ ମଧ୍ୟ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନ୍‌ଆଇଏ) ଏହାର ତଦନ୍ତ ଆରମ୍ଭ କରିଛି। ତୃତୀୟ ସନ୍ଦିଗ୍ଧଙ୍କ ବିଷୟରେ ଏନ୍‌ଆଇଏ ସୂଚନା ପାଇଥିବା ଜଣାପଡ଼ିଛି।

ସମ୍ପୃକ୍ତ ଆତଙ୍କବାଦୀମାନେ ପ୍ରଧାନମନ୍ତ୍ରୀଙ୍କ ଗସ୍ତର ୧୫ ଦିନ ପୂର୍ବରୁ ବିହାରର ଫୁଲୱାରି ଶରିଫ୍‌ରେ ତାଲିମ ନେଇଥିଲେ। ମୋଦିଙ୍କ ଉପରେ ଆକ୍ରମଣ କରିବାକୁ ଜୁଲାଇ ୬ ଏବଂ ୭ ତାରିଖରେ ସେମାନେ ଏକ ବୈଠକ କରିଥିଲେ। କୌଣସି ସୂତ୍ରରୁ ସୂଚନା ପାଇ ବିହାର ପୋଲିସ ଫୁଲୱାରି ଶରିଫ୍‌ଠାରେ ଥିବା ଏହି ଆତଙ୍କବାଦୀ ଗୋଷ୍ଠୀ କାର୍ଯ୍ୟାଳୟରେ ଚଢ଼ାଉ କରିଥିଲା।





ଗିରଫ ଦୁଇ ଅଭିଯୁକ୍ତ

- **ବିହାରରେ ବଡ଼ ଧରଣର ଆକ୍ରମଣ ଯୋଜନା ପଣ୍ଡ**
- **ପୂର୍ବତନ ପୋଲିସ କର୍ମଚାରୀଙ୍କ ସମେତ ୨ ଗିରଫ**
- **୨୦୪୭ ସୁଦ୍ଧା ଭାରତକୁ ଇସ୍‌ଲାମୀୟ ରାଷ୍ଟ୍ର କରିବାକୁ ଚାହୁଁଥିଲେ**

ସେଠାରୁ ପୋଲିସ ହାତରେ ଆପତ୍ତିଜନକ ଦସ୍ତାବିଜ୍ ଲାଗିଥିଲା। ଗୋଟିଏର ଶୀର୍ଷକ ଥିଲା ‘୨୦୪୭, ଇସ୍‌ଲାମିକ୍ ଶାସନ ମୁହାଁ ଭାରତ’। ଏଥିସହ ସେଠାରୁ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ(ପିଏଫ୍‌ଆଇ)ର ୨୫ ଦଲିଲ ମିଳିଛି। ଫୁଲୱାରି ଶରିଫ୍‌ରେ ଏହି ଆତଙ୍କବାଦୀ ମଡ୍ୟୁଲ ଆକ୍ରମଣ ଯୋଜନା କରୁଥିବା ନେଇ ଗୋଇନ୍ଦା ବ୍ୟୁରୋ ସୂଚନା ପାଇଥିଲା। ଏହାପରେ ପୋଲିସ ଏବଂ କେନ୍ଦ୍ରୀୟ ଏଜେନ୍ସି ଗତ ୧୧ ତାରିଖରେ ନୟା ଟୋଲା ଅଞ୍ଚଳରେ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଛି।

ତଦନ୍ତରୁ ଆହୁରି ଜଣାପଡ଼ିଛି ଯେ, ବିଶେଷ କରି କେରଳ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ତାମିଲନାଡୁର ଅନେକ ଯୁବକ ସେଠାକୁ ଯାଇ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ତାଲିମ ନେଇଛନ୍ତି। ଗିରଫ ୨ ଜଣ ଭାରତରେ ରହି ପାକିସ୍ତାନ, ବାଂଲାଦେଶ, ତୁର୍କୀ ଆଦି ଇସ୍‌ଲାମୀୟ ଦେଶଗୁଡ଼ିକରୁ ଅର୍ଥ ସଂଗ୍ରହ କରିବା ସହ ରାଷ୍ଟ୍ରବିରୋଧୀ ଅଭିଯାନରେ ସମ୍ପୃକ୍ତ ଥିଲେ। ଜଲାଲଉଦ୍ଦିନ ପୂର୍ବରୁ ଷ୍ଟୁଡେଣ୍ଟସ୍ ଇସ୍‌ଲାମିକ୍ ମୁଭମେଣ୍ଟ ଅଫ୍ ଇଣ୍ଡିଆ(ସିମି) ସହ ମଧ୍ୟ ଜଡ଼ିତ ଥିଲେ ବୋଲି ଏଏସ୍‌ପି ମନୀଷ କୁମାର ସୂଚନା ଦେଇଛନ୍ତି। କିପରି ଖଣ୍ଡା, ଛୁରି ଓ ଅନ୍ୟାନ୍ୟ ମାରଣାସ୍ତ୍ର ବ୍ୟବହାର କରି ସାମ୍ପ୍ରଦାୟିକ ହିଂସା ଘଟାଇବେ ସେ ନେଇ ଉଭୟେ ସ୍ଥାନୀୟ ଲୋକଙ୍କୁ ଶିଖାଉଥିଲେ। ସେମାନଙ୍କ ନିକଟରେ ଆକ୍ରମଣ, ହିଂସା ଭିଆଇବା ପାଇଁ ତାଲିମ ନେଉଥିବା ବ୍ୟକ୍ତିମାନେ ପାଟନାରେ ନାଁ ବଦଳାଇ ନିଜ ପରିଚୟ ଲୁଚାଇ ରହୁଥିଲେ।

## ଲଳିତ ମୋଦିଙ୍କୁ ବାହାହେବେ ସୁସ୍ମିତା ସେନ୍

**ନୂଆଦିଲ୍ଲୀ, ୧୪ା୭**



ଆଇପିଏଲ୍‌ର ପୂର୍ବତନ ଚେୟାରମ୍ୟାନ ଲଳିତ ମୋଦି(୫୬) ଓ ବ୍ରହ୍ମାଣ୍ଡ ସୁନ୍ଦରୀ ତଥା ବଲିଉଡ୍ ଅଭିନେତ୍ରୀ ସୁସ୍ମିତା ସେନ୍(୪୬) ପରସ୍ପରକୁ ଡେଟ୍ କରୁଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟରେ ଲଳିତ ‘ଏକ ନୂଆ ଆରମ୍ଭ, ନୂଆ ଜୀବନ’ ବୋଲି ଲେଖି ସୁସ୍ମିତାଙ୍କ ସହ ଥିବା ସମ୍ପର୍କ ବାବଦରେ ଘୋଷଣା କରିଛନ୍ତି। ତେବେ ସେମାନେ ବିବାହ ନୁହେଁ ବରଂ କେବଳ ଡେଟ୍ କରୁଛନ୍ତି। ଆଗକୁ ସେମାନେ ବିବାହ କରିବେ ବୋଲି ଲଳିତ କହିଛନ୍ତି। ଉଭୟଙ୍କ ସମ୍ପର୍କକୁ ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ



ସୋସିଆଲ ମିଡିଆରେ ୟୁଜର୍ସ ବିଭିନ୍ନ ପ୍ରତିକ୍ରିୟା ରଖିଛନ୍ତି।

ଲଳିତଙ୍କ ବିରୋଧରେ ଟିକସ ଠକେଇ ଏବଂ ମନିଲଣ୍ଡରିଂ ମାମଲା ରହିଛି। ଏହାର ତଦନ୍ତ ଚାଲିଥିବାବେଳେ ୨୦୧୦ରୁ ଲଳିତ ଭାରତର ଛାଡ଼ି ଲଣ୍ଡନରେ ରହୁଛନ୍ତି। ସୁସ୍ମିତା ସେନ୍ ୧୯୯୪ରେ ବ୍ରହ୍ମାଣ୍ଡ ସୁନ୍ଦରୀ ମୁକୁଟ ପିନ୍ଧିଥିଲେ। ୧୯୯୬ରେ ଦସ୍ତକ ଫିଲ୍ମ ଜରିଆରେ ସେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ସେ ୨ ଝିଅ ଆଲିସା ଏବଂ ରିନିଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିଥିଲେ। ଶେଷଥର ପାଇଁ ସୁସ୍ମିତାଙ୍କୁ ‘ଆର୍ଯ୍ୟା ୨’ରେ ଦେଖିବାକୁ ମିଳିଥିଲା।

## ଇସ୍ତଫା ଦେଲେ ଗୋଟାବାୟା

**କଲମ୍ବୋ/ସିଙ୍ଗାପୁର,୧୪ା୭**

ଶ୍ରୀଲଙ୍କା ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ ଗୁରୁବାର ମାଳଦ୍ୱୀପରୁ ସିଙ୍ଗାପୁର ଯିବାପରେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ଶ୍ରୀଲଙ୍କା ପାର୍ଲାମେଣ୍ଟ ବାଚସ୍ପତି ମହିନ୍ଦା ୟାପା ଆବେୟୱର୍ଦ୍ଦେନାଙ୍କ ନିକଟକୁ ଇ-ମେଲ୍ ଜରିଆରେ ଇସ୍ତଫାପତ୍ର ପ୍ରେରଣ କରିଛନ୍ତି। ବାଚସ୍ପତିଙ୍କ କାର୍ଯ୍ୟାଳୟ ରାଷ୍ଟ୍ରପତିଙ୍କ ଇସ୍ତଫା ନେଇ ଆନୁଷ୍ଠାନିକ ଘୋଷଣା ପୂର୍ବରୁ ଏହି ଅନ୍‌ଲାଇନ୍ ଦସ୍ତାବିଜର ବୈଧତା ଯାଞ୍ଚ କରୁଛି।

ବାଚସ୍ପତିଙ୍କ ଗଣମାଧ୍ୟମ ସଚିବ ଇନ୍ଦୁନିଲ ଆବେୟୱର୍ଦ୍ଦେନା କହିଛନ୍ତି, ସିଙ୍ଗାପୁରସ୍ଥିତ ଶ୍ରୀଲଙ୍କା ଉଚ୍ଚାୟୁକ୍ତଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଇସ୍ତଫାପତ୍ର ହସ୍ତଗତ ହୋଇଛି। ବାଚସ୍ପତି ଏନେଇ ଶୁକ୍ରବାର ଘୋଷଣା କରିବେ। ଅନ୍ୟପକ୍ଷେ ଗୋଟାବାୟା ଏକ ଘରୋଇ ଗସ୍ତରେ ସିଙ୍ଗାପୁର ଯାଇଛନ୍ତି। ସେ ଶରଣ ମାଗିନାହାନ୍ତି ବୋଲି ସିଙ୍ଗାପୁର



**ସିଙ୍ଗାପୁରରୁ ବାଚସ୍ପତିଙ୍କୁ ମେଲ୍ କଲେ**

ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଗୋଟାବାୟା ସିଙ୍ଗାପୁରରୁ ସାଉଦି ଆରବ ଯାଇପାରନ୍ତି ବୋଲି କୁହାଯାଉଛି। ସେପଟେ କଲମ୍ବୋରେ ରାଷ୍ଟ୍ରପତି ଭବନକୁ ବିକ୍ଷୋଭକାରୀଙ୍କ କବଳରୁ ମୁକ୍ତ କରାଯାଇଛି। ଏଥିସହ ସବୁ ସରକାରୀ ଅଫିସକୁ ସେନା ଓ ପୋଲିସ ନିଜ ଦଖଲକୁ ନେଇଛନ୍ତି।

# ଅସନ୍ତୋଷ ବ୍ୟକ୍ତକଲେ ସିଜେଆଇ

## ପ୍ରତିଦିନ ପିଆଇଏଲ୍ କଲେ ସ୍ୱତନ୍ତ୍ର କୋର୍ଟ ଲୋଡ଼ା

**ନୂଆଦିଲ୍ଲୀ,୧୪ା୭**

ଆପଣ ଯଦି ପ୍ରତିଦିନ ଗୋଟିଏ ଲେଖାଏ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ କରିବେ ତେବେ ସେଗୁଡ଼ିକର ଶୁଣାଣି ପାଇଁ ଆମକୁ ଏକ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା କରିବାକୁ ପଡ଼ିବ। ଦେଶର ସମସ୍ତ ସ୍କୁଲରେ ଗୋଟିଏ ଡ୍ରେସ୍ କୋଡ୍ ଲାଗୁ ପାଇଁ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ଦାଖଲ କରିଥିବା ଏକ ରିଟ୍ ପିଟିଶନ ଉପରେ ଗୁରୁବାର ଏଭଳି ଟିପ୍ପଣୀ ଦେଇଛନ୍ତି ପ୍ରଧାନ ବିଚାରପତି ଏନ୍.ଭି. ରମନା।

ଅଶ୍ୱିନୀ ଉକ୍ତ ପିଟିଶନରେ ନିଜ ପୁଅଙ୍କୁ ଆବେଦନକାରୀ ଦର୍ଶାଇ ଆସନ୍ତା ସପ୍ତାହରେ ହିଜାବ ପ୍ରସଙ୍ଗରେ ହେବାକୁ ଥିବା ଶୁଣାଣି ସହ ଏହାର ବିଚାର କରିବାକୁ ସୁପ୍ରିମକୋର୍ଟଙ୍କୁ ନିବେଦନ କରିଥିଲେ। ସିଜେଆଇ ରମନା ଏହାକୁ ନେଇ ବିରକ୍ତି ପ୍ରକାଶ କରି କହିଥିଲେ, ଆପଣଙ୍କୁ ଅନେକ ଥର କହିସାରିଲିଣି। ଆପଣ ଯଦି ସବୁଦିନ ଗୋଟିଏ ଲେଖାଏ ପିଆଇଏଲ୍ ଦାଖଲ କରିବେ ତେବେ ଆମକୁ ଏକ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା କରିବାକୁ ପଡ଼ିବ। ଏମିତି କେତେ ପିଟିଶନ ଫାଇଲ କଲେଣି? ସେସବୁର ତ୍ୱରିତ ଶୁଣାଣି କ’ଣ ଜରୁରୀ? ହିଜାବ ପ୍ରସଙ୍ଗରେ ବହୁ ପୂର୍ବରୁ ପିଟିଶନ ହୋଇଛି। ପାର୍ଲାମେଣ୍ଟ କ’ଣ କାମ କରୁନି? କେତେକ ପ୍ରସଙ୍ଗ ବିତର୍କ ପାଇଁ ପାର୍ଲାମେଣ୍ଟ ଉପରେ ଛାଡ଼ି ଦିଆଯାଇଥାଏ କହି ସିଜେଆଇ ଅଶ୍ୱିନୀଙ୍କ ପିଟିଶନର ତ୍ୱରିତ ଶୁଣାଣି କରିବାକୁ ମନା କରିଦେଇଛନ୍ତି।

## ଲୋକେ ପେପର ପଢ଼ିଲେ ବି ଏନ୍‌ଆଇଏର ଅସୁବିଧା

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର କାର୍ଯ୍ୟଶୈଳୀ ଉପରେ ଗୁରୁବାର ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା ପ୍ରଶ୍ନ ଉଠାଇଛନ୍ତି। ଏନ୍‌ଆଇଏ ଯେପରି କାର୍ଯ୍ୟ କରୁଛି ସେଥିରୁ ବୁଝାପଡ଼ୁଛି ଯେ, ଲୋକେ ଖବରକାଗଜ ପଢ଼ିଲେ ବି ଏହାର ଅସୁବିଧା ହେଉଛି ବୋଲି ସିଜେଆଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିସହ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ) ବଳରେ ରୁଜୁ ଏକ ମାମଲାର ଜଣେ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରି ତଦନ୍ତକାରୀ ସଂସ୍ଥା ପକ୍ଷରୁ ଦାଏର ପିଟିଶନକୁ ସିଜେଆଇଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ କ୍ରିଷ୍ଣା ମୁରାରୀ ଏବଂ ହିମା କୋହିଲଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି।

ମାମଲାଟି ଏହିପରି। ଆଧୁନିକ ପାୱାର ଆଣ୍ଡ ନାଚୁରାଲ ରିସୋର୍ସେସ୍ ଲିଃ ମହାପ୍ରବନ୍ଧକ ସଞ୍ଜୟ ଜୈନ ମାଓବାଦୀ ଗୋଷ୍ଠୀ ତ୍ରିତୀୟା ପ୍ରସ୍ତୁତି କମିଟି (ଟିପିସି) ସହ ମିଶି ବଟି ଅସୁଲ କରିବା ଅଭିଯୋଗରେ ଝାଡ଼ଖଣ୍ଡ ପୋଲିସ ୨୦୧୮ ଡିସେମ୍ବରରେ ତାଙ୍କୁ ଗିରଫ କରିଥିଲା। ଝାଡ଼ଖଣ୍ଡ ହାଇକୋର୍ଟ ତାଙ୍କୁ ୨୦୨୧ ଡିସେମ୍ବରରେ ଜାମିନ ଦେଇଥିଲେ। ଏଥିସହ ସଞ୍ଜୟଙ୍କ ବିରୋଧରେ ୟୁଏପିଏରେ ମାମଲା ରୁଜୁ କରାଯାଇପାରିବ ନାହିଁ ବୋଲି ମୁଖ୍ୟ ବିଚାରପତି ଶ୍ରୀ ଚନ୍ଦ୍ରଶେଖର ସ୍ପଷ୍ଟ କରିଥିଲେ। ଏନ୍‌ଆଇଏ ପକ୍ଷରୁ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା।



ସିଜେଆଇ ଏନ୍.ଭି. ରମନା

# ଚିତ୍ରକୋଣ୍ଡା ଏସ୍‌ଡିପିଓଙ୍କ ନାମରେ କୋର୍ଟରେ ମାମଲା

## ଚାକିରିରୁ ବହିଷ୍କାର ସହ ଗିରଫ ଦାବି

ମାଲକାନଗିରି,୧୪।୭ (ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଏସ୍‌ଡିପିଓ ଅଂଶୁମାନ ଦ୍ୱିବେଦୀଙ୍କ ପାଇଁ ଦିନକୁ ଦିନ ଅଡୁଆ ବଢ଼ିବାରେ ଲାଗିଛି। ଆଦିବାସୀ ମହିଳାଙ୍କୁ ମାଡ଼ ମାରିବା ଘଟଣାରେ ବିଧାନସଭାରେ ପ୍ରସଙ୍ଗ ଉଠି ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଗୁରୁବାର ଏସ୍‌ଡିପିଓ ଦ୍ୱିବେଦୀଙ୍କ ନାମରେ କୋର୍ଟରେ ମାମଲା ରୁଜୁ ହୋଇଛି। ଖବରରୁ ଜଣାପଡ଼ିଛି, ଗତମାସରେ ଗଞ୍ଜେଇ ଯାଞ୍ଚ ଆଳରେ ଏସ୍‌ଡିପିଓ ଦ୍ୱିବେଦୀ ମହିଳା ପୋଲିସ ନ ନେଇ ଆର୍‌ଏସି-୧୩ ଗ୍ରାମରେ କେତେଜଣ ମହିଳାଙ୍କ ଘରେ ବିଳମ୍ବିତ ରାତିରେ ପଶି ସେମାନଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ମହିଳାମାନେ ଆହତ ହୋଇ ଚିତ୍ରକୋଣ୍ଡା ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଘଟଣାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବୁଧବାର ଏନେଇ ସରକାରଙ୍କୁ ସମାଲୋଚନାର ଶିକାର ହେବାକୁ ପଡିଥିଲା। ଫଳରେ ସରକାର ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ଆର୍‌ଏସି-୧୩ ଗ୍ରାମର ପୀଡ଼ିତା ମହିଳାମାନେ ନ୍ୟାୟ ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏସ୍‌ଡିପିଓ ଦ୍ୱିବେଦୀଙ୍କ ବିରୋଧରେ ୪ ଜଣ ପୀଡ଼ିତା ମହିଳା ମାଲକାନଗିରି ଏସ୍‌ଡିଜେଏମ୍ କୋର୍ଟରେ ସିଆର୍‌ପିସି ୨୦୦ରେ ଏକ ୧ ସିସି ମାମଲା ଦାଖଲ କରିଛନ୍ତି। ଦ୍ୱିବେଦୀଙ୍କ ବିରୋଧରେ ଆଇପିସିର ଧାରା ୨୯୪, ୩୨୩, ୫୦୬, ୩୫୪, ୪୫୮, ୪୬୦ ଓ ୩୪ରେ ମାମଲା ରୁଜୁ କରିବାକୁ ନ୍ୟାୟାଳୟକୁ ଅନୁରୋଧ କରିଛନ୍ତି। ଏଥିସହ ଏସ୍‌ଡିପିଓଙ୍କୁ ତୁରନ୍ତ ଚାକିରିରୁ ବରଖାସ୍ତ କରିବା ସହ ଗିରଫ ଦାବି କରାଯାଇଥିବା ପୀଡ଼ିତା ମହିଳାଙ୍କ ଓକିଲ ଗୋବିନ୍ଦ ଚନ୍ଦ୍ର ପାତ୍ର କହିଛନ୍ତି।

# ସ୍କୁଲ ପରିସରରେ କଲେଜ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ

ମୋରଡା,୧୪।୭(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ହରପ୍ରସାଦ ନୂଆଗାଁ ହାଇସ୍କୁଲ ପରିସରସ୍ଥ ଏକ ଗୃହରୁ ଗୁରୁବାର ପୋଲିସ ଜଣେ କଲେଜ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତ ଛାତ୍ରୀ ହେଲେ ଉକ୍ତ ବିଦ୍ୟାଳୟର ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଝିଅ। ସେ ପରିବାର ସହ ସ୍କୁଲ୍ ପରିସରରେ ରହୁଥିଲେ। ଅପରାହ୍ନ ୪ଟା ସ୍କୁଲ ଛୁଟି ସମୟରେ ଛାତ୍ରୀଛାତ୍ରମାନେ ଉକ୍ତ ଘର ଭିତରେ ଛାତ୍ରୀଙ୍କ ମୃତଦେହ ଝୁଲୁଥିବା ଦେଖି ପ୍ରଧାନ ଶିକ୍ଷକଙ୍କୁ ଜଣାଇଥିଲେ। ପ୍ରଧାନ ଶିକ୍ଷକ କୁଳମଣି ଭୋଇଙ୍କଠାରୁ ଖବରପାଇ ମୋରଡ଼ା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୨/୨୨) ରୁଜୁ ହୋଇଛି।









**ଆଜିର ମନ୍ତବ୍ୟ**

"ଆମେରିକା ଏବଂ ଇସ୍ରାଏଲ ଇରାନକୁ ଅସ୍ଥିର କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଦୁଇ ରାଷ୍ଟ୍ର କୌଣସି ପ୍ରକାର ଦୁଃସାହସିକ ପଦକ୍ଷେପ ନେଲେ ପରିଣାମ ଭୟାବହ ହେବ।

– ଇବ୍ରାହିମ ରଇସି, ଇରାନ ରାଷ୍ଟ୍ରପତି

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଟ ତଳେ ଗଲା ବିଛା;**
**ମୋ ଧନ ଗଲେଣି ନୂଆ ଚାକିରି,**
**ପଲଙ୍କ ପଡିଛି ତୁଚ୍ଛା।**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ। ନୂଆ ଚାକିରିରେ ଯୋଗଦେଇଥିବା ପ୍ରବାସୀ ସ୍ୱାମୀ ପାଇଁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ବିରହ ଜନିତ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ବେଳେ ତା'ର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଗୁଳିକାଣ୍ଡରେ ଯୁବକ ମୃତ, ଜଣେ ଗୁରୁତର

ଆନନ୍ଦପୁର, ୧୪।୭ (ସ୍ୱ.ପ୍ର.): କେନ୍ଦୁଝର ଜିଲା ଘସିପୁରା ନିର୍ବାଚନମଣ୍ଡଳୀ ରାମଚନ୍ଦ୍ରପୁର ଥାନା ଅଧୀନ ଖଲଣା ଗ୍ରାମରେ ରାଜନୈତିକ ଶତ୍ରୁତାରୁ ଏକ ଗୁଳିକାଣ୍ଡ ଘଟିଛି। ଏଥିରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଖଲଣା ଗ୍ରାମର ସୁନନ୍ଦ ସେଠୀ (୩୨)। ଗୁରୁତର ଚନ୍ଦନ ବେହେରା(୨୩)ଙ୍କୁ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ପଞ୍ଚାୟତ ନିର୍ବାଚନକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ତିକ୍ତତା ଲାଗିରହିଥିଲା। ବୁଧବାର ଏହି ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ଗୁରୁବାର ଅପରାହ୍ନରେ ସୁନନ୍ଦ ଓ ଚନ୍ଦନ ସାଇଁକୁଳ ସାପ୍ତାହିକ ହାଟରୁ ନିଜ ଘର ଅଭିମୁଖେ ଫେରୁଥିବା ବେଳେ ରାସ୍ତାରେ କେତେଜଣ ଯୁବକ ଉଭୟଙ୍କୁ ଅଟକାଇ ମାରଣାସ୍ତ୍ରରେ ଆକ୍ରମଣ କରିବା ସହିତ ଗୁଳିମାଡ଼ କରିଥିଲେ। ଘଟଣାସ୍ଥଳରେ ସୁନନ୍ଦଙ୍କର ମୃତ୍ୟୁ ହୋଇଯାଇଥିଲା।


# classifieds Everyday
0674-2580101, 2549302



**SALE**

ଭୁବନେଶ୍ୱରରେ Rs.350/- sqft.ରେ installment ସୁବିଧାରେ ସ୍ଥିତିବାନ୍ plot ବିକ୍ରିହେବ। 9937816565, 8249017091. D-966

**Residential gharabari plot at Brahmanjharilo Cuttack with boundarywall, electrypole, inside Temple on Bank Loan facilities near English Medium High School 6k.m. from Phulnakhara 11k.m. from Bhubaneswar. 7809525452.** D-73928

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73280

**Puri Studio apartment sale near new international Airport (Girala) rate-13,50,000/- onwards (Bank finance available). 8249390294, 8018417272.** D-73277

ଭୁବନେଶ୍ୱର Ravi Talkies 1.5.k.m. ଭିତରେ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9827119799. D-73842

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଲକାଟିରେ sqft.1000/-.8114929186.** D-73936

3BHK duplex corehouse 20,00,000/- Hanspal(Bainchua) finance available- 8093465134, 9668194157. D-73334

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ସମ୍ମୁଖରୁ 1K.M. ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ ଓ ଗୃହ ନିର୍ମାଣ କରନ୍ତୁ। 6371200121. D-73279

**ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 30ft. road, ଇଲେକ୍ଟ୍ରିସିଟି ଥାଇ ବାସୋପଯୋଗୀ ପ୍ଲଟ୍ sqft.-320/-, 850/-ରେ ମିଳୁଛି। 9668344479, 9437607388.** D-73268

**Mega Duplex at Atala with quality construction. Project under construction. Price starts @55 lakhs. May please visit-9438315332.** D-556

**Commercial cum residential plot at Brahmanjharilo Cuttack (Niali road) 6k.m. to Phulanakhara, 11k.m. to Bhubaneswar. 7809525452.** D-73938

**PURCHASE**

Wanted land in Bhubaneswar based on sharing&marketing. 9937816565, 8249017091. D-967



ଭୁବନେଶ୍ୱର ଖଣ୍ଡଗିରି ଜୟଦେବ ବାଟିକା ନିକଟରେ Restaurant ଭଡ଼ାରେ ନେବାପାଇଁ ଯୋଗାଯୋଗ କରନ୍ତୁ। Mob: 7008555042. D-73623



Ayurvedic full body massage ladies, gents with best therapy. 9040900385. D-73933

Newly open full body massage ladies and gents. 8327740003, 8093860513. D-73937

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73844

Refreshing your mind and body with the best therapy, 7873794731. D-872

Newly opened full body massage center by expert therapist. 7381172169. D-73622

**One hour any therapy by expert therapist @999 only. 9078484455.** D-73621

Trupti Spa, 9861550765. Our genuinety is our strength. Stay safe. D-925

**Relax, Refresh your body, Mind at Saikrupa Spa with best therapies. 8984068077.** D-980

Newly open Spa @899/- full body massage expert Therapist - 8093577103. D-73838

**AFFIDAVIT**

By virtue of affidavit dt. 14.07.22, I, Ayushman Biswal, S/o- Sailendra Ku. Biswal, W.N.10, Bargarh declare that the name Ayushman Biswal and Ayusman Biswal belong to one and same person. D-997

By virtue of an affidavit sworn in the Court of Executive Magistrate, Dhamnagar, I, Sk Dilwar Alli, S/D/of Sk Juman changed my name from Sk Dilwar Alli to Sk Dilo. Henceforth I will be known as Sk Dilo for all purposes. My LIC Policy Number is 585926346 and my affidavit Number is 3747 (Dt 08.07.22). D-1005

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ବିଧାନସଭା ସମାଚାର

# ୫୬୨ ଆର୍‌ଆଇ ପଦବୀ ଖାଲି

ଭୁବନେଶ୍ୱର,୧୪।୭(ବ୍ୟୁରୋ)

ରାଜ୍ୟରେ ମୋଟ ୩୨ ତହସିଲଦାର, ମୋଟ ୭୯ ଅତିରିକ୍ତ ତହସିଲଦାର ପଦବୀ ଖାଲି ରହିଛି। ସେହିପରି ୫୬୨ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଏବଂ ୬୧ ରାଜସ୍ୱ ପରିଦର୍ଶକ ପଦବୀ ଏ ପର୍ଯ୍ୟନ୍ତ ପୂରଣ ହୋଇପାରି ନାହିଁ। ବଲାଙ୍ଗୀର ଜିଲାରେ ସର୍ବାଧିକ ରାଜସ୍ୱ କର୍ମଚାରୀ ପଦବୀ ଖାଲିଥିବାବେଳେ ଏହାକୁ ପୂରଣକରିବା ପାଇଁ ପଦକ୍ଷେପ ନିଆଯାଉଥିବା ରାଜସ୍ୱମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି।

ବିଧାନସଭାରେ ଗଣେଶ ରାମ୍ ସିଂ ଖୁଣ୍ଟିଆ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ମଲ୍ଲିକ କହିଛନ୍ତି, ୨୦୨୧ ଏପ୍ରିଲରେ ୯୨୦ କନିଷ୍ଠ ରାଜସ୍ୱ ସହାୟକ ଏବଂ ସେହି ବର୍ଷ ଡିସେମ୍ବରରେ ୫୮୬ ରାଜସ୍ୱ ନିରୀକ୍ଷକ ପଦବୀ ପୂରଣ ହୋଇଛି। ସେହିପରି ୫୭୬ ସହକାରୀ ରାଜସ୍ୱ ନିରୀକ୍ଷକ ପଦବୀ ଏବଂ ୫୩୮ ଅମିନ ପଦବୀ ପୂରଣ ଲାଗି ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ, ଭୁବନେଶ୍ୱରଙ୍କ ଦ୍ୱାରା ଚୟନ ପ୍ରକ୍ରିୟା ଶେଷ ହୋଇଛି। କିଛି କାଗଜପତ୍ର ଯାଞ୍ଚ ହେବାପରେ ସେମାନେ ଜିଲାରେ ଯୋଗଦେବେ ବୋଲି ମନ୍ତ୍ରୀ କହିଛନ୍ତି। ଏହାଛଡ଼ା ଖାଲିପଦବୀ ପୂରଣ ସକାଶେ ଏମ୍‌ପାୱାର କମିଟି ଅନୁମୋଦନ ଲାଗି ପ୍ରକ୍ରିୟା ଆରମ୍ଭ କରାଯାଇଛି।

ସରକାରଙ୍କ ତଥ୍ୟ ଅନୁଯାୟୀ, ରାଜ୍ୟରେ ଏଭଳି ଗୋଟିଏ ଜିଲା ନାହିଁ ଯେଉଁଠି ସବୁଠାରେ ସବୁ ପ୍ରକାର ପଦବୀ ପୂରଣ ଅଛି। ବଲାଙ୍ଗୀର ପରେ କଟକ ଭଳି ଗୁରୁତ୍ୱପୂର୍ଣ୍ଣ ଜିଲାରେ ୬୨ ପଦବୀ ଖାଲି ପଡିଛି। ସମ୍ବଲପୁରରେ ସର୍ବନିମ୍ନ ୪ପଦବୀ ଖାଲି ପଡିଛି। ଏହି ଜିଲାକୁ ମିଶାଇ ମୋଟ ୭ ଜିଲାରେ ଏକ ଅଙ୍କ ଭିତରେ ଖାଲି ପଦବୀ ରହିଛି। ନ ହେଲେ ବାକି ସବୁ ଜିଲାରେ ଖାଲି ପଦବୀ ସଂଖ୍ୟା ଦୁଇ ଅଙ୍କ ତଳକୁ ନାହିଁ। ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ପଦବୀ ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ବଲାଙ୍ଗୀର ସର୍ବାଧିକ ୬୩ ଆର୍‌ଆଇ ପଦବୀ ଖାଲି ପଡିଛି। ମାଲକାନଗିରିରେ ସର୍ବନିମ୍ନ ୨ ଆର୍‌ଆଇ ପଦବୀ ଖାଲି ଅଛି। ସେହିପରି କେନ୍ଦୁଝରରେ ୩ , ଦେଓଗଡ଼ରେ ୭, ସମ୍ବଲପୁରରେ ୪, ନୂଆପଡାରେ ୬ ଏବଂ ଝାରସୁଗୁଡାରେ ୪ ଆର୍‌ଆଇ ପଦ ଖାଲି ଅଛି। ନ ହେଲେ ବାକି ସବୁ ଜିଲାରେ ଦୁଇ ଅଙ୍କ ତଳକୁ କେଉଁଠି ଆର୍‌ଆଇ ପଦବୀ ଖାଲି ନାହିଁ। ତୃଣମୂଳସ୍ତରରେ ରାଜସ୍ୱ ବିଭାଗ ଲାଗି ଆର୍‌ଆଇଙ୍କ କାର୍ଯ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ରାଜ୍ୟରେ ୫୬୨ପଦବୀ ଖାଲି ପଡିବା ସବୁଠାରୁ ଆଶ୍ଚର୍ଯ୍ୟଜନକ ଘଟଣା ବୋଲି ବିରୋଧୀ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି।

### ୫ ଜିଲାରେ ନାହିଁ ଗୋଟିଏ ବି ବାତ୍ୟା ଆଶ୍ରୟସ୍ଥଳୀ



ସେହିପରି ରାଜ୍ୟରେ ମୋଟ ୮୧୮ ବାତ୍ୟା ଆଶ୍ରୟସ୍ଥଳୀ ରହିଛି। ପୁରୀରେ ସର୍ବାଧିକ ୧୭୯ ଥିବାବେଳେ କେନ୍ଦ୍ରାପଡ଼ାରେ ୧୧୭, ଗଞ୍ଜାମରେ ୧୦୩ ଏବଂ ବାଲେଶ୍ୱରରେ ୧୦୦ଟି ଅଛି। ହେଲେ ସୁନ୍ଦରଗଡ଼, କନ୍ଧମାଳ, ଦେଓଗଡ଼, ବଲାଙ୍ଗୀର ଏବଂ ଅନୁଗୋଳରେ ଗୋଟିଏ ହେଲେ ବାତ୍ୟା ଆଶ୍ରୟସ୍ଥଳୀ ନାହିଁ।

# ଏସ୍‌ସି,ଏସ୍‌ଟି ଉନ୍ନୟନ ବିଭାଗ ଖର୍ଚ୍ଚ ଦାବି ଅନୁମୋଦନ

ଭୁବନେଶ୍ୱର,୧୪।୭(ବ୍ୟୁରୋ)

୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ଓ ସଂଖ୍ୟାଲଘୁ, ପଛୁଆ ବର୍ଗ କଲ୍ୟାଣ ବିଭାଗର ୪୦୯୧ କୋଟି ୯୮ ଲକ୍ଷ ୬୦ ହଜାର ଟଙ୍କାର ବ୍ୟୟ ଅଟକଳକୁ ଗୁରୁବାର ବିଧାନସଭାରେ ମଞ୍ଜୁର କରାଯାଇଛି। ଖର୍ଚ୍ଚ ଦାବି ଆଲୋଚନା ଶେଷରେ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି ଯେ ବିଭାଗର କାର୍ଯ୍ୟକ୍ରମ ବାବଦରେ ୩୧୦୦ କୋଟି ୪୯ ଲକ୍ଷ ୪୦ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ପ୍ରଶାସନିକ ବ୍ୟୟ ବାବଦରେ ମୋଟ ୯୯୧ କୋଟି ୪୭ ଲକ୍ଷ ୨୦ ହଜାର ଟଙ୍କା ବ୍ୟୟବରାଦ କରାଯାଇଛି। ଏସ୍‌ସି,ଏସ୍‌ଟି ଛାତ୍ରୀଛାତ୍ରଙ୍କ ପ୍ରାକ୍ ମାଟ୍ରିକ ଶିକ୍ଷାବୃତ୍ତି ନିମନ୍ତେ ୫୬୦ କୋଟି ୫୯ ଲକ୍ଷ ୫୨ ହଜାର ଏବଂ ପୋଷ୍ଟ ମାଟ୍ରିକ ବୃତ୍ତି ବାବଦରେ ୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଅନ୍ୱେଷା ଯୋଜନା ପାଇଁ ୧୧୩କୋଟି ୪୭ ଲକ୍ଷ ୪୧ ହଜାର ଟଙ୍କା ଏବଂ ଆଦିମ ଆଦିବାସୀମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବା ପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନା ବାବଦରେ ୮୬ କୋଟି ୨୮ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି କେନ୍ଦ୍ରୀୟ ଯୋଜନା ବାବଦରେ ୧୩୬ କୋଟି ୭୪ ଲକ୍ଷ ୭୦ ହଜାର ଏବଂ କେନ୍ଦ୍ର ପ୍ରବର୍ତ୍ତିତ ଆଦର୍ଶ ଗ୍ରାମ ଯୋଜନାରେ ୭୦ କୋଟି ୨ ହଜାର, ଆଦିମ ଜନଜାତିମାନଙ୍କ ସାମାଜିକ ଓ ଅର୍ଥନୈତିକ ଉନ୍ନତି ପାଇଁ ୫୧ କୋଟି ୪ ହଜାର ଟଙ୍କା ବ୍ୟୟବରାଦ କରାଯାଇଛି।

# କହୁଛନ୍ତି ବିପଦପୂର୍ଣ୍ଣ, ଉଲ୍ଲେଖ କରୁଛନ୍ତି ମରାମତି ସରିଛି

ଭୁବନେଶ୍ୱର,୧୪।୭(ବ୍ୟୁରୋ)

ରାଜ୍ୟର ପ୍ରାୟ ୨୭୦ ନଦୀ ବନ୍ଧ ନିର୍ମାଣ ହେବା ୫୦ରୁ ଅଧିକ ବର୍ଷ ହୋଇଗଲାଣି। ସେଥିମଧ୍ୟରୁ ୫ ନଦୀବନ୍ଧ ସମ୍ପୂର୍ଣ୍ଣ ବିପଦ ସ୍ଥିତିରେ ରହିଛି। ସେଥିଲାଗି ଆବଶ୍ୟକ ରକ୍ଷଣାବେକ୍ଷଣ ଏବଂ ସୁଦୃଢ଼ୀକରଣ କାର୍ଯ୍ୟ ବର୍ଷାଋତୁ ପୂର୍ବରୁ ସମ୍ପୂର୍ଣ୍ଣ ହୋଇଥିବା ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ମନ୍ତ୍ରୀ କିପରି ଦୁଇ ପ୍ରକାରର ଉତ୍ତର ରଖୁଛନ୍ତି। ୫ଟି ନଦୀବନ୍ଧ ଅର୍ଥାତ୍ ଏହା ପ୍ରାୟ ସାଢେ ୯ କି.ମି. ହେବ ଯଦି ବିପଦପୂର୍ଣ୍ଣ ରହିଥିବା ଉଲ୍ଲେଖ କରାଯାଉଛି ତେବେ ଏହାର ଆବଶ୍ୟକ ମରାମତି ସରିଥିବା କିଭଳି ଉଲ୍ଲେଖ କରାଯାଉଛି। ଏହା ମଧ୍ୟରୁ କେଉଁଟା ଠିକ୍ ତାକୁ ନେଇ ଏବେ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି।

### ମନ୍ତ୍ରୀଙ୍କ ଉତ୍ତରରେ ୨ ପ୍ରକାର କଥା

ବିଧାୟକ ଗଣେଶ ରାମ ସିଂ ଖୁଣ୍ଟିଆ ବିଧାନସଭାରେ ପଚାରିଥିବା ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଟୁକୁନି ସାହୁ ଏହା ଉଲ୍ଲେଖ କରିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ରାଜ୍ୟରେ ସମୁଦାୟ ୨୧୩୩ ସ୍ଲୁଇସ୍ ଗେଟ୍ ରହିଛି। ଏହା ମଧ୍ୟରୁ ୧୫୦ଟି ସ୍ଲୁଇସ୍ ଗେଟ୍ ପାଇଁ ମରାମତିର ଆବଶ୍ୟକତା ରହିଛି। ଏହାକୁ ପର୍ଯ୍ୟାୟକ୍ରମେ କରିବାର ଲକ୍ଷ୍ୟ ରଖାଯାଇଛି। ଅର୍ଥାତ୍ ଉକ୍ତ ୧୫୦ଟି ସ୍ଲୁଇସ୍ ଗେଟ୍ ମରାମତି କାମ ହୋଇ ନ ଥିବା ସ୍ପଷ୍ଟ ହୋଇଛି। ଚଳିତ ବର୍ଷ ସମ୍ଭାବ୍ୟ ବନ୍ୟା ପ୍ରତିରୋଧ ପାଇଁ ନଦୀବନ୍ଧ ସୁଦୃଢ଼ୀକରଣ ଓ ଆବଶ୍ୟକ ତଟ ସଂରକ୍ଷଣ ନିମନ୍ତେ ନାବାର୍ଡ ସହାୟତାରେ ୫୮ ବନ୍ୟା ନିୟନ୍ତ୍ରଣ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନିଆଯାଉଛି।

# ୪୯ ବ୍ଲକରେ ୩୫%ରୁ କମ୍ ଜଳସେଚିତ ହୋଇଛି: ମନ୍ତ୍ରୀ

ଭୁବନେଶ୍ୱର,୧୪।୭(ବ୍ୟୁରୋ)

ବର୍ତ୍ତମାନ ସୁଦ୍ଧା ୪୯ ବ୍ଲକରେ ୩୫%ରୁ ଅଧିକ ଜଳସେଚନ ସୁବିଧା ପ୍ରଦାନ କରାଯାଇ ନାହିଁ। ଗୁରୁବାର ବିଧାନସଭାରେ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ଭାଜପା ସଭ୍ୟ ମୁକେଶ ମହାଲିଙ୍ଗଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ମୋଟ୍ ୩୧୪ ବ୍ଲକ୍ ମଧ୍ୟରୁ ୨୦୨୨ ମାର୍ଚ୍ଚ ଶେଷ ସୁଦ୍ଧା ୨୬୫ଟି ବ୍ଲକରେ ବିଭିନ୍ନ ଉତ୍ସରୁ ୩୫%ରୁ ଅଧିକ ଜମି ପାଇଁ ଜଳସେଚନ ସୁବିଧା ସୃଷ୍ଟି କରାଯାଇଛି। ସେହି ଜଳ ରାଜ୍ୟରେ ଥିବା ବୃହତ୍, ମଧ୍ୟମ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକରୁ ସଂଗ୍ରହ କରାଯାଉଛି। ସେହିପରି ଜଳସେଚନ ପ୍ରକଳ୍ପଗୁଡ଼ିକ ମଧ୍ୟରେ ସେଚାଞ୍ଚଳର ଓଭରଲାପିଂ ଯାଞ୍ଚ କରି ଉକ୍ତ ଅସଙ୍ଗତିଗୁଡ଼ିକୁ ସୁଧାରି ଠିକ୍ ପରିସଂଖ୍ୟାନ ପାଇଁ ଓରସାକ୍ ମାଧ୍ୟମରେ ସର୍ଭେ କରାଯାଇଛି। ସର୍ଭେ ପରେ ବ୍ଲକଗୁଡ଼ିକରେ ଜଳସେଚିତ ଜମିର ଠିକ୍ ଆକଳନ କରାଯାଇପାରିବ।

## ଦେଶରେ ପ୍ରଥମ...

ପ୍ରଥମ ପୃଷ୍ଠାରୁ...

ଭଳି ହୋଇଯାଇଥାଏ। ଏହାର ଦୁଇଟି ଷ୍ଟ୍ରେନ୍ ଅଦ୍ୟାବଧି ଚିହ୍ନଟ ହୋଇଛି। ସେଥିମଧ୍ୟରୁ କଙ୍ଗୋ ଷ୍ଟ୍ରେନ୍ ଅଧିକ ସଂକ୍ରାମକ। ମୋଟ ରୋଗୀଙ୍କ ୧୦% କଙ୍ଗୋ ଷ୍ଟ୍ରେନ୍‌ରେ ମୃତ୍ୟୁ ଘଟୁଥିବା ଜଣାପଡ଼ିଛି। ଅନ୍ୟଟି ହେଲା ୱେଷ୍ଟ ଆଫ୍ରିକାନ୍ ଷ୍ଟ୍ରେନ୍। ଏଥିରେ ମୃତ୍ୟୁହାର ପ୍ରାୟ ୧% ରହିଛି। ମଙ୍କିପକ୍ସ ରୋଗୀ ଚିହ୍ନଟ ହେବା ପରେ ପ୍ରାୟ ୨ ମାସ ପୂର୍ବରୁ ବୈଜ୍ଞାନିକମାନେ ଏହି ଭୂତାଣୁକୁ ନେଇ ଚିନ୍ତାବ୍ୟକ୍ତ କରିଥିଲେ। ପଶ୍ଚିମ ଏବଂ କେନ୍ଦ୍ରୀୟ ଆଫ୍ରିକାରେ ମଙ୍କିପକ୍ସ ସଂକ୍ରମିତ ଅଧିକ ମାତ୍ରାରେ ଚିହ୍ନଟ ହୋଇଛନ୍ତି। ପରେ ଆମେରିକା, ବ୍ରିଟେନ, ପର୍ତ୍ତୁଗାଲ, ସ୍ପେନ୍ ସମେତ ୟୁରୋପୀୟ ଦେଶଗୁଡ଼ିକରେ ମଙ୍କିପକ୍ସ ମାମଲା ସାମ୍ନାକୁ ଆସିଥିଲା। ୧୯୫୮ରେ ପ୍ରଥମେ ମାଙ୍କଡ଼ଠାରେ ଏହି ଭୂତାଣୁ ଚିହ୍ନଟ ହୋଇଥିବାରୁ ଏହାର ନାମ ମଙ୍କିପକ୍ସ ରଖାଯାଇଛି।

### ରାଜ୍ୟକୁ ସତର୍କ କରାଇଲା କେନ୍ଦ୍ର

**ନୂଆଦିଲ୍ଲୀ, ୧୪।୭:** ଭାରତରେ ପ୍ରଥମ ମଙ୍କିପକ୍ସ ମାମଲା ଚିହ୍ନଟ ହେବା ପରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ କେନ୍ଦ୍ର ସରକାର ସତର୍କ କରାଇବା ସହ ଏ ନେଇ ଆଡ୍‌ଭାଇଜରି ଜାରି କରିଛନ୍ତି। ସମସ୍ତ ଅନ୍ତର୍ଜାତୀୟ ପ୍ରବେଶ ପଥ, ହସ୍ପିଟାଲ ଏବଂ ହାଇ-ରିସ୍କ ଅଞ୍ଚଳଗୁଡ଼ିକରେ କଡ଼ା ନଜର ରଖିବାକୁ କୁହାଯାଇଛି। ବିଶ୍ୱରେ ମଙ୍କିପକ୍ସ ସଂକ୍ରମଣ ବଢ଼ିବାରେ ଲାଗିଥିବାରୁ ଭାରତରେ ଏହାକୁ ରୋକିବା ପାଇଁ ଯଥେଷ୍ଟ ପ୍ରସ୍ତୁତି ସହ ପଦକ୍ଷେପ ନେବାକୁ ପଡ଼ିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ରାଜ୍ୟଗୁଡ଼ିକୁ ଲେଖିଥିବା ଚିଠିରେ ଦର୍ଶାଇଛନ୍ତି। ସନ୍ଦିଗ୍ଧ ମଙ୍କିପକ୍ସ ସଂକ୍ରମିତଙ୍କ ଉପରେ ନଜର ରଖାଯିବା ସହ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ କଣ୍ଟାକ୍ଟ ଟ୍ରେସିଂ, ନମୁନା ସଂଗ୍ରହ ପାଇଁ ଗୁରୁତ୍ୱ ଦିଆଯାଇଛି। ସଂକ୍ରମିତ ଚିହ୍ନଟ ହେଲେ ସେମାନଙ୍କୁ ତୁରନ୍ତ ଆବଶ୍ୟକ ଚିକିତ୍ସା ଯୋଗାଇଦେବାକୁ କେନ୍ଦ୍ର ପକ୍ଷରୁ କୁହାଯାଇଛି।

## କଲେଜରେ ହେବ...

ସେହିପରି କଟକ ଜିଲାରୁ ୧୧୯ଜଣ, ସୁନ୍ଦରଗଡ଼ରୁ ୮୦, ସମ୍ବଲପୁରରୁ ୩୦, ପୁରୀ, ମୟୂରଭଞ୍ଜରୁ ୨୮ଜଣ ଲେଖାଏ, ଯାଜପୁରରୁ ୧୯, ଜଗତ୍‌ସିଂହପୁରରୁ ୧୮, ନୟାଗଡ଼ରୁ ୧୭, ବାଲେଶ୍ୱରରୁ ୧୧, ଭଦ୍ରକ, ଝାରସୁଗୁଡ଼ା, ନୂଆପଡ଼ା ଏବଂ ସୋନପୁରରୁ ୯ଜଣ ଲେଖାଏ, କଳାହାଣ୍ଡିରୁ ୮, କୋରାପୁଟରୁ ୬, ବଲାଙ୍ଗୀର, ଗଜପତି, କେନ୍ଦୁଝରରୁ ୫ଜଣ ଲେଖାଏ, ଅନୁଗୋଳରୁ ୩ଜଣ, ବୌଦ୍ଧ, ରାୟଗଡ଼ାରୁ ୨ଜଣ ଲେଖାଏ, ବରଗଡ଼, ଦେବଗଡ଼, କନ୍ଧମାଳ, ମାଲକାନଗିରିରୁ ଜଣେ ଲେଖାଏ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ୨୪ ଘଣ୍ଟାରେ ୪୨୦ଜଣ ସୁସ୍ଥ ହୋଇଥିବା ବେଳେ ୪୨୬୨ଜଣ ଆକ୍ରାନ୍ତ ରହିଛନ୍ତି।

ଏ ପର୍ଯ୍ୟନ୍ତ ୧୨ରୁ ୧୪ ବର୍ଷର ପିଲାଙ୍କ ମଧ୍ୟରୁ ୯୮% ପ୍ରଥମ ଡୋଜ୍ ଏବଂ ୭୨% ଦ୍ୱିତୀୟ ଡୋଜ୍ ନେଇଛନ୍ତି। ସେହିପରି ୧୫ରୁ ୧୭ ବର୍ଷ ବୟସର ପିଲାଙ୍କୁ ୯୨% ପ୍ରଥମ ଏବଂ ୮୨% ଦ୍ୱିତୀୟ ଡୋଜ୍ ଟିକାକରଣ କରାଯାଇଛି। ୧୮ରୁ ଅଧିକ ବୟସ ବର୍ଗର ଲୋକଙ୍କ ମଧ୍ୟରେ ୯୬% ପ୍ରଥମ ଏବଂ ୯୦%ଙ୍କର ଦ୍ୱିତୀୟ ଡୋଜ୍ ଟିକାକରଣ ସରିଛି। କରୋନା ଯୋଦ୍ଧା, ସମ୍ମୁଖ ଯୋଦ୍ଧା, ସ୍ୱାସ୍ଥ୍ୟ କର୍ମୀ ଓ ୬୦ ବର୍ଷରୁ ଅଧିକ ଲୋକଙ୍କ ମଧ୍ୟରୁ ୨୮%ଙ୍କର ଟିକାକରଣ କରାଯାଇଛି।

ଏହି ବୈଠକରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜବିହାରୀ ଧଳଙ୍କ ସମେତ ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଜିଲାପାଳ ଏବଂ ମ୍ୟୁନିସିପାଲିଟି କମିଶନରମାନେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ନିଜ ନିଜ ଅଞ୍ଚଳର କୋଭିଡ୍ ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ।

## କିସ୍ତି ଟଙ୍କା ଶୁଝି...

ହୋଇଥିଲା। ପରେ ସାବିତ୍ରୀ ପୁଅକୁ ଆଣିବାକୁ ସ୍କୁଲକୁ ଯାଇଥିବା ବେଳେ ଦୀନବନ୍ଧୁ ନିଜ ଘର କବାଟ ବନ୍ଦରେ ରଶି ଲଗାଇ ଦେଇଥିଲେ। ଖବର ପାଇ ଯାଜପୁର ରୋଡ ଥାନା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ନିକଟରେ ରହୁ ନ ଥିବା ପିଲାଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ହେବେ। ସଭାସମିତି ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିପାରନ୍ତି। ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ହେବ। ବନ୍ଧୁ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି, ଯାହାକି ଚିନ୍ତାର କାରଣ ହୋଇପାରେ।

**ବୃଷ** – ଗତକାଲିର ଅଧୁରା କାମକୁ ଆଜି ସମ୍ପୂର୍ଣ୍ଣ କରିବାରେ ଲାଗିପଡ଼ିବେ। କଳା, କ୍ରୀଡ଼ା ଓ ସାହିତ୍ୟ, ସଙ୍ଗୀତରେ ସୁନାମ ଅର୍ଜନ କରିବେ। ଆର୍ଥିକ ସମସ୍ୟା କେତେକ ପାରିବାରିକ ଆବଶ୍ୟକତାକୁ ଅଟକାଇ ଦେଇପାରେ। ନିର୍ମାଣ, ବ୍ୟବସାୟ, ସାମ୍ବାଦିକତା, ଏଜେନ୍ସିପ୍, ମାମଲାମକଦ୍ଦମା ପ୍ରଭୃତିରେ ଆଶା ପୂରଣ ହେବ।

**ମିଥୁନ** – ସ୍ୱାସ୍ଥ୍ୟ ସମସ୍ୟା ଲାଗିରହିବା କାରଣରୁ ମନରେ ସରସତା ରହିବ ନାହିଁ। ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**କର୍କଟ** – କଥାବାର୍ତ୍ତାରେ ସଂଯମତା ଅବଲମ୍ବନ କରନ୍ତୁ, ନଚେତ୍ ସାଧାରଣ କଥାରେ କଳହ ଲାଗିବାର ଆଶଙ୍କା ରହିଛି। ପରିବାରରେ ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିବେ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଆକସ୍ମିକ ଭାବେ ବନ୍ଧୁଙ୍କ ଡାକରା ପାଇ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ସିଂହ** – ଯୁଦ୍ଧକାଳୀନଭିତ୍ତିରେ ଅଟକି ରହିଥିବା କାମଗୁଡ଼ିକୁ ସମ୍ପନ୍ନ କରିବାକୁ ପଡ଼ିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବାର ସୂଚନା ରହିଛି। ପାଖ ପଡ଼ୋଶୀଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**କନ୍ୟା** – ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ ନିଜ ଲୋକମାନଙ୍କ ଦ୍ୱାରା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଆବଶ୍ୟକତା ଅନୁଯାୟୀ ଘରର ବରାଦକ୍ରମେ ଗୃହୋପକରଣ କ୍ରୟ କରିପାରନ୍ତି। ପ୍ରତିବନ୍ଧକଜନିତ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ତୁଳା** – ତରତର ହୋଇ କିଛି କରନ୍ତୁ ନାହିଁ, ଯାହାକି କାମକୁ ବିଗାଡ଼ି ଦେଇପାରେ। ବନ୍ଧୁମାନଙ୍କୁ ଉପଯୁକ୍ତ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଆଜି ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ପାରିବାରିକ କ୍ଷେତ୍ରରେ ଭାଇଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇପାରନ୍ତି।

**ବିଛା** – ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିପାରିବେ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ଯୋଗୁ ମନ ଅଶାନ୍ତି ରହିବ। ବନ୍ଧୁଙ୍କ ଜରିଆରେ ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବିଚ୍ଛିନ୍ନ ହୋଇପାରେ।

**ଧନୁ** – କଠିନ ଶ୍ରମ ଓ ପରିଶ୍ରମଜନିତ ସାମାନ୍ୟ ଶାରୀରିକ କଷ୍ଟ ଅନୁଭବ କରିବେ। ଶତ୍ରୁମାନେ ଆଗରେ ନ ହେଲେ ମଧ୍ୟ ପଛରେ ବିଭିନ୍ନ ପ୍ରକାର ସମାଲୋଚନା କରିପାରନ୍ତି। ବହୁତ ଦିନରୁ ରହିଯାଇଥିବା କାମଗୁଡ଼ିକ ହାସଲ କରିବାରେ ସମର୍ଥ ହେବେ।

**ମକର** – ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରିବେ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କର୍ମକ୍ଷେତ୍ରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ନେବାରେ ବହୁତ ବାଧା ବିଘ୍ନର ସମ୍ମୁଖୀନ ହେବେ।

**କୁମ୍ଭ** – ସ୍ୱାର୍ଥହାସଲ ଅଭାବରୁ ନିଜ ଲୋକଟି ହଠାତ୍ ଶତ୍ରୁତା କରିବାକୁ ପଛାଇବ ନାହିଁ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ତ ହୋଇପାରନ୍ତି। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ସକାଳ ସମୟଟି ପ୍ରାୟତଃ ଭଲ ରହିବ।

**ମୀନ** – ଗତକାଲିର ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିପାରିବାରେ ସମର୍ଥ ହେବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଧର୍ମକାର୍ଯ୍ୟରେ ବ୍ୟୟ ବରାଦ କରିପାରନ୍ତି। ଧୈର୍ଯ୍ୟଧରି ସମସ୍ୟାର ସମାଧାନ ଚେଷ୍ଟା ଅବ୍ୟାହତ ରଖିଲେ ସଫଳ ହୋଇପାରିବ।

**କରୋନା ସଂକ୍ରମଣ ସ୍ଥିତି**



| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୬,୪୪,୬୩,୩୨୯ | ୬୩,୮୦,୧୩୮ | ୫୩,୬୪,୪୨,୧୪୩ |
| ଭାରତ | ୪,୩୬,୮୯,୯୮୯ | ୫,୨୫,୫୫୭ | ୪,୩୦,୨୮,୩୫୬ |
| ଓଡ଼ିଶା | ୧୨,୯୬,୧୩୨ | ୯୧୨୭(+୫୩) | ୧୨,୮୩,୧୬୯ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଦୋଷ ଛଡ଼ାଇବାକୁ ଉଦ୍ୟମ | ଏସ୍‌ସିବିରେ କିଡ୍‌ନୀ ପ୍ରତିରୋପଣ ବିଫଳ ଘଟଣା

**କଟକ ଅଫିସ,୧୪।୭**

ଏସ୍‌ସିବିକୁ ବିଶ୍ୱସ୍ତରୀୟ କରିବା ପାଇଁ ରାଜ୍ୟ ସରକାର ଜୋରସୋର ଉଦ୍ୟମ ଚଳାଇଛନ୍ତି। ଏପରି କି ଏଠାରେ ବିଭିନ୍ନ ସମୟରେ ଆଧୁନିକ ପ୍ରଣାଳୀରେ ଚିକିତ୍ସା କରାଯାଇ ବିରଳ ରେକର୍ଡ ସୃଷ୍ଟି କରାଯାଉଛି। ହେଲେ ଏମିତି କିଛି ଘଟଣା ଘଟୁଛି, ଯାହାକି ଏସ୍‌ସିବିର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଭୁବନେଶ୍ୱର କିମ୍ସ ହସ୍ପିଟାଲରେ ଡାକ୍ତର ଏକ ୫ବର୍ଷ ବୟସର ଶିଶୁ ପୁତ୍ର ସୁଧାଂଶୁ ଶେଖର ଲେଙ୍କାଙ୍କୁ ମଙ୍ଗଳବାର ରାତିରେ ବ୍ରେନ୍‌ଡେଡ୍ ଘୋଷଣା କରିବା ପରେ ତା'ର ୨ଟି କିଡ୍‌ନୀ ଦାନ କରିବାକୁ ପରିବାର ଲୋକ ଇଚ୍ଛା ପ୍ରକାଶ କରିଥିଲେ। ଏହାକୁ ପ୍ରଥମେ ଏସ୍‌ସିବି ନିଆଯାଇଥିଲା। ହେଲେ କିଡ୍‌ନୀ କ୍ରସ୍ ମ୍ୟାଚ୍ ନ ହେବାରୁ ଏଠାରେ ପ୍ରତିରୋପଣ କରିବା ସମ୍ଭବ ହୋଇପାରିଲା ନାହିଁ। ପରେ ଏହାକୁ ଭୁବନେଶ୍ୱର ଆପୋଲୋ ପଠାଯାଇ ସେଠାରେ ୨ଜଣଙ୍କ ଠାରେ ପ୍ରତିରୋପଣ କରାଯାଇଥିଲା। ଏସ୍‌ସିବିରେ କିଡ୍‌ନୀ ପ୍ରତିରୋପଣ ନ ହୋଇପାରିବା ନେଇ କର୍ତ୍ତୃପକ୍ଷ ବିଭିନ୍ନ କାରଣ ଦର୍ଶାଉଥିଲେ ସୁଦ୍ଧା ସାଧାରଣରେ ଏଠାକାର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ଥିତି ଏପରି ହୋଇଛି ଯେ, ଏସ୍‌ସିବିର ଦୋଷ ଲୁଚାଇବା ପାଇଁ କେତେଜଣ ଅଧିକାରୀ ମୁହଁ ଖୋଲି ବିବାଦକୁ ଠେଲି ହେବାକୁ ଚାହୁଁନାହାନ୍ତି ବୋଲି ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।




ଅପରପକ୍ଷରେ ଏସ୍‌ସିବି ୟୁରୋଲୋଜି ବିଭାଗ ମୁଖ୍ୟ ସମୀର ସ୍ୱାଇଁଙ୍କ କହିବା ହେଲା ଏସ୍‌ସିବିରେ ପୂର୍ବରୁ ୫ଥର ସଫଳତାର ସହ କିଡ୍‌ନୀ ପ୍ରତିରୋପଣ କରାଯାଇଛି। ଏହା ଷଷ୍ଠଥର ପାଇଁ ହୋଇଥାନ୍ତା। ପୂର୍ବରୁ ଯେଉଁ ପଦ୍ଧତିରେ ପ୍ରତିରୋପଣ କରାଯାଇଥିଲା, ଚଳିତଥର ମଧ୍ୟ ସମାନ ପଦ୍ଧତି ଅବଲମ୍ବନ କରାଯାଇଛି। ଏଥର କିଡ୍‌ନୀ ମ୍ୟାଚ୍ ନ କରିବାରୁ ପ୍ରତିରୋପଣ ହୋଇପାରିଲା ନାହିଁ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଡାକ୍ତର ସ୍ୱାଇଁ କହିଛନ୍ତି। ସେହିପରି କେଉଁଠି କିଡ୍‌ନୀ ପ୍ରତିରୋପଣ ହେବ ତାହା ସୋଟୋ ସ୍ଥିର କରିଥାଏ। ଏହା ରକ୍ତ ପରୀକ୍ଷା ଭଳି ପରୀକ୍ଷା ନୁହେଁ ଯେ, ସଙ୍ଗେ ସଙ୍ଗେ ଜଣା ପଡ଼ିଯିବ। ଏଥିପାଇଁ ସମୟ ଲାଗିଥାଏ। ତେବେ ଯଦି କ୍ରସ୍ ମ୍ୟାଚ ନ ହୁଏ, ତେବେ ସୋଟୋ ପକ୍ଷରୁ ଦ୍ୱିତୀୟ ତାଲିକାରେ ଯେଉଁ ରୋଗୀଙ୍କ ନାମ ଥିବ, ସେ ଚିକିତ୍ସିତ ହେଉଥିବା ହସ୍ପିଟାଲକୁ ଉକ୍ତ କିଡ୍‌ନୀକୁ ପଠାଯାଇଥାଏ। ଏସ୍‌ସିବିରେ ଯଦି ଉକ୍ତ ରୋଗୀଙ୍କ କ୍ରସ୍‌ମ୍ୟାଚ ହୋଇଯାଇଥାନ୍ତା,ତେବେ ପ୍ରତିରୋପଣ ହୋଇଥାନ୍ତା। କ୍ରସ୍‌ମ୍ୟାଚ ନ ହେବାରୁ କିଡ୍‌ନୀକୁ ଆପୋଲୋ ପଠାଇ ଦିଆଗଲା । ତେବେ ଯେଉଁ ସବୁ ଆରୋପ ଲଗାଯାଉଛି, ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଡାକ୍ତର ସ୍ୱାଇଁ କହିଛନ୍ତି। ଆପୋଲୋରେ ସୁଧାଂଶୁଙ୍କ ଉଭୟ କିଡ୍‌ନୀକୁ ଆପୋଲୋରେ ୨ଜଣଙ୍କ ଠାରେ ସଫଳ ପ୍ରତିରୋପଣ କରାଯାଇଥିବା ଜଣାପଡ଼ିଛି। ସେମାନେ ହେଲେ ପ୍ରୀତମ ପ୍ରସାଦ ସ୍ୱାଇଁ(୩୪) ଏବଂ ଉର୍ମିଳା ପଣ୍ଡା(୫୫)। ଡାକ୍ତର ନିଶିଥ ମହାନ୍ତି ଏବଂ ବିବେକାନନ୍ଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଉଭୟେ ଚିକିତ୍ସିତ ହେଉଥିବାବେଳେ ଉଭୟଙ୍କ ସ୍ୱାସ୍ଥ୍ୟ ଠିକ୍ ଥିବା ଡାକ୍ତର ପଣ୍ଡା କହିଛନ୍ତି। ତେବେ ଏସ୍‌ସିବି ଭଳି ଏତେବଡ଼ ହସ୍ପିଟାଲରେ ଆବଶ୍ୟକ ବ୍ୟବସ୍ଥା କରା ନ ଯାଇ ତରବରିଆ ଭାବେ ରୋଗୀଙ୍କ ଠାରେ ପ୍ରତିରୋପଣ ପାଇଁ ଚେଷ୍ଟା କରାଯିବା ଏବଂ ବିଫଳ ହେବା ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି। ବିନା ପ୍ରସ୍ତୁତିରେ ବ୍ରେନ୍‌ଡେଡ୍ ଶିଶୁ ଶରୀରରୁ କିଡ୍‌ନୀ କାଢ଼ି ନେଇ ପ୍ରତିରୋପଣ ପାଇଁ ଚେଷ୍ଟା କରାଯିବା ଠିକ୍ ହୋଇ ନାହିଁ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଉଛନ୍ତି।




# ଆଜିଠାରୁ ଶିକ୍ଷାନୁଷ୍ଠାନରେ ଦସ୍ତଖତ ଅଭିଯାନ

**ଭୁବନେଶ୍ୱର,୧୪।୭(ବ୍ୟୁରୋ)**

ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ରୁଚିକା ମହାନ୍ତି ଆତ୍ମହତ୍ୟା ମାମଲାରେ ନ୍ୟାୟ ପ୍ରଦାନ ସହ ଶିକ୍ଷାନୁଷ୍ଠାନ କ୍ୟାମ୍ପସକୁ ରାଗିଂ ମୁକ୍ତ କରାଇବା ପାଇଁ ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସ୍ଏଫ୍) ପକ୍ଷରୁ ରାଜ୍ୟବ୍ୟାପୀ ଦସ୍ତଖତ ସଂଗ୍ରହ ଅଭିଯାନ ପାଇଁ ନିଷ୍ପତ୍ତି ନିଆଯାଇଛି। ଶୁକ୍ରବାରଠାରୁ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରୁ ଦସ୍ତଖତ ସଂଗ୍ରହ କରାଯିବ। ରୁଚିକା ଆତ୍ମହତ୍ୟା ଘଟଣାର ୧୨ ଦିନ ପରେ ମଧ୍ୟ ପୋଲିସ ଦୋଷୀଙ୍କୁ ଧରିବାରେ

### ରୁଚିକାଙ୍କୁ ନ୍ୟାୟ, ରାଗିଂ ମୁକ୍ତ କ୍ୟାମ୍ପସ ଦାବି

ବିଫଳ ହୋଇଛି। ସୁଇସାଇଡ୍ ନୋଟ୍‌ରେ ୩ଜଣ ସିନିୟର ମାନସିକ ନିର୍ଯାତନା ଦେଉଥିବା ଉଲ୍ଲେଖ ରହିଛି। ଏହା ସତ୍ତ୍ୱେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଥବା ୫-ଟି ବିଭାଗ ଏ ପର୍ଯ୍ୟନ୍ତ ବିଜେବି କଲେଜ କର୍ତ୍ତୃପକ୍ଷଙ୍କୁ କୈଫିୟତ ତଲବ କରିନାହାନ୍ତି। ଏହା ପୂର୍ବରୁ ଭୀମ ଭୋଇ ମେଡିକାଲ କଲେଜ, ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ, ବାଲେଶ୍ୱର ଓ ଢେଙ୍କାନାଳ ନର୍ସିଂ କଲେଜ ସମେତ ଚଳିତବର୍ଷ ଏପ୍ରିଲ ସୁଦ୍ଧା ୨୧ରୁ ଅଧିକ ରାଗିଂ ଘଟଣା ରାଜ୍ୟରେ ଘଟିସାରିଛି। ଅଳ୍ପ ଦିନ ତଳେ ଦେବଗଡ଼ ଏଏନ୍ଏମ୍ ଟ୍ରେନିଂ ସେଣ୍ଟରର ଛାତ୍ରୀ ସିଡିଏମ୍ଓଙ୍କ ନିକଟରେ ରାଗିଂ ଅଭିଯୋଗ ଆଣିଥିଲେ। ଅନ୍ୟପକ୍ଷରେ ରାଗିଂ ରୋକିବା ପାଇଁ ରାଜ୍ୟର ନିଜସ୍ୱ ଆଇନ୍ ଓ ୨୪ ଘଣ୍ଟିଆ ହେଲ୍ପଲାଇନ୍ ନମ୍ବରର ବ୍ୟବସ୍ଥା ନାହିଁ। ତେଣୁ ରାଗିଂ ରୋକିବା ପାଇଁ ବିଧାନସଭାରେ ଆଇନ ପ୍ରଣୟନ, ଶିକ୍ଷାନୁଷ୍ଠାନ ଓ ହଷ୍ଟେଲରେ ସିସିଟିଭି ଲଗାଯିବା, ଛାତ୍ର ସଂସଦ ନିର୍ବାଚନ କରାଯିବା, ଓଡ଼ିଶା ମାନବାଧିକାର ଆୟୋଗଙ୍କ ତତ୍ତ୍ୱାବଧାନରେ ୨୪ ଘଣ୍ଟିଆ ହେଲ୍ପଲାଇନ୍ ନମ୍ବର ଜାରି କରିବା, ଶିକ୍ଷାବର୍ଷ ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କୁ କାଉନ୍‌ସେଲିଂ କରାଇବା, ଆଣ୍ଟି ରାଗିଂ ସେଲକୁ କାର୍ଯ୍ୟକ୍ଷମ କରାଇବା ଓ ରୁଚିକାଙ୍କୁ ଅବିଳମ୍ବେ ନ୍ୟାୟ ପ୍ରଦାନ ପାଇଁ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରୁ ଦସ୍ତଖତ ସଂଗ୍ରହ କରାଯିବ ବୋଲି ଏଆଇଏସ୍ଏଫ୍ ରାଜ୍ୟ ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

# କାନ୍ଥ ପଡ଼ି ମା', ଝିଅ ମୃତ

### ଗୁରୁତର ବାପା, ଶିଶୁପୁତ୍ର ମେଡିକାଲରେ ଭର୍ତ୍ତି

**ଫୁଲବାଣୀ ଅଫିସ, ୧୪।୭**

କନ୍ଧମାଳ ଜିଲା ଫୁଲବାଣୀ ସହର ନାରାୟଣୀ ମନ୍ଦିର ନିକଟ ତ୍ରିଦେବ ନଗରରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଲଗାଣ ବର୍ଷାରେ ଭିଜି ଯାଇଥିବା ପଡୋଶୀଙ୍କ ଘର ମାଟି ଭୁଶୁଡ଼ି ଅନ୍ୟ ଜଣଙ୍କ ଘର ଉପରେ ପଡିଛି। ଏଥିରେ ଘରେ ଖାଇ ବସିଥିବା ଗୋଟିଏ ପରିବାରର ମା' ଝିଅଙ୍କ ମୃତ୍ୟୁ ହୋଇଥିବା ବେଳେ ବାପା ଏବଂ ୩ ବର୍ଷୀୟ ପୁଅ ଗୁରୁତର ହୋଇଛନ୍ତି। ମୃତକ ହେଲେ ସୁରତୀ ମାଝି (୪୨) ଓ ତାଙ୍କ ୫ ବର୍ଷୀୟା ଝିଅ ସ୍ମିତାରାଣୀ। ଗୁରୁତର ବାପା ବ୍ରଜବନ୍ଧୁ ମାଝି ଓ ପୁଅ ରୋହନଙ୍କୁ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ରୋହନଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପର୍ଣ୍ଣ ରହିଛି। ନୟାଗଡ ଜିଲା ବାଣୀଗୋଛା ଥାନା ଅନ୍ତର୍ଗତ ସିସିରା ଗ୍ରାମର ବ୍ରଜବନ୍ଧୁ ଗତ ୫ ବର୍ଷ ହେଲା ଫୁଲବାଣୀରେ ରହି ଆସୁଥିଲେ। ବ୍ରଜବନ୍ଧୁ ରାଜମିସ୍ତ୍ରି ଭାବେ କାମ କରୁଥିବା ବେଳେ ସ୍ତ୍ରୀ ସୁରତୀ ମଜୁରି ଲାଗି ପରିବାର ଚଳାଉଥିଲେ। ଦମ୍ପତି ସ୍ଥାନୀୟ ନାରାୟଣୀ ମନ୍ଦିର ନିକଟ ତ୍ରିଦେବ ନଗରରେ ଏକ କଚ୍ଚା ଘର କରି ଦୁଇ ସନ୍ତାନଙ୍କ ସହ ରହୁଥିଲେ। ଗୁରୁବାର ଅପରାହ୍ନ ପ୍ରାୟ ୨ଟାରେ ପିଲାଙ୍କୁ ଖୁଆଇ ବ୍ରଜବନ୍ଧୁ ଓ ସୁରତୀ ଖାଇ ବସିଥିଲେ। ଏହି ସମୟରେ ପଡିଶା ଘରର କାନ୍ଥ ବ୍ରଜବନ୍ଧୁଙ୍କ ଘର ଉପରେ ପଡି ଭୁଶୁଡ଼ିବାରୁ ସମସ୍ତେ ଉକ୍ତ କାନ୍ଥ ତଳେ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଏ ନେଇ ଅଗ୍ନିଶମ ବାହିନୀକୁ ଖବର ଦେବା ସହ ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ିଥିଲେ। ଅଗ୍ନିଶମ କର୍ମଚାରୀଙ୍କ ସହ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟିମ୍ ହ୍ୟୁମାନିଟିର ସଦସ୍ୟମାନେ ସୁରତୀ, ବ୍ରଜବନ୍ଧୁ ଓ ତାଙ୍କର ୨ ପିଲାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ସୁରତୀ ଓ ସ୍ମିତାରାଣୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସଦର ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁ, ତହସିଲଦାର ଦୀନମଣି ନାୟକ, ପୌରାଧକ୍ଷା ସ୍ମିତାରାଣୀ ମହନ୍ତି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

DSPL - 103



ଓଡ଼ିଶା ସରକାର





## ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ

**ଧାନ ସଂଗ୍ରହ ବର୍ଷ 2022-23**

**ଆମ ରାଜ୍ୟରେ ଖରିଫ ଧାନ ସଂଗ୍ରହ ତା.1-11-2022 ରୁ ତା. 31-03-2023 ମଧ୍ୟରେ ପରିଚାଳିତ ହେବ । ଏହି ବିସ୍ତୃତ ଅବଧି ମଧ୍ୟରେ ଜିଲ୍ଲାମାନେ ସେମାନଙ୍କର ଫସଲ ଅମଳ ସମୟକୁ ଦୃଷ୍ଟିରେ ରଖି ଖରିଫ ଧାନ କ୍ରୟ କାର୍ଯ୍ୟ ସମ୍ପାଦନ କରିବେ । ଏଥିପାଇଁ ଚାଷୀମାନେ ସେମାନଙ୍କର ନିକଟସ୍ଥ ଅନୁମୋଦିତ ପ୍ରାଥମିକ କୃଷି ସମବାୟ ସମିତି (ପେକ୍ସ/ଲ୍ୟାମ୍ପସ), ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ପାଣି ପଞ୍ଚାୟତ (ସଂକ୍ଷେପରେ, ସମିତି)ରେ ଆଗୁଆ ପଞ୍ଜିକରଣ କରିବା ଆବଶ୍ୟକ ।**

### ପଞ୍ଜିକରଣ ପ୍ରକ୍ରିୟା

ଚାଷୀ ପଞ୍ଜିକରଣ **15 ଜୁଲାଇରୁ** ଆରମ୍ଭ ହେଉଛି । ଖରିଫ ଧାନ ଚାଷ କରିଥିବା ଚାଷୀମାନେ ଚାଷୀ ପଞ୍ଜିକରଣ କାର୍ଯ୍ୟକ୍ରମରେ ଭାଗ ନେଇପାରିବେ । ଚଳିତ ବର୍ଷ ନବୀକରଣ ପଦ୍ଧତି ଉଚ୍ଛେଦ କରାଯାଇଛି । ଅର୍ଥାତ, ବିଶଦ ବିବରଣୀ ସହ ଦରଖାସ୍ତ କରି ଚାଷୀ ସମିତିରେ ନୂତନ ଭାବେ ପଞ୍ଜିକରଣ କରିବା ନିହାତି ଆବଶ୍ୟକ । ସମସ୍ତ ଆଗ୍ରହୀ ଚାଷୀ ନିକଟସ୍ଥ ସମିତିରୁ ଗୋଟିଏ ନୂତନ ପଞ୍ଜିକରଣ ଫର୍ମ ସଂଗ୍ରହ କରିବେ ଓ ତା'ହା ପୂରଣ କରି 15 ଜୁଲାଇରୁ 16 ଅଗଷ୍ଟ ମଧ୍ୟରେ ସମିତି କାର୍ଯ୍ୟାଳୟରେ ଆବେଦନ କରିବେ । ଏହା ବିଭାଗର ୱେବସାଇଟ **www.foododisha.in**ରେ ମଧ୍ୟ ଉପଲବ୍ଧ । ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଚାଷ ହୋଇଥିବା ଜମିର ବିଶଦ ବିବରଣୀ ଦେବାକୁ ହେବ।

### ଆବଶ୍ୟକୀୟ କାଗଜାତ

ପଞ୍ଜିକରଣ ପାଇଁ ଇଚ୍ଛୁକ ଚାଷୀମାନେ ସେମାନଙ୍କ ପଞ୍ଜିକରଣ ଫର୍ମ ସହିତ ନିମ୍ନଲିଖିତ କାଗଜାତର ନକଲ ଦାଖଲ କରିବା ଆବଶ୍ୟକ ।

1. ବ୍ୟାଙ୍କ ପାସବୁକର ପ୍ରଥମ ପୃଷ୍ଠା
2. ଚାଷ ଜମି ବାବଦରେ ପ୍ରମାଣ ପତ୍ର ଅର୍ଥାତ ଜମି ପଟ୍ଟା(RoR)/ଦଲିଲ ଇତ୍ୟାଦି
3. ଆଧାର କାର୍ଡ଼ର ନକଲ
4. ମୋବାଇଲ ନମ୍ବର-ଯଦି ନିଜର ମୋବାଇଲ ନଥାଏ, ତେବେ ପରିବାର ସଦସ୍ୟଙ୍କ ନମ୍ବର ଦେବା ଆବଶ୍ୟକ
5. ଯଦି ଭାଗ ଚାଷୀ ହୋଇଥାନ୍ତି, ତେବେ ସମ୍ପୃକ୍ତ ଜମି ମାଲିକଙ୍କ ସହମତି ପତ୍ର ସହିତ ଆଧାର କାର୍ଡ଼ର ନକଲ ଇତ୍ୟାଦି

### ପଞ୍ଜିକରଣ ଅବଧି

- ପଞ୍ଜିକରଣ ଫର୍ମ ପୂରଣ କରି ଚାଷୀମାନେ ସମିତି କାର୍ଯ୍ୟାଳୟରେ 16 ଅଗଷ୍ଟ ମଧ୍ୟରେ ଦାଖଲ କରିବେ ।
- ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ଚାଷୀମାନଙ୍କୁ ସମିତିରେ ପୂରଣ କରାଯାଇଥିବା ଫର୍ମ ଦାଖଲ କରିବାକୁ ଅନୁରୋଧ ।
- ଖରିଫ ଧାନ ସଂଗ୍ରହ ସଂକ୍ରାନ୍ତରେ କେଉଁ ମାସ ଓ ପକ୍ଷରେ ଧାନ ବିକ୍ରୟ କରିବେ, ତାହା ପଞ୍ଜିକରଣ ଫର୍ମରେ ଉଲ୍ଲେଖ କରିବେ ।
- ଏଥି ଉଦ୍ଦେଶ୍ୟରେ ଚାଷୀମାନେ ବିଗତ ବର୍ଷ ଯେଉଁ ସମିତିରେ ପଞ୍ଜିକୃତ ହୋଇଥିଲେ,ସେହିଠାରେ ସମ୍ପର୍କ କରିବା ଆବଶ୍ୟକ ।
- ଚାଷୀମାନେ ଶେଷ ତାରିଖକୁ ଅପେକ୍ଷା ନକରି ଶୀଘ୍ର ପଞ୍ଜିକରଣ ପାଇଁ ସମିତିରେ ଅନୁମୋଦିତ ଫର୍ମରେ ଦରଖାସ୍ତ ଦାଖଲ କରିବାକୁ ଅନୁରୋଧ ।

### ଭାଗ ଚାଷୀ

- ଭାଗ ଚାଷୀମାନେ ପଞ୍ଜିକରଣ ପ୍ରକ୍ରିୟାରେ ନିୟମ ମତେ ଅଂଶଗ୍ରହଣ କରିପାରିବେ ।

### କ୍ଷୁଦ୍ର ଓ ନାମମାତ୍ର ଚାଷୀ

- ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଧାନ ସଂଗ୍ରହ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହେବା ସରକାରଙ୍କର ଏକାନ୍ତ ଇଚ୍ଛା ।

### ସମିତିର ଦାୟିତ୍ୱ

- ଧାନ ବିକ୍ରୟ ପାଇଁ ଇଚ୍ଛୁକ ଥିବା ସମସ୍ତ ଚାଷୀମାନଙ୍କୁ ନୂତନ ପଞ୍ଜିକରଣ ଫର୍ମ ପ୍ରଦାନ କରିବେ ।
- ସମିତି କର୍ମକର୍ତ୍ତା ପଞ୍ଜିକରଣ ଫର୍ମରେ ଥିବା ତଥ୍ୟକୁ 18 ଜୁଲାଇରୁ 22 ଅଗଷ୍ଟ ମଧ୍ୟରେ ତାଙ୍କର LOGINରେ ଡିଜିଟାଇଜ କରିବେ । ଡିଜିଟାଇଜେସନ କାର୍ଯ୍ୟ ସତ୍ୟନିଷ୍ଠ ଓ ନିର୍ଭୁଲ ହେବା ଆବଶ୍ୟକ ।
- ଧାନ ବିକ୍ରୟ ଉଦ୍ଦେଶ୍ୟରେ ଚାଷ ଅନୁପଯୋଗୀ ଜମି ବା ଅଣ-ଧାନ ଚାଷ ହୋଇଥିବା ଜମିକୁ ପଞ୍ଜିକୃତ କରିବେ ନାହିଁ ।
- **ଅଣ-ଚାଷୀ ଓ ଭୁଲ୍ ତଥ୍ୟ ପ୍ରଦାନ କରିଥିବା ଚାଷୀଙ୍କୁ ପଞ୍ଜିକୃତ କରିବେ ନାହିଁ ।**
- ପଞ୍ଜିକରଣ ଯଥା ଶୀଘ୍ର ହୋଇ ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ ହେବା ଆବଶ୍ୟକ । ଏହା ବିଳମ୍ବିତ ହେଲେ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ବିଳମ୍ବିତ ହେବ ।
- ସମିତି କାର୍ଯ୍ୟାଳୟରେ ହାଣ୍ଡ ସାନିଟାଇଜର ବ୍ୟବସ୍ଥା କରିବେ ଏବଂ ଆଗନ୍ତୁକ ଚାଷୀମାନଙ୍କ ମଧ୍ୟରେ ସାମାଜିକ ଦୂରତା ବଜାୟ ରଖିବେ ।

### ହେଲ୍ପ ଡେସ୍କ

- ସମିତି କର୍ମକର୍ତ୍ତାମାନେ ଫର୍ମ ପୂରଣ ପାଇଁ ଚାଷୀମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବେ । ଏଥିନିମନ୍ତେ ଏକ ଉତ୍ସର୍ଗୀକୃତ ହେଲ୍ପ ଡେସ୍କ ସମିତି ସ୍ତରରେ କାର୍ଯ୍ୟ କରିବ ।

### ହେଲ୍ପ ଲାଇନ

- ଯଦି କୌଣସି ଅଭିଯୋଗ ଥାଏ ତେବେ ଦେୟମୁକ୍ତ ନମ୍ବର 1967ରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ମଧ୍ୟରେ ଯୋଗାଯୋଗ କରିବାକୁ ଅନୁରୋଧ ।

OIPR-07001/13/0009/2223

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର**

www.foododisha.in FoodOdisha @Food_Odisha

ପ୍ରକୃତ ରୂପାନ୍ତର ହେଲା– ଚେତନାର ରୂପାନ୍ତର। ଚେତନାର ରୂପାନ୍ତର ହେଲା ପରେ ଆଉ ସବୁ କଥା ଛାଏଁ ଛାଏଁ ରୂପାନ୍ତରିତ ହୋଇଯିବ। ଏହା ସତ ଯେ ଆମର ଅଜାଣତରେ ବି ଆମ ପ୍ରକୃତିର କିଛି ପରିମାଣରେ ରୂପାନ୍ତର ଘଟି ଯାଇପାରେ। **–ଶ୍ରୀମା**



# ରାଜପାକ୍ସେ ପରିବାରର ପତନ



ବ୍ରହ୍ମ ଚେଲାନି

ପାଖାପାଖି ଦୁଇ ଦଶନ୍ଧିରୁ ଅଧିକ ଧରି ୪ ରାଜପାକ୍ସେ ଭାଇ ଓ ସେମାନଙ୍କ ପୁଅମାନେ ଶ୍ରୀଲଙ୍କାକୁ ଏକ ପାରିବାରିକ ବ୍ୟବସାୟ ଭାବେ ଚଳାଇଛନ୍ତି। ଏହି ସମୟରେ ସେମାନେ ଦେଶକୁ ଅବ୍ୟବସ୍ଥିତ କରିଦେଇଛନ୍ତି। ବୋକା ତଥା ଲଗାମହୀନ ଭାବେ ସେମାନେ ବୃହତ୍ ପ୍ରୋଜେକ୍ଟଗୁଡ଼ିକରେ ଯେଭଳି ବ୍ୟୟ କରିଛନ୍ତି ତାହା ଶ୍ରୀଲଙ୍କାକୁ ଋଣରେ ବୁଡ଼ାଇଦେଇ ସ୍ୱାଧୀନତା ପରଠାରୁ ଏକ ସବୁଠୁ ଖରାପ ଆର୍ଥିକ ସଙ୍କଟ ମଧ୍ୟକୁ ଠେଲି ଦେଇଛି। ଏବେ ସେମାନଙ୍କ ସାମ୍ରାଜ୍ୟର ପତନ ଘଟିଛି।

ମହିନ୍ଦା ରାଜପାକ୍ସେ ଥିଲେ ଶ୍ରୀଲଙ୍କାରେ ରାଜପାକ୍ସେ ସାମ୍ରାଜ୍ୟର ବିଧାଣି। ୨୦୦୫ ରେ ରାଷ୍ଟ୍ରପତି ହେବା ପରେ ସେ ଏକ ଦଶନ୍ଧି ଧରି ଜଣେ ଏକଚ୍ଛତ୍ରବାଦୀ ଶାସକ ଭାବେ ଶାସନ କରିଥିଲେ। ସେ ନାଗରିକ ସ୍ୱତନ୍ତ୍ରତା ଉପରେ ଆକ୍ରମଣ କରି ରାଷ୍ଟ୍ରପତିଙ୍କ କ୍ଷମତାକୁ ସମ୍ପ୍ରସାରଣ କରିଥିଲେ। ଏପରି କି ରାଷ୍ଟ୍ରପତିଙ୍କ ସୀମିତ କାର୍ଯ୍ୟକାଳକୁ ହଟାଇ ଚାଇନା ସହ ଗୋଟିଏ ପରେ ଗୋଟିଏ ଖରାପ ଚୁକ୍ତି କରିଛନ୍ତି। ଏହି ପ୍ରକ୍ରିୟା ମଧ୍ୟରେ ସେ ତାଙ୍କ ସାନ ଭାଇ ଗୋଟାବାୟାଙ୍କୁ ପ୍ରତିରକ୍ଷା ବିଭାଗ ଦାୟିତ୍ୱ ଦେଇଥିଲେ। କିନ୍ତୁ ୨୦୧୫ରେ ମହିନ୍ଦା ବହୁ କମ୍ ବ୍ୟବଧାନରେ ରାଷ୍ଟ୍ରପତି ନିର୍ବାଚନ ହାରିବା ପରେ ରାଜପାକ୍ସେ ପରିବାର କମ୍ ଦିନ ଲାଗି କ୍ଷମତାରୁ ଦୂରେଇଗଲେ। ସେହି ସମୟରେ ପାର୍ଲାମେଣ୍ଟ ମହିନ୍ଦାଙ୍କ ରାଷ୍ଟ୍ରପତିତ୍ୱକୁ ଖାରଜ କରି ରାଷ୍ଟ୍ରପତିଙ୍କ ନିର୍ଦ୍ଧାରିତ କାର୍ଯ୍ୟକାଳକୁ ପୁନଃ ସ୍ଥାପିତ କରିଥିଲା। ତଥାପି ରାଜପାକ୍ସେ ପରିବାର ପୁନର୍ବାର ସାମ୍ରାଜ୍ୟ ସ୍ଥାପନ ଲାଗି ଯୋଜନା କରିଥିଲା। ଏଥିରେ ଗୋଟାବାୟା ତାଙ୍କ ଆମେରିକା ନାଗରିକତ୍ୱ ଛାଡ଼ି ରାଷ୍ଟ୍ରପତି ନିର୍ବାଚନ ଲଢ଼ିବା ଯୋଜନା କରାଯାଇଥିଲା। ଗୋଟାବାୟା ମଧ୍ୟ ଜିତିବା ସ୍ଥିତିରେ ଥିଲେ। କାରଣ ୨୦୦୯ରେ ଯେତେବେଳେ ମହିନ୍ଦା ତାମିଲ ଟାଇଗର ବିଦ୍ରୋହକୁ ଦମନ କରିବା ଲାଗି ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ସେତେବେଳେ ଗୋଟାବାୟା ପ୍ରତିରକ୍ଷା ସଚିବ ଥିଲେ ଓ ୨୬ ବର୍ଷର ଏକ କ୍ରୁର ଗୃହଯୁଦ୍ଧର ଅବସାନ ଘଟାଇଥିଲେ। ଫଳରେ ରାଜପାକ୍ସେ ଭାଇମାନେ ସଂଖ୍ୟାଧିକ ସିଂହଳୀମାନଙ୍କ ହିରୋ ହୋଇଗଲେ। ଅନ୍ତିମ ଆକ୍ରମଣରେ ୪୦ହଜାରରୁ ଅଧିକ ନାଗରିକଙ୍କ ମୃତ୍ୟୁ ଘଟିଥିଲା ଯାହାକୁ ଅନ୍ତର୍ଜାତୀୟ ସ୍ତରରେ ଯୁଦ୍ଧ ଅପରାଧ ଭାବେ ଅଭିହିତ କରାଯାଇଥିଲା। ଏହା ଅନ୍ତର୍ଜାତୀୟ ଆଇନଗୁଡ଼ିକ ଉପରେ ଗମ୍ଭୀର ଆକ୍ରମଣ ବୋଲି ଜାତିସଂଘ କହିଥିଲେ ମଧ୍ୟ ରାଜପାକ୍ସେ ଭାଇମାନେ ନିଜକୁ ସିଂହଳୀମାନଙ୍କ ସ୍ୱାର୍ଥର ଦୃଢ଼ ସଂରକ୍ଷକ ଭାବେ ପ୍ରତିପାଦିତ କରିପାରିଥିଲେ। ଜାତୀୟ ରାଷ୍ଟ୍ରବାଦୀ ପରିଚୟ ପାଇଁ ଗୋଟାବାୟା ୨୦୧୯ ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହେବାର ଠିକ୍ ପରେ ସେ ମହିନ୍ଦାଙ୍କୁ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତ କଲେ। ପରେ ମହିନ୍ଦା ତାଙ୍କ ଦୁଇ ପୁଅ ଓ ଅନ୍ୟ ଦୁଇଭାଇଙ୍କୁ ନିଯୁକ୍ତ କରିଥିଲେ। ସେ ମଧ୍ୟ ତାଙ୍କ ପୁତୁରାଙ୍କୁ ମନ୍ତ୍ରୀ ଭାବେ ଅବସ୍ଥାପିତ କରିଥିଲେ। ସେହି ବର୍ଷ ଇଷ୍ଟର ସନ୍ଡେ ଅବସରରେ ଇସ୍ଲାମିକ ସନ୍ତ୍ରାସବାଦୀ ବୋମା ବିସ୍ଫୋରଣରେ ୨୬୭ ଲୋକଙ୍କ ମୃତ୍ୟୁ ଘଟିଲା ଓ ହଜାର ହଜାର ସଂଖ୍ୟାରେ ଆହତ ହେଲେ। ୨୦୦୯ କୁହୁଳୁଥିବା ଉତ୍ତେଜନାର ବିସ୍ଫୋରକ ସ୍ଥିତି ଏହି ଆକ୍ରମଣରେ ପ୍ରକାଶ ପାଇଥିଲା। ସାମରିକ ଆକ୍ରମଣ ହିନ୍ଦୁ ସଂଖ୍ୟାଧିକ ତାମିଲଙ୍କୁ ଅଧିକାରହୀନ କରିଦେଇଥିଲେ ବି ସେହି ଯୁଦ୍ଧ ବୌଦ୍ଧ ଧର୍ମାବଲମ୍ବୀ ସଂଖ୍ୟାଧିକ ସିଂହଳୀ ଏବଂ ସଂଖ୍ୟାଲଘୁ ଶ୍ରୀଲଙ୍କା ମୁସଲମାନଙ୍କ ମଧ୍ୟରେ ସାମ୍ପ୍ରଦାୟିକ ସଂଘର୍ଷର ସୂତ୍ରପାତ କରିଥିଲା। ତେବେ ସନ୍ତ୍ରାସବାଦୀ ବୋମା ବିସ୍ଫୋରଣ ରାଜପାକ୍ସେ ବଂଶଧରଙ୍କୁ ସିଂହଳୀ ଜାତୀୟତାବାଦ ସୁଦୃଢ଼ କରିବାକୁ ନୂଆ ଅସ୍ତ୍ର ଯୋଗାଇଦେଲା। ଜାତିଗତ ଓ ଧର୍ମୀୟ ମତଭେଦ ଗମ୍ଭୀର ହେବା ପରେ ବି ଗୋଟାବାୟା ଏକ ସାମ୍ରାଜ୍ୟଭିତ୍ତିକ ରାଷ୍ଟ୍ରପତିତ୍ୱ ସୃଷ୍ଟିକରିବା ପାଇଁ ତାଙ୍କ ଭାଇଙ୍କ ପଦାଙ୍କ ଅନୁସରଣ କରିଥିଲେ। ସେ ପୁଣି ଶ୍ରୀଲଙ୍କାକୁ ଆର୍ଥିକ ମୃତ୍ୟୁ ବଳୟ ମଧ୍ୟକୁ ଠେଲି ଦେଇଥିଲେ, ଯାହା ତାଙ୍କ ଭାଇ ପୂର୍ବରୁ ଚାଇନା ସହ ଚୁକ୍ତି କରି ସେଭଳି ସ୍ଥିତି ଉପୁଜାଇଥିଲେ।



ମହିନ୍ଦାଙ୍କ ଶାସନକାଳରେ ଜାତିସଂଘରେ ରାଜପାକ୍ସେ ଭ୍ରାତୃଗଣଙ୍କୁ ଯୁଦ୍ଧ ଅପରାଧ ଅଭିଯୋଗରୁ ଚାଇନା ରକ୍ଷା କରିଥିଲା। ଏହାଯୋଗୁ ଚାଇନା ଶ୍ରୀଲଙ୍କାରେ ପ୍ରମୁଖ ଭିତ୍ତିଭୂମି ଚୁକ୍ତିସବୁ କରିବାରେ ସକ୍ଷମ ହୋଇପାରିଲା ଏବଂ ଶ୍ରୀଲଙ୍କାର ମୁଖ୍ୟ ଋଣଦାତା ହୋଇଗଲା। ମୁଖ୍ୟତଃ,ରାଜପାକ୍ସେ ଶାସନରେ ତାଙ୍କ ପରିବାର ରହୁଥିବା ଜିଲା ହମ୍ବାଣ୍ଟୋଟାରେ ସ୍ମାରକମାନ ନିର୍ମାଣରେ ଚାଇନାଠାରୁ ଅଧିକ ଋଣ କରିଚାଲିଲା। ବିମାନବନ୍ଦର ଏବଂ ବୃହତ୍ ଷ୍ଟାଡିୟମ ନିର୍ମାଣ ଏବଂ ୨୦୧୭ରେ ୯୯ ବର୍ଷ ଲିଜ୍ ସୂତ୍ରରେ୧.୪ ବିଲିୟନ ଡଲାରର ବନ୍ଦର ପାଇଁ ଚୁକ୍ତି କରିଥିଲା। କଲମ୍ବୋ ନିକଟବର୍ତ୍ତୀ ସମୁଦ୍ର କୂଳରେ ସବୁଠୁ ବ୍ୟୟବହୁଳ ଚାଇନା ପ୍ରୋତ୍ସାହିତ ୧.୩ ବିଲିୟନ ଡଲାରର 'ବନ୍ଦର ସହର' ପ୍ରୋଜେକ୍ଟ ବି ଏଥିରେ ସାମିଲ ଥିଲା। ବିଶ୍ୱର ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ଶିପିଂ ଲେନ୍ ନିକଟରେ ଥିବା ଶ୍ରୀଲଙ୍କାରୁ ଚାଇନା ଲାଭ ଉଠାଇଲା ଏବଂ ଶ୍ରୀଲଙ୍କା ଅଧିକ ଋଣ ଯନ୍ତାରେ ଫସିଗଲା। ଅନ୍ୟପଟେ ଆତ୍ମବିଶ୍ୱାସ ଓ ଗର୍ବ ଯୋଗୁ ରାଜପାକ୍ସେ ପରିବାର ବର୍ଦ୍ଧିତ ସଙ୍କଟ ବିଷୟରେ ଜାଣିପାରିଲେ ନାହିଁ। ଅନ୍ୟପଟେ ୨୦୧୯ରେ ସେମାନେ ଅତ୍ୟଧିକ ଟିକସ ଛାଡ଼ କଲେ ଯାହାଦ୍ୱାରା ଦେଶର ଟିକସ ସଂଗ୍ରହ ଏକ ତୃତୀୟାଂଶ କମିଗଲା। ପରେ କୋଭିଡ୍-୧୯ ମହାମାରୀ ଏହାର ବୈଦେଶିକ ମୁଦ୍ରା ଆୟର ମୁଖ୍ୟ ପର୍ଯ୍ୟଟନ ଓ ପୋଷାକ ଶିଳ୍ପଗୁଡ଼ିକୁ ଧୂଳିସାତ୍ କରିଦେଲା। ନିକଟରେ ରୁଷିଆର ୟୁକ୍ରେନ୍ ଆକ୍ରମଣ ପରେ ଅନ୍ତର୍ଜାତୀୟ ସ୍ତରରେ ଶକ୍ତି ଓ ଖାଦ୍ୟ ମୂଲ୍ୟ ବଢ଼ିବା ଦ୍ୱାରା ଶ୍ରୀଲଙ୍କାର ଗଚ୍ଛିତ ବୈଦେଶିକ ମୁଦ୍ରା ଶେଷ ହେବାରୁ ଇନ୍ଧନ, ଖାଦ୍ୟ, ଔଷଧ ଏବଂ ବିଦ୍ୟୁତ୍ ଅଭାବ ପରିଲକ୍ଷିତ ହେଲା। ଫଳରେ ଶ୍ରୀଲଙ୍କାବାସୀ ବହୁ ସଂଖ୍ୟାରେ ରାସ୍ତାକୁ ଓହ୍ଲାଇ ଆସିଲେ।

ଆନ୍ଦୋଳନକାରୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ମହିନ୍ଦା ଅନିଚ୍ଛା ସତ୍ତ୍ୱେ ମେ ୯ରେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଲେ। କିନ୍ତୁ ପ୍ରତିବାଦ ବଢ଼ିଚାଲିଲା ଓ ଆନ୍ଦୋଳନକାରୀମାନେ ରାଷ୍ଟ୍ରପତି ଭବନରେ ପଶିଲେ। ଶେଷରେ ଗୋଟାବାୟା ଦେଶ ଛାଡ଼ି ଚାଲିଗଲେ। ଶ୍ରୀଲଙ୍କାରେ ରାଷ୍ଟ୍ରପତିଙ୍କ ବେଡ୍ ଉପରେ ଆରାମ କରିବା ଜନଶକ୍ତି ବା କ୍ଷମତାର ପ୍ରତୀକ ଭାବେ ଉଭା ହେଲା। କିନ୍ତୁ ବିଶ୍ୱରେ ମୁଖ୍ୟତଃ ଏସିଆ ଏବଂ ଲାଟିନ ଆମେରିକାରେ ପରିବାରବାଦ ଶାସନଗୁଡ଼ିକ ଏହି ପ୍ରତିବାଦକୁ ଏକ ସତର୍କ ସୂଚନା ଭାବେ ଦେଖିବା ଉଚିତ। ଯେତେବେଳେ, ଗୋଟିଏ ପରିବାର ଏକ ସରକାର କିମ୍ବା ଦଳ ଉପରେ ପ୍ରଭାବ ବିସ୍ତାର କରେ ତା'ର ପରିଣାମ ବହୁ ସମୟରେ ବିନାଶକାରକ ହେବା ସହ ସବୁଠୁ ପ୍ରତିଷ୍ଠିତ ସାମ୍ରାଜ୍ୟର ଦ୍ରୁତ ପତନର କାରଣ ହୋଇପାରେ।

ଶ୍ରୀଲଙ୍କାର ଏଭଳି ସ୍ଥିତି ମଧ୍ୟ ଅତ୍ୟଧିକ ଋଣକରିଥିବା ଦେଶଗୁଡ଼ିକ ପାଇଁ ଏକ ଶିକ୍ଷା। ଯଦି ଋଣକୁ ସହନୀୟ ରଖିବା ଲାଗି ପଦକ୍ଷେପ ନ ନିଅନ୍ତି, ତେବେ ସେମାନେ ଶୀଘ୍ର ସଙ୍କଟରେ ବୁଡ଼ି ଧ୍ୱଂସ ହୋଇଯାଇପାରନ୍ତି। ଶ୍ରୀଲଙ୍କା କ୍ଷେତ୍ରରେ ଏହାର ପରବର୍ତ୍ତୀ ନେତାମାନଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଅଭାବ ପୂରଣ କରିବା ସହ ଏକ ବିଧ୍ୱସ୍ତ ଅର୍ଥ ବ୍ୟବସ୍ଥାକୁ ପୁନର୍ଗଠନ କରିବାକୁ ହେବ। ସେମାନେ ମଧ୍ୟ ଆଇନର ଶାସନ ଗଢ଼ିବା ସହ ଯେଉଁମାନଙ୍କ ପାଇଁ ଏବକାର ବିପର୍ଯ୍ୟୟ ଘଟିଛି ସେମାନଙ୍କୁ ଉତ୍ତରଦାୟୀ କରିବାକୁ ପଡ଼ିବ। ତେବେ କ୍ଷତିକାରକ ରାଜପାକ୍ସେ ପରିବାରକୁ ନିୟନ୍ତ୍ରଣ କରିବା ଏବଂ ସେମାନଙ୍କ ଆହ୍ୱାନକୁ ଅଣଦେଖା କରିବା ଉଚିତ ନୁହେଁ।

**ପ୍ରଫେସର, ଷ୍ଟ୍ରାଟେଜିକ୍ ଷ୍ଟଡିଜ୍, ସେଣ୍ଟର ଫର୍ ପଲିସି ରିସର୍ଚ୍ଚ, ନୂଆଦିଲ୍ଲୀ; ଫେଲୋ, ରବର୍ଟ ବୋକ୍ ଏକାଡେମୀ, ବର୍ଲିନ୍**

# ନା ସହି ହେଉଛି ନା କହି ହେଉଛି



ମନୀଷା ପଣ୍ଡା

ବିଦ୍ୟାଳୟ ଫାଟକ ଭିତରକୁ ପଶିଯିବା କ୍ଷଣି ଆଉ ଛାତି ଫୁଲି ଉଠୁନି ଗର୍ବରେ ମୁଁ ଶିକ୍ଷକ ବୋଲି। ପରିବାରରେ ମୋ ଜନ୍ମିତ ସନ୍ତାନ ଏକ, ଦୁଇ କିମ୍ବା ତିନି ହେଲେ ମଧ୍ୟ ମୁଁ ଏଠି ଶହ ଶହ ପିଲାଙ୍କ ମା' ବାପା ଏହା ଭାବି ମନ କୁଣ୍ଢେମୋଟ ହେଉନାହିଁ ଏବେ ଆଉ। ଫାଟକ ଭିତରକୁ ପ୍ରବେଶ କରିବାଠାରୁ ବାହାରିବା ପର୍ଯ୍ୟନ୍ତ ଭୟରେ ଅନିଶ୍ଚିତତାରେ ଥରୁଛି ବରଂ ଛାତି। କାହିଁକି ଜାଣନ୍ତି? ପ୍ରତି କ୍ଷଣରେ ମୋତେ ଭୟ, କେବେ ସମାଜରେ ମୋ ଯଶ ଖ୍ୟାତି କଳଙ୍କିତ ହେବାର ଭୟ ତ କେତେବେଳେ ପାରିତୋଷିକ ନ ମିଳିବାର ଭୟ। ତେଲଲୁଣ ସଂସାର ମୁଁ ମଧ୍ୟ ଚଳାଏ ଓ ସେଥିପାଇଁ ଅନେଇ ବସେ ମାସ ଶେଷକୁ । ତେବେ ନିର୍ଭୟରେ କେମିତି ରହି ପାରିବି କୁହନ୍ତୁ ତ?

ସେ ଦିନ ଶ୍ରେଣୀରେ ପାଠ ନ କରି ଆସିଥିବା ପିଲାଟିକୁ ବୁଝେଇ ପାଠ କରି ଆଣିବା ପାଇଁ କହିଥିଲି। ସେ କରି ଆଣିଲା ନାହିଁ ପର ଦିନ। ପୁଣି ତା'କୁ ବୁଝେଇ କହିବା ପରେ ମଧ୍ୟ ଫଳପ୍ରଦ ହେଲା ନାହିଁ। ବାଧ୍ୟ ହୋଇ ଦଣ୍ଡଦେବା ଭୟ ଦେଖେଇବାରୁ ସେ ମୋ ମୁହଁ ଉପରେ ଜବାବ ଦେଲା ,''ଏ ଦଣ୍ଡ ମୁକ୍ତ ଅଞ୍ଚଳରେ ମୋତେ ଦଣ୍ଡ ଦେବେ?''ଉତ୍ତର ଆଉ କ'ଣ ବା ଦେବି। ବାଧ୍ୟ ହୋଇ ଚୁପ୍ ରହିଲି । ସେହି ଶ୍ରେଣୀ ପ୍ରକୋଷ୍ଠର ଅନ୍ୟ ପିଲାମାନେ ବୋଧେ ସେଇ ଦିନଠାରୁ ଆହୁରି ସାହସ ପାଇ ଯାଇଛନ୍ତି। ମୋ ଟେବୁଲ ଉପରକୁ ଖାତା ଖୁବ୍ କମ୍ ଆସିବାରେ ଲାଗିଲା। ମୁଁ ନାଚାର ଏ କଥା କାହାକୁ କହିବି। କାହା ଆଗରେ ପ୍ରତିବାଦ କରିବି ? ଅଜାଗା ଘା' ଭଳି ରହିଲା କେବଳ ।

ଆଉ ଗୋଟିଏ ଘଟଣା। ସେଦିନ ଅନେକ ଥର କହିବା ପରେ ବି ପିଲାଟି ଇଚ୍ଛା ନାହିଁ କହି ପାଠ ଶୁଣିବା ପାଇଁ ଆଗ୍ରହ ପ୍ରକାଶ କଲା ନାହିଁ। ଅନେକ ପ୍ରକାର ପ୍ରଚେଷ୍ଟା ପରେ ବି ତା'ର ଇଚ୍ଛା ନାହିଁ ମୋ ବକର ବକର ଶୁଣିବାକୁ ଯେମିତି। ଏସବୁ ପରେ ପାଖକୁ ଡାକି ଥରେ ପଚାରି ଅନ୍ୟମନସ୍କତାର କାରଣ ପଚାରିବାରୁ ଉତ୍ତର ଦେଲା,''ମୋ ଇଚ୍ଛା ନାହିଁ। ମୁଁ ବାଧ୍ୟ ନୁହେଁ। କୌଣସି ପ୍ରକାରେ ମୋ ପାଇଁ ସମୟ ବିନିଯୋଗ ଅଯଥା ନ କରି ନିଜ କାମ କରନ୍ତୁ । ନଚେତ୍ ଉପର ଅଫିସର ପାଖେ ଅପଦସ୍ଥ ହେବେ।'' ଉତ୍ତରରେ ଦୋହଲି ଗଲା ମୋ ଭିତରଟା। ନିଜକୁ ଖୁବ୍ ଧିକ୍କାର କଲି ମୋ ଅବସ୍ଥା ପାଇଁ। ଏ ହେଉଛି ଅଧୁନା ମୋର ଅବସ୍ଥା। ଭୁଲ କହିଲି, ମୋର ନୁହେଁ ଆମ ଶିକ୍ଷକ ସମାଜର ଦୁରବସ୍ଥା। ପ୍ରତିଦିନ ଏମିତି କିଛି ଘଟଣା ଆସୁଛି ଆଉ ପର ମୁହୂର୍ତ୍ତରେ ସେଗୁଡ଼ିକ ମନ ଭିତରେ ଭୟ ସୃଷ୍ଟି କରୁଛି। ଛାତ୍ରୀଛାତ୍ର, ଅଭିଭାବକ ଏବଂ ସରକାର ସମସ୍ତଙ୍କ ଅସହଯୋଗ ସହ ଏଭଳି ପରିସ୍ଥିତିରେ କେମିତି ମଣିଷ ଗଢ଼ିବ ଜଣେ ଶିକ୍ଷକ। ପ୍ରଶ୍ନକୁ ସାମ୍ନା କରିବାକୁ ପଡୁଛି ବାରମ୍ବାର ଶିକ୍ଷାର୍ଥୀଙ୍କ ନୈତିକ ଅଭିବୃଦ୍ଧି ହେଲା କି ନାହିଁ? ପ୍ରଶ୍ନ ଆସୁଛି, ଶିକ୍ଷାର ମାନ ବୃଦ୍ଧି ପାଉନି କାହିଁକି ? ଆଉ ସବୁ ପ୍ରଶ୍ନ ଉତ୍ତରରେ ବେତନଭୋଗୀ କର୍ମଚାରୀ ଶିକ୍ଷକର ଅପାରଗତା, ଅଯୋଗ୍ୟତା ଓ ଆଳସ୍ୟ। ହେଲେ ଏ ସବୁ ଠିକ୍ ନୁହେଁ। ବରଂ ଶିକ୍ଷକର ମାନ ବୃଦ୍ଧି ତଥା ସାଧୀନତା ଦିଆଗଲେ କେତେକାଂଶରେ ସମସ୍ୟା ଦୂରେଇ ଯାଇପାରେ। ଶିକ୍ଷକ ହେଉଛି ବିଦ୍ୟାଳୟ ରୂପକ ପରିବାରର ମୁଖିଆ। ଶିକ୍ଷାର୍ଥୀମାନଙ୍କ ଅଧୋଗତିକୁ ରୋକିବାକୁ ହେଲେ ଶିକ୍ଷକଙ୍କୁ ଠିକ୍ ମୁରବି ଭଳି ଦାୟିତ୍ୱ ଓ କର୍ତ୍ତବ୍ୟ ପାଳନ ପାଇଁ ସ୍ୱାଧୀନତା ମିଳିବା ଆବଶ୍ୟକ। କେବଳ ବେତନଭୋଗୀ କର୍ମଚାରୀ ଭାବିବା ଦୁଃଖଦାୟକ । ମାନସିକ ଚାପ ମଧ୍ୟରେ ରହି ଜଣେ ଶିକ୍ଷକ ମଧ୍ୟ ଆପଣା ଉପରେ ଥିବା ଦାୟିତ୍ୱକୁ ଶତପ୍ରତିଶତ ତୁଲାଇବା ଅସମ୍ଭବ କହିଲେ ଚଳେ।

ଥରେ ଜଣେ ଶିକ୍ଷାର୍ଥୀଙ୍କୁ ନୈତିକ ମୂଲ୍ୟବୋଧ ସମ୍ବନ୍ଧରେ ବୁଝାଇବାକୁ ଚେଷ୍ଟା କରି ବିଫଳ ହେଲେ ମୋର ଜଣେ ଶିକ୍ଷକ ବନ୍ଧୁ। ଶେଷରେ ପିଲାଟିର ଅଭିଭାବକଙ୍କୁ ଡକାଗଲା, ମାତ୍ର ଏସବୁ ପୁରୁଣାକାଳିଆ କଥା ଏବଂ ଆଜିକାଲି ପିଲା କେହି ମାନିବେ ନାହିଁ ବୋଲି କହି ବାହୁଡ଼ିଲେ ପରିସରରୁ ଅଭିଭାବକ ଜଣକ। ସେହି ଦିନଠାରୁ ଶିକ୍ଷକ ବନ୍ଧୁ ଜଣକ ନୈତିକ ଶିକ୍ଷା ବାବଦ କୌଣସି ଆଲୋଚନା କରିବା ପୂର୍ବରୁ ଭାବୁଛନ୍ତି ଚାରିଥର କହିବେ କି ନା। ପିଲାଟିଏର ବ୍ୟବହାର ସଜାଡ଼ିବାବେଳେ ପିଲାଟି କହୁଛି ଏ ଶିକ୍ଷକର ପ୍ରତିଟି ଗତିବିଧି ଲକ୍ଷ୍ୟ କରିବି ଆଜିଠୁ । ସେ ଶିକ୍ଷକଙ୍କ କିଛି ନା କିଛି କାର୍ଯ୍ୟକଳାପ ପାଇବି ଯାହାକୁ ତାଙ୍କ ଅଜାଣତରେ ଫେସ୍‌ବୁକରେ ଭାଇରାଲ କରିବି । ସେଇ ଭାଇରାଲ ଭୟ ଭାଇରାଲ ଜର ହୋଇ ଶିକ୍ଷକକୁ ଶଯ୍ୟାଶାୟୀ କରେଇ ଦିଏ। ଖୁବ୍ ମାନସିକ ଯନ୍ତ୍ରଣା ଦିଏ। କେବଳ ଶିକ୍ଷକ ଅନେଇ ଚାହିଁ ବସିଛି ଅବସ୍ଥା କେବେ ପରିବର୍ତ୍ତନ ହେବ। କେବେ ସୁଧୁରିବ ମନୋଭାବ ଶିକ୍ଷାର୍ଥୀ ଓ ଅଭିଭାବକଙ୍କର।

**ଶିକ୍ଷୟିତ୍ରୀ, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଅଙ୍କରାନ୍ତିପୁର, ଢେଙ୍କାନାଳ, ମୋ:୮୨୪୯୬୮୬୦୯୩**

## ଏଇ ଭାରତରେ

ପରିବେଶ ସୁରକ୍ଷା ଲାଗି ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ (ଏସ୍‌ୟୁପି)ବନ୍ଦ ହେବା ପରେ ରିସାଇକ୍ଲିଂ ପାଇଁ ଲୋକଙ୍କୁ ଉତ୍ସାହିତ କରୁଛନ୍ତି ଜୁନାଗଡ଼ ଜିଲାପାଳ ରଚିତ ରାଜ। ଯେଉଁମାନେ ପ୍ଲାଷ୍ଟିକ ବର୍ଜ୍ୟ ଦେବେ ସେମାନଙ୍କୁ ସେ ମାଗଣା ଭୋଜନ ଦେବାର ବ୍ୟବସ୍ଥା କରିଛନ୍ତି। ଏଥିପାଇଁ ଜୁନାଗଡ଼ ସିଟି ହସ୍ପିଟାଲର ପୁରୁଣା କ୍ୟାମ୍ପସରେ 'ପ୍ରାକୃତିକ ପ୍ଲାଷ୍ଟିକ କେଫ୍' ଖୋଲାଯାଇଛି। ସେଠାରେ ୫୦୦ ଗ୍ରାମ୍ ପ୍ଲାଷ୍ଟିକ ବର୍ଜ୍ୟ ଜମା କଲେ ୧ ଗ୍ଲାସ୍ ଲେମ୍ବୁ ସର୍ବତ, ଏକ କେ.ଜି. ଜମା କଲେ ୧ ପ୍ଲେଟ୍ ଢୋକ୍‌ଲା କିମ୍ବା ୧ ପ୍ଲେଟ୍ ପୋହା ମିଳୁଛି। ଯିଏ ଯେତେ ପରିମାଣର ବର୍ଜ୍ୟ ଦେବେ ସେମାନଙ୍କୁ ସେତେ ଅଧିକ ଖାଦ୍ୟ ଦେବାର ବ୍ୟବସ୍ଥା ରହିଛି। ବଡ଼ କଥା ହେଉଛି ଏହି କେଫ୍ ଜୁମାଟୋ ଓ ସ୍ୱିଗି ସହ ମଧ୍ୟ କାମ କରୁଛି। ଯିଏ ଚାହିଁବେ ଘରେ ବସି ମଧ୍ୟ ଏହି ଅଫରର ଲାଭ ନେଇପାରିବେ। କେଫ୍‌କୁ 'ସର୍ବୋଦୟ ସଖୀ ମଣ୍ଡଳ'ର ମହିଳାମାନେ ପରିଚାଳନା କରୁଛନ୍ତି। କେଫ୍‌ରେ ଜମା ହେଉଥିବା ପ୍ଲାଷ୍ଟିକ୍‌କୁ ନିୟମିତ ରିସାଇକ୍ଲିଂ କମ୍ପାନୀକୁ ପଠାଯାଉଛି। ମାତ୍ର ୮ଦିନରେ ଏହା ୧୯୦ କେ.ଜି. ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ କରିପାରିଛିଂ।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଜୁଲାଇ ୧୯୯୭

- ବାଂଲାଦେଶର ଚିଟ୍ଟାଗଙ୍ଗ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ମାଟି ଅତଡ଼ା ଧସି ଓ କାନ୍ଥ ପଡ଼ି ୧୯ ଜଣଙ୍କ ମୃତ୍ୟୁ।
- ଆଲଜେରିଆର ମେଡିଆ ଅଞ୍ଚଳରେ ଇସଲାମୀୟ ଉଗ୍ରପନ୍ଥୀମାନେ ନାରକୀୟ କାଣ୍ଡ ଘଟାଇ ୨୧ ଜଣ ମହିଳାଙ୍କ ସମେତ ୬୫ ଜଣଙ୍କୁ ହତ୍ୟା କରିଛନ୍ତି।
- ଜଙ୍ଗଲ ଦସ୍ୟୁ ତଥା ହାତୀଦାନ୍ତ ଓ ଚନ୍ଦନକାଠର କୁଖ୍ୟାତ ଚୋରାବେପାରୀ ବିରାପ୍ପାନର ଆତ୍ମସମର୍ପଣ ପ୍ରସ୍ତାବ ଗ୍ରହଣ କରିନେବା ପାଇଁ କର୍ନାଟକ ଓ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଦ୍ୱୟ ରାଜି ହୋଇଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | 9 | | | | | | |
| | 1 | | | | 5 | | | |
| 7 | | 8 | | 4 | 3 | | | |
| 5 | | | | 8 | | 7 | | |
| | | 2 | | | 9 | | 6 | |
| | | | | | 2 | 8 | | |
| | | | | | | 9 | | |
| | | | | | 7 | 3 | 5 | |
| 4 | | 1 | | | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 1 | 5 | 8 | 2 | 9 | 4 | 7 |
| 7 | 9 | 2 | 3 | 6 | 4 | 5 | 1 | 8 |
| 4 | 8 | 5 | 1 | 9 | 7 | 2 | 3 | 6 |
| 6 | 4 | 8 | 9 | 7 | 5 | 1 | 2 | 3 |
| 1 | 3 | 9 | 4 | 2 | 6 | 8 | 7 | 5 |
| 2 | 5 | 7 | 8 | 1 | 3 | 4 | 6 | 9 |
| 8 | 1 | 6 | 7 | 4 | 9 | 3 | 5 | 2 |
| 9 | 2 | 3 | 6 | 5 | 1 | 7 | 8 | 4 |
| 5 | 7 | 4 | 2 | 3 | 8 | 6 | 9 | 1 |

ଗତକାଲିର ଉତ୍ତର

# ଜ୍ଞାନକୌଶଳର ଲାଭ ନେଉଛି କିଏ



ବିଚିତ୍ର ବିଶ୍ୱାଳ

ଚାଷ ଓ ଚାଷୀମାନଙ୍କର ସଙ୍କଟକୁ ବିଚାରକୁ ନେଲେ ଆମ ଦେଶ ପଛରେ ନାହିଁ। ନ୍ୟାଶନାଲ୍ କ୍ରାଇମ୍ ରେକର୍ଡ଼ ବ୍ୟୁରୋ ତଥ୍ୟ ଅନୁସାରେ, ଦେଶରେ ପ୍ରତି ଅଧଘଣ୍ଟାରେ ଜଣେ ଚାଷୀ ଆତ୍ମହତ୍ୟା କରୁଛି। ଗତ ୨୦ ବର୍ଷ ଭିତରେ ୨୦ ଭାଗ ଚାଷୀ ଚାଷ ଛାଡ଼ି ଦିନ ମଜୁରିଆ ହୋଇଯାଇଛନ୍ତି। ଚାଷୀମାନଙ୍କର ସଂଖ୍ୟା ଜନସଂଖ୍ୟାର ୭୦%ରୁ ଖସି ୫୦%ରେ ପହଞ୍ଚିଲାଣି।

କୃଷିଜାତ ଦ୍ରବ୍ୟର ଉଚିତ୍ ମୂଲ୍ୟ ନ ମିଳିବା ଯୋଗୁ ଚାଷୀଙ୍କ ଅବସ୍ଥା ସଙ୍କଟାପନ୍ନ ହେଉଛି। ସାରା ବିଶ୍ୱର ଚାଷୀମାନେ ଉତ୍ପାଦିତ ଦ୍ରବ୍ୟର ଉଚିତ୍ ମୂଲ୍ୟ ପାଇବା ପାଇଁ ସଂଘର୍ଷ କରୁଥିବା ବେଳେ, ନିକଟ ଅତୀତରେ ପ୍ରକାଶିତ ଅକ୍ସଫାମ୍‌ର ବିସମତା ରିପୋର୍ଟରୁ ଜଣାଯାଏ ଯେ, ଗତ ୨ ବର୍ଷ ମଧ୍ୟରେ ଖାଦ୍ୟ ଦ୍ରବ୍ୟ ବ୍ୟବସାୟ ସହିତ ଜଡ଼ିତ ୬୨ ଜଣ ବ୍ୟକ୍ତି ସୁପର ଧନୀ ତାଲିକାରେ ଯୋଡ଼ି ହୋଇଛନ୍ତି। ଏଥିମଧ୍ୟରୁ କୃଷି ଓ ଖାଦ୍ୟ ସାମଗ୍ରୀ ବ୍ୟବସାୟ ସହିତ ଜଡ଼ିତ କାର୍ଗିଲ୍ କମ୍ପାନୀ ପରିବାରର ୧୨ ଜଣ ଏହି ତାଲିକାରେ ଅଛନ୍ତି। ପୂର୍ବରିପୋର୍ଟରେ ସୁପର ଧନୀ ତାଲିକାରେ କାର୍ଗିଲ୍ ପରିବାରର ୮ ଜଣ ଥିବା ବେଳେ ଗତ ୨ ବର୍ଷର କରୋନା ସଙ୍କଟ ସମୟରେ ଏହି ପରିବାରର ଆଉ ୪ଜଣ ଏଥିରେ ଯୋଡ଼ି ହୋଇଛନ୍ତି। ମହାମାରୀ ସମୟରେ ଓ ତା' ପୂର୍ବରୁ ଚାଷୀମାନେ ଉତ୍ପାଦନର ଉଚିତ୍ ମୂଲ୍ୟ ନ ପାଇ ଅତ୍ୟନ୍ତ ଦୁଃସ୍ଥ ସ୍ଥିତିରେ ଥିବାବେଳେ ଚାଷ ଓ ଖାଦ୍ୟ ସହିତ ଜଡ଼ିତ କମ୍ପାନୀଗୁଡ଼ିକ ତାଙ୍କ ଲାଭକୁ ଅତ୍ୟଧିକ ବଢ଼ାଇବାରେ ସକ୍ଷମ ହୋଇପାରିଛନ୍ତି। ଏଥିରୁ ବୁଝି ହେଉଛି, ଚାଷରେ ଜ୍ଞାନ କୌଶଳର ବ୍ୟବହାରକୁ ଦ୍ରୁତ ପ୍ରୋତ୍ସାହନ ଯୋଗୁ ଚାଷୀମାନଙ୍କର ଉତ୍ପାଦନରେ ଯାହା ବୃଦ୍ଧି ହୋଇଛି, ତା'ଠାରୁ ଢେର୍ ଗୁଣ ଲାଭ କୃଷି ସାମଗ୍ରୀ ବ୍ୟବସାୟ କରୁଥିବା କମ୍ପାନୀଗୁଡ଼ିକ ପାଇଛନ୍ତି। ତା'ହେଲେ ଚାଷୀଙ୍କୁ ଜ୍ଞାନ କୌଶଳର ଯେଉଁ ଭେଳିକି ଦେଖାଯାଉଛି, ତା'ର ପ୍ରକୃତ ହିତାଧିକାରୀ କିଏ ? ଚାଷୀ ନା ଚାଷ ସହିତ ଜଡ଼ିତ ଥିବା କମ୍ପାନୀ ?

ନେତା, ଅର୍ଥନୀତିଜ୍ଞ ଓ କୃଷି ବୈଜ୍ଞାନିକମାନେ ବାରମ୍ବାର ଚାଷୀମାନଙ୍କୁ ଉତ୍ପାଦନ ବୃଦ୍ଧି ପାଇଁ ଉପଦେଶ ଦେଉଛନ୍ତି ଓ ସେଥିନିମନ୍ତେ ଅଧିକରୁ ଅଧିକ ଜ୍ଞାନକୌଶଳ ତଥା ଯନ୍ତ୍ରପାତି ବ୍ୟବହାର କରିବା ଲାଗି ପ୍ରବର୍ତ୍ତାଉଛନ୍ତି। ଏହା ପଛରେ ଚାଷୀମାନଙ୍କର ଉନ୍ନତି ଅପେକ୍ଷା ଚାଷ କ୍ଷେତ୍ର ସହିତ ଜଡ଼ିତ ଥିବା କମ୍ପାନୀଗୁଡ଼ିକୁ ଲାଭ ଦେବାର ଯୋଜନା ଅଧିକ ରହିଛି ବୋଲି ବୁଝିବାରେ ଆଉ ବାକି ନାହିଁ, ଯାହାର ସୂଚନା ଅକ୍ସଫାମ୍ ରିପୋର୍ଟରୁ ମିଳୁଛି। ମହାମାରୀ କାଳରେ ଏକାଧିକ କମ୍ପାନୀ ମାଲିକମାନେ ବିଲିଅନେୟାର ତାଲିକାରେ ଯୋଡ଼ି ହୋଇଛନ୍ତି। କେବଳ ମହାମାରୀ ସମୟର କଥା ନୁହେଁ, ସାଧାରଣ ସମୟରେ ବି ଚାଷରେ ଯନ୍ତ୍ରପାତି ଓ ଜ୍ଞାନକୌଶଳର ବ୍ୟବହାର ଯୋଗୁ ଚାଷୀର ଯେତିକି ଲାଭ ହେଉନି, ତା'ଠାରୁ ଅନେକ ଗୁଣ ଲାଭ ହେଉଛି ଜଡ଼ିତ ଥିବା କମ୍ପାନୀମାନଙ୍କର। କାରଣ ଚାଷୀ ପାଇଁ ଉତ୍ପାଦନଠାରୁ ବଡ଼ ସମସ୍ୟା ହେଉଛି



ଉତ୍ପାଦନକୁ ଉଚିତ୍ ମୂଲ୍ୟ ନ ମିଳିବା। କିନ୍ତୁ ଅଦୂରଦର୍ଶୀ ବା ଯୋଜନାବଦ୍ଧ ଭାବେ ଚାଷୀମାନଙ୍କୁ ପୁଣି ସେହି ଉତ୍ପାଦନ ବୃଦ୍ଧି ଜାଲରେ ପକାଯାଇ ଉଚିତ୍ ମୂଲ୍ୟ ପରି ମୁଖ୍ୟ ସମସ୍ୟାକୁ ଅଣଦେଖା କରାଯାଉଛି।

ଚାଷରେ ଯନ୍ତ୍ରପାତି ଓ ଜ୍ଞାନକୌଶଳର ବ୍ୟବହାର ବଢୁଥିବାରୁ ଚାଷୀର ଖର୍ଚ୍ଚ ବଢୁଛି ଓ ବଢୁଥିବା ଯତ୍‌କିଞ୍ଚିତ୍ ଉତ୍ପାଦନର ଉଚିତ୍ ଦାମ୍ ମିଳୁନାହିଁ। ତେଣୁ ଚାଷ କ୍ଷେତ୍ରରେ ଜ୍ଞାନକୌଶଳ ବ୍ୟବହାରର ଲାଭ ଚାଷୀ ପକେଟ୍‌କୁ ଯାଉନାହିଁ। ଖାଦ୍ୟ ଦ୍ରବ୍ୟର ବ୍ୟବସାୟ ସହିତ ଜଡ଼ିତ ଥିବା କେବଳ ଚାରୋଟି କମ୍ପାନୀ ଅନ୍ତର୍ଜାତୀୟ ଖାଦ୍ୟ ବଜାରର ୭୦% ଅଧିକାର କରିଛନ୍ତି। ଯେଉଁ ଖାଦ୍ୟ ଦ୍ରବ୍ୟର ବ୍ୟବସାୟ କରି କମ୍ପାନୀଗୁଡ଼ିକ ଅରବପତି ହେଉଛନ୍ତି, ତାହାକୁ କେବଳ ଚାଷୀମାନେ ଦିନ ରାତି ହାଡ଼ଭଙ୍ଗା ପରିଶ୍ରମ କରି ଉତ୍ପାଦନ କରୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ, ଚାଷୀମାନେ ଭଲରେ ପେଟପୂରା ଖାଇବାକୁ ପାଉ ନ ଥିବା ବେଳେ ସେମାନଙ୍କ ଉତ୍ପାଦନକୁ ନେଇ ବେପାର କରୁଥିବା କମ୍ପାନୀଗୁଡ଼ିକ ସମୃଦ୍ଧିର ଶିଖରରେ ପହଞ୍ଚି ପାରୁଛନ୍ତି। ଏହା ପଛରେ ଏକମାତ୍ର କାରଣ ହେଉଛି, ତଳ ପାହାଚରୁ ଉପର ପାହାଚଯାଏ ପ୍ରତ୍ୟେକ ସ୍ତରରେ ଚାଷୀଙ୍କୁ ଶୋଷଣ। ଆଜିକାଲି ଆମ ନେତାମାନେ କହୁଛନ୍ତି, ଚାଷୀମାନେ ଉନ୍ନତ ମାନର ବିହନ କିଣନ୍ତୁ। କମ୍ପାନୀ ତିଆରି କରିଥିବା ବିଭିନ୍ନ ପ୍ରକାର ଉପକରଣ ଚାଷରେ ବ୍ୟବହାର କରନ୍ତୁ। ସର୍ବୋପରି ଚାଷୀକୁ ପରନିର୍ଭରଶୀଳ କରେଇ କମ୍ପାନୀଗୁଡ଼ିକ ତହବିଲ ଭରିବା କାମକୁ ସଫଳତାର ସହିତ ଆଗକୁ ନିଆଯାଉଛି। ଗୋଟିଏ ସମୟରେ ସବୁଜ ବିପ୍ଳବ ନାଁରେ ଚାଷୀମାନଙ୍କୁ ଅଧିକରୁ ଅଧିକ ରାସାୟନିକ ଓ ଯନ୍ତ୍ରପାତି ବ୍ୟବହାର କରିବା ପାଇଁ ପ୍ରୋତ୍ସାହନ ଦିଆଯାଉଥିବା ବେଳେ ସମ୍ପ୍ରତି ପାବରେ ଚାଷଜମିର ମାଟିର ଉର୍ବରତା ବୃଦ୍ଧି କରିବା ପାଇଁ ବଜେଟରେ ସ୍ୱତନ୍ତ୍ର ବ୍ୟୟବରାଦ କରିବାକୁ ପଡୁଛି। କିନ୍ତୁ ଆମ ନୀତି ନିର୍ମାତାମାନେ ପାବର ଉଦାହରଣରୁ କିଛି ନ ଶିଖିବା ଦୁର୍ଭାଗ୍ୟର ବିଷୟ। ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ସମସ୍ତ ଜ୍ଞାନକୌଶଳର ବିକାଶ ଚାଷରେ ଉତ୍ପାଦନ ବୃଦ୍ଧି କରିବା ପାଇଁ ହିଁ ହୋଇଛି। ଚାଷୀମାନଙ୍କର ଉତ୍ପାଦନ ବଢୁଥିଲେ ମଧ୍ୟ ଆୟରେ ସନ୍ତୋଷଜନକ ବୃଦ୍ଧି ହେଉନାହିଁ। ଏପରି ସ୍ଥିତିରେ ଚାଷୀଙ୍କର ଆୟ ବୃଦ୍ଧି କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥାର ଆବଶ୍ୟକତା ରହିଛି। ନିକଟ ଅତୀତରେ ହୋଇଥିବା ଅର୍ଥନୈତିକ ସର୍ଭେ ଅନୁସାରେ ଜଣେ ଚାଷୀ ପରିବାରର ଚାଷ ଅପେକ୍ଷା ମଜୁରିରୁ ଅଧିକ ଆୟ ଆସୁଛି।

ଚାଷ କ୍ଷେତ୍ରରେ ଯନ୍ତ୍ରପାତିର ବ୍ୟବହାର ବଢ଼େଇବା ପାଇଁ ସହଜରେ ଚାଷୀ ପାଇଁ ଋଣର ବ୍ୟବସ୍ଥା କରିଦିଆଯାଉଛି। ଫଳରେ ଚାଷୀ ଗୋଟିଏ ପଟେ ଯନ୍ତ୍ରର ମାୟାରେ ପଡ଼ିଯାଉଥିବା ବେଳେ ଅନ୍ୟପଟେ ଋଣଭାରରେ ଚାପି ହୋଇଯାଉଛି। ଯେତେ ଅଧିକ ଯନ୍ତ୍ରପାତିର ବ୍ୟବହାର ବଢୁଛି, ସେତେ ଅଧିକ ଚାଷୀମାନଙ୍କ ଉପରେ ଋଣ ଭାର ବଢୁଛି। ଚାଷୀର ଖର୍ଚ୍ଚ ବଢୁଛି, ବଜାର ନିର୍ଭରଶୀଳତା ବଢୁଛି, ଜମିର ଓ ପରିବେଶର କ୍ଷତି ହେଉଛି। ଯନ୍ତ୍ରପାତି ବା ଜ୍ଞାନକୌଶଳର ବ୍ୟବହାର ହେବା ଭୁଲ୍ ନୁହେଁ। କିନ୍ତୁ ଚାଷୀଙ୍କର ସବୁ ସମସ୍ୟାର ସମାଧାନ ଜ୍ଞାନକୌଶଳ ଦ୍ୱାରା ସମାଧାନ ହୋଇପାରିବ ନାହିଁ। ସେଥିପାଇଁ ସରକାରଙ୍କୁ ଭିନ୍ନ ଭାବେ ନିଷ୍ପତ୍ତି ନେବାକୁ ପଡ଼ିବ। ଚାଷ ବ୍ୟବସ୍ଥାକୁ ବଜାର ନିର୍ଭରଶୀଳ ନ କରେଇ ସ୍ୱାବଲମ୍ବନଶୀଳ କରିବାକୁ ପଡ଼ିବ। ଚାଷୀଙ୍କର ନିବେଶ ଖର୍ଚ୍ଚ କମ୍ ହେବା ସହିତ ଉତ୍ପାଦନକୁ ଉଚିତ୍ ଦାମ ମିଳିଲେ ଚାଷରୁ ଚାଷୀଙ୍କର ଆୟ ବଢ଼ିପାରିବ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର, ମୋ: ୯୪୩୮୪୬୮୪୭୪**

## ପାଠକ ଶ୍ରେଷ୍ଠ ବିଚାରକ

### ୨୫ ପ୍ରତିଶତ ସିଟ୍‌ରେ ମାଗଣା ନାମ ଲେଖାଯାଉନି

ମହାଶୟ,

୨୦୦୯ ଶିକ୍ଷା ଅଧିକାର ଆଇନ ଅନୁଯାୟୀ ଅବହେଳିତ ଶ୍ରେଣୀର ପିଲାଙ୍କ ପାଇଁ ସବୁ ସ୍କୁଲରେ ୨୫ ପ୍ରତିଶତ ସିଟ୍ ସଂରକ୍ଷଣ ବ୍ୟବସ୍ଥା ରହିଛି। ଏହି ନିୟମାନୁସାରେ ରାଜ୍ୟରେ ଗଣଶିକ୍ଷା ବିଭାଗ ଏକ ପୋର୍ଟାଲ ପାରଦର୍ଶୀ ଉନ୍ମୋଚନ କରିଥିଲା। ଏଥିରେ ସବୁ ସ୍କୁଲ ୨୫ ପ୍ରତିଶତ ସିଟ୍ ସଂରକ୍ଷଣ ବିଷୟରେ ତଥ୍ୟ ଦେବା ସହିତ ପିଲାମାନେ ମଧ୍ୟ ଆବେଦନ କରିବାର ସୁବିଧା ରହିଛି। କିନ୍ତୁ କେତେକ ସ୍କୁଲ ପକ୍ଷରୁ ଏହି ଯୋଜନାରେ ନାମ ଲେଖାଇବା ପାଇଁ ଅଭିଭାବକ ଓ ପିଲାଙ୍କୁ ମନା କରାଯାଉଛି। ରାଜ୍ୟରେ ଗତବର୍ଷ ଏହି ଆଇନ କାର୍ଯ୍ୟକାରୀ ହୋଇଥିଲା। ସେଥିରେ ମାତ୍ର ପାଞ୍ଚହଜାର ପିଲା ନାମ ଲେଖାଇଥିଲେ। ଏହି ଆଇନ ଠିକ୍ ଭାବେ କାର୍ଯ୍ୟକାରୀ ହେଲେ ପାଖାପାଖି ୭୦ ହଜାରରୁ ଅଧିକ ଗରିବ ପିଲା ସୁବିଧା ପାଇପାରିବେ। ଚଳିତବର୍ଷ ମଧ୍ୟ ପ୍ରାୟ ୧୫ ହଜାର ପିଲା ନାମଲେଖା ପାଇଁ ପୋର୍ଟାଲରେ ଆବେଦନ କରି ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ପୋର୍ଟାଲରେ ନାମଲେଖା ପାଇଁ ଆଉଥରେ ଆବେଦନ ସୁଯୋଗ ଦେବା ପାଇଁ ଗଣଶିକ୍ଷା ବିଭାଗର ଯୋଜନା ରହିଛି। ଏହି ଯୋଜନାରେ ୩ରୁ ୭ ବର୍ଷ ମଧ୍ୟରେ ପିଲା ଉଭୟ ନର୍ସରି ଓ ପ୍ରଥମ ଶ୍ରେଣୀରେ ନାମ ଲେଖାର ବ୍ୟବସ୍ଥା ରହିଛି। ହେଲେ କେତେକ ସ୍କୁଲ ଏହି ଯୋଜନାରେ ନାମଲେଖା ପାଇଁ ଅଭିଭାବକ ଓ ପିଲାଙ୍କୁ ମନା କରିବା ଅଭିଯୋଗ ଆସିବା ନିନ୍ଦନୀୟ ବିଷୟ।

**–ସତ୍ୟ ମହାପାତ୍ର, ଆଇନଜୀବୀ, ସେକ୍ଟର–୬, କଟକ**

### ଚିରନ୍ତନୀ

ନିମେଷେ କେତେ ରୂପ ଫୁଟଇ ନୟନେ
ସେ ଆଖି ଦିଏ ଦେଖା ନିଶୀଥ–ଶୟନେ
ରୂପର ଉପାସନା ରଚଇ ମାନସେ
ସ୍ୱପନ ଧନ ତାହା ନୁହଇ ଆନ ସେ
ଦୂରର ତାରା ସମ ଦିଶଇ ଚେତନେ
ନିମେଷେ ଯେତେ ରୂପ ଫୁଟଇ ନୟନେ।
–(ସୁଦୂର ଗାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଏସ୍‌ଟି, ଏସ୍‌ସି କର୍ମଚାରୀଙ୍କ ପଦୋନ୍ନତି ନେଇ ଆଲୋଚନା

ଭୁବନେଶ୍ୱର,୧୪।୭(ବ୍ୟୁରୋ): ଅନୁସୂଚିତ ଜାତି (ଏସ୍‌ସି)ଓ ଜନଜାତି (ଏସ୍‌ଟି) କଲ୍ୟାଣ ସମନ୍ୱୟ ସଚିବାଳୟ ଶାଖା ପକ୍ଷରୁ ୨୯ତମ ବୈଠକ କସ୍ତୁରବା ନାରୀ ମହଲଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଲୋକସେବା ଭବନରେ କାର୍ଯ୍ୟରତ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀଙ୍କର ପଦୋନ୍ନତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଆଦେଶକ୍ରମେ ୨୦୧୮ ଡିସେମ୍ବର ୨୦ରେ ଗୃହ ବିଭାଗ କର୍ମଚାରୀଙ୍କୁ ପଦୋନ୍ନତି ଦେଇଥିଲେ। କିନ୍ତୁ ୨୦୧୯ ପରଠାରୁ ପଦୋନ୍ନତି ବନ୍ଦ ହୋଇଯାଇଛି। ଆଗାମୀ ଦିନରେ ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କୁ ଶ୍ୱେତପତ୍ର ଦେବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ସଭାପତି ଅନନ୍ତ କିଶୋର ମାଝି, ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ମଲ୍ଲିକ, ଉପସଭାପତି ଅମ୍ରିତ ଲାଲ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରି, ୨ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୪।୭(ବ୍ୟୁରୋ): ଘରେ ପଶି ଚୋରି ଅଭିଯୋଗରେ ଭରତପୁର ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭରତପୁର ଥାନା ଅଧୀନ ଶ୍ୟାମପୁର ଗ୍ରାମର ସୁଶାନ୍ତ ସାହୁ (୨୧), ହାପି ନାୟକ (୨୭)। ସେମାନଙ୍କଠାରୁ ପୋଲିସ ଏକ ଏଲ୍‌ଇଡି ଟିଭି ଜବତ କରିଛି।

### ବ୍ରାଉନସୁଗାର ଜବତ, ବେପାରୀ ଗିରଫ

ଭୁବନେଶ୍ୱର,୧୪।୭(ବ୍ୟୁରୋ): ବ୍ରାଉନସୁଗାର କାରବାର କରୁଥିବା ଜଣେ ବେପାରୀଙ୍କୁ ଗୁରୁବାର ଏୟାରପୋର୍ଟ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଭୁବନେଶ୍ୱର କାର୍ଗିଲ ବସ୍ତିରେ ରହୁଥିବା ଅନୁଗୋଳର ଦୀପକ ସାହୁ (୨୪)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ପୋଲିସ ଏନ୍‌ଡିପିଏସ୍ ଆକ୍ଟ ମାମଲା (କେସ୍ ନଂ ୨୧୨/୨୨) ରୁଜୁ କରିଛି। ସେମାନଙ୍କଠାରୁ ପୋଲିସ ୧୦.୯୫ ଗ୍ରାମ୍‌ର ବ୍ରାଉନସୁଗାର ଜବତ କରିବା ସହ ନିଶା କାରବାରରେ ବ୍ୟବହାର କରୁଥିବା ସ୍କୁଟି ଓ ବିଭିନ୍ନ କମ୍ପାନୀର ୪ ଟି ମୋବାଇଲ ଫୋନ ଓ ନଗଦ ୩୨ ହଜାର ୭୭୦ ଟଙ୍କା ଜବତ କରିଛି। ସୂଚନାନୁଯାୟୀ, ଦୀପକ କାର୍ଗିଲ ରୋଡସ୍ଥିତ ମା' ଗୌରୀ ରିସର୍ଟ ନିକଟରେ ସ୍କୁଟିରେ ବ୍ରାଉନ୍‌ସୁଗାର ରଖି ବିକ୍ରି କରିବା ଉଦ୍ଦେଶ୍ୟରେ ଛିଡା ହୋଇଥିଲେ। ଖବରପାଇ ପୋଲିସ ଦୀପକଙ୍କୁ ଧରିବାରେ ସଫଳ ହୋଇଥିଲା।

# ରାଜଧାନୀରୁ ପୁଣି ୨୮୦ ସଂକ୍ରମିତ ଚିହ୍ନଟ

ଭୁବନେଶ୍ୱର, ୧୪।୭ (ବ୍ୟୁରୋ)



ଦ୍ରୁତ ଗତିରେ ମାଡି ଚାଲିଛି କରୋନା। ପ୍ରତିଦିନ ସଂକ୍ରମଣର ହାର ବୃଦ୍ଧି ପାଉଥିବାରୁ ଚିନ୍ତା ବଢ଼ିଛି। ରାଜ୍ୟରୁ ଦୈନିକ ଚିହ୍ନଟ ହେଉଥିବା ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ରହୁଥିବାବେଳେ ଏହାର ପ୍ରାୟ ୮୦ରୁ ୯୦ ପ୍ରତିଶତ ଭୁବନେଶ୍ୱରରୁ ବାହାରୁଛନ୍ତି। ଶେଷ ଦିନରେ ସହରରୁ ୨୮୦ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବିଏମ୍‌ସି ତଥ୍ୟ ଅନୁଯାୟୀ, ଏହି ୨୪ ଘଣ୍ଟା ଭିତରେ ପଟିଆରୁ ସର୍ବାଧିକ ୫୧ଜଣ ସଂକ୍ରମିତ ହୋଇଛନ୍ତି। ଏହା ତଳକୁ ଖଣ୍ଡଗିରିରୁ ୨୭ ଜଣ, ଡୁମୁଡୁମା ଓ ନୟାପଲ୍ଲୀରୁ ୨୧ ଜଣ ଲେଖାଏ, ପାତ୍ରପଡ଼ାରୁ ୧୯ଜଣ, ପୁରୁଣା ଭୁବନେଶ୍ୱରରୁ ୧୪ଜଣ, ରସୁଲଗଡ଼ରୁ ୧୩ ଜଣ, ଶହୀଦନଗର ଓ ଝାରପଡ଼ାରୁ ୮ ଜଣ ଲେଖାଏ, ବିଜେବି ନଗର, ଲକ୍ଷ୍ମୀସାଗର ଓ ଜୟଦେବ ବିହାର ଅଞ୍ଚଳରୁ ୬ଜଣ ଲେଖାଏ, ଶିଶୁପାଳଗଡ଼, ପଳାଶପଲ୍ଲୀ, ନୀଳାଦ୍ରିବିହାର ଓ ଗାଡ଼କଣ ଅଞ୍ଚଳରୁ ୫ଜଣ ଲେଖାଏ ଏବଂ ଅନ୍ୟାନ୍ୟ ଅଞ୍ଚଳରୁ ଏକାଧିକ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଭୁବନେଶ୍ୱରରେ ମୋଟ୍ ଆକ୍ରାନ୍ତ ସଂଖ୍ୟା ୧ଲକ୍ଷ ୫୯ ହଜାର ୮୧୩ରେ ପହଞ୍ଚିଛି। ସେହିପରି ଦିନକ ମଧ୍ୟରେ ୨୨୧ ଜଣ ସୁସ୍ଥ ହେବା ଫଳରେ ମୋଟ୍ ଆରୋଗ୍ୟ ସଂଖ୍ୟା ୧ଲକ୍ଷ ୫୭ ହଜାର ୬୧୯ ଛୁଇଁଛି। ୧୧୯୩ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୯୮୦ ଜଣ ଚିକିତ୍ସାଧୀନ ରହିଛନ୍ତି। ରାଜ୍ୟ ରାଜଧାନୀ ହୋଇଥିବାରୁ ଭୁବନେଶ୍ୱରକୁ ପ୍ରତିଦିନ ରାଜ୍ୟ ତଥା ବାହାରୁ ଲୋକମାନେ ଯାତାୟାତ କରୁଛନ୍ତି। ଫଳରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଲୋକମାନେ ମଧ୍ୟ ଖାମଖିଆଲ ହୋଇ କରୋନା ନିୟମ ପାଳନ କରୁନାହାନ୍ତି। ଅଧିକାଂଶ ମାସ୍କ ପିନ୍ଧୁ ନାହାନ୍ତି କି ସାମାଜିକ ଦୂରତା କଟକଣା ମାନୁ ନାହାନ୍ତି। ଲୋକଙ୍କ ଏଭଳି ଆଚରଣରୁ ଗତ ଲହରରେ କରୋନାର ତାଣ୍ଡବରୁ କିଛି ଶିକ୍ଷାଲାଭ କରିବା ଭଳି ଲାଗୁନାହିଁ। ଅପରପକ୍ଷେ

### ବେଫିକର ଲୋକେ, ନୀରବଦ୍ରଷ୍ଟା ବିଏମ୍‌ସି

କେବଳ ଗାଇଡ୍‌ଲାଇନ୍ ଜାରି କରି ବିଏମ୍‌ସି ଚୁପ୍ ହୋଇ ବସି ରହୁଛି। ସର୍ବସାଧାରଣ ସ୍ଥାନରେ ମାସ୍କ ନ ପିନ୍ଧିଲେ ଜରିମାନା ଆଦାୟ କରାଯିବ ବୋଲି କିଛିଦିନ ତଳେ ମେୟର କହିଥିଲେ ମଧ୍ୟ କିଛି ପଦକ୍ଷେପ ନିଆଯାଉ ନାହିଁ। ଦଳଦଳ ହୋଇ ଲୋକ ବୁଲୁ ଥିବାବେଳେ ଅଧିକାଂଶଙ୍କ ମୁହଁରେ ମାସ୍କ ରହୁନାହିଁ। ଜରିମାନା ଆଦାୟ କରିବା ତ ଦୂରର କଥା, ତାଗିଦ୍ କରିବାକୁ ମଧ୍ୟ ବିଏମ୍‌ସି ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। କେବଳ କାଗଜ କଲମରେ ଗାଇଡ୍‌ଲାଇନ୍ ଜାରି କରିଦେଇ ଆଖି ବନ୍ଦ କରି ବିଏମ୍‌ସି ବସି ରହିଛି ।

# ଖୋର୍ଦ୍ଧା ଜିଲା ଦୌରାଜଜ୍‌ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




ଭୁବନେଶ୍ୱର,୧୪।୭(ବ୍ୟୁରୋ)

ଖୋର୍ଦ୍ଧା ଜିଲା ଦୌରାଜଜ୍ ରାମଶଙ୍କର ହୋତାଙ୍କୁ ଗୁରୁବାର ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଭୁବନେଶ୍ୱର ଓକିଲ ସଂଘ ହଲ୍‌ରେ ଆୟୋଜିତ ଏହି ସଭାରେ ସ୍ପେଶାଲ ଜଜ୍ ବିଶ୍ୱଜିତ୍ ଦାସ, ଦେବୋତ୍ତର କମିଶନର ଶିଶିର ରଥ ପ୍ରମୁଖଙ୍କ ସମେତ ସମସ୍ତ ବିଭାଗୀୟ ଅଫିସର ଉପସ୍ଥିତ ଥିଲେ। ବିଶେଷ କରି ୯ ମାସର କାର୍ଯ୍ୟକାଳ ମଧ୍ୟରେ ବହୁ ପ୍ରତୀକ୍ଷିତ ଜୁଡିସିଆଲ୍ କୋର୍ଟ କମ୍ପ୍ଲେକ୍ସ କାର୍ଯ୍ୟ ଏବଂ ଅନ୍ୟ ସମସ୍ତ କୋର୍ଟ କାର୍ଯ୍ୟକୁ ସୁଚାରୁରୂପେ ତୁଲାଇଥିବାରୁ ଓକିଲ ସଂଘ ପକ୍ଷରୁ ହୋତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ସଭାରେ ଓକିଲ ସଂଘର ସଭାପତି ରବିନାରାୟଣ ସାମନ୍ତରାୟ, ସମ୍ପାଦକ ରାଜକିଶୋର ଦାସ, ଉପସଭାପତି ଅଭିମନ୍ୟୁ ସ୍ୱାଇଁ, ଯୁଗ୍ମ ସମ୍ପାଦକ ଅଶୋକ ବଡ଼ପଣ୍ଡା, କୋଷାଧ୍ୟକ୍ଷ ଦିବାକର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କର୍ପୋରେଟରଙ୍କୁ ମରଣାନ୍ତକ ଆକ୍ରମଣ



ଅଭିଯୋଗ କରିବାକୁ ଥାନାକୁ ଆସିଥିବା ଆହତ କର୍ପୋରେଟର ଅପରୂପ ନାରାୟଣ ରାଉତ ଓ ଅନ୍ୟମାନେ।

ଭୁବନେଶ୍ୱର,୧୪।୭(ବ୍ୟୁରୋ)

ବିଏମ୍‌ସିର ୨୯ ନମ୍ବର ୱାର୍ଡ ଭାଜପା କର୍ପୋରେଟରଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ ହୋଇଛି। ବୁଧବାର ରାତିରେ କର୍ପୋରେଟର ଅପରୂପ ନାରାୟଣ ରାଉତ ତାଙ୍କର ୪ ଜଣ ସହଯୋଗୀଙ୍କ ସହ ଘରକୁ ଫେରୁଥିବାବେଳେ ୨୫ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ଲୁହାରଡ, ଖଣ୍ଡାରେ ଆକ୍ରମଣ କରିଥିଲେ। ଶହୀଦନଗର ଥାନା ଅଧୀନ ଗ୍ରୀଡ୍‌କୋ କଲୋନୀଠାରେ ଏଭଳି ଘଟଣା ଘଟିଥିବାବେଳେ ରାଜନୈତିକ ଆକ୍ରୋଶରୁ ଆକ୍ରମଣ ହୋଇଥିବା ସନ୍ଦେହ କରାଯାଉଛି। ଦୁର୍ବୃତ୍ତଙ୍କ ଆକ୍ରମଣରେ କର୍ପୋରେଟର ଅପରୂପଙ୍କ ବାମ ହାତ ଭାଙ୍ଗିବା ସହ ୪ ଜଣ ସହଯୋଗୀ ଗୁରୁତର ଆହତ ହୋଇଛନ୍ତି। ଏନେଇ ଅପରୂପ ପ୍ରାଥମିକ ଚିକିତ୍ସା ପରେ ଗୁରୁବାର ଶହୀଦନଗର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିବା ସହ ଦୁର୍ବୃତ୍ତଙ୍କୁ ଧରିବା ଲାଗି ଉଦ୍ୟମ ଚଳାଇଛି।

### ବିଧାୟକଙ୍କ ନାଁ ନେଇ ଜୀବନରୁ ମାରିଦେବାକୁ ଧମକ ଦେଲେ ଦୁର୍ବୃତ୍ତ

ସୂଚନାନୁଯାୟୀ କର୍ପୋରେଟର ଅପରୂପ ଗ୍ରୀଡ୍‌କୋ କଲୋନୀଠାରେ ରୁହନ୍ତି। ଘଟଣା ଦିନ ସେ ତାଙ୍କ ଘରକୁ ଫେରୁଥିବାବେଳେ ପୂର୍ବରୁ ଛପି ରହିଥିବା ୨୫ରୁ ଅଧିକ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ଏହାପରେ ଦୁର୍ବୃତ୍ତମାନେ ଜଣେ ବିଧାୟକଙ୍କ ନାଁ ନେଇ ଗାଳିଗୁଲଜ କରିବା ସହ ଲାଗିଲେ କିଛି ଭଲହେବ ନାହିଁ କହି ଖଣ୍ଡା, ଲୁହାରଡ, ପିସ୍ତଲ ଦେଖାଇ କର୍ପୋରେଟର ଓ ତାଙ୍କ ସହଯୋଗୀଙ୍କୁ ଧମକାଇଥିଲେ। ଏହାପରେ ଘଟଣାସ୍ଥଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ଦୁର୍ବୃତ୍ତମାନେ ଉକ୍ତ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ ତାଙ୍କ ମୁଣ୍ଡରେ ପିସ୍ତଲ ରଖି ଆଉଥରେ ଲାଗିଲେ ଜୀବନରୁ ମାରିଦେବୁ କହି ଜାଗା ଛାଡ଼ି ପଳାଇଯାଇଥିଲେ। ଏନେଇ କର୍ପୋରେଟର ଅପରୂପ ଶହୀଦନଗର ଥାନାରେ ଅଭିଯୋଗ କରିଛନ୍ତି।

# ପୃଥକ୍ କରି ଅଳିଆ ନ ଦେଲେ ଜରିମାନା

ଭୁବନେଶ୍ୱର, ୧୪।୭ (ବ୍ୟୁରୋ)

### ଆପାର୍ଟମେଣ୍ଟ ବାସିନ୍ଦାଙ୍କୁ ଚେତାବନୀ ଦେଲା ବିଏମ୍‌ସି

ବାରମ୍ବାର ସଚେତନ କରାଯିବା ପରେ ବି ଲୋକେ ଚେତୁ ନାହାନ୍ତି। ଆବର୍ଜନାକୁ ଓଦା, ଶୁଖିଲା ବର୍ଗରେ ପୃଥକ୍ କରୁନାହାନ୍ତି କି ବିଏମ୍‌ସି ଗାଡ଼ିରେ ଦେଉନାହାନ୍ତି। ବିଶେଷକରି ସହରରେ ଥିବା ବିଭିନ୍ନ ଆପାର୍ଟମେଣ୍ଟଗୁଡ଼ିକରେ ଏପରି ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ଆପାର୍ଟମେଣ୍ଟରେ ରହୁଥିବା ଲୋକ ରାତିଅଧିଆ ରାସ୍ତାକଡ଼ରେ ଆବର୍ଜନା ଗଦାଇ ଦେଉଛନ୍ତି। ଏଣୁ ଆପାର୍ଟମେଣ୍ଟ ବାସିନ୍ଦାଙ୍କୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଚେତାବନୀ ଦିଆଯାଇଛି। ଏଣିକି ଓଦା, ଶୁଖିଲା ଅଳିଆ ପୃଥକ କରି ବିଏମ୍‌ସି ଅଳିଆ ଗାଡ଼ିରେ ନ ଦେଲେ କିମ୍ବା ନୀଳ ଓ ସବୁଜ ଡଷ୍ଟବିନ୍‌ର ଠିକ ଭାବେ ବ୍ୟବହାର ନ କଲେ ଆପାର୍ଟମେଣ୍ଟ ବାସିନ୍ଦାଙ୍କୁ ଜରିମାନା ଗଣିବାକୁ ପଡ଼ିବ। ବ୍ୟବସ୍ଥାରେ ସୁଧାର ନ ଆସିଲେ ଆପାର୍ଟମେଣ୍ଟଗୁଡ଼ିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଏମ୍‌ସି କହିଛି। ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ବିଏମ୍‌ସି ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଅଳିଆକୁ ବିଶୋଧନ କରି ସେଥିରୁ ଖତ ପ୍ରସ୍ତୁତ କରାଯାଉଛି। ଏଥିପାଇଁ ସହରରୁ ନିର୍ଗତ ହେଉଥିବା ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁକୁ ପୃଥକ କରି ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଛି। ଏହାଦ୍ୱାରା ବିଶୋଧନ ପ୍ରକ୍ରିୟା ସହଜ ହୋଇ ପାରିବ। ମାତ୍ର ଅଧିକାଂଶ ଲୋକ ଏହି ନିୟମକୁ ମାନୁ ନାହାନ୍ତି, ଯେଉଁଥିପାଇଁ ବିଶୋଧନ ପ୍ରକ୍ରିୟା ସମୟରେ ସମସ୍ୟା ହେଉଛି। ତେଣୁ ଏହାର ସମାଧାନ ପାଇଁ ଏବେ ବିଏମ୍‌ସି କଡା ଆଭିମୁଖ୍ୟ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛି। ସହରରେ ଏବେ ୨୩ଟି ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମସିସି) ଓ ୮ଟି ଆବର୍ଜନା ପୃଥକୀକରଣ କେନ୍ଦ୍ର (ଏମ୍‌ଆର୍‌ଏଫ୍) କାର୍ଯ୍ୟକ୍ଷମ ଅଛି। ସହରର ଶତପ୍ରତିଶତ ଅଳିଆ ଏମ୍‌ସିସିକୁ ଆଣିବା ପାଇଁ ଯୋଜନା ହେଉଛି।

ସୂଚନାଯୋଗ୍ୟ, ସହରବାସୀଙ୍କୁ ଅଳିଆ ପୃଥକୀକରଣ ନେଇ ସଚେତନ କରିବା ପାଇଁ ବିଏମ୍‌ସି ପକ୍ଷରୁ କିନ୍ନରଙ୍କ ସହାୟତା ଲୋଡ଼ା ଯାଇଥିଲା। ଗତ ଫେବୃୟାରୀରୁ କିନ୍ନରମାନେ ଆପାର୍ଟମେଣ୍ଟର ଫ୍ଲାଟ୍‌ରୁ ଫ୍ଲାଟ୍‌କୁ ବୁଲି ଲୋକଙ୍କୁ ଏ ଦିଗରେ ସଚେତନ କରାଇବେ ବୋଲି ନିଷ୍ପତ୍ତି ହୋଇଥିଲା। ମାତ୍ର ବିଏମ୍‌ସି ପକ୍ଷରୁ ଏଯାବତ୍ ସଂଘକୁ ଦାୟିତ୍ୱ ପ୍ରଦାନ କରାଯାଇ ନ ଥିବା ଜଣାପଡିଛି।

# ଉଦ୍ଧାର ଚଉଶିଙ୍ଗା ମୃତ, ନରସୀମା ଅସୁସ୍ଥ

ବାରଙ୍ଗ,୧୪।୭(ଡି.ଏନ୍.ଏ.)

ସମ୍ବଲପୁର ଡିଭିଜନର ରେଢାଖୋଲ ରେଞ୍ଜରୁ ଜୁନ୍ ୨ରେ ଉଦ୍ଧାର ହୋଇ ନନ୍ଦନକାନନକୁ ଆସିଥିବା ୩ ବର୍ଷର ମାଈ ଚଉଶିଙ୍ଗା ହରିଣର ଗୁରୁବାର ମୃତ୍ୟୁ ଘଟିଛି। ହରିଣ ସମ୍ବଲପୁରରୁ ଆସିବା ପରେ ପ୍ରାଣୀ ଚିକିତ୍ସକମାନେ ତା'ର ପ୍ରାଥମିକ ଚିକିତ୍ସା କରିଥିଲେ। ଏକ୍ସରେ କରିବା ପରେ ତା' ଗୋଡ ଭାଙ୍ଗିଯାଇଥିବା ଜାଣିବାକୁ ପାଇଥିଲେ। ହରିଣ ଭଙ୍ଗାଗୋଡ଼କୁ ପ୍ଲାଷ୍ଟର କରି କ୍ୱାରେଣ୍ଟାଇନର ପୃଥକୀକରଣ ଖୁଆଡରେ ରଖି ଚିକିତ୍ସା ଆରମ୍ଭ କରିଥିଲେ। ହେଲେ ତାକୁ ବଞ୍ଚାଇ ପାରିଲେ ନାହିଁ। ହରିଣଟି ନିକଟସ୍ଥ ଜଙ୍ଗଲରୁ ମାଆଠାରୁ ଅଲଗା ହୋଇ ଜନବସତିକୁ ଚାଲିଆସିଥିଲା। ଖବରପାଇ ବନ ବିଭାଗ କର୍ମଚାରୀ ହରିଣକୁ ଉଦ୍ଧାର କରି ନନ୍ଦନକାନନ ପଠାଇଥିଲେ। ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୩ରେ ପହଞ୍ଚିଛି। ସେହିପରି ନନ୍ଦନକାନନର ଅନ୍ୟତମ ଆକର୍ଷଣ ସିଂହ ନରସୀମା ଅସୁସ୍ଥ ହୋଇପଡିଛି। ତା'ର ଡାହାଣ ଗୋଡ଼ ଆଣ୍ଠୁରେ ପାଣି ଜମି ରହି ଚାଲିବାରେ କଷ୍ଟ ଅନୁଭବ କରୁଥିଲା। ଏହା ଜାଣିବା ପରେ ଗୁରୁବାର ନନ୍ଦନକାନନ ଚିକିତ୍ସକ ତା'କୁ ନିଶା ଦେଇ ଆଣ୍ଠୁରୁ ପାଣି ବାହାର କରିଛନ୍ତି। ଏବେ ନରସିଂମା କିଛି ମାତ୍ରାରେ ସୁସ୍ଥ ହୋଇଛି।

# ପୋଲିସ କବ୍‌ଜାରେ ଲୁଟେରା ଗ୍ୟାଙ୍ଗ୍, ୩ ଗିରଫ

ଭୁବନେଶ୍ୱର,୧୪।୭(ବ୍ୟୁରୋ)

### ୧୦୨ ମୋବାଇଲ୍ ଜବତ



ରାଜଧାନୀରେ ଉତ୍ପାତ କରୁଥିବା ଲୁଟେରା ଗ୍ୟାଙ୍ଗ୍‌କୁ ଗୁରୁବାର ଶହୀଦନଗର ଥାନା ପୋଲିସ ଧରିବା ସହ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲୀବସ୍ତି ପିଏଚ୍‌ଡି ସାହିର ସନ୍ତୋଷ ନାୟକ ଓରଫ ରକେଟ୍(୨୬), ପ୍ରଶାନ୍ତ ଘଡ଼େଇ(୨୩), ରାଧାକ୍ରିଷ୍ଣା ବସ୍ତିର ସୁରଜ ଘଡ଼େଇ(୨୪)। ଜାମିନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ପୋଲିସ ସେମାନଙ୍କ ବିରୋଧରେ ପୃଥକ ମାମଲା ରୁଜୁ କରିଛି। ସେମାନଙ୍କଠାରୁ ୧୦୨ଟି ମୋବାଇଲ ଫୋନ୍, ୪୦ ଗ୍ରାମ୍ ସୁନାଗହଣା ଏବଂ ୩ଟି ବାଇକ୍ ପୋଲିସ ଜବତ କରିଛି। ଅଭିଯୁକ୍ତଙ୍କ ନାଁରେ ନୟାପଲ୍ଲୀରେ ୨ଟି, ଶହୀଦନଗରରେ ୫ଟି, କ୍ୟାପିଟାଲରେ ୨ଟି, ଖାରବେଳନଗରରେ ୨ଟି, ଚନ୍ଦ୍ରଶେଖରପୁର ଥାନାରେ ଗୋଟିଏ ମାମଲା ଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, କିଛିଦିନ ହେବ ସହରର ବିଭିନ୍ନ ଥାନା ଅଞ୍ଚଳରେ ଲୁଟେରାମାନେ ରାସ୍ତାରେ ମହିଳା ଓ ବରିଷ୍ଠ ନାଗରିକଙ୍କୁ ଟାର୍ଗେଟ୍ କରି ଲୁଟପାଟ୍ କରୁଥିଲେ। ସମସ୍ତ ଅପରାଧ ଘଟଣାର ତଦନ୍ତବେଳେ ଗୋଟିଏ ଗ୍ୟାଙ୍ଗ୍‌ର ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ଭୁବନେଶ୍ୱର ସହରାଞ୍ଚଳ ପୋଲିସ ସ୍ପେଶାଲ ସ୍କ୍ୱାଡ୍ ଏବଂ ସମସ୍ତ ଥାନାର ପିଓପିଡି ଟିମ୍ ମିଳିତ ଭାବେ ଏହାର ତଦନ୍ତ କରିଥିଲେ। ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପୋଲିସ ଟିମ୍ ଏହି ୩ ଅଭିଯୁକ୍ତଙ୍କୁ କାବୁ କରିଥିଲେ।

# ବିଏମ୍‌ସି ଦୋକାନ ଘର ଯୋଗାଇ ଦେବାକୁ କହି ୧.୪୮ ଲକ୍ଷ ଠକେଇ

ଭୁବନେଶ୍ୱର,୧୪।୭ (ବ୍ୟୁରୋ)

ବିଏମ୍‌ସି ଦୋକାନ ଘର ଯୋଗାଇ ଦେବାକୁ କହି ଜଣେ ମହିଳା ବ୍ୟବସାୟୀଙ୍କଠାରୁ ୧ ଲକ୍ଷ ୪୮ ହଜାର ଟଙ୍କା ଠକେଇ ହୋଇଛି। ଏହି ଘଟଣାରେ ଶହୀଦନଗର ଥାନା ପୋଲିସ ଜଣଙ୍କୁ ଗୁରୁବାର ଗିରଫ କରିଛି। ସେ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ବିକାଶ ସ୍ୱାଇଁ (୩୬)। ଅଭିଯୁକ୍ତ ବିକାଶଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବିକାଶ ଜଣେ ଅଭ୍ୟାସଗତ ଠକ। ସେ ପୂର୍ବରୁ ମଧ୍ୟ ବିଭିନ୍ନ ସଂସ୍ଥା ନାଁ ନେଇ ଏକାଧିକ ଠକେଇ କରି ଜେଲ ଯାଇଛନ୍ତି। ତାଙ୍କ ନାଁରେ ବିଭିନ୍ନ ଥାନାରେ ୪ଟି ମାମଲା ରହିଛି। ଏନେଇ ପୋଲିସ ଅଧିକ ତଦନ୍ତ କରୁଛି ବୋଲି ଡିସିପି ପ୍ରତୀକ ସିଂ କହିଛନ୍ତି। ଅନ୍ୟପକ୍ଷରେ, ଗିରଫ ପରେ ବିକାଶ ଗଣମାଧ୍ୟମ ଆଗରେ ନିଜ ଭୁଲ୍ ସ୍ୱୀକାର କରି ଠକେଇ ଆଉ କରିବେନି ବୋଲି ହାତଯୋଡ଼ି କହିଛନ୍ତି।



ବିକାଶ ସ୍ୱାଇଁ

### ଗିରଫ ପରେ ହାତ ଯୋଡ଼ିଲେ ଅଭିଯୁକ୍ତ

- ବିକାଶଙ୍କ ନାମରେ ପୂର୍ବରୁ ରହିଛି ୪ ମାମଲା
- ମାର୍କେଟିଂ ମ୍ୟାନେଜର ବୋଲି ପରିଚୟ ଦେଇଥିଲେ

ପୋଲିସ ସୂଚନା ଅନୁଯାୟୀ, ସ୍ଥାନୀୟ ଥାନା ଅଞ୍ଚଳର ପ୍ରତିମା ସାହୁଙ୍କର ବିଏମ୍‌ସି ଭବାନୀ ମଲ୍ ନିକଟରେ ଏକ ଅସ୍ଥାୟୀ ଭେରାଇଟି ଷ୍ଟୋର୍ ରହିଛି। ବିଏମ୍‌ସି ପକ୍ଷରୁ ଏନେକ ଥର ତାଙ୍କ ଦୋକାନକୁ ଉଚ୍ଛେଦ କରାଯାଉଥିଲା। ତେଣୁ ସେ ଏକ ସ୍ଥାୟୀ ଦୋକାନ କରିବାକୁ ଚିନ୍ତା କରୁଥିଲେ। ଗତ ଜାନୁୟାରୀରେ ଅଭିଯୁକ୍ତ ବିକାଶ ତାଙ୍କ ନିକଟକୁ ଆସି ନିଜକୁ ବିଏମ୍‌ସିର ମାର୍କେଟିଂ ମ୍ୟାନେଜର ବୋଲି ପରିଚୟ ଦେଇଥିଲେ। କମିଶନରଙ୍କ ଡାହଣ ହାତ, ମୋ ହାତରେ ସବୁ ଅଛି ବୋଲି କହି ବିଏମ୍‌ସି ଦୋକାନ ଘର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ସେ ପ୍ରତିମାଙ୍କଠାରୁ ବିଭିନ୍ନ ପର୍ଯ୍ୟାୟରେ ୧ ଲକ୍ଷ ୪୮ ହଜାର ଟଙ୍କା ନେଇଥିଲେ। ଉକ୍ତ ଟଙ୍କା ବାବଦକୁ ବିକାଶ ଜାଲ୍ ମନି ରସିଦ ଧରାଉଥିଲେ। ବାରମ୍ବାର ସମୟ ଗଡ଼ିବା ସହ ଦୋକାନ ସଂକ୍ରାନ୍ତ କୌଣସି କାଗଜପତ୍ର ବିଏମ୍‌ସି ପକ୍ଷରୁ ନ ପାଇବାରୁ ପ୍ରତିମାଙ୍କର ସନ୍ଦେହ ହୋଇଥିଲା। ତେଣୁ ସେ ବିଏମ୍‌ସି ଅଫିସ୍‌କୁ ଯାଇ ଦୋକାନ ସଂକ୍ରାନ୍ତରେ ବୁଝିବା ପରେ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏହାପରେ ପ୍ରତିମା ଟଙ୍କା ଫେରାଇଦେବାକୁ କହିବାରୁ ବିକାଶ ତାଙ୍କୁ ଧମକ ଦେଇଥିଲେ। ଏନେଇ ପ୍ରତିମା ବୁଧବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୩୨୧/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।



ମାସିକ ୨୫୦୦ ଟଙ୍କା ଭତ୍ତା, ଦିବ୍ୟାଙ୍ଗଙ୍କୁ ବ୍ୟାଙ୍କ ଋଣ ଆଦି ୬ ଦଫା ଦାବି ନେଇ ସାମାଜିକ ସୁରକ୍ଷା ଭତ୍ତା ପରିଷଦ ମିଳିତ ମଞ୍ଚ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।




ତୁରନ୍ତ ଶ୍ରମିକ ପଞ୍ଜୀକରଣ, ଅନ୍‌ଲାଇନ୍ ବ୍ୟବସ୍ଥା ବନ୍ଦ, ମୃତ ଶ୍ରମିକଙ୍କ ପରିବାରକୁ ୬ମାସରେ ସହାୟତା ଦାବିରେ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଗୁରୁବାର ବିଧାନସଭା ଘେରାଉ।



ଭୁବନେଶ୍ୱରର ଭାରତୀୟ ବିଦ୍ୟାଭବନଠାରେ ଗୁରୁବାର ଗଙ୍ଗାଧର ମହାପାତ୍ରଙ୍କ ୧୦୯ତମ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିମାନେ।

## ସଂକ୍ଷେପରେ

### ସମବାୟ ପରିଚାଳନା ପରିଷଦର ପ୍ରଥମ ବୈଠକ

ବାଲିଅନ୍ତା,୧୪।୭(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ସେବା ସମବାୟ ସମିତି ପରିଚାଳନା ପରିଷଦର ପ୍ରଥମ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମିତିର ନବ ନିର୍ବାଚିତ ସଭାପତି ରବୀନ୍ଦ୍ର ଜେନାଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ପରିଷଦର ସମସ୍ତ ନୂତନ ଡାଇରେକ୍ଟର ଯୋଗଦେଇଥିଲେ। ବୈଠକରେ ଖରିଫ ଧାନ ବିକ୍ରୟ ପାଇଁ ଚାଷୀଙ୍କ ପଞ୍ଜୀକରଣ ଚଳିତ ମାସ ୧୫ ତାରିଖରୁ ଆରମ୍ଭ ହେଉଥିବା ସମିତି ସମ୍ପାଦକ ଜଗମୋହନ ଦାସ ସୂଚନା ଦେଇଥିଲେ। ଏଥିସହ ସମିତିର ଚାଷୀମାନେ କାର୍ଯ୍ୟାଳୟକୁ ଆସି ନାମ ପଞ୍ଜୀକରଣ କରିବାକୁ ସେ କହିଥିଲେ। ବୈଠକରେ ବକେୟା ଋଣ ଆଦାୟ କରିବା ସହ ନୂଆ ଋଣ ଲଗାଣ ଉପରେ ଆଲୋଚନା ହୋଇଥିଲା। ବୈଠକରେ ନବ ନିର୍ବାଚିତା ଉପ ସଭାନେତ୍ରୀ ଜ୍ୟୋତିର୍ମୟୀ ଦାସ, ସହ ସମ୍ପାଦକ କିଶୋର ଚନ୍ଦ୍ର ଭୋଇସ ରଜନୀକାନ୍ତ ମାହାପାତ୍ର ଓ ଗୋପୀନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ଲାଷ୍ଟିକ ବର୍ଜନ କରିବାକୁ ଆହ୍ୱାନ

ଭୁବନେଶ୍ୱର,୧୪।୭(ବ୍ୟୁରୋ) : ପ୍ଲାଷ୍ଟିକର ବ୍ୟବହାର ପରିବେଶ ପାଇଁ ଅତ୍ୟନ୍ତ କ୍ଷତିକାରକ। ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଜୀବନ ଶୈଳୀରେ ପ୍ଲାଷ୍ଟିକ୍ ବ୍ୟବହାର ଯଥେଷ୍ଟ ବୃଦ୍ଧି ପାଇଛି। ସମ୍ପ୍ରତି ପ୍ଲାଷ୍ଟିକର ବହୁଳ ବ୍ୟବହାର ଯୋଗୁ ପରିବେଶ ପ୍ରଦୂଷଣ ହେବାରେ ଲାଗିଛି। ଏହାର ବର୍ଜ୍ୟବସ୍ତୁ ମାଟିରେ କ୍ଷୟ ହୋଇ ନ ଥାଏ। ଯାହାଦ୍ୱାରା ଦିନକୁ ଦିନ ପରିବେଶ ଉପରେ ଗୁରୁତର ବିପଦ ଘନେଇବାରେ ଲାଗିଛି। ଉଭୟ ଜଳ ଓ ସ୍ଥଳଚର ଜୀବ ପ୍ରଭାବିତ ହେବା ସହ ଅକାଳରେ ସେମାନଙ୍କର ମୃତ୍ୟୁ ଘଟୁଛି, ଯାହା ଜୀବଜଗତ ପାଇଁ ଏକ ଭୟଙ୍କର ବିପଦ ରୂପେ ଉଭା ହୋଇଛି। ଏହାକୁ ଦୃଷ୍ଟିରେ ରଖି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେଶନ ତରଫରୁ ପ୍ଲାଷ୍ଟିକ ବର୍ଜନ ଅଭିଯାନ ଆରମ୍ଭ ହୋଇଛି। ଫାଉଣ୍ଡେଶନ ପକ୍ଷରୁ ଗୌରୀଚରଣ ବିଦ୍ୟାପୀଠର ଛାତ୍ରୀଛାତ୍ରଙ୍କୁ ନେଇ ଖୋର୍ଦ୍ଧା ଛତାବରଠାରେ ପ୍ଲାଷ୍ଟିକ ବର୍ଜନ ଅଭିଯାନ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଫାଉଣ୍ଡେଶନ ଅଧକ୍ଷ ଡ. ବିପିନ ବିହାରୀ ମିଶ୍ର ଛାତ୍ରୀଛାତ୍ରଙ୍କୁ ପ୍ଲାଷ୍ଟିକ ବର୍ଜନ ପାଇଁ ଆହ୍ୱାନ ଦେଇଥିଲେ। ସାଧାରଣ ସମ୍ପାଦିକା ଡ. ସୁକାନ୍ତୀ ମିଶ୍ର ଯୋଗଦେଇ ପ୍ଲାଷ୍ଟିକ ବର୍ଜନ କଲେ ସମାଜରେ ପରିବେଶ ସୁରକ୍ଷିତ ରହିପାରିବ ବୋଲି ଛାତ୍ରୀଛାତ୍ରଙ୍କୁ କହିଥିଲେ।

# ସହର ବୁଲି ଯାଞ୍ଚ କଲା ଶିଶୁ ସୁରକ୍ଷା ଟିମ୍

ପୁରୀ ଅଫିସ,୧୪।୭

**ଧରିତ୍ରୀ ପ୍ରଭାବ**
- ବଡ଼ଦାଣ୍ଡରେ ଶିଶୁ ଭିକ୍ଷାବୃତ୍ତି ଘଟଣା
- ପୁରୀ ଛାଡ଼ିଲେ ୨ ମଧ୍ୟପ୍ରଦେଶର ପିଲା

ପୁରୀ ସହରରେ କୋମଳମତି ଶିଶୁଙ୍କୁ ଭିକ୍ଷା ବୃତ୍ତିରେ ନିୟୋଜିତ କରାଯାଉଛି। ଫଳରେ ସେମାନଙ୍କ ସ୍ୱପ୍ନ ଧୂଳିସାତ ହେବା ସହ ଶୈଶବ ହଜିଯାଉଛି। 'ଧରିତ୍ରୀ'ରେ ବୁଧବାର ଏଭଳି ଖବର ପ୍ରକାଶ ପାଇବା ପରେ ପୁରୀ ଜିଲା ପ୍ରଶାସନ ସକ୍ରିୟ ହୋଇଉଠିଛି। ଗୁରୁବାର ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପୁରୀ ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇଛି। ଶ୍ରୀମନ୍ଦିର, ପୁରୀ ଷ୍ଟେଶନ ରୋଡ୍ ଓ ବସ୍‌ଷ୍ଟାଣ୍ଡ ନିକଟବର୍ତ୍ତୀ ଅଞ୍ଚଳରେ ଶିଶୁ ସୁରକ୍ଷା ଟିମ୍ ପହଞ୍ଚି ଯାଞ୍ଚ କରିଛି। ଭିକ୍ଷାବୃତ୍ତି କରୁଥିବା ବ୍ୟକ୍ତି ଓ ତାଙ୍କ ପିଲାଙ୍କୁ ଚିହ୍ନଟ କରାଯାଇଛି। ସେହିପରି ବୁଧବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ବସି ଭିକ୍ଷା ମାଗୁଥିବା ଦୁଇ ପିଲାଙ୍କୁ ଚାଇଲ୍ଡ ଲାଇନ୍ ଟିମ୍ ଠାବ କରିଛି। ତାଙ୍କ ପରିବାର ଲୋକେ ମଧ୍ୟପ୍ରଦେଶର ବାସିନ୍ଦା ହୋଇଥିବା ବେଳେ ସେମାନେ ଗୁରୁବାର ସକାଳୁ ଟ୍ରେନ୍ ଯୋଗେ ପୁରୀ ଛାଡ଼ି ଚାଲିଯାଇଛନ୍ତି। ପୁରୀ ସହରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ଯାଞ୍ଚ କରାଯାଇଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ସୂଚନା ଦେଇଛନ୍ତି।



ସହରରେ ଚାଇଲ୍ଡ ଲାଇନ୍ ପକ୍ଷରୁ ରେସ୍କ୍ୟୁ ଟିମ୍‌ର ଗାଡ଼ି ବୁଲୁଛି।

ରେଳଷ୍ଟେଶନ, ଶ୍ରୀମନ୍ଦିର ସମ୍ମୁଖରେ କେତେଜଣ ଭିକ୍ଷୁକ ପରିବାର ବସି ରହୁଥିଲେ। ସେମାନଙ୍କ ସହିତ ଆଲୋଚନା କରି ଆନୁଷଙ୍ଗିକ ପଦକ୍ଷେପ ନିଆଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ତ୍ରିପାଠୀ କହିଛନ୍ତି, ପୁରୀରେ କ୍ରମାଗତ ଭାବେ ଯାଞ୍ଚ କରାଯାଉଛି। ଜିଲାରେ ଶିଶୁ ଭିକ୍ଷାବୃତ୍ତି ଶୂନ୍ୟ ସ୍ଥିତିରେ ରହିଛି। ଯେଉଁଠି ଶିଶୁ ଭିକ୍ଷାବୃତ୍ତି କିମ୍ବା ଶିଶୁ ଶ୍ରମିକ ଥିବା ଖବର ମିଳୁଛି, ଆମେ ତୁରନ୍ତ ପହଞ୍ଚି ପଦକ୍ଷେପ ନେଉଛୁ। ରଥଯାତ୍ରା ସମୟରେ ମଧ୍ୟ ସକ୍ରିୟ ଭାବେ ଉଦ୍ଧାର ଟିମ୍ ଯାଞ୍ଚ କରୁଥିଲେ।

ଅନ୍ୟପକ୍ଷରେ ଜିଲାରେ ଭିକ୍ଷୁକଙ୍କୁ ସୁରକ୍ଷା ଓ ଆଶ୍ରୟ ଯୋଗାଇଦେବା ପାଇଁ ଥିବା ସହାୟ ଯୋଜନାକୁ ଠିକ ଭାବେ କାର୍ଯ୍ୟକାରୀ କରାଇବାକୁ ଅନୁରୋଧ ଜଣାଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ସୂଚନା ଅଧିକାର କର୍ମୀ ଜୟନ୍ତ କୁମାର ଦାଶ ଚିଠି ଲେଖିଛନ୍ତି। ସେ ଅଭିଯୋଗ କରିଛନ୍ତି, ଲକ୍ଷ ଲକ୍ଷ ତୀର୍ଥଯାତ୍ରୀ ସାରା ବିଶ୍ୱରୁ ପୁରୀକୁ ବୁଲିବାକୁ ଆସୁଛନ୍ତି। ଏଭଳି ସ୍ଥଳେ ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନ, ସମୁଦ୍ରକୂଳରେ ଭିକାରିମାନଙ୍କ ଯୋଗୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଅବହେଳା ଯୋଗୁ ଭିକାରିମାନଙ୍କୁ ସହାୟ ଯୋଜନାର ସୁବିଧା ମିଳିପାରୁନାହିଁ। ଏଣୁ ପ୍ରଶାସନ ଏହି ପ୍ରସଙ୍ଗକୁ ଗୁରୁତ୍ୱର ନେଇ ସହାୟ ଯୋଜନା କାର୍ଯ୍ୟକାରୀ କରାଇ ପୁରୀକୁ ଭିକାରିମୁକ୍ତ କରାଯିବାକୁ ସେ ଦାବି କରିଛନ୍ତି।

# ମିଠା ଖାଇଲେ, ସ୍ନେହ ବାଣ୍ଟିଲେ ରାଜ୍ୟପାଳ


ଦୀପ୍ତିରଞ୍ଜନ ସାହୁଙ୍କ ଦୋକାନରେ ମିଠା ଖାଇବା ଅବସରରେ ଦୁଇ ଶିଶୁ ଓ ଅନ୍ୟମାନଙ୍କ ସହ ରାଜ୍ୟପାଳ।

ବାଲିଅନ୍ତା,୧୪।୭(ଡି.ଏନ୍.ଏ.)

ରାଜଧାନୀ ଉପକଣ୍ଠ ପାହାଳ ମିଠା ବଜାରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଗୁରୁବାର ରସଗୋଲା ଖାଇଛନ୍ତି। କଟକରୁ କାର୍ଯ୍ୟକ୍ରମ ସାରି ଭୁବନେଶ୍ୱର ଦେଇ ଫେରିବା ବାଟରେ ସେ ପାହାଳଠାରେ ଅଟକିଥିଲେ। ସେଠାରେ ମିଠା ଦୋକାନୀ ଦୀପ୍ତିରଞ୍ଜନ ସାହୁଙ୍କ ଦୋକାନରେ ମାଟି ପାତ୍ରରେ ରସଗୋଲା ଓ ଛେନାପୋଡ ଖାଇଥିଲେ। ରସଗୋଲା ଖାଇ ସାରିବା ପରେ ଏହା ସ୍ୱାଦିଷ୍ଟ ଥିବା ରାଜ୍ୟପାଳ କହିଥିଲେ। ପ୍ରାୟ ୨୦ ମିନିଟ୍ ଧରି ବସି ମିଠା ବ୍ୟବସାୟୀମାନଙ୍କ ସହ କଥାବାର୍ତ୍ତା କରିଥିଲେ। ମିଠା ବ୍ୟବସାୟୀ ସଂଘ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଭାପତି ଅକ୍ଷୟ ଲେଙ୍କା ପାହାଳ ମିଠା ସମ୍ପର୍କରେ ଓ ଶ୍ରୀମନ୍ଦିର ଏହି ମିଠାର ଇତିହାସ ସମ୍ପର୍କରେ ଅବଗତ କରିଥିଲେ। ବ୍ୟବସାୟୀଙ୍କ ସହ ଆଲୋଚନା ସମୟରେ ଦୀପ୍ତିଙ୍କ ଝିଅ ପାପାଲି(୪) ଓ ପୁତୁରା ସାଇ(୨)ଙ୍କୁ କୋଳରେ ବସାଇ ସ୍ନେହ ଶ୍ରଦ୍ଧା ଦେଇଥିଲେ। ସେଠାରେ ରାଜ୍ୟପାଳଙ୍କ ପୁଅ ମନୀଷ ଓ ଅନ୍ୟ ସୁରକ୍ଷାକର୍ମୀମାନେ ପାହାଳ ରସଗୋଲା ଖାଇଥିଲେ। ପରେ ରାଜ୍ୟପାଳ ସେଠାରୁ ଯିବା ସମୟରେ ଛୋଟ ପିଲା ଦୁହିଁଙ୍କୁ ୨ ହଜାର ଟଙ୍କା ଦେଇଥିଲେ।

# ଶହ ଶହ ଏକର ଚାଷଜମି ଲୁଣାଚର

ଅସ୍ତରଙ୍ଗ,୧୪।୭ (ଡି.ଏନ୍.ଏ.)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର କଣମଣ ଗ୍ରାମରେ ପୂର୍ଣ୍ଣିମା ଉଠିବା ତିଥିରେ ସମୁଦ୍ର ଜୁଆର ଉଠି ବୁଧବାର ଶହ ଶହ ଏକର ଚାଷ ଜମି ଲୁଣାଚର ହୋଇଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ, ନୂଆଗଡ଼ ମାଛଧରା ବନ୍ଦରଠାରୁ ସୁନ୍ଦର ପର୍ଯ୍ୟନ୍ତ ଶହ ଶହ କୋଟି ଟଙ୍କା ବ୍ୟୟରେ ସୁନାମି ପ୍ରତିଷେଧକ ବନ୍ଧ ନିର୍ମାଣ କାର୍ଯ୍ୟ ଚାଲିଛି। ହେଲେ ଚାଷ ଜମିରୁ ପାଣି ନିଷ୍କାସନ ପାଇଁ ସୁନାମି ବନ୍ଧରେ ଦଶ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟ ବରାଦ କରାଯାଇ ଜଳସମ୍ପଦ ବିଭାଗ ସହାୟତାରେ କଲଭର୍ଟ ନିର୍ମାଣ କରାଯାଇଛି। କେତେକ କଲଭର୍ଟରେ ବିଭାଗ ପକ୍ଷରୁ ଲୁହା କବାଟ ଲାଗିଥିବାବେଳେ ଆଉ କେତେକ କଲଭର୍ଟରେ କବାଟ ଲାଗିପାରିନାହିଁ। କଲଭର୍ଟରେ କବାଟ ଲଗାଇବା ପାଇଁ ଚାଷୀ ସମୂହ କାକଟପୁର ଜଳସମ୍ପଦ ବିଭାଗକୁ କହିଥିଲେ। ହେଲେ ସେମାନେ କିଛି ପଦକ୍ଷେପ ନ ନେବାରୁ ବର୍ତ୍ତମାନ ଲଘୁଚାପଜନିତ ବର୍ଷା ସହ ସମୁଦ୍ର ଅଶାନ୍ତ ଥିବାରୁ ଲୁଣା ଜୁଆର ଉଠି ଖୋଲାଥିବା କଲଭର୍ଟରେ ଲୁଣାପାଣି ପଶି ଧାନ ଜମି ଲୁଣାଚର ହୋଇଯାଇଛି।



ଚାଷୀମାନେ ଯାଇ ପାଣି ରୋକିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ପାଣିର ସ୍ରୋତ ପ୍ରଖର ଥିବାରୁ ତାହା ସମ୍ଭବ ହୋଇ ନ ଥିଲା। ଫଳରେ ଜମି ଲୁଣାଚର ହେବା ଦ୍ୱାରା ଫସଲ ହାନି ହେବା ଆଶଙ୍କାରେ ଚାଷୀ ମହଲରେ ଭାଲେଣି ପଡିଯାଇଛି। ଏ ବିଷୟରେ ଜଳସମ୍ପଦ ବିଭାଗର ଯନ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲେ ବି ତାହା ସମ୍ଭବ ହୋଇପାରି ନ ଥିଲା।


**ଓଡ଼ିଆ ଭାଷା ପ୍ରତିଷ୍ଠାନ**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
**ବିଜ୍ଞାପନ**

No. 14-RR: ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ଓଡ଼ିଆ ଭାଷାର ସମ୍ପାଦନା ତଥା ବନାନ ଶୁଦ୍ଧି ଏବଂ ପ୍ରୁଫ୍ ସଂଶୋଧନ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ୫ଦିନ ଧରି ଅନୁଷ୍ଠିତ ହେବ। ଇଚ୍ଛୁକ ପ୍ରାର୍ଥୀମାନେ ନିମ୍ନ ସର୍ତ୍ତରେ ତା୩୦।୦୭।୨୦୨୨ରିଖ ସୁଦ୍ଧା ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦାନ ପାଇଁ ପ୍ରତିଷ୍ଠାନର ୱେବ୍‌ସାଇଟ୍‌ରେ ଉପଲବ୍ଧ ଦରଖାସ୍ତର ନମୁନା ଫର୍ମ ଓ ସର୍ତ୍ତାବଳୀ ଅନୁଯାୟୀ ସ୍ପିଡ୍‌ପୋଷ୍ଟ କିମ୍ବା ଇ-ମେଲ୍ ମାଧ୍ୟମରେ ଆବେଦନ କରିପାରିବେ।

୧. ପ୍ରଶିକ୍ଷଣ ଶିବିର କେବଳ ତାଲିମ ପାଇଁ ଉଦ୍ଦିଷ୍ଟ। ଏହା ପ୍ରତିଷ୍ଠାନର ନିଯୁକ୍ତି ପାଇଁ ନୁହେଁ।
୨. ଏଥିରେ ଯାତାୟାତ ଖର୍ଚ୍ଚ ଏବଂ ବୈଠକୀ ବାବଦରେ ଉପଯୁକ୍ତ ପାରିଶ୍ରମିକ ପ୍ରଦାନ କରାଯିବ।
୩. ପ୍ରତ୍ୟେକ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ସମ୍ପୂର୍ଣ୍ଣ କରିବା ପରେ ପ୍ରମାଣପତ୍ର ଦିଆଯିବ।
୪. ପ୍ରଶିକ୍ଷାର୍ଥୀମାନେ ଅନୂନ ସ୍ନାତକ ଡିଗ୍ରୀଧାରୀ ଏବଂ ବୟସ ୨୧ବର୍ଷରୁ ଊର୍ଦ୍ଧ୍ୱ ହେବା ଆବଶ୍ୟକ।
୫. ପ୍ରତିଷ୍ଠାନର ଶୃଙ୍ଖଳା ଓ ନିୟମାନୁଯାୟୀ ପ୍ରଶିକ୍ଷାର୍ଥୀମାନେ ଏହି ତାଲିମ ଶିବିରରେ ଯୋଗଦାନ କରିବେ।

**ଦରଖାସ୍ତ ପଠାଇବା ଠିକଣା:**
ନିର୍ଦ୍ଦେଶକ
ଓଡ଼ିଆ ଭାଷା ପ୍ରତିଷ୍ଠାନ
ସଂସ୍କୃତି ଭବନ, ଭୁବନେଶ୍ୱର – ୧୪
E-mail: odiabhasapratisthan@yahoo.co.in
Website: www.odiabhasapratisthana.in

ସ୍ୱା./– ନିର୍ଦ୍ଦେଶକ
ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର
OIPR-03026/11/0001/2223



**Angul Fresh Producer Company Limited, Angul**
C/o- DRDA Office Building, DRDA, Angul,Odisha,India
PIN:759122, Email:angulfreshpcl@gmail.com
CIN-U01400OR2021PTC035778,
PAN-AAUCA8829Q, TAN-BBNA04836G
Notice No.256, Date:13.07.2022

**ADVERTISEMENT**

No.CAD-1117:Application is invited from eligible candidates for the post of Manager( Marketing and Procurement); Accountant cum MIS and Cluster Coordinators for Angul Fresh Producer Company Ltd., Angul C/O DRDA Office Building, 2nd Floor, DRDA, Angul, Odisha, Pin-759122. The detail advertisement along with Terms & Conditions may be downloaded from the following website: www.angul.nic.in from 14.07.2022 to 25.07.2022 upto 5.00PM through Registered Post/ Speed Post/ Courier/ By Hand only. No other means will be accepted, The Managing Director, AFPCL, Angul reserves the rights to reject any or all applications without assigning any reason thereof.

Sd./- Managing Director, AFPCL, Angul
OIPR-19132/11/0002/2223



See Career Appointment on every Wednesday & Saturday


# ୧୧ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

ନିମାପଡ଼ା,୧୪।୭(ଡି.ଏନ୍.ଏ)

କାକଟପୁର, ବାଜପୁର, ପାଟପୁର, ଓଥକାହାଟ, କୁଣ୍ଢେଇ ହାଟ, ପାଟସୁନ୍ଦରପୁର, ବାଙ୍ଗୁରୀ ଗାଁ ପ୍ରଭୃତି ଅଞ୍ଚଳରେ ଗୁରୁବାର ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ହୋଇଥିଲା। ଚଢ଼ାଉବେଳେ ଅବକାରୀ ବିଭାଗ କାକଟପୁର ସାଇ ମେଡିକାଲ ନିକଟରେ ଜଣେ ଚୋରା ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କାକଟପୁର ଅଞ୍ଚଳର ପ୍ରଫୁଲ୍ଲ ମିଶ୍ର (୪୯)। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଅବକାରୀ ବିଭାଗ ଏକ ମାମଲା (କେସ୍ ନଂ. ୨୯/୨୨-୨୩) ରୁଜୁ କରି ତଦନ୍ତ ଚଳାଇଛି। ତାଙ୍କଠାରୁ ଅବକାରୀ ବିଭାଗ ୧୧୦ ଗ୍ରାମ ବ୍ରାଉନସୁଗାର ଜବତ କରିଛି।



ଜବତ ବ୍ରାଉନ୍‌ସୁଗାରର ମୂଲ୍ୟ ୧୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ କହିଛି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ସବ୍ ଇନିସ୍‌ପେକ୍ଟର(ଏସ୍‌ଆଇ) ମମତା ଦାସଙ୍କ ନେତୃତ୍ୱରେ ଏଏସ୍‌ଆଇ ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରଦୀପ୍ତ ପଣ୍ଡା, ଏସ୍‌କେ ୱାରିସ, ପ୍ରବୀନ ବିରାଜକରୋ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

# 'ସମ୍ବିଧାନର ଜନକ ବାବାସାହେବ ଡକ୍ଟର ବି. ଆର୍. ଆମ୍ବେଦକର' ପୁସ୍ତକ ଲୋକାର୍ପିତ



ଭୁବନେଶ୍ୱର,୧୪।୭(ବ୍ୟୁରୋ)

ଲେଖକ ଦୈତାରୀ ମହାପାତ୍ରଙ୍କ ପୁସ୍ତକ 'ସମ୍ବିଧାନର ଜନକ ବାବାସାହେବ ଡକ୍ଟର ବି. ଆର୍. ଆମ୍ବେଦକର' ଗୁରବାର ଲୋକାର୍ପିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଏହାକୁ ଲୋକାର୍ପଣ କରି କହିଲେ, ଲେଖକ ଅତି କମ୍ ବୟସରେ ୩ହଜାରରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିସାରିଲେଣି। ଆଜିକାର ବୟସ୍କ ଓ ଯୁବ ପିଢ଼ିଙ୍କ ପାଇଁ ଏହା ଗର୍ବର କଥା ବୋଲି ପ୍ରଫେସର ଆଚାର୍ଯ୍ୟ କହିଛନ୍ତି। ମୁଖ୍ୟବକ୍ତା ଭାବେ ବିଧାୟକ ତଥା କବି ବିଷ୍ଣୁ ସେଠୀ, ପ୍ରଫେସର ବସନ୍ତ ମଲ୍ଲିକ, ପୂର୍ବତନ ପି. ଜି. କାଉନ୍‌ସିଲ ଚେୟାରମ୍ୟାନ ଡ. ହରିହର କାନୁନ୍‌ଗୋ, ପ୍ରଫେସର ଅନସୂୟା ନାଥ, ଇଞ୍ଜିନିୟର ଅଭୟ ସୂତାର, ଡ. ରକ୍ଷକ ନାୟକ, ତୁଳସୀ ରାମ ଜଗତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଶାସନିକ ଅଧିକାରୀ ଡ. ଅଭୟ କୁମାର ନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ।


**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଧର୍ମଶାଳା**
**PANCHAYAT SAMITI OFFICE, DHARMASALA**
At/Po- Kumari, Dist- Jajpur, Pin:755050, Tel/Fax No.06725-283023,Email:ori-dharmasala@nic.in

**Detail Tender Call Notice No.2691/2022-23 Date:13.07.2022**

**No.i-64:The Block Development Officer, Dharmasala invites sealed tenders on behalf of Governor of Odisha from registered and eligible Contractors of the State P.W.D (R&B)/Water Resources/ Rural Works/M.I./C.P.W.D. for the following work eventually to be drawn up in the P.W.D. F-2 forms in conformity with the Detailed Tender Call Notice.**

| Sl. No. | Name of the Work | DTCN No. | Amount put to tender | Cost of tender paper non-refundable | E.M.D. 1% | Time for completion the work in months | Class of contractors |
|---|---|---|---|---|---|---|---|
| 1 | Const. of Day care Sub Center at Anjira | 1/22-23 | Rs.24,74,740 | Rs.6720/- | Rs.24,747/- | 06 (Six) Calendar Month | C B & above |
| 2 | Const. of Day care Sub Center at Jaraka | 2/22-23 | Rs.24,74,740 | Rs.6720/- | Rs.24,747/- | 06 (Six) Calendar Month | C B & above |
| 3 | Const. of Day care Sub Center at Mangalpur | 3/22-23 | Rs.24,74,740 | Rs.6720/- | Rs.24,747/- | 06 (Six) Calendar Month | C B & above |
| 4 | Const. of Day care Sub Center at Patapur | 4/22-23 | Rs.24,74,740 | Rs.6720/- | Rs.24,747/- | 06 (Six) Calendar Month | C B & above |
| 5 | Const.of Day care Sub Center at Samsundarpur | 5/22-23 | Rs.24,74,740 | Rs.6720/- | Rs.24,747/- | 06 (Six) Calendar Month | C B & above |

**Terms and Conditions:**
1. **Cost of Tender Paper :** The tender specifications can be obtained from Panchayat Samiti Office, Dharmasala on payment towards cost of the tender papers as mentioned above (Non-refundable) in shape of Bank Draft In favour of Block Development Officer, Dharmasala in UCO Bank having Its branch at Dharmasala.
2. **Sale of Tender Papers :** The tender documents will be sold from 15/07/2022 to 30/07/2022 at Panchayat Samiti Office Dharmasala. The tender documents will be sold during the above mentioned period between 10 AM to 5 PM on working days only. The cost of bid document should be attached with the bid (in shape of Bank Draft payable at UCO Bank, Dharmasala).
3. **Date of receipt and mode of submission of Tender Papers :** The tenderers have to submit sealed tender papers in complete shape through Registered Post /Speed Post Only to the B.D.O., Dharmasala in his official postal address. The last date of receipt of tender papers is 30.07.2022 (up to 4.00PM). The undersigned will not be responsible for postal delay if any or non-receipt of the papers In time. The tenderers must superscribe the name of the work/ Project,DTCN no and detailed address on the sealed envelopes.
4. **Date of Opening Of Tender Paper:** The tender papers shall be opened on 01/08/2022 at 11 am at Conference Hall, Dharmasala Block in the presence of the tenderers or their authorized representatives having written authorization for the purpose and the tender committee.
5. **Earnest money deposit:** The E.M.D. is to be deposited in shape of Post Office Short term deposit/Term deposit/N.S.C./ KVP, or deposit receipt of any nationalized bank duly pledged in favour of Block Development Officer, Dharmasala. The Tender Papers without required amount of E.M.D. will not be considered and transfer or adjustment of E.M.D. is not also admissible.
6. **Document to be attached :** The tender is to submit in one cover is to contain E.M.D., signed DTCN, Price bid duly filled in and signed by the tenderer along with the following documents should be furnished with the tender papers failing which the tender will be liable to rejection.
   a) E.M.D. pledged in favour of the Block Development Officer, Dharmasala. b) Attested copy of Contractor Registration Certificate c) Attested copy of PAN card. d)Up to date GST clearance certificate, e) Attested copy of up to date valid labour license, f) Attested copy of Caste Certificate issued by competent authorities in case of S.C. /S.T. contractors desirous of availing preference, g) Affidavit as regards the fact of availing award of work without submission of E.M.D. /I.S.D. during the current financial year in case of Engineer Contractors desirous of availing exemption of E.M.D. h) Affidavit about the authentication of document including bank guarantee.
7. **Additional Performance Security Deposit:** The additional performance security shall be deposited by the bidder, when the bid amount less than the estimated cost put to tender. In such case/event the bidder who have quoted less bid price than the estimated cost put to tender shall have to furnish the exact amount of differential cost i.e. estimated cost put to tender minus the quoted amount as Additional Performance Security in shape of Post office short term deposit /NSC/K.V.P/ deposit receipt of any Nationalised bank duly pledged in favour of Block Development Officer, Dharmasala in the sealed envelope along with the price bid at the time of submission of bids.
8. **Forfeiture:** a) The E.M.D. amount will be forfeited, if the tenderer backs out from the offer of acceptance of tender, by the competent authority.

b) Submission of more than one tender paper by a bidder for a single work will be liable for refection of all such tender papers.
c) On review of the last performance of the works executed through B.D.O., Dharmasala previously, the lowest- 1 tenderer may/may not be considered for the works, though he/she becomes lowest -1 tenderer.
d) The Contractors who have failed to execute projects of this agency/backed out from execution process/abandoned the project work midway/those who have been declared by considered at all.
e) **The undersigned reserves the right either to reject any or all tenders or cancel the entire process without assigning the reason thereof.**

**Sd./- Block Development Officer, Dharmasala**
**OIPR-19216/11/0001/2223**



**OFFICE OF THE SUPERINTENDING ENGINEER, RWSS DIVISION, BERHAMPUR**
Near Jarada Bunglow, PIN - 760004, Ph.: 0680-2296344
eerwss_bam@nic.in, rwssbam@gmail.com
**Government of Odisha "e" Procurement Notice**
**NATIONAL COMPETITIVE BIDDING**
**Bid Identification No. EERWSSBAM-08/2022-23**

No. O-655: The Superintending Engineer, RWS&S Division, Berhampur, Ganjam on behalf of Governor of Odisha invites Bids in Single Cover & Double Cover System according to the norm of "e" Procurement System in Online mode for Supply, Drawing, Design, Construction, Testing and Commissioning and Maintenance of different PWS Schemes and electrification works in Ganjam district from the eligibile contractors as per DTCN.

| | | |
|---|---|---|
| 1 | Name of the work | Execution of different works of different P.W.S. Scheme in Ganjam District |
| 2 | No. of Work (Tender) | 03 Nos. |
| 3 | Estimated Cost (Approximate) | From Rs.10.55 lakhs to Rs.467.72 lakhs |
| 4 | Period of Completion | From 60 to 360 days |
| 5 | Date & time of availability of bid document in the portal | From 20.07.2022 at 11.00 hrs. to 10.08.2022 upto 17.00 hrs. |
| 6 | Last date & time for seeking clarification | 06.08.2022 upto 17.00 hrs. |
| 7 | Dt. of Opening of Bid | 12.08.2022 at 11.00 hrs. |
| 8 | Last date/time for receipt of bids in the portal | 10.08.2022 upto 17.00 hrs. |
| 9 | Name & address of the Officer Inviting Tender | Superintending Engineer, RWSS Division, Near Jarada Bunglow, Berhampur - 760004, Dist.- Ganjam, Odisha |

Further details can be seen from the e-procurement portal **https://tendersorissa.gov.in**.

OIPR-25035/11/0004/2223
**Superintending Engineer**
**RWS&S Division, Berhampur**



**SAMBALPURI BASTRALAYA**
**HLCS LTD., GOVINDPALI ROAD, BARGARH**
**SHORT TENDER CALL NOTICE**
**No. 1256 Dt.12.07.2022**

No. PP-22: Sealed tenders are invited from experienced individual/company to run the Garment Manufacturing Unit at Sambalpuri Bastralaya HLCS Ltd., Bargarh, Odisha. **The last date and time of submission of tender paper is Dt.02.08.2022 at 4.00 P.M.** at Bargarh which shall be opened on 03.08.2022 at 4.00 P.M. Refer to our website **www.sambalpuribastralaya.com**. All the information on this tender notice will be available in the above website.

**Sd./- S.K. Nag**
**Managing Director**
OIPR-31032/11/0014/2223

## ଲଗାଣ ବର୍ଷାରେ କାନ୍ଥ ଭୁଶୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ବାଙ୍କୀ,(ସ୍ୱ.ପ୍ର.): ଲଗାଣ ବର୍ଷାରେ ବାଙ୍କୀ ଥାନା ଅନ୍ତର୍ଗତ ବିଲିତେନ୍ତୁଳିଆ ଗାଁରେ ବୁଧବାର ରାତିରେ ମାଟି କାନ୍ଥ ଭୁଶୁଡ଼ି ପଡିବା ଯୋଗୁ ମହାଲକ୍ଷ୍ମୀ ବେହେରା (୬୦)ଙ୍କ ମୃତ୍ୟୁ ଘଟିଛି। ବୃଦ୍ଧା ଜଣକ ଘରେ ଶୋଇଥିବା ସମୟରେ ତାଙ୍କ ଉପରେ କାନ୍ଥ ମାଡି ବସିଥିଲା। ସ୍ଥାନୀୟ ଅଞ୍ଚଳର ପୂର୍ବତନ ନାଏବ ସରପଞ୍ଚ ଦିବ୍ୟଲୋଚନ ବେହେରାଙ୍କ ସେ ମାଆ ଅଟନ୍ତି। ତାଙ୍କର ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଏସ୍‌ସିବିରେ କିଡ୍‌ନୀ ପ୍ରତିରୋପଣ ପରେ ମିଳୁନି ଚିକିତ୍ସା

ଭୁବନେଶ୍ୱର, ୧୪।୭ (ବ୍ୟୁରୋ)

କଟକ ଏସ୍‌ସିବି ମେଡିକାଲରେ କିଡ୍‌ନୀ ପ୍ରତିରୋପଣ କରିଥିବା ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ମିଳୁନାହିଁ। କିଡ୍‌ନୀ ପ୍ରତିରୋପଣ ବିଭାଗ ମୁଖ୍ୟ ନେଫ୍ରୋଲୋଜିଷ୍ଟ ଡା. ପ୍ରଫେସର ଚିତ୍ତରଞ୍ଜନ କରଙ୍କ ମୃତ୍ୟୁପରେ ଏପରି ସ୍ଥିତି ଉପୁଜିଥିବା ଚିକିତ୍ସାରୁ ବଞ୍ଚିତ ରୋଗୀମାନେ ଅଭିଯୋଗ କରିଛନ୍ତି। ନେଫ୍ରୋଲୋଜିଷ୍ଟ ପ୍ରଫେସର ନ ଥିବାରୁ ରୋଗୀଙ୍କୁ ପୂର୍ବଭଳି ସେବା ମିଳୁନାହିଁ। ସେମାନଙ୍କୁ ଉନ୍ନତମାନର ଔଷଧ ଦିଆଯାଉ ନ ଥିବାବେଳେ ଠିକ୍ ଭାବେ ପରାମର୍ଶ ମଧ୍ୟ ଦିଆଯାଉ ନାହିଁ। ଫଳରେ ଶତାଧିକ ରୋଗୀ ହନ୍ତସନ୍ତ ହେଉଛନ୍ତି। ଏପରି ଅଭିଯୋଗ ଆଣି କିଡ୍‌ନୀ ପ୍ରତିରୋପଣ କରିଥିବା ରୋଗୀମାନେ ରାସ୍ତାକୁ ଓହ୍ଲାଇଛନ୍ତି। ଗୁରୁବାର କିଡ୍‌ନୀ ପ୍ରତିରୋପଣ ରୋଗୀ ସମୂହ ଓଡ଼ିଶା ପକ୍ଷରୁ ସେମାନେ ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିଠାରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରକାର ତୁରନ୍ତ ଏସ୍‌ସିବି ମେଡିକାଲ କଲେଜରେ ଆବଶ୍ୟକ ସଂଖ୍ୟକ ଭଲ ନେଫ୍ରୋଲୋଜିଷ୍ଟ ପ୍ରଫେସରଙ୍କୁ ନିଯୁକ୍ତି ଦେବା, ସ୍ୱର୍ଗତ ଡା. କରଙ୍କ ମେଡିସିନ୍ ପରାମର୍ଶ ପାଳନ କରିବା ଏବଂ ପୂର୍ବପରି ଉନ୍ନତମାନର ମେଡିସିନ୍ ଯୋଗାଇ ଦେବାକୁ ଦାବି କରାଯାଇଛି।

ଆହୁରି ମଧ୍ୟ ସେମାନେ କେତେକ ଗୁରୁତର ଅଭିଯୋଗ ଆଣିଛନ୍ତି। ମେଡିକାଲରେ ଏବେ କାମଚଳା ଭାବେ ଦାୟିତ୍ୱରେ ଥିବା ଡାକ୍ତରଙ୍କର ପ୍ରତିରୋପଣ ପରବର୍ତ୍ତୀ ଚିକିତ୍ସା ସମ୍ବନ୍ଧୀୟ ଅଭିଜ୍ଞତା ନାହିଁ। ତେଣୁ ରୋଗୀଙ୍କୁ ବାଧହୋଇ ଘରୋଇ ଡାକ୍ତରଖାନା ଉପରେ ଭରସା କରିବାକୁ ପଡୁଛି। ମାତ୍ର ଗରିବ ଶ୍ରେଣୀର ରୋଗୀମାନେ ଘରୋଇ ଡାକ୍ତରଖାନା ଯାଇ ନ ପାରି ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି। ଅପରପକ୍ଷେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ କିଡ୍‌ନୀ ପ୍ରତିରୋପଣ ରୋଗୀଙ୍କୁ ଉନ୍ନତମାନର ମେଡିସିନ୍ ଦିଆଯାଉ ନାହିଁ। ଅଧିକ ଖର୍ଚ୍ଚ ହେଉଥିବା ଦର୍ଶାଇ ମେଡିକାଲ କର୍ତ୍ତୃପକ୍ଷ ଉନ୍ନତମାନର ମେଡିସିନ୍ ଯୋଗାଣକୁ ବନ୍ଦ କରି ଦେଇଛନ୍ତି। ଏହାବଦଳରେ ଓଏମ୍‌ସିଏଲ୍ ଜରିଆରେ ନିମ୍ନମାନର ଔଷଧ ନେବାକୁ ବାଧ୍ୟ କରାଯାଉଛି। ଏହା ସେବନ କରିବା ପରେ ସ୍ୱାସ୍ଥ୍ୟାବସ୍ଥା ଖରାପ ହେଉଥିବା ସମ୍ପୃକ୍ତ ରୋଗୀମାନେ ଅଭିଯୋଗ କରିଛନ୍ତି। ନେଫ୍ରୋଲୋଜିଷ୍ଟ ପ୍ରଫେସର ଓ ଉନ୍ନତମାନର ମେଡିସିନ୍ ପାଇଁ ରୋଗୀମାନେ ବାରମ୍ବାର ମେଡିକାଲ କର୍ତ୍ତୃପକ୍ଷ, ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ସମେତ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ସୁଦ୍ଧା କେହି ଗୁରୁତ୍ୱ ଦେଉନାହାନ୍ତି। ଫଳରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ କିଡ୍‌ନୀ ପ୍ରତିରୋପଣ ରୋଗୀଙ୍କ ଜୀବନ ଏବେ ସଙ୍କଟରେ ପଡିଛି।



ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ କିଡ୍‌ନୀ ପ୍ରତିରୋପଣ କରିଥିବା ରୋଗୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ରାସ୍ତାକୁ ଓହ୍ଲାଇଲେ ରୋଗୀ**

- ରାସ୍ତାକୁ ଓହ୍ଲାଇଲେ ରୋଗୀ, ବିଧାନସଭା ସମ୍ମୁଖରେ ଧାରଣା, ବିକ୍ଷୋଭ
- ବିଏସ୍‌କେୱାଇ ଯୋଜନାରେ ଉନ୍ନତମାନର ମେଡିସିନ୍ ଦିଆଯାଉ ନାହିଁ
- ଅଭିଜ୍ଞ ନେଫ୍ରୋଲୋଜିଷ୍ଟ, ଉପଯୁକ୍ତ ଚିକିତ୍ସା ପ୍ରଦାନ ଦାବି

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- କସ୍ତୁରବା ନାରୀ ମହଲ ପକ୍ଷରୁ କୁମାର ଉତ୍ସବ, କସ୍ତୁରବା ନାରୀ ମହଲ, ପୂର୍ବାହ୍ଣ ୯ଟା।
- ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ, ନୟାପଲ୍ଲୀ, ପୂର୍ବାହ୍ଣ ୯ଟା ୩୦।
- ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ଏ- ଗ୍ରେଡ୍ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା, ବୁଦ୍ଧ ମନ୍ଦିର ପରିସର, ପୂର୍ବାହ୍ଣ ୧୦ଟା ୩୦।
- ପଲିଟେକ୍‌ନିକ୍ ପକ୍ଷରୁ ଚୁକ୍ତି ସାକ୍ଷରିତ ଉତ୍ସବ, ଇନ୍‌ଷ୍ଟିଚ୍ୟୁଟ୍‌ର ସମ୍ମିଳନୀ କକ୍ଷ, ପୂର୍ବାହ୍ଣ ୧୧ଟା।
- ସୁଧାଂଶୁ ମିଶ୍ର ମେମୋରିଆଲ୍ ଟ୍ରଷ୍ଟ ବକ୍ତୃତା, ସିୱାଇଏସ୍‌ଡି ଅଡିଟୋରିୟମ୍, ଅପରାହ୍ଣ ୪ଟା।
- ବିଶ୍ୱ ଯୁବ ଦକ୍ଷତା ଦିବସ, ଏସ୍‌ସିଟିଇଆଣ୍ଡଭିଟି, ଅପରାହ୍ଣ ୫ଟା ୧୫।
- ଡିଲାଇଟ୍ ଏଣ୍ଟରଟେନ୍ ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ସଙ୍ଗୀତ 'ମଲାଜହ୍ନ' ଶୁଭାରମ୍ଭ, ସର୍ଭିବ୍ରେଶନ୍ କ୍ରୋମା ଷ୍ଟୁଡିଓ, ସନ୍ଧ୍ୟା ୬ଟା ୩୦।
- କଳିଙ୍ଗର ୮ମ ସ୍ୱନକ୍ଷତ୍ର ଦିବସ, ହୋଟେଲ ସ୍ୱସ୍ତି ପ୍ରିମିୟମ୍, ସନ୍ଧ୍ୟା ୭ଟା।

**କଟକ**

- ବିଶ୍ୱ ଯୁବ ଦକ୍ଷତା ଦିବସ, ସରକାରୀ ଆଇଟିଆଇ ପରିସର, ଖପୁରିଆ, ପୂର୍ବାହ୍ଣ ୧୦ଟା।
- ଭୁବନାନନ୍ଦ ଓଡ଼ିଶା ସ୍କୁଲ ଅଫ୍ ଇଞ୍ଜିନିୟରିଂ ପକ୍ଷରୁ ଟେକ୍ନୋ ଏକ୍ସପୋ-୨୦୨୨, ବୋଷ ପରିସର, ଏସ୍‌ସିବି ମେଡିକାଲ କଲେଜ ରୋଡ୍, ପୂର୍ବାହ୍ଣ ୧୧ଟା।
- ସ୍ୱାମୀ ବିବେକାନନ୍ଦ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରିହାବିଲିଟେଶନ ଟ୍ରେନିଂ ଆଣ୍ଡ ରିସର୍ଚ୍ଚର ବାର୍ଷିକୋତ୍ସବ, ଇନ୍‌ଷ୍ଟିଚ୍ୟୁଟ୍ ପରିସର, ଓଲଟପୁର, ପୂର୍ବାହ୍ଣ ୧୧ଟା।
- ଫାଇନାନ୍ସିଆଲ ଲିଟେରେସି କ୍ୟାମ୍ପ, ନିମାଇଶାପୁର, କଟକ ସଦର, ପୂର୍ବାହ୍ଣ ୧୧ଟା।

## ନବବଧୂ ନିଖୋଜ ଅଭିଯୋଗ

ନିଶ୍ଚିନ୍ତକୋଇଲି,୧୪।୭(ଡି.ଏନ୍.ଏ.): ବିବାହର ମାତ୍ର ଏକମାସ ଭିତରେ ଜଣେ ନବବଧୂ ରହସ୍ୟ ଜନକ ଭାବେ ଶାଶୁଘରୁ ନିଖୋଜ ହେବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରକୃତରେ ନବବଧୂ ନିଖୋଜ ହୋଇଛନ୍ତି, ନା ତାଙ୍କୁ କେହି ଅପହରଣ କରିନେଇଛନ୍ତି ତାହାକୁ ନେଇ ଦିନକୁ ଦିନ ସନ୍ଦେହ ଘନୀଭୂତ ହେବାରେ ଲାଗିଛି। ସୂଚନା ମୁତାବକ, ଏକମାସ ତଳେ ଜଗତପୁର ଗ୍ରାମର ଜଣେ ଯୁବତୀ ନିଶ୍ଚିନ୍ତକୋଇଲି ଥାନା ଜିମ୍ପିପୁର ପଞ୍ଚାୟତ ମହାଜନପୁର ଗ୍ରାମରେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର ମାତ୍ର ଅଳ୍ପଦିନ ଶାଶୁଘରେ ନବବଧୂ ସୁଖରେ ଦିନ କାଟିଥିଲେ। ଗତ ୧୨ ତାରିଖରେ ସେ ନିଖୋଜ ହୋଇଯାଇଥିବା ଶାଶୁଘର ପକ୍ଷରୁ ସଫେଇ ଦିଆଯାଇଥିଲା। ଏ ସମ୍ପର୍କରେ ନବବଧୂଙ୍କ ଭାଇ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ନବବଧୂଙ୍କ ମୋବାଇଲ ସୁଇଚ୍ ଅଫ ଥିବା ଯୋଗୁ ସନ୍ଦେହ ଦିନକୁଦିନ ବଢ଼ିବାରେ ଲାଗିଛି। ତେବେ ସମ୍ପୃକ୍ତ ନବବଧୂଙ୍କୁ ଠାବ କରିବା ପାଇଁ ନିଶ୍ଚିନ୍ତକୋଇଲି ଥାନା ପୋଲିସ ଜାଲ ବିଛାଇଥିବା ଆଇଆଇସି ଚିନ୍ମୟୀ ସାହୁ ପ୍ରକାଶ କରିଛନ୍ତି।



ରାଗିଂକୁ ନେଇ ଆତ୍ମହତ୍ୟା କରିଥିବା ବିଜେବି ଛାତ୍ରୀ ରୁଚିକାଙ୍କୁ ନ୍ୟାୟ ଦାବିରେ ଆସନ୍ତା ୧୯ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଏଥିରେ ଛାତ୍ରୀଛାତ୍ରମାନେ ସାମିଲ ହେବା ପାଇଁ ଗୁରୁବାରଠାରୁ କଲେଜରେ ଜନଜାଗରଣ ସୃଷ୍ଟି କରାଯାଉଛି। ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ନବନିର୍ମାଣ ଯୁବ ଛାତ୍ର ସଙ୍ଗଠନ ପକ୍ଷରୁ କ୍ୟାମ୍ପେନ୍ କରାଯାଉଛି।

# ଘରୋଇ ସ୍କୁଲ ଆର୍ଥିକ କାରବାରର ଅଡିଟ୍ ହେଉ

ଭୁବନେଶ୍ୱର, ୧୪।୭ (ବ୍ୟୁରୋ)

**ମୁଖ୍ୟ ଶାସନ ସଚିବଙ୍କୁ ଓଡିଶା ଅଭିଭାବକ ମହାସଂଘର ଚିଠି**

ଘରୋଇ ସ୍କୁଲଗୁଡିକର ଆର୍ଥିକ କାରବାରରେ ସ୍ୱଚ୍ଛତା ପାଇଁ ସରକାର ପ୍ରତି ବର୍ଷ ଅଡିଟ କରିବାକୁ ଦାବି କରିଛି ଓଡିଶା ଅଭିଭାବକ ମହାସଂଘ। ଏନେଇ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ ଚିଠି ମାଧ୍ୟମରେ ମୁଖ୍ୟ ଶାସନ ସଚିବ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବଙ୍କ ପାଖରେ ଏହି ଦାବି ରଖିଛନ୍ତି। ରାଜ୍ୟରେ ସ୍ୱୀକୃତିପ୍ରାପ୍ତ ୪୨୬୪ ଓ ବେଆଇନ ଭାବେ ପ୍ରାୟ ୮୫୦୦ ଘରୋଇ ସ୍କୁଲ ଚାଲୁଛି। ଅଧିକାଂଶ ଘରୋଇ ସ୍କୁଲ ଅଭିଭାବକଙ୍କଠାରୁ ଢେର ଅଧିକ ଫି' ଆଦାୟ କରୁଛନ୍ତି। ଓଡ଼ିଶାରେ କୌଣସି ସ୍ପଷ୍ଟ ଫି' ନିୟାମକ ଆକ୍ଟ ନ ଥିବାରୁ ଏପରି ହେଉଛି। ଘରୋଇ ସ୍କୁଲଗୁଡିକ ନିଜର ବିଳାସବ୍ୟସନ ଚଳଣି, ସ୍କୁଲ ଭିତ୍ତିଭୂମି ବଢାଇବା ସହ ସ୍କୁଲ ଫି' ନେଇ ଅନ୍ୟତ୍ର ବିନିଯୋଗ କରୁଛନ୍ତି। ସରକାରଙ୍କ ୨୦୧୩ ଗେଜେଟରେ ସବୁ ପ୍ରାଇଭେଟ୍ ସ୍କୁଲକୁ ଅଡିଟ କରିବାର ଆଇନ ରହିଛି। ଆଦାୟ ହେଉଥିବା ଫି'କୁ ଠିକ୍ ବାଟରେ ଖର୍ଚ୍ଚ କରାଯାଉଛି କି ନାହିଁ, ଶିକ୍ଷକ ଓ କର୍ମଚାରୀ ଠିକ୍ ଭାବେ ଦରମା ପାଉଛନ୍ତି କି ନାହିଁ, ଆଦାୟ ଅର୍ଥ ଅନ୍ୟତ୍ର ବିନିଯୋଗ ହେଉଛି କି ଏହି ସବୁର ତଦାରଖ ପାଇଁ ଉକ୍ତ ନିୟମ ରହିଛି। ରାଜ୍ୟରେ ଡିଏଭି ସ୍କୁଲ ସମୂହ, ଓଡିଏମ୍, ମଦର, ବିଜେଇଏମ୍, ଲୋୟଲା, ସେଣ୍ଟ ଯୋଶେଫ ଭଳି ବହୁ ବଡ଼ ବଡ଼ ସ୍କୁଲରେ ହଜାର ହଜାର ପିଲା ପାଠ ପଢୁଛନ୍ତି। ସେମାନଙ୍କଠାରୁ ଆଡ୍‌ମିଶନ, ରି-ଆଡ୍‌ମିଶନ, ୟୁନିଫର୍ମ, ବହି, ସ୍ମାର୍ଟ କ୍ଲାସ ଆଦି ଅନେକ ବାବଦକୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରାଯାଉଛି। କିଛି ସ୍କୁଲ ନିଜର ଆତ୍ମୀୟ ସ୍ୱଜନଙ୍କୁ କର୍ମଚାରୀ ବୋଲି ଦର୍ଶାଇ ସେମାନଙ୍କ ଆକାଉଣ୍ଟକୁ ଲକ୍ଷ ଲକ୍ଷ ଟଙ୍କା ଟ୍ରାନ୍ସଫର କରୁଛନ୍ତି। ବିଶେଷକରି ଭୁବନେଶ୍ୱରରେ ଥିବା ବଡ଼ବଡ଼ ସ୍କୁଲ କୋଟି କୋଟି ଟଙ୍କା ହଡପ କରିବାର ଉଦାହରଣ ରହିଛି। ସେପଟେ କିଛି ସ୍କୁଲ ବେଆଇନ ପ୍ରାଇଭେଟ ପବ୍ଲିକେଶନ ବହି ବିକ୍ରି କରି ମୁଦ୍ରିତ ଦାମ୍‌ର ୫୦% ପର୍ଯ୍ୟନ୍ତ ମୁନାଫା କରିଥିବା ଲକ୍ଷ ଲକ୍ଷ ଟଙ୍କାକୁ ଅନ୍ୟ ଆକାଉଣ୍ଟକୁ ଟ୍ରାନ୍ସଫର କରୁଛନ୍ତି। ଅଡିଟ ହେଲେ ସବୁସତ ପଦାକୁ ଆସିପାରିବ ଓ ସବୁ ବ୍ୟବସ୍ଥା ଠିକ ଚାଲିବ। ତେଣୁ ଅଡିଟ୍ କରିବା ପାଇଁ ଓଡିଶା ଅଭିଭାବକ ମହାସଂଘର ମୁଖପାତ୍ର ଓ ସହ ଅଧ୍ୟକ୍ଷ ପ୍ରସନ୍ନ ବିଶୋଇ ସରକାରଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି।

# କ୍ୟାପିଟାଲ ଓ ହରିହର କ୍ୟାନ୍‌ସର ହସ୍ପିଟାଲରେ ଆଉଟ୍‌ସୋର୍ସିଂକୁ ବିରୋଧ

ଭୁବନେଶ୍ୱର,୧୪।୭(ବ୍ୟୁରୋ)

କ୍ୟାପିଟାଲ ହସ୍ପିଟାଲ, ହରିହର କ୍ୟାନ୍‌ସର ହସ୍ପିଟାଲରେ ଆଉଟ୍‌ସୋର୍ସିଂରେ ନିଯୁକ୍ତି ନିଷ୍ପତ୍ତିକୁ କଂଗ୍ରେସ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଗୁରୁବାର ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଓ ଧାରଣା ଭୁବନେଶ୍ୱର ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ କଂଗ୍ରେସ ନେତା ତଥା ବିଧାୟକ ସୁରେଶ କୁମାର ରାଉତରାୟ ସରକାରଙ୍କୁ କଟୁ ସମାଲୋଚନା କରିବା ସହିତ ଏହି ନିଷ୍ପତ୍ତିରୁ ତୁରନ୍ତ ଓହରି ଯାଆନ୍ତୁ ବୋଲି କହିଥିଲେ। ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କା ସରକାର ସିଧାସଳଖ ନିଯୁକ୍ତି ଦେବା ପରିବର୍ତ୍ତେ କାହିଁକି ରାଜ୍ୟର ଯୁବକଙ୍କ ଭବିଷ୍ୟତକୁ କିଛି ବେପାରୀଙ୍କ ହାତରେ ଟେକିଦେଉଛନ୍ତି ବୋଲି କହିଥିଲେ। ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଆସନ୍ତା ଦିନରେ ସରକାର ଏହି ନିଷ୍ପତ୍ତିରୁ ନ ଓହରିଲେ ଜନସାଧାରଣଙ୍କ ସ୍ୱାର୍ଥରକ୍ଷା ପାଇଁ ଲଢ଼େଇ ଜୋରଦାର ହେବ ବୋଲି କହିଛନ୍ତି। ସେମାନଙ୍କ ଅଭିଯୋଗ ହେଲା, ସରକାର ଦୀର୍ଘ ୨୨ବର୍ଷ ଶାସନରେ ରହିବା ପରେ ମଧ୍ୟ ସର୍ବନିମ୍ନ ସେବା ଯୋଗାଇବାରେ ଅପାରଗ ଓ ଅସମର୍ଥ। କ୍ୟାପିଟାଲ ହସ୍ପିଟାଲକୁ ରାଜ୍ୟର ଅନ୍ୟତମ ଉତ୍କୃଷ୍ଟ ଚିକିତ୍ସାଳୟ ସହ ମେଡିକାଲ କଲେଜରେ ପରିଣତ କରିବା ପାଇଁ ନବୀନ ସରକାର ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ଶହ ଶହ କୋଟି ଟଙ୍କାର ଯନ୍ତ୍ରପାତି ଖରିଦ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେଗୁଡ଼ିକ କାର୍ଯ୍ୟକ୍ଷମ କରାଗଲା ନାହିଁ। ସରକାର ସ୍ୱାସ୍ଥ୍ୟସେବା ଭଳି ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସିଧାସଳଖ ନିଯୁକ୍ତି ପ୍ରଦାନ ନ କରି ଆଉଟ୍‌ସୋର୍ସିଂ କରିବା ପାଇଁ ନିଷ୍ପତ୍ତି ନେଇସାରିଛନ୍ତି। ସେହିପରି ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ର କର୍କଟ ରୋଗୀଙ୍କ ଆଶା ଭରସା। ଯଦି ସରକାର ନିଜେ ନିଯୁକ୍ତି କରିପାରୁ ନାହାନ୍ତି, ତାହାହେଲେ ବେସରକାରୀ ସଂସ୍ଥା କିଭଳି ଭାବରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ବିଭାଗର ତଦାରଖ କରିପାରିବ ସେ ନେଇ ଛାତ୍ର କଂଗ୍ରେସ ପକ୍ଷରୁ ପ୍ରଶ୍ନ କରାଯାଇଛି।



ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭୁବନେଶ୍ୱର ଜିଲା କଂଗ୍ରେସର ଧାରଣା।

## ଯବାନଙ୍କ ସନ୍ଦେହଜନକ ମୃତ୍ୟୁ

ନିରାକାରପୁର,୧୪।୭(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ଲେଣ୍ଡୋ ପଞ୍ଚାୟତ ଲେଣ୍ଡୋ ଗ୍ରାମରେ ଜଣେ ଆଇଆର୍‌ବି ଯବାନଙ୍କ ଜ୍ୱର ହୋଇ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଯାଇଛି। ସେ ହେଲେ ଉକ୍ତ ଗ୍ରାମର ସଞ୍ଜୀବ ସ୍ୱାଇଁ(୨୩)। ସେ ୨୦୧୮ ମସିହା ସେପ୍ଟେମ୍ବରରେ ଗଜପତି ଜିଲାରେ ଥିବା ତୃତୀୟ ବାଟାଲିୟନରେ ଯବାନ ଭାବେ ଯୋଗ ଦେଇଥିଲେ। ସେ ତିନି ଦିନ ପାଇଁ ଘରକୁ ଛୁଟିରେ ଆସିଥିବା ବେଳେ ଅସୁସ୍ଥ ଲାଗିବାରୁ ନିରାକାରପୁର ଅଞ୍ଚଳରେ ଥିବା ଏକ ମେଡିସିନ ଦୋକାନୀଙ୍କଠାରୁ ବୁଧବାର ଔଷଧ ଓ ଇଞ୍ଜେକ୍ସନ ନେଇ ଖାଇଥିଲେ। ତେବେ ଗୁରୁବାର ସକାଳୁ ତାଙ୍କର ଗୋଡ଼ହାତ ମୁହଁ ଫୁଲିଯିବା ସହ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହୋଇଯାଇଥିଲା। ଔଷଧ ଖାଇବାରୁ କିଛି ସମୟ ପୀଡ଼ା କମିଥିବାବେଳେ ପୂର୍ବାହ୍ଣ ପ୍ରାୟ ୧୦ଟା ୧୧ରେ ଆଉ କିଛି କହି ନ ଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଖୋର୍ଦ୍ଧା ସରକାରୀ ମେଡିକାଲକୁ ନେଇଥିଲେ ହେଁ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ତେବେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଦେବା ପରେ ଗ୍ରାମ ଶ୍ମଶାନରେ ଶବ ଦାହ କରାଯାଇଛି। ସଞ୍ଜୀବଙ୍କ ଅକାଳ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବ୍ୟାଙ୍କ ସମ୍ମୁଖରୁ ୧.୨ ଲକ୍ଷ ଲୁଟିନେଲେ

ନରସିଂହପୁର, ୧୪।୭ (ସ୍ୱ.ପ୍ର.)

ନରସିଂହପୁର ଥାନା ସଦର ମହକୁମାରେ ଗୁରୁବାର ଜନଗହଳିପୂର୍ଣ୍ଣ କ୍ଲବ ଛକ ୟୁକୋ ବ୍ୟାଙ୍କ ଆଗରୁ ଜଣେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ଭିଏଲଡବ୍ଲ୍ୟୁ)ଙ୍କ ବାଇକ୍ ଡିକିରୁ ଦୁର୍ବୃତ୍ତମାନେ ୧ ଲକ୍ଷ ୨ ହଜାର ଟଙ୍କା ଲୁଟି ନେଇଛନ୍ତି। ନରସିଂହପୁର ବ୍ଲକ ଜୟମଙ୍ଗଳ ପଞ୍ଚାୟତର ଭିଏଲ୍‌ଡବ୍ଲ୍ୟୁ ବିଭେଦ କୁମାର ସାହୁ ଭତ୍ତା ଟଙ୍କା ବାଣ୍ଟିବାକୁ ସଦର ମହକୁମା କ୍ଲବ ଛକରେ ଥିବା ୟୁକୋ ବ୍ୟାଙ୍କରୁ ଆସି ଟଙ୍କା ଉଠାଇଥିଲେ। ବାହାରକୁ ଆସି ବାଇକ୍ ଡିକିରେ ଟଙ୍କା ରଖି ନିକଟରେ ଥିବା ଏକ ଦୋକାନ ପାଖକୁ ଯାଇ କେତେଜଣ ଲୋକଙ୍କ ସହ କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ଦୁଇଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ଡିକି ଖୋଲି ଟଙ୍କାକୁ ନେଇ ପଳାଇଯାଇଥିଲେ। ପରେ ଭିଏଲଡବ୍ଲ୍ୟୁ ବାଇକ୍ ନିକଟକୁ ଆସି ଦେଖିଲା ବେଳକୁ ଡିକି ଭଙ୍ଗା ଯାଇଛି। ସେଥିରେ ରଖିଥିବା ଟଙ୍କାକୁ କେହି ନେଇ ପାଇଥିଲେ। ଭତ୍ତା ଟଙ୍କା ଚୋରି ହେବା ଖବରପାଇ ବିଡିଓ ପ୍ରଦୀପ କୁମାର ସାହୁ, ବ୍ୟାଙ୍କକୁ ଆସି ସିସିଟିଭି ଯାଞ୍ଚ କରିଥିଲେ। ଦୁଇଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଡିକିରୁ ଟଙ୍କା ଲୁଟ କରିଥିବା ଦେଖିବାକୁ ମିଳିଛି। କିନ୍ତୁ ଏତେ ପରିମାଣର ଟଙ୍କା ରଖି ଭିଏଲଡବ୍ଲ୍ୟୁ ଦାସ ବେପରୁଆ ଭାବେ କେମିତି ଗାଡି ଛାଡି ଅନ୍ୟତ୍ର ରହିଥିଲେ ତାକୁ ନେଇ ନା ନା ପ୍ରଶ୍ନ ସୃଷ୍ଟି କରିଛି। ଅପରାହ୍ଣରେ ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି ବୋଲି ଆଇଆଇସି ଅଭୟ ବେହେରା ସୂଚନା ଦେଇଛନ୍ତି। ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିବୁ ଯାହା ନିର୍ଦ୍ଦେଶ ଆସିବ ସେହିପରି ପଦକ୍ଷେପ ନିଆଯିବ ବୋଲି ବିଡିଓ ସାହୁ କହିଛନ୍ତି।

# ପୁଅକୁ ନେବା ପାଇଁ ମନା କଲେ ମା'

ପୁରୀ ଅଫିସ,୧୪।୭

**କଣ୍ଟା ହେଲା ପ୍ରେମ**

ମା'ଙ୍କ ସହ ଯିବାକୁ ପୁଅ ଜିଦ୍ କରୁଥିଲା। ଦୌଡ଼ି ଦୌଡ଼ି ମା'ଙ୍କୁ ଭିଡ଼ି ଧରୁଥିଲା। ହେଲେ ମା' ତାକୁ ଖୁସିରେ କୋଳେଇ ନେବା ପରିବର୍ତ୍ତେ ମାର୍‌ପିଟ୍ କରୁଥିଲେ, ପାଖରୁ ତଡ଼ି ଦେଉଥିଲେ। ଏପରି କି ଶେଷରେ ନିଜ ସାଥିରେ ନେବାକୁ ମନା କରି ଏକୁଟିଆ ଛାଡ଼ି ଚାଲିଗଲେ। ଗୁରୁବାର ଅପରାହ୍ଣ ପ୍ରାୟ ୧ଟାରେ ପୁରୀ ବେଳାଭୂମିରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ଘଟଣା ସେଠାରେ ଉପସ୍ଥିତ ଲୋକଙ୍କୁ ଯେତିକି ଦୁଃଖ ଦେଇଥିଲା, ସେତିକି ବିସ୍ମିତ ମଧ୍ୟ କରିଥିଲା। ନିଜ ନାବାଳକ ପୁଅକୁ ମା' ନିର୍ଯାତନା ଦେବା ଘଟଣା ସାମ୍ନାକୁ ଆସିଛି। ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ସମ୍ପୃକ୍ତ ନାବାଳକଙ୍କୁ ଉଦ୍ଧାର କରାଯାଇଛି। ଖବର ପାଇ ଚାଇଲ୍ଡ ହେଲ୍ପ ଲାଇନ୍ ଟିମ୍ ପହଞ୍ଚି ନାବାଳକଙ୍କୁ ସମ୍ପୃକ୍ତ ମହିଳାଙ୍କୁ ହସ୍ତାନ୍ତର କରିବାକୁ ଚାହିଁଥିଲେ ମଧ୍ୟ ସେ ଦାୟିତ୍ୱ ନେବାକୁ ମନା କରିଦେଇଥିଲେ। ସେ କହିଥିଲେ, 'ମୋର ପୁଅ ଦରକାର ନାହିଁ'। ଏହାପରେ ହେଲ୍ପ ଲାଇନ୍ ପକ୍ଷରୁ ନାବାଳକଙ୍କୁ ଅଣାଯାଇ ଶେଲଟର ହୋମ୍‌ରେ ରଖାଯାଇଛି। ଏହି ଘଟଣା ପୁରୀ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। କାହିଁକି ସମ୍ପୃକ୍ତ ମହିଳା ନିଜ ପୁଅକୁ ନିର୍ଯାତନା ଦେଉଥିଲେ ଓ ସାଥିରେ ନେବାକୁ ମନା କଲେ ତାହା ଏବେ ସାଧାରଣରେ ପ୍ରଶ୍ନ ହୋଇଛି।

ଏ ନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ କହିଛନ୍ତି, ନାବାଳକଙ୍କୁ ସମ୍ପୃକ୍ତ ମହିଳା ମାରପିଟ୍ କରୁଥିଲେ ବୋଲି ଲୋକଙ୍କଠାରୁ ଶୁଣିବାକୁ ପାଇଛୁ। ପ୍ରାଥମିକ ପର୍ଯ୍ୟାୟ ତଦନ୍ତରେ ସମ୍ପୃକ୍ତ ମହିଳାଙ୍କ ଘର କଟକରେ ବୋଲି ଜଣାପଡ଼ିଛି। ତାଙ୍କ ସ୍ୱାମୀଙ୍କର ଦେହାନ୍ତ ହୋଇସାରିଛି। ତେବେ ଗୁରୁବାର ସମ୍ପୃକ୍ତ ମହିଳାଙ୍କ ସହ ଜଣେ ଯୁବକଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ମହିଳାଙ୍କ ସହିତ ତାଙ୍କର ସମ୍ପର୍କ କ'ଣ ତାହା ଜଣାନାହିଁ। ହୁଏତ ସମ୍ପୃକ୍ତ ମହିଳା ଭୟଭୀତ ହୋଇ, କାହାରି ପ୍ରଭାବରେ ଆସି କିମ୍ବା ମାନସିକ ଭାରସାମ୍ୟ ହରାଇ ଏଭଳି ପ୍ରତିକ୍ରିୟା ଦେଖାଇଥାଇପାରନ୍ତି। ଏଣୁ ଶୁକ୍ରବାର ସମ୍ପୃକ୍ତ ମହିଳାଙ୍କ ସହିତ ପୁଣି ଥରେ ଆଲୋଚନା କରାଯିବ। ଏହା ପରେ ଯଦି ସେ ନିଜ ପୁଅର ଦାୟିତ୍ୱ ନେବାକୁ ଚାହିଁବେ ନାହିଁ ତେବେ ଶିଶୁ କଲ୍ୟାଣ କମିଟି ନିକଟରେ ନାବାଳକଙ୍କୁ ହାଜର କରାଯିବ। ସେହିଭଳି ଏକ ଟିମ୍ ତାଙ୍କ ଗ୍ରାମକୁ ପଠାଯିବ। ପରିବାରରେ ଏମାନଙ୍କ ଭିନ୍ନ ଆଉ କିଏ କିଏ ରହିଛନ୍ତି ସେନେଇ ଖୋଳତାଡ଼ ହେବ। ଏସମ୍ପର୍କରେ ପରିବାର ଲୋକଙ୍କୁ ଅବଗତ କରାଯିବ। ସେହିଭଳି ଶିଶୁ କଲ୍ୟାଣ କମିଟି ନିର୍ଦ୍ଦେଶକ୍ରମେ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ତ୍ରିପାଠୀ କହିଛନ୍ତି। ଶେଲଟର ହୋମ୍‌ରେ ନାବାଳକ ଜଣକ ସୁସ୍ଥ ଥିବା ହେଲ୍ପଲାଇନ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅନ୍ୟପକ୍ଷରେ ସ୍ଥାନୀୟ ଲୋକେ ସମ୍ପୃକ୍ତ ମହିଳାଙ୍କ ସହ ଥିବା ଯୁବକଙ୍କୁ ତାଙ୍କର ପ୍ରେମିକ ବୋଲି କହୁଛନ୍ତି। ନିଜ ପ୍ରେମିକଙ୍କ ସହିତ ଯିବା ପାଇଁ ସେ ପୁଅର ଦାୟିତ୍ୱରୁ ମୁକ୍ତ ହେବାକୁ ଚାହୁଁଥିବା ଶୁଣିବାକୁ ମିଳୁଛି।

# 'ବିଜ୍ଞାନକୁ ସମାଜ କଲ୍ୟାଣରେ ବ୍ୟବହାର କରାଯାଉ'

**ପ୍ରଥମ ଓଡ଼ିଆ ବିଜ୍ଞାନ ସମ୍ମିଳନୀ**

କଟକ ଅଫିସ, ୧୪।୭

ବିଜ୍ଞାନର ସଦୁପଯୋଗ ହେବା ଦରକାର। ପ୍ରକୃତିକୁ ରକ୍ଷାକରି ମାନବ ସମାଜର କଲ୍ୟାଣ ଦିଗରେ ବିଜ୍ଞାନକୁ ବ୍ୟବହାର କରାଯାଉ। ବର୍ତ୍ତମାନର ଯୁଗରେ ସମସ୍ତ ପିଲାଙ୍କୁ ସ୍ୱତନ୍ତ୍ରତା ଦେବାର ଆବଶ୍ୟକତା ରହିଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ଦି ଓଡ଼ିଶା ବିଜ୍ଞାନ ମଣ୍ଡଳ ପକ୍ଷରୁ ଗୁରୁବାର କଟକ ତୁଳସୀପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଥମ ଓଡ଼ିଆ ବିଜ୍ଞାନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ସେହିପରି ବିଶିଷ୍ଟ ଲେଖକ ଡ. ଅନିଲ କୁମାର ମିଶ୍ର ମୁଖ୍ୟବକ୍ତା ଭାବରେ ଯୋଗଦେଇ ଆଧୁନିକ ଜ୍ଞାନକୌଶଳ ଓ ବିଜ୍ଞାନର ବାର୍ତ୍ତାକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା ଲାଗି ଦି ଓଡ଼ିଶା ବିଜ୍ଞାନ ମଣ୍ଡଳର ଲକ୍ଷ୍ୟ ବୋଲି କହିଥିଲେ। ଏହି ଅବସରରେ ଗୋବିନ୍ଦ ଚନ୍ଦ୍ର ମହାନ୍ତଙ୍କୁ ଉତ୍କଳମଣି ଶିକ୍ଷା ସମ୍ମାନ, ପ୍ରଫେସର ଲମ୍ବୋଦର ପ୍ରସାଦ ସିଂଙ୍କୁ ଲକ୍ଷ୍ମଣ ମିଶ୍ର ଲୋକପ୍ରିୟ ବିଜ୍ଞାନ ପୁରସ୍କାର, ବିଶିଷ୍ଟ ଦନ୍ତ ଚିକିତ୍ସକ ଡା. ସଞ୍ଜିତ୍ କୁମାର ପଣ୍ଡାଙ୍କୁ ପ୍ରଫେସର ବାସୁଦେବ କର ଭେଷଜ ଚିକିତ୍ସା ସମ୍ମାନ, ବୈଜ୍ଞାନିକ ବିଜୟ କୁମାର ଶତପଥୀଙ୍କୁ ପ୍ରଫେସର ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ସମ୍ମାନ, ଗବେଷକ ପ୍ରଫେସର ଧନୁଷଧାରୀ ମିଶ୍ରଙ୍କୁ ଇଂ. ଭୁବନାନନ୍ଦ ପ୍ରଯୁକ୍ତି ବିଦ୍ୟା ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ରାଜ୍ୟପାଳଙ୍କୁ ଇଂ. ଅରୁଣ କୁମାର ସାହୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଫେସର ଗୌରାଙ୍ଗ ଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସୌଭାଗ୍ୟ ସ୍ୱାଇଁ ସ୍ୱାଗତ ଭାଷଣ, ଡ. ଗୌରୀଶଙ୍କର ସାହୁ ଅତିଥି ପରିଚୟ ପ୍ରଦାନ ଓ ବୈଜ୍ଞାନିକ ବିକାଶ କୁମାର ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଞ୍ଜୟ କୁମାର ପଟ୍ଟନାୟକ, ଦିବ୍ୟକିଶୋର ପଣ୍ଡା, ନାରାୟଣ ଷଡ଼ଙ୍ଗୀ, ଶାନ୍ତନୁ ପ୍ରଧାନ, ଡ. ସଚ୍ଚିନ୍ଦ୍ର ରାଉଳ, କିଶୋର ମହାନ୍ତି, ଅଜୟ ଜଟ, ପ୍ରକାଶ ପରିଜା, ସ୍ମୃତିରଞ୍ଜନ ମହାନ୍ତି, ପ୍ରଶାନ୍ତ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ସମ୍ମିଳନୀରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ବୋଧନ ଦେଉଛନ୍ତି।

# ବିଧାନସଭାରେ ହଙ୍ଗାମା



ରାଷ୍ଟ୍ରପତି ପ୍ରାର୍ଥିନୀ ଦ୍ରୌପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ନେତା ଅଜୟ କୁମାରଙ୍କ ଆପତ୍ତିଜନକ ମନ୍ତବ୍ୟକୁ ନେଇ ଗୁରୁବାର ବିଧାନସଭାରେ ଭାଜପା ବିଧାୟକଙ୍କ ହଟ୍ଟଗୋଳ।

**ଭୁବନେଶ୍ୱର, ୧୪।୭ (ବ୍ୟୁରୋ)**

ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ନେତା ଅଜୟ କୁମାରଙ୍କ ଆପତ୍ତିଜନକ ବୟାନକୁ ନେଇ ଭାଜପା ବିଧାନସଭାରେ ପ୍ରବଳ ହଟ୍ଟଗୋଳ କରିଛି। ଜଣେ ଆଦିବାସୀ ମହିଳାଙ୍କ ପ୍ରତି ଏଭଳି ମନ୍ତବ୍ୟ ଦେଇଥିବାରୁ କଂଗ୍ରେସ ବିରୋଧରେ ଏକ ନିନ୍ଦା ପ୍ରସ୍ତାବ ଅଣାଯାଉ ଦାବି କରି ଭାଜପା ସଦସ୍ୟମାନେ ବିଧାନସଭାରେ ହୋହାଲ୍ଲା କରିଛନ୍ତି। ଉଭୟ ଭାଜପା ଓ କଂଗ୍ରେସ ପରସ୍ପର ଗୋହି ଖୋଳାରେ ମାତି ଯାଇଥିଲେ। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଗୁରୁବାର ବିଧାନସଭା ଗୃହକାର୍ଯ୍ୟ ଅଚଳ ହୋଇଯାଇଥିଲା। ପ୍ରଶ୍ନୋତ୍ତର, ମୁଲତବୀ ଆଲୋଚନା ସବୁକିଛି ବରବାଦ ହୋଇଯାଇଥିଲା।

ଗୁରୁବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ବିକ୍ରମ କେଶରୀ ଆରୁଖ ପ୍ରଶ୍ନୋତ୍ତର ଆରମ୍ଭ କରିବା ମାତ୍ରେ ଭାଜପା ସଦସ୍ୟମାନେ ହାତରେ ପ୍ଲାକାର୍ଡ ଧରି ଗୃହର ମଧ୍ୟଭାଗକୁ ମାଡ଼ି ଆସି ହଟ୍ଟଗୋଳ କରିଥିଲେ। ଶୂନ୍ୟକାଳରେ ଏହିପ୍ରସଙ୍ଗ ଉଠାଇବାକୁ ବାଚସ୍ପତି କହିଥିଲେ ମଧ୍ୟ ଭାଜପା ସଦସ୍ୟମାନେ ଶୁଣି ନ ଥିଲେ। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ଚେଷ୍ଟା କରିଥିଲେ। ମାତ୍ର ସଫଳ ହୋଇ ନ ଥିଲେ। ଭାଜପା ଓ କଂଗ୍ରେସ ସଦସ୍ୟମାନଙ୍କ ହୋହାଲ୍ଲାକୁ ଦେଖି ବାଚସ୍ପତି ଗୃହକୁ ୧୦ଟା ୩୫ ମିନିଟରୁ ୧୧ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ। ପୂର୍ବାହ୍ନ ୧୧ଟା ୩୦ ମିନିଟରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝିଙ୍କୁ କହିବାକୁ ସୁଯୋଗ ଦେଇଥିଲେ। ସେ କହିଲେ, କଂଗ୍ରେସର ରାଷ୍ଟ୍ରୀୟ ପ୍ରବକ୍ତା ଅଜୟ କୁମାର ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀଙ୍କ ଉପରେ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହାକୁ ଭାଜପା ଦୃଢ଼ ନିନ୍ଦା କରୁଛି। ଜଣେ ଆଦିବାସୀ ମହିଳା ଯେ କି ରାଷ୍ଟ୍ରପତି ହେବାକୁ ଯାଉଛନ୍ତି ତାଙ୍କ ଉପରେ କଂଗ୍ରେସ ଏଭଳି ମନ୍ତବ୍ୟ ଦେଇ ଆଦିବାସୀଙ୍କୁ ଅପମାନିତ କରିଛି। ଏନ୍‌ଡିଏ ପ୍ରାର୍ଥୀ ମୁର୍ମୁଙ୍କୁ ଅଣଏନ୍‌ଡିଏ ଦଳ ବିଜେଡି, ବିଏସ୍‌ପି ଭଳି ଆଞ୍ଚଳିକ ଦଳ ନିଃସର୍ତ୍ତ ସମର୍ଥନ ଦେଇଛନ୍ତି। ରାଷ୍ଟ୍ରପତି ପ୍ରାର୍ଥୀଙ୍କର ଚରିତ୍ର ସଂହାର କରାଯାଇଛି। ଦଳିତ, ଆଦିବାସୀମାନେ ମୁଖ୍ୟ ସ୍ରୋତକୁ ଫେରିବା ପାଇଁ ଉଦ୍ୟମ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେମାନଙ୍କୁ ଉଚ୍ଚ ସ୍ଥାନକୁ ନେବାକୁ ଅହରହ ଚେଷ୍ଟା କରୁଛନ୍ତି। କଂଗ୍ରେସର ଏଭଳି ମନ୍ତବ୍ୟ ବିରୋଧରେ ବିଧାନସଭାରେ ଏକ ନିନ୍ଦା ପ୍ରସ୍ତାବ ଅଣାଯାଉ। ନଚେତ୍ ଦଳିତ ଲୋକ କେବେ କ୍ଷମା ଦେବେ ନାହିଁ। କଂଗ୍ରେସ

### ଦ୍ରୌପଦୀଙ୍କ ପ୍ରତି କଂଗ୍ରେସ ନେତାଙ୍କ ଆପତ୍ତିଜନକ ମନ୍ତବ୍ୟ

ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ଭାଜପା ଏତେ ଅସହିଷ୍ଣୁ ହେବାକଥା ନୁହେଁ। ଗଣତନ୍ତ୍ରରେ ସେମାନେ ଆମକୁ ସମାଲୋଚନା କରିବେ, ଆମେ ସେମାନଙ୍କୁ ସମାଲୋଚନା କରିବୁ। ଦ୍ରୌପଦୀଙ୍କ ଉପରେ କୌଣସି ଆପତ୍ତିଜନକ ଶବ୍ଦ ବ୍ୟବହାର କରାଯାଇ ନାହିଁ। ବ୍ୟକ୍ତିଗତ ଭାବେ ମୁଁ ତାଙ୍କୁ ବହୁତ ଭଲ ପାଏ। ସେ ଅତ୍ୟନ୍ତ ଭଦ୍ର ଓ ନମ୍ର। ଗୃହର ସଦସ୍ୟ ନ ଥିବା କୌଣସି ବ୍ୟକ୍ତିଙ୍କ ଉପରେ ବିଧାନସଭାରେ କୁହାଯାଇପାରିବ ନାହିଁ। ରାହୁଲ ଗାନ୍ଧୀ, ଅଜୟ କୁମାର ଏ ଗୃହର ସଦସ୍ୟ ହୋଇ ନ ଥିବାରୁ ସେମାନଙ୍କ ବିଷୟରେ ଏଠାରେ ଆଲୋଚନା ହୋଇପାରିବ ନାହିଁ। ବିଧାନସଭା ନିୟମାବଳୀରେ ଏହା ଉଲ୍ଲେଖ ରହିଛି। ବିଧାନସଭା ବିବରଣୀରୁ ଏହାକୁ ବାଦ୍ ଦେବା ଦରକାର। ମହାତ୍ମା ଗାନ୍ଧୀ ହତ୍ୟାକାରୀଙ୍କ ଚିନ୍ତାଧାରାରେ ଏହି ଦଳ ଅନୁପ୍ରାଣିତ ହୋଇଛି। ଏହା କହିବା ବେଳେ ଭାଜପା ସଭ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ବାଚସ୍ପତି ବାଧ୍ୟ ହୋଇ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଗୃହ ବାହାରେ ମଧ୍ୟ ଭାଜପା ସଦସ୍ୟମାନେ ପ୍ଲାକାର୍ଡ ଦେଖାଇ ବିକ୍ଷୋଭ କରିଥିଲେ। ଅପରାହ୍ନ ଅଧିବେଶନରେ ଗୃହ ସ୍ୱାଭାବିକ ହୋଇଥିଲା।

# ରାହୁଲ ଗାନ୍ଧୀ କ୍ଷମା ମାଗନ୍ତୁ

**ଭୁବନେଶ୍ୱର, ୧୪।୭ (ବ୍ୟୁରୋ)**

### ଭାଜପା ଯୁବମୋର୍ଚ୍ଚାର ଦାବି

ଓଡ଼ିଶାର ଜଣେ ଆଦିବାସୀ ଝିଅକୁ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ମନୋନୀତ କରାଯାଇଥିବାରୁ ଦେଶ ତଥା ବିଦେଶରୁ ଶୁଭେଚ୍ଛାର ସୁଅ ଛୁଟୁଛି। ସ୍ୱାଧୀନତା ପରବର୍ତ୍ତୀ ଦୀର୍ଘ ସମୟ ଧରି ଶାସନ କ୍ଷମତାରେ ରହି ମଧ୍ୟ ଆଦିବାସୀ ଓ ଦଳିତଙ୍କ ବିକାଶ ପାଇଁ କୌଣସି ବିକାଶମୂଳକ କାର୍ଯ୍ୟ କରି ନ ଥିବା କଂଗ୍ରେସ କିନ୍ତୁ ଏହାକୁ ସହ୍ୟ କରିପାରୁନାହିଁ ବୋଲି ଭାଜପା ଅଭିଯୋଗ କରିଛି। ଭାଜପା ପକ୍ଷରୁ କୁହାଯାଇଛି, ରାହୁଲ ଗାନ୍ଧୀଙ୍କ ପ୍ରତ୍ୟକ୍ଷ ଇଙ୍ଗିତରେ କଂଗ୍ରେସ ମୁଖପାତ୍ର ଅଜୟ କୁମାର ଯେଉଁଭଳି ହୀନ ମନ୍ତବ୍ୟ ଦେଇଛନ୍ତି ତାହା ଅତ୍ୟନ୍ତ ଲଜ୍ଜାଜନକ। କଂଗ୍ରେସର ମହିଳା ଓ ଆଦିବାସୀ ବିରୋଧୀ ମାନସିକତା ପଦାରେ ପଡ଼ିଛି। କଂଗ୍ରେସ ସର୍ବଦା ଓଡ଼ିଶା ଏବଂ ଓଡ଼ିଆଙ୍କୁ ଅପମାନିତ କରିଆସିଛି । କଂଗ୍ରେସ ନେତା ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ଯେଉଁ ଭାଷାର ବ୍ୟବହାର କରିଛନ୍ତି ଏହା କେବଳ ତାଙ୍କୁ ନୁହେଁ ବରଂ ତାଙ୍କ ସଂଘର୍ଷକୁ ଅପମାନିତ କରିଛି। ଏଥିପାଇଁ କଂଗ୍ରେସ ଦଳ କେବଳ ଦ୍ରୌପଦୀ ମୁର୍ମୁଙ୍କୁ ନୁହେଁ, ସମଗ୍ର ଆଦିବାସୀ ସମ୍ପ୍ରଦାୟ ଓ ରାଜ୍ୟବାସୀଙ୍କୁ କ୍ଷମା ମାଗିବାକୁ ପଡ଼ିବ। କଂଗ୍ରେସର ଏଭଳି ହୀନ ମନ୍ତବ୍ୟକୁ ବିରୋଧକରି ଗୁରୁବାର ଯୁବମୋର୍ଚ୍ଚା ତରଫରୁ ରାଜ୍ୟବ୍ୟାପୀ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ କଂଗ୍ରେସ ନେତାଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି। ଏଭଳି ହୀନ ଓ ଘୃଣ୍ୟ ମନ୍ତବ୍ୟ ପାଇଁ କଂଗ୍ରେସ ଏବଂ ଦଳର ନେତା ରାହୁଲ ଗାନ୍ଧୀ ତୁରନ୍ତ ଦେଶବାସୀଙ୍କ ସମ୍ମୁଖରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଯୁବମୋର୍ଚ୍ଚା ଦାବି କରିଛି।


## TENDER CANCELLATION NOTICE

**Advt. No. 2955** **Date: 10.07.2022**

No. E-305: Due to some unavoidable circumstances the Tender Call Notice bearing No. 1090 Dt.21.06.2022 for operation and management of E-Rickshaw for CDM & PHO, Sundargarh is hereby cancelled.

**Sd./- Chief District Medical & Public Health Officer, Sundargarh**

OIPR-10100/11/0013/2223



## OFFICE OF THE ANGUL MUNICIPALITY, ANGUL

**e-Procurement Notice**

**Bid Identification No. EO/AGLM-04/2022-23**

**No. C-777** **email ID: angulmunicipality@gmail.com**

**No. 2987** **Date: 13.07.2022**

1. Name of Work : Supplying & Installation of FRP statue of different Freedom Fighter at Gopabandhu Park of Angul Municipality
2. Period of Delivery : 30 Days
3. Date & time of availability of bid document in the portal : Dt.14.07.2022 at 10.00 A.M.
4. Last date/time for receipt of bid in the portal : Dt.25.07.2022 upto 5.00 P.M.
5. Date of Opening Bid : Dt.26.07.2022 at 11.00 A.M.
6. Name and address of the Office Inviting Bid : Executive Officer, Angul Municipality, Angul
7. The bidders have to participate in ONLINE bidding only.

Further details can be seen from the e-procurement portal **https://tendersodisha.gov.in**.

**Sd./- G.S. Mallick**
**Executive Officer, Angul Municipality**

**OIPR-13085/11/0012/2223**



## ବିଜ୍ଞାପିତ ଅଞ୍ଚଳ ପରିଷଦ, ଗଞ୍ଜାମ

**ସ୍ଥାନ- ବଡ଼ ବଜାର, ଗଞ୍ଜାମ, ଦୂରଭାଷ ନଂ. ୨୫୪୩୫୭, ପିନ୍ ନଂ.- ୭୬୧୦୨୬**

ତା ୧୩୪୨ ୧୩।୭।୨୨

**ଇ-କ୍ରୟ ବିଜ୍ଞପ୍ତି ପତ୍ର ସଂଖ୍ୟା-୧୩୩୨,** **ତା-୧୨.୦୭.୨୦୨୨**

**ଟେଣ୍ଡର ସର୍ଭେ ନଂ.- ୦୧/୨୦୨୨-୨୩ ଏନ୍.ଏ.ସି., ଗଞ୍ଜାମ**

No.C-770:- ଗଞ୍ଜାମ ଏନ୍.ଏ.ସି. ଇ-କ୍ରୟ ମାଧ୍ୟମରେ ଏକକ କଭର ପଦ୍ଧତିରେ ଗଞ୍ଜାମ ଏନ୍.ଏ.ସି. ଅନ୍‌ଲାଇନ୍ ବିଡ୍ ଆମନ୍ତ୍ରଣ କରେ।

୧. କାର୍ଯ୍ୟର ମୋଟ ସଂଖ୍ୟା:- ୧୪ ଗୋଟି।
୨. କାର୍ଯ୍ୟଗୁଡ଼ିକର ମୂଲ୍ୟ:- ୧ ଲକ୍ଷଠାରୁ ୧୪.୯୯ ଲକ୍ଷ ପର୍ଯ୍ୟନ୍ତ।
୩. ପୋର୍ଟାଲ୍‌ରେ ବିଡ୍ ଡକ୍ୟୁମେଣ୍ଟ ଉପଲବ୍ଧ ହେବାର ତାରିଖ ଏବଂ ସମୟ:- ୧୧.୦୭.୨୨ ଦିବା ୧୦.୦୦ ଘଟିକା ଠାରୁ ତା୨୧.୦୭.୨୦୨୨ ଅପରାହ୍ନ ୫.୦୦ ପର୍ଯ୍ୟନ୍ତ।
୪. ପୋର୍ଟାଲ୍‌ରେ ବିଡ୍ ଗ୍ରହଣ କରିବା ଶେଷ ତାରିଖ: ୨୧.୦୭.୨୨ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ।
୫. ଏହି କାର୍ଯ୍ୟାଳୟରେ ମୂଳ ଦଲିଲ୍ ଦାଖଲ କରିବାର ଶେଷ ତାରିଖ:- ୨୫.୦୭.୨୦୨୨ ଅପରାହ୍ନ ୫.୦୦ ଘଟିକା।
୬. ଟେଣ୍ଡର ଖୋଲିବାର ଶେଷ ତାରିଖ: ୨୬.୦୭.୨୦୨୨ ଦିବା ୧୧.୦୦ ଘଟିକା।

ଅଧିକ ଜାଣିବା ନିମନ୍ତେ ବନ୍ଦୀ ୱେବ୍‌ସାଇଟ୍ www.tendersorissa.govt.in ରୁ ଦେଖିପାରିବେ।

**ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଗଞ୍ଜାମ**

OIPR-13164/11/0004/2223



## OFFICE OF THE ROURKELA MUNICIPAL CORPORATION, ROURKELA

**INVITATION FOR BID**

**No. 9084** **Dated: 13.07.2022**

**Bid Identification No. MC/RMC/56/2022**

No. C-775: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Single Cover on online mode. Bid Identification No. MC/RMC/56/2022 for 02 Nos. different Civil works with value of Rs.13.82 lakh to 35.60 lakh.

1. Bid documents will be available in website **www.tendersorissa.gov.in** from 13.07.2022.
2. Bids must be submitted on "Online" on or before 22.07.2022 by 17.00 hours.
3. Bids shall be opened at 11.00 hours on 25.07.2022 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**.

**Sd./- Municipal Commissioner**
**Rourkela Municipal Corporation**

**OIPR-13131/11/0066/2223**



## OFFICE OF THE NOTIFIED AREA COUNCIL, TUSURA

**(Under Housing & Urban Development Deptt., Govt. of Odisha)**
**At/P.O.: Tusura, Dist.: Balangir - 767030**
**e-mail: nactusura@gmail.com, website: nactusura.in**

**No. 1310** **Dt.14.07.2022**

**QUOTATION CALL FOR SANITATION OUTSOURCING**

No. C-762: Sealed quotations are invited from intending registered firms/ NGOs/Organization and private companies satisfying criteria as per detailed quotation call notice for outsourcing of Sanitation work in 11 wards of Tusura NAC with 64 Nos. of sanitation workers and door to door collection in 11 wards, spreading of bleaching powder, bush cutting, transporting/ segregation of Wet & Dry waste to MCC/MRF site. The quotation should reach the Office of the Executive Officer, Tusura NAC by **1.00 P.M. of 28.07.2022** through Speed Post only. The quotations so received shall be opened on **28.07.2022 at 03.00 P.M.** in presence of the quotationers or their authorized representatives.

Detailed terms and conditions will be available from the Office of the undersigned from **15.07.2022 to 27.07.2022** (except Govt. holidays)

I. Cost of quotations paper Rs.6000/- (Non refundable) Security Deposit - Rs.3,00,000/- (Rupees three lakhs) only NSC/DD/KVP/STDR duly pledged favour of Executive Officer, Tusura NAC.
II. Sale of quotations paper **15.07.2022 to 27.07.2022** (except Govt. Holidays).
III. Receipt of quotations (through Speed Post) - upto **28.07.2022 (upto 1.00 P.M.).**
IV. Opening of quotations at Council Hall of Tusura NAC, on **Dt.28.07.2022 at 3.00 P.M.**

NAC office will not be responsible for any postal service delay. The authority reserves the right to cancel any or all quotations without assigning any reason thereof and shall bear no liability consequent upon such decision.

**OIPR-13167/11/0010/2223** **Sd./- Executive Officer, NAC, Tusura**


# ଦ୍ରୌପଦୀଙ୍କୁ ମିଳିପାରେ ୬୦%ରୁ ଅଧିକ ଭୋଟ

**ନୂଆଦିଲ୍ଲୀ, ୧୪।୭**



ଦ୍ରୌପଦୀ ମୁର୍ମୁ

ରାଷ୍ଟ୍ରପତି ନିର୍ବାଚନ ଯେତିକି ପାଖେଇ ଆସୁଛି ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ସମର୍ଥନ ସେତିକି ବଢ଼ିଚାଲିଛି। ବିଜେଡି, ୱାଇଏସ୍‌ଆର୍-ସିପି, ବିଏସ୍‌ପି, ଏଆଇଏଡିଏମ୍‌କେ, ଟିଡିପି, ଜେଡିଏସ୍ ଏବଂ ଅକାଳୀ ଦଳ ପରେ ଏବେ ଦ୍ରୌପଦୀଙ୍କୁ ସମର୍ଥନ ଦେବାକୁ ଜେଏମ୍‌ଏମ୍ ଘୋଷଣା କରିଛି। ନାମାଙ୍କନପତ୍ର ଦାଖଲ ପୂର୍ବରୁ ଦ୍ରୌପଦୀଙ୍କୁ ପ୍ରାୟ ୫୦% ଭୋଟ ମିଳିବ ବୋଲି ଆକଳନ କରାଯାଉଥିବାବେଳେ ଏହି ହାର ୬୧%ରୁ ଊର୍ଦ୍ଧ୍ୱକୁ ଛୁଇଁବା ଆଶା କରାଯାଉଛି। ଏପରି ହେଲେ ଝାଡ଼ଖଣ୍ଡର ପୂର୍ବତନ ରାଜ୍ୟପାଳ ଆସନ୍ତା ୧୮ ତାରିଖରେ ପ୍ରାୟ ଦୁଇ ତୃତୀୟାଂଶ ଭୋଟ ପାଇ ପ୍ରଥମ ଆଦିବାସୀ ମହିଳା ରୂପେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ଅଳଙ୍କୃତ କରିବେ। ସେହିପରି ସେ ସ୍ୱାଧୀନତୋର ଭାରତରେ ଜନ୍ମିତ ପ୍ରଥମ ରାଷ୍ଟ୍ରପତି ହେବାର ସୌଭାଗ୍ୟ ମଧ୍ୟ ଲାଭ କରିବେ।

ଝାଡ଼ଖଣ୍ଡର ଶାସକ ଦଳ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍‌ଏମ୍) ରାଜ୍ୟର ପ୍ରାକ୍ତନ ରାଜ୍ୟପାଳ ଦ୍ରୌପଦୀଙ୍କୁ ରାଷ୍ଟ୍ରପତି ନିର୍ବାଚନରେ ଭୋଟ ଦେବାକୁ ଘୋଷଣା କରିଛି। ମୋଟ ଭୋଟ ସଂଖ୍ୟା ୧୦, ୮୬, ୪୩୧ ଥିବାବେଳେ ଆଞ୍ଚଳିକ ଦଳଗୁଡ଼ିକର ସମର୍ଥନ ସହ ଏନ୍‌ଡିଏ ପ୍ରାର୍ଥୀଙ୍କୁ ୬.୬୭ ଲକ୍ଷ ଭୋଟ ମିଳିପାରେ। ତହିଁରୁ କେବଳ ୩.୦୮ ଲକ୍ଷ ଭୋଟ ହେଉଛି ଭାଜପାର। ୨.୯% ଅର୍ଥାତ ପ୍ରାୟ ୩୨,୦୦୦ ଭୋଟ ବିଜେଡି ପାଖରେ ରହିଛି। ୧୪୭ ଆସନ ବିଶିଷ୍ଟ ଓଡ଼ିଶା ବିଧାନସଭାରେ ଶାସକ ଦଳର ୧୧୪ ସଦସ୍ୟ ଥିବାବେଳେ ଭାଜପା ବିଧାୟକଙ୍କ ସଂଖ୍ୟା ୨୨। ବିଜେଡିର ଲୋକ ସଭାରେ ୧୨ ଓ ରାଜ୍ୟ ସଭାରେ ୯ ସଦସ୍ୟ ଅଛନ୍ତି। ଦ୍ରୌପଦୀଙ୍କୁ ଏଆଇଏଡିଏମ୍‌କେର ୧୭,୨୦୦, ୱାଇଏସ୍‌ଆର୍-ସିପି ୪୪,୦୦୦, ଟିଡିପି ୬,୫୦୦, ଶିବସେନା ୨୫,୦୦୦ ଏବଂ ଧର୍ମନିରପେକ୍ଷ ଜନତା ଦଳର ୫,୬୦୦ ଭୋଟ ମିଳିପାରେ। ନିକଟରେ ଅନୁଷ୍ଠିତ ରାଜ୍ୟ ସଭା ନିର୍ବାଚନ ଫଳାଫଳ ଆସିବା ପରେ ଉଚ୍ଚସଦନରେ ଭାଜପା ସଦସ୍ୟଙ୍କ ସଂଖ୍ୟା ୯୨କୁ ବଢ଼ିଛି। ଲୋକ ସଭାରେ ଏହାର ୩୦୧ ଏମ୍‌ପି ଅଛନ୍ତି। ବର୍ତ୍ତମାନ ଏନ୍‌ଡିଏ ପଟେ ୪୪୦ ଏମ୍‌ପିଙ୍କ ସମର୍ଥନ ଥିବାବେଳେ ସଂସଦର ଉଭୟ ଗୃହରେ ବିରୋଧୀ ଉପା ସପକ୍ଷରେ ୧୮୦ ଜଣ ସଦସ୍ୟ ଅଛନ୍ତି। ଟିଏମ୍‌ସିର ୩୬ ଏମ୍‌ପି ଦଳ ପକ୍ଷରୁ ପ୍ରାର୍ଥୀ ହୋଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିହ୍ନାଙ୍କୁ ଭୋଟ ଦେବା ଏକପ୍ରକାର ନିଶ୍ଚିତ। ଜମ୍ମୁ-କଶ୍ମୀରରେ ବିଧାନସଭା ଭଙ୍ଗ କରାଯାଇ କେନ୍ଦ୍ରୀୟ ଶାସନ ଚାଲିଥିବାରୁ ଏଥର ପାର୍ଲାମେଣ୍ଟ ସଦସ୍ୟଙ୍କ ଭୋଟ ମୂଲ୍ୟ ୭୦୮ରୁ ୭୦୦କୁ ଖସିଆସିଛି।

# ବିଧାନସଭା ପରିଦର୍ଶନ କଲେ ସିଇଓ

**ଭୁବନେଶ୍ୱର, ୧୪।୭ (ବ୍ୟୁରୋ)**

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁଶୀଲ କୁମାର ଲୋହାନି ଗୁରୁବାର ଅପରାହ୍ନରେ ବିଧାନସଭା ପରିଦର୍ଶନ କରିଛନ୍ତି। ଆସନ୍ତା ୧୮ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନ କାର୍ଯ୍ୟର ସମୀକ୍ଷା କରିବା ସହ ବିଧାନସଭା ଗୃହର ୫୪ ନମ୍ବର ପ୍ରକୋଷ୍ଠରେ ହୋଇଥିବା ଭୋଟିଂ କମ୍ପାର୍ଟମେଣ୍ଟ ଓ ଭୋଟରଙ୍କ ପ୍ରତୀକ୍ଷା କକ୍ଷ, ଗଣମାଧ୍ୟମ ପ୍ରତିନିଧିଙ୍କ ଖବର ସଂଗ୍ରହ ସ୍ଥାନ ପରିଦର୍ଶନ କରିଛନ୍ତି। ରାଷ୍ଟ୍ରପତି ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଥିବାପୋଲିଂ ଏବଂ ସୁରକ୍ଷା ଅଧିକାରୀଙ୍କ ସମେତ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସମସ୍ତ କର୍ମଚାରୀଙ୍କ ସହ ଆଲୋଚନା କରି ଶାନ୍ତିଶୃଙ୍ଖଳାର ସହିତ ନିର୍ବାଚନ କାର୍ଯ୍ୟ ପରିଚାଳନା କରିବାକୁ ସେ ପରାମର୍ଶ ଦେଇଛନ୍ତି।। ରାଷ୍ଟ୍ରପତି ନିର୍ବାଚନରେ ଭୋଟରମାନେ ଯେପରି ସୁରୁଖୁରୁରେ ମତଦାନ କରିପାରିବେ ସେନେଇ ସେ ପ୍ରତ୍ୟେକ ପୋଲିଂ ଅଧିକାରୀମାନଙ୍କୁ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ରିଟର୍ନିଂ ଅଧିକାରୀ ଆର୍. ରଘୁରାମ ଆୟାର ଓ ଗଙ୍ଗାଧର ମଲ୍ଲିକ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ, ସମସ୍ତ ପୋଲିଂ ଅଧିକାରୀ, ବିଧାନସଭା ସୁରକ୍ଷା ଅଧିକାରୀ ଗୋପାଳକୃଷ୍ଣ ବେହେରା, ଅତିରିକ୍ତ ଏସ୍‌ପି, ସହକାରୀ ମାର୍ଶାଲଙ୍କ ସହ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।


## ODISHA PUBLIC SERVICE COMMISSION CUTTACK

## NOTICE

**No.6405/PSC, Dt.14.07.2022**

**(2PE-30-22/23) (DR-V)**

**No.D-97:** It is for information of all concerned that, document verification of 349 (three hundred forty nine) candidates having PPSAN mentioned below for the post of Assistant Professor (Stage-I) "Physics" pursuant to advertisement No.14 of 2021/22 shall be held on 25.07.2022, 26.07.2022, 27.07.2022, 28.07.2022, 29.07.2022, 30.07.2022, 01.08.2022, 02.08.2022, 03.08.2022, 04.08.2022, 05.08.2022 & 06.08.2022 as per the following programme in the office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 25.07.2022 | 10.30AM | 00088479,00086199,00077760,00084601,00085918,00086200,00090478,00091846,00082646,00077952,00088606,00047060,00088703,00092086,00094372,00085903,00091144&00095967 = **18 Candidates** |
| | 2.30 P.M. | 00076927,00092437,00092396,00077894,00086792,00091487, 00079252, 00119015, 00081183,00076662,00077134 & 00091188 = **12 Candidates** |
| 26.07.2022 | 10.30AM | 00093001,00094132,00092528,00086287,00077133,00083663,00086789, 00088552,00098258,00092696,00088709,00091145,00090772, 00087459, 00090836,00092556,00093480 & 00095490 = **18 Candidates.** |
| | 2.30 P.M. | 00096070,00117736,00067777,00097242,00115928,00078760, 00118843, 00039598,00084040,00052719,00077008 & 00078886 = **12 Candidates.** |
| 27.07.2022 | 10.30AM | 00079000,00079067,00079623,00080378,00083004,00083107, 00083706,00084620,00086007,00086019,00086393,00086638, 00086691,00086873, 00087036,00087177,00087563 & 00087731 = **18 Candidates.** |
| | 2.30 P.M. | 00087892,00088827,00088885,00089781,00090766,00090998, 00091186, 00091503,00092003,00092041,00092252 & 00092546 = **12 Candidates.** |
| 28.07.2022 | 10.30AM | 00092613,00093217,00093277,00094227,00094273,00094436, 00094742,00095383,00113673,00113922,00115436,00093763, 00090558,00091586, 00088646,00092247,00088324 & 00084191 = **18 Candidates.** |
| | 2.30 P.M. | 00082386,00086248,00087351,00089434,00089685,00090737, 00097214, 00096008,00091791,00087869,00090006 & 00076835 = **12 Candidates.** |
| 29.07.2022 | 10.30AM | 00081842,00086945,00090499,00091416,00092192,00033543, 00088886,00090512,00093747,00093946,00047712,00078634, 00078924,00079439,00079581,00080096,00081252 & 00083795 = **18 Candidates**. |
| | 2.30P.M. | 00086405,00087816,00088126,00088767,00088769,00088873, 00089217, 00089219,00090238,00090694,00090898 & 00091129 = **12 Candidates.** |
| 30.07.2022 | 10.30AM | 00091171,00091419,00091445,00092289,00092346,00092998,00093067,00093167,00093416,00093496,00094230,00095535, 00098308,00099334,00109100,00112867,00113959 & 00114287 = **18 Candidates**. |
| | 2.30 P.M. | 00119325,00090740,00088290,00098520,00095236,00076861, 00090739,00091568,00053803,00089907,00091343 & 00057109 = **12 Candidates.** |
| 01.08.2022 | 10.30AM | 00092907,00080250,00081068,00095756,00117379,00082665, 00090503,00095158,00096597,00113701,00080530,00091829, 00097342,00088253, 00077998,00092946,00087868 & 00086359 = **18 Candidates.** |
| | 2.30P.M. | 00089269,00090406,00077169,00081047,00089150,00089874, 00118795, 00090272,00081273,00079081,00098064 & 00085147 = **12 Candidates.** |
| 02.08.2022 | 10.30AM | 00077193,00081088,00118124,00116157,00117651,00112375, 00101765,00119103,00111130,00089876,00076514,00078672, 00087197,00099404, 00089961,00087161,00077411 & 00087472 = **18 Candidates.** |
| | 2.30P.M. | 00090553,00119156,00114641,00044183,00087190,00087458, 00087734, 00115629,00091304,00116074,00117488 & 00095646 = **12 Candidates**. |
| 03.08.2022 | 10.30AM | 00119414,00094892,00076711,00116673,00088683,00092206, 00088500,00093385,00118609,00093406,00096204,00115551, 00116748,00096444, 00091521,00091712,00092035,00092326 & 00096532 = **19 Candidates.** |
| | 2.30 P.M. | 00097850,00100991,00115221,00090708,00076894,00096005, 00093712,00113710,00081345,00096259,00096643 & 00113859 = **12 Candidates** |
| 04.08.2022 | 10.30AM | 00081057,00119226,00087511,00091858,00089465,00092283, 00096399,00093417,00091448,00092336,00099383,00117802, 00090890,00091721, 00097822,00114748,00116408 & 00092357 = **18 Candidates**. |
| | 2.30P.M. | 00093633,00094600,00095350,00098827,00102268,00115392, 00094284, 00091726,00097132,00077443,00089684 & 00100242 = **12 Candidates.** |
| 05.08.2022 | 10.30AM | 00102016,00116704,00117451,00117662,00119230,00066047,00084220,00088413,00118332,00079569,00118345,00087886,00118420,00090887,00070539,00096158,00077779& 00093817 =**18 Candidates.** |
| | 2.30P.M. | 00117732,00090707,00090315,00090847,00058694,00117043, 00056209, 00050307,00092986,00095978,00110929 & 00083537 = **12 Candidates.** |
| 06.08.2022 | 10.30 AM | 00027485,00032208,00079751,00087324,00091026,00093220, 00094959, 00092368,00098926 & 00082639 = **10 Candidates.** |
| | 2.30 P.M. | 00118693,00092176,00094005,00044831,00056511,00085076, 00094829 & 00018176 = **08 Candidates.** |

The candidates are required to submit the following documents at the time of verification: -

1. Hard copy of online application form. While submitting the hard copy of online application form you are requested to mask the mobile No/alternatively mobile No and Email ID through blackening.
2. Three passport size photographs.
3. Duly filled in & attested "Attestation Form" and duly filled in "Bio-data Form" (to be downloaded from the website of the Commission).
4. H.S.C. or equivalent certificate in support of declaration of age issued by the concerned Board/Council.
5. Bachelor's Degree certificate & marksheet.
6. Master's Degree certificate & marksheet.
7. M. Phil certificate & marksheet.
8. NET/JRF/SET/SLET qualified certificate.
9. Ph. D Degree certificate.
10. Conversion certificate from the concerned University indicating the actual equivalent percentage of marks.
11. Odia Test pass certificate.
12. Caste certificate wherever applicable.
13. Identity card issued by the Director of Sports, Odisha in case of Sports Person.
14. Permanent Disability Certificate (indicating permanent disability of 40% or more).
15. One set Xerox copy of Published Research Papers.
16. Teaching/ Post-Doctoral experience certificate.
17. Awards.
18. No objection certificate from the competent authority in case of Govt. Servants.
19. Any proof of identity.

**Note:-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**Sd./- Secretary**

**OIPR-12002/11/0107/2223**

## ୧୮୦୦କର୍ମଚାରୀଙ୍କୁ ଛଟେଇ କଲା ମାଇକ୍ରୋସଫ୍ଟ

ନୂଆଦିଲ୍ଲୀ: ବିଶ୍ୱର ପ୍ରମୁଖ ଆଇଟି କମ୍ପାନୀ ମାଇକ୍ରୋସଫ୍ଟ ନିକଟରେ ତା'ର ବିଭିନ୍ନ କ୍ଷେତ୍ରରୁ ପ୍ରାୟ ୧୮୦୦ କର୍ମଚାରୀଙ୍କୁ ଛଟେଇ କରିଛି। ଏପରିକି କମ୍ପାନୀର ବିଭିନ୍ନ ଅଞ୍ଚଳରେ ଥିବା ଅଫିସ କର୍ମଚାରୀଙ୍କୁ ମଧ ଅବ୍ୟାହତି ଦେଇଛି। ଅପରପକ୍ଷରେ ଜୁନ୍ ୩୦ରେ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ବୈଠକ ସରିବା ପରେ ନୂଆ ବ୍ୟବସାୟ ଗ୍ରୁପ୍ ଗଠନ କରିବା ପାଇଁ କମ୍ପାନୀ ପକ୍ଷରୁ ଏଭଳି ଛଟେଇ କରାଯାଇଛି ବୋଲି ଜଣାପଡ଼ିଛି। ନୂଆ ଆର୍ଥିକ ବର୍ଷ ପାଇଁ ମାଇକ୍ରୋସଫ୍ଟ କମ୍ପାନୀ ନୂଆ କର୍ମଚାରୀଙ୍କୁ ନିଯୁକ୍ତି ଦେବ ବୋଲି କମ୍ପାନୀ ଘୋଷଣା କରିଛି। ଏପରିକି କମ୍ପାନୀ ମଧ ଅନ୍ୟ କମ୍ପାନୀଗୁଡ଼ିକ ଭଳି କିଛି କର୍ମଚାରୀଙ୍କୁ ଛଟେଇ କରିଛି।

### ସଂକ୍ଷେପରେ

## ସଫଳତାର ୭ ବର୍ଷ ପାଳନ କଲା କ୍ୟାପ୍‌ଡିଲ୍

**ଭୁବନେଶ୍ୱର,୧୪।୭:** ରିଅଲ ଇଷ୍ଟେଟ୍ ବିଜ୍‌ନେସ୍‌କୁ ଏକ ନୂଆ ଦିଶା ଦେଇଥିବା କ୍ୟାପ୍‌ଡିଲ୍ ତା'ର ସଫଳତାର ୭ମ ବର୍ଷ ପାଳନ କରିଛି । ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଏହାର ବାର୍ଷିକ ଉତ୍ସବ ପାଳନ କରାଯାଇଥିଲା । ଉତ୍ସବର ପ୍ରଥମ ପର୍ଯ୍ୟାୟରେ କମ୍ପାନୀର ସିଇଓ ଶକ୍ତି ମିଶ୍ର, ସିଆଇଓ ବିଚିମାଳା ମିଶ୍ର, ସିଏମ୍ଓ ଶିବାଶିଷ ସାହୁ, କମ୍ପାନୀର ସହ ପ୍ରତିଷ୍ଠାତା ଅଖିଳ କୁମାର ଦେହୁରୀ ଏବଂ ଆକାଶ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆଶା କିରଣ ଫାଉଣ୍ଡେଶନ ଅନାଥାଳୟରେ ପିଲାମାନଙ୍କ ସହ ଶକ୍ତି ମିଶ୍ରଙ୍କ ଜନ୍ମଦିନ ପାଳନ କରିଥିଲେ। କମ୍ପାନୀ ପକ୍ଷରୁ ଅନାଥାୟଳର ପିଲାମାନଙ୍କ ଶିକ୍ଷାଗତ ଉନ୍ନତି ନିମନ୍ତେ ସାହାଯ୍ୟ ମଧ କରାଯାଇଥିଲା। ଉତ୍ସବର ୨ୟ ପର୍ଯ୍ୟାୟରେ କମ୍ପାନୀର ସମସ୍ତ କର୍ମଚାରୀ ଏବଂ ପରିବାରବର୍ଗଙ୍କୁ ନିମନ୍ତ୍ରଣ କରାଯାଇ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବରେ ଆସୋଟେକ୍‌ର ଏମ୍‌ଡି ସଞ୍ଜୀବ୍ ଶ୍ରୀବାସ୍ତବ ମୁଖ୍ୟ ଅତିଥିଭାବେ ଯୋଗଦେଇ କମ୍ପାନୀର ବାର୍ଷିକ ରିପୋର୍ଟ କାର୍ଡ ଏବଂ ନୂତନ ୱେବ୍‌ସାଇଟ୍ ଉନ୍ମୋଚନ କରିଥିଲେ। ଏହି ଅବସରରେ କମ୍ପାନୀର ସିଇଓ ଶକ୍ତି ମିଶ୍ର କହିଛନ୍ତି, କ୍ୟାପ୍‌ଡିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ତା'ର ମୂଲ୍ୟବାନ୍ ଗ୍ରାହକମାନଙ୍କୁ ଟ୍ରାନ୍ସପରେଣ୍ଟ ଏବଂ ହାସଲ ଫ୍ରି ରିଅଲ ଇଷ୍ଟେଟ୍ ସେବା ସର୍ବଦା ପ୍ରଦାନ କରିଆସିଛି। ଆରମ୍ଭ ଦିନରୁ ଆଜି ପର୍ଯ୍ୟନ୍ତ ଆମେ ଏହି ଉଦ୍ଦେଶ୍ୟକୁ ନେଇ ସଫଳତାର ସହ ଆଗେଇ ଚାଲିଛୁ। ଗତ ୭ବର୍ଷ ମଧରେ ଆମେ ନିଜକୁ ଉନ୍ନତ କରିବା ପାଇଁ ସବୁବେଳେ ଚେଷ୍ଟା କରିଆସିଛୁ। ଏହାର ସମସ୍ତ ଶ୍ରେୟ ଆମର ମୂଲ୍ୟବାନ୍ ଗ୍ରାହକ ଏବଂ ସହଯୋଗୀ କର୍ମଚାରୀମାନଙ୍କୁ ଯାଉଛି।

## ଖସିଲା ଶେୟାର ବଜାର

**ନୂଆଦିଲ୍ଲୀ,୧୪।୭:** ଅନ୍ତଃରାଷ୍ଟ୍ରୀୟ ବଜାର ସମସ୍ୟା ଓ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ କ୍ରମାଗତ ହ୍ରାସ ପାଉଛି। ଫଳରେ ଏହାର ପ୍ରଭାବ ଅନେକାଂଶରେ ଭାରତୀୟ ଶେୟାର ବଜାର ଓ ଦଲାଲ ଷ୍ଟ୍ରିଟ୍‌ରେ ଦେଖିବାକୁ ମିଳିଛି। ଏପରିକି ସେନ୍‌ସେକ୍ସ ଓ ନିଫ୍‌ଟିରେ ଗୁରୁବାର ପାଖାପାଖି ୧% ଶେୟାର ହ୍ରାସ ଘଟିଛି। ଅପରପକ୍ଷରେ ସେନ୍‌ସେକ୍ସ ୯୮ ପଏଣ୍ଟ ହ୍ରାସ ଘଟି ୫୩,୪୧୬.୧୫ ପଏଣ୍ଟରେ ବନ୍ଦ ହୋଇଥିବା ବେଳେ ନିଫ୍‌ଟି ୨୮ ପଏଣ୍ଟ ଖସି ୧୫,୯୩୮.୬୫ ପଏଣ୍ଟରେ କାରବାର ବନ୍ଦ କରିଛି।

# ଜୁନ୍‌ରେ ଖସିଲା ଡବ୍ଲ୍ୟୁପିଆଇ ମୁଦ୍ରାସ୍ଫୀତି ହାର

ନୂଆଦିଲ୍ଲୀ,୧୪।୭

ଚଳିତ ବର୍ଷ ଜୁନ୍ ମାସ ପାଇଁ ହୋଲ୍‌ସେଲ ମୂଲ୍ୟ ସୂଚକାଙ୍କ ଭିତ୍ତିକ ମୁଦ୍ରାସ୍ଫୀତି (ଡବ୍ଲ୍ୟୁପିଆଇ) ଗତ ୪ ଦଶନ୍ଧିର ଉଚ୍ଚତାରୁ ସାମାନ୍ୟ ହ୍ରାସ ପାଇଛି। ଏପରିକି ଚଳିତ ବର୍ଷ ମେ'ଠାରୁ ମଧ ସାମାନ୍ୟ ହ୍ରାସ ଘଟି ୧୫.୧୮% ରେ ରହିଛି। ଏହା ମୁଖ୍ୟତଃ ଅନ୍ତର୍ଜାତୀୟ ଅଶୋଧିତ ମୂଲ୍ୟ, ଖାଦ୍ୟପଦାର୍ଥ, ଖଣିଜ ତେଲ ଏବଂ ଅନ୍ୟାନ୍ୟ ଦ୍ୱାରା ପରିଚାଳିତ ହୋଇଥାଏ। ଏହା କ୍ରମାଗତ ତୃତୀୟ ମାସ ପାଇଁ କାରଖାନା-ଗେଟ୍ ମୁଦ୍ରାସ୍ଫୀତି ୧୫ ପ୍ରତିଶତ ମାର୍କରୁ ଅଧିକ ହୋଇଛି। ଅପରପକ୍ଷରେ ମେ ମାସରେ ଡବ୍ଲ୍ୟୁପିଆଇ ମୁଦ୍ରାସ୍ଫୀତି ୧୫.୮୮% ରେ ପହଞ୍ଚିଥିଲା, ଯାହା ବର୍ତ୍ତମାନର ସିରିଜ୍ ପାଇଁ ରେକର୍ଡ ଏବଂ ସେପ୍ଟେମ୍ବର ୧୯୯୧ ପରଠାରୁ ସର୍ବାଧିକ ବୋଲି କୁହାଯାଉଛି। ସେହିଭଳି ଗୁରୁବାର କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ଜୁନ୍ ମାସର ପାଇକାରୀ ମୁଦ୍ରାସ୍ଫୀତି ହାର ଅନୁସାରେ ଜୁନ୍‌ରେ ପାଇକାରୀ



ମୁଦ୍ରାସ୍ଫୀତି ୧୫.୮୮% ରୁ ହ୍ରାସ ପାଇ ୧୫.୧୮% ରେ ରହିଛି। ତେବେ ୨୦୨୧ ଜୁନ୍‌ରେ ଏହି ହାର ୧୨.୦୭% ରହିଥିଲା।

ଏହା ପୂର୍ବରୁ ଅନୁମାନ କରାଯାଉଥିଲା ପାଇକାରୀ ମୁଦ୍ରାସ୍ଫୀତି ହାର ୧୫.୫୦% ରହିପାରେ। ତେବେ ଅନୁମାନଠାରୁ ହାର ହ୍ରାସ ହେବା ଏବେ ଆଶ୍ୱସ୍ତିର ଖବର ବୋଲି କୁହାଯାଉଛି। ଏଥିରୁ ମୂଲ୍ୟ ବୃଦ୍ଧି ନିୟନ୍ତ୍ରଣ ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) କରୁଥିବା ଉପାୟ କାମ ଦେଉଥିବା ଓ ଭବିଷ୍ୟତରେ ଆହୁରି ହ୍ରାସ ହୋଇପାରେ ବୋଲି କୁହାଯାଇଛି। ତେବେ ଯାହା ସବୁଠୁ ଚିନ୍ତାର ବିଷୟ ତାହା ହେଉଛି ଗତ ୧୫ ମାସରୁ ଊର୍ଦ୍ଧ୍ୱ କାଳ ହେଲା ଏହା ଦୁଇ ଅଙ୍କରେ ରହିଛି। ସୂଚନା ମୁତାବକ ଜୁନ ୨୦୨୨ରେ ଖାଦ୍ୟପଦାର୍ଥର ପାଇକାରୀ ମୁଦ୍ରାସ୍ଫୀତି ମେ ମାସର ୧୦.୮୯% ରୁ ବଢ଼ି ୧୨.୪୧%ରେ ପହଞ୍ଚିଛି। ଏଥିରେ ପ୍ରାଇମେରି ଆର୍ଟିକ୍‌ଲର ହୋଲ୍‌ସେଲ ପ୍ରାଇସ୍ ଇଣ୍ଡେକ୍ସ (ଡବ୍ଲ୍ୟୁପିଆଇ) ୧୯.୭୧% ହ୍ରାସ ପାଇ ୧୯.୨୨%ରେ ରହିଛି। ସେହିପରି ଏହି ସମୟରେ ତୈଳ ଓ ପାୱାର ଡବ୍ଲ୍ୟୁପିଆଇ ୪୦.୬୨%ରୁ ହ୍ରାସ ପାଇ ୪୦.୩୮% ରେ ପହଞ୍ଚିଛି। ସେହିପରି ରେଡିମେଡ୍ ପ୍ରଡକ୍ଟସର ଡବ୍ଲ୍ୟୁପିଆଇ ୧୦.୧୧% ରୁ ହ୍ରାସ ହୋଇ ୯.୧୯%ରେ ରହିଛି। ତେବେ ଜୁନ୍ ୨୦୨୨ରେ ପନିପରିବା ପାଇକାରୀ ମୁଦ୍ରାସ୍ଫୀତି ମେ ମାସର ୫୬.୩୬%ରୁ ବଢ଼ି ୫୬.୭୫%ରେ ପହଞ୍ଚିଛି। ଅଣ୍ଡା ଓ ମାଂସର ଡବ୍ଲ୍ୟୁପିଆଇ ୭.୭୮% ରୁ ହ୍ରାସ ହୋଇ ୭.୨୪%ରେ ରହିଛି। ଏହି ସମୟରେ ପିଆଜର ହୋଲ୍‌ସେଲ ପ୍ରାଇସ୍ ଇଣ୍ଡେକ୍ସ ବିଯୁକ୍ତ ୨୦.୪୦% ରୁ ହ୍ରାସ ହୋଇ ବିଯୁକ୍ତ ୩୧.୫୪% କୁ ପହଞ୍ଚିଛି। ତେବେ ଆଳୁ ୨୪.୮୩ ପ୍ରତିଶତରୁ ବଢ଼ି ୩୯.୩୮% ରେ ରହିଛି।

# କାଇଣ୍ଡ୍ରିଲ୍‌କୁ ପ୍ରଯୁକ୍ତି ସହଯୋଗୀ ଭାବେ ନିଯୁକ୍ତି କରିଛି ଏଚ୍‌ଏମ୍‌ଏସ୍‌ଆଇ

ନୂଆଦିଲ୍ଲୀ,୧୪।୭

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ନିକଟରେ ଘୋଷଣା ହୋଇଛି ଯେ କମ୍ପାନୀର ମାନୁଫାକ୍ଚରିଂ କାରଖାନାଗୁଡ଼ିକରେ ଆଇଟି ଓ ନିରାପତ୍ତା ରୂପାନ୍ତରଣ ଯାତ୍ରାର ଅନୁଧ୍ୟାନ ପାଇଁ ପ୍ରଯୁକ୍ତି ସହଯୋଗୀ ଭାବେ ଆଇଟି ଭିତ୍ତିଭୂମି ସେବା ପ୍ରଦାନକାରୀ ସଂସ୍ଥା କାଇଣ୍ଡ୍ରିଲ୍ ସହ ସହଯୋଗିତା ସ୍ଥାପନ କରାଯାଇଛି। ବର୍ତ୍ତମାନ କାଇଣ୍ଡ୍ରିଲ୍ ପକ୍ଷରୁ କାରଖାନାର ଉତ୍ପାଦନ ଆପ୍ଲିକେସନ୍, ଏଣ୍ଟରପ୍ରାଇଜେସ୍ ଓ ସମସ୍ତ ଡିଲରଙ୍କ ଡିଲର ପରିଚାଳନା ବ୍ୟବସ୍ଥାର ଭିତ୍ତିଭୂମି ସେବାର ପରିଚାଳନା କରାଯାଉଛି। ଏପରିକି ଦ୍ରୁତ ଓ ଉନ୍ନତ ଗ୍ରାହକ ସେବା ଅନୁଭୂତି ଜରିଆରେ ପରିଚାଳନା କ୍ଷେତ୍ରରେ ଦକ୍ଷତା ବଢ଼ାଇବା ଲାଗି କମ୍ପାନୀ ପକ୍ଷରୁ ଭିତ୍ତିଭୂମି ପରିଚାଳନାରେ ଉନ୍ନତି ଆଣିବା ଲାଗି କାଇଣ୍ଡ୍ରିଲ୍ ସହ ସହଯୋଗିତାକୁ ନବୀକରଣ କରାଯାଇଛି ଏବଂ ଏହା ଅଟୋମେଶନ ସମେତ କମ୍ପାନୀର ସାଇବର ନିରାପତ୍ତା ଓ ସହନଶୀଳତାରେ ଉନ୍ନତି ଆଣିବ। ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ଆତସୁସି ଓଗାତା କହିଛନ୍ତି, ଏଚ୍‌ଏମ୍‌ଏସ୍‌ଆଇରେ ଆମେ କାଇଣ୍ଡ୍ରିଲ୍ ଇଣ୍ଡିଆ ସହ ସ୍ୱତନ୍ତ୍ର ପ୍ରଯୁକ୍ତି ସହଯୋଗିତା ସ୍ଥାପନ କରିଥିବା ବିଷୟରେ ଘୋଷଣା କରି ବେଶ୍ ଆନନ୍ଦିତ। ଜଟିଳ, ଆଇଟି ବ୍ୟବସ୍ଥାରେ ଏଚ୍‌ଏମ୍‌ଏସ୍‌ଆଇର ବ୍ୟବସାୟ କାର୍ଯ୍ୟ ଉପରେ ଗଭୀର ଜ୍ଞାନ ଥିବାରୁ ତାହାକୁ ଭାରତରେ ଆମ ପରିଚାଳନାର ଏକ ବିଶ୍ୱାସଯୋଗ୍ୟ ସହଯୋଗୀରେ ପରିଣତ କରିଛି।

# ୧୮ରୁ ଜୀ ସାର୍ଥକରେ ନୂଆ ମେଗା ସିରିୟଲ 'ମା ଯାହାର ସାହା'

ଭୁବନେଶ୍ୱର,୧୪।୭

ରାଜ୍ୟର ପ୍ରମୁଖ ମନୋରଞ୍ଜନଭିତ୍ତିକ ଚ୍ୟାନେଲ 'ଜୀ ସାର୍ଥକ' ପକ୍ଷରୁ ଆଉ ଏକ ନୂଆ ମେଗା ସିରିୟଲ 'ମା ଯାହାର ସାହା' ଓଡ଼ିଆ ଦର୍ଶକଙ୍କୁ ଭେଟି ଦେବାକୁ ଯାଉଛି। ଏହି ସିରିୟଲଟି ଜୁଲାଇ ୧୮ ଠାରୁ ପ୍ରତ୍ୟେକ ସୋମବାରରୁ ଶନିବାର ରାତି ୮ଟା ୩୦ରେ ପ୍ରସାରଣ ହେବ ବୋଲି ସୂଚନା ମିଳିଛି। ବିଶେଷକରି ବିଜ୍ଞାନ ଓ ଈଶ୍ୱର ଭକ୍ତିର ଅପୂର୍ବ ସଂଯୋଗର ସୁନ୍ଦର ପରିକଳ୍ପନାକୁ ଦର୍ଶକମାନେ ଏହି ସିରିୟଲ ଜରିଆରେ ଦେଖିବାକୁ ପାଇବେ। ଏପରିକି ଓଡ଼ିଆ ମନୋରଞ୍ଜନ ଦୁନିଆରେ ଏହି ସିରିୟଲ 'ମା ଯାହାର ସାହା' ଏକ ବଡ଼ ମାଇଲଖୁଣ୍ଟ ହେବ ବୋଲି ଜୀ ସାର୍ଥକ ପକ୍ଷରୁ କୁହାଯାଇଛି। ବିଜ୍ଞାନକୁ ବିଶ୍ୱାସ କରୁଥିବା ଡା. ଶିବପ୍ରସାଦ ଏବଂ ମା' କାଳୀଙ୍କ ଉପରେ ପ୍ରଗାଢ଼ ବିଶ୍ୱାସ ରଖୁଥିବା ପାର୍ବତୀଙ୍କ ମଧରେ ଗଢ଼ି ଉଠିଥିବା ପ୍ରେମ ସମ୍ପର୍କକୁ ଉକ୍ତ ଧାରାବାହିକରେ ଅତି ନିଛକ ଢଙ୍ଗରେ ପରିବେଷଣ କରାଯାଇଛି। ବିଜ୍ଞାନ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦେଉଥିବା କହି ଜଣେ ଦାବି କରୁଥିବା ବେଳେ ଈଶ୍ୱର ହିଁ ସର୍ବଶକ୍ତିମାନ ଓ ସାରା ସଂସାର ଈଶ୍ୱରଙ୍କ ନିର୍ଦ୍ଦେଶରେ ଚାଲେ ବୋଲି




ଆଉ ଜଣେ ଦାବି କରୁଛି। ଅପରପକ୍ଷରେ ଶୈଳଭାମା ଓ ଶକ୍ତି ପ୍ରସାଦ ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରିବାକୁ ଘରେ ରହିଥିବା ଖଳନାୟକମାନଙ୍କୁ ବି ବେଶ୍ ଚମତ୍କାର ଭାବେ ଚିତ୍ରଣ କରାଯାଇଛି। ମା'କାଳୀଙ୍କ ଆଶୀର୍ବାଦରେ କିଭଳି ସୁନା ସଂସାର ଆଗକୁ ବଢ଼ୁଛି ଓ କେଉଁ ଘଟଣା ପ୍ରଭାବିତ କରୁଛି, ତାହା ହିଁ ଉପରୋକ୍ତ ସିରିଅଲରେ ଅତି ନିଖୁଣ ଭାବେ ଦେଖାଯାଇଛି। ଓଡ଼ିଆ ଦର୍ଶକଙ୍କ ଭାବନାକୁ ବୁଝିପାରୁଥିବା ଜୀ ସାର୍ଥକ ନୂଆ ନୂଆ ଧାରାବାହିକ ପ୍ରସାରଣ କରୁଛି। ଏହି ନୂଆ ମେଗା ସିରିୟଲରେ ପାର୍ବତୀ ଭୂମିକାରେ ଜସ୍ମିନ ରଥ ଅଭିନୟ କରିଥିବା ବେଳେ ଡା. ଶିବପ୍ରସାଦ ଭୂମିକାରେ ଆଲୋକ ଅଭିନୟ କରିଛନ୍ତି। ଶୈଳଭାମା ଚରିତ୍ରରେ ଛନ୍ଦିତା ପାଢୀ ଓ ଶକ୍ତିପ୍ରସାଦ ଭାବେ ବୀରେନ ମିତ୍ର ଚମତ୍କାର ଅଭିନୟ କରିଛନ୍ତି। ସେହିଭଳି 'ମା ଯାହାର ସାହା' ପୂର୍ବରୁ ସୁନା ଝିଅ ଧାରାବାହିକକୁ ସବୁ ବର୍ଗର ଦର୍ଶକ ବହୁ ଭଲ ପାଇବା ଦେଇଛନ୍ତି, ମା ଯାହାର ସାହା ବି ଦର୍ଶକମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ଜୀ ସାର୍ଥକର ଚ୍ୟାନେଲ ମୁଖ୍ୟ ପ୍ରତୀକ ସିଲ୍ ମତବ୍ୟକ୍ତ କରିଛନ୍ତି।

# ମହାରାଷ୍ଟ୍ରରେ ତୈଳ ଟିକସ ହ୍ରାସ

ମୁମ୍ବାଇ,୧୪।୭

ନବଗଠିତ ମହାରାଷ୍ଟ୍ର ସରକାର ନିକଟରେ ତୈଳ ଟିକସ ହ୍ରାସ ନେଇ ଘୋଷଣା କରିଥିଲେ। ଗୁରୁବାର ମହାରାଷ୍ଟ୍ର ସରକାରଙ୍କ କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ପେଟ୍ରୋଲ ଉପରୁ ୫ ଟଙ୍କା ଏବଂ ଡିଜେଲରୁ ୩ ଟଙ୍କା ରାଜ୍ୟ ତୈଳ ଟିକସ (ଭାଟ୍) ଆକାରରେ ହ୍ରାସ କରାଯାଇଛି। ଫଳରେ ସରକାରଙ୍କ ଏଭଳି ନିଷ୍ପତ୍ତି ଯୋଗୁ ନିଆଯାଇଛି ରାଜ୍ୟକୁ ବର୍ଷକୁ ୬୦୦୦କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ କହିଛନ୍ତି। ଅପରପକ୍ଷରେ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ କହିଛନ୍ତି, ଏହି ନିଷ୍ପତ୍ତି ହେଉଛି ଜନକଲ୍ୟାଣ ନିମନ୍ତେ ମେଣ୍ଟ ସରକାରଙ୍କ ପ୍ରତିବଦ୍ଧତାର ଅଂଶବିଶେଷ। ସୂଚନଯୋଗ୍ୟ, ବର୍ତ୍ତମାନ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧.୩୫ ଟଙ୍କା ବଦଳରେ ୧୦୬.୩୫ ଟଙ୍କାରେ ବିକ୍ରି ହେଉଥିବା ବେଳେ ଡିଜେଲ ଲିଟର ପିଛା ୯୭.୨୮ଟଙ୍କା ବଦଳରେ ୯୪.୨୮ ଟଙ୍କାରେ କାରବାର ହେଉଛି। ସମ୍ପ୍ରତି ଦେଶରେ ସବୁଠୁ ଅଧିକ ଦରରେ ଇନ୍ଧନ ବିକ୍ରୟ ହେଉଥିବା ସ୍ଥାନଗୁଡ଼ିକ ମଧରେ ମୁମ୍ବାଇ ଅନ୍ୟତମ ବୋଲି କୁହାଯାଇଛି।

# ଷ୍ଟାର୍ଟଅପ୍ ୟୁନିଟ୍ ଇଜି ବ୍ୟାଙ୍କ ଲୋନ୍‌ର ଶୁଭାରମ୍ଭ



ଭୁବନେଶ୍ୱର,୧୪।୭

ଇବିଏଲ୍ ଫିନ୍‌ଟେକ୍ ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ବୁଧବାର ସ୍ଥାନୀୟ ଚନ୍ଦକା ଶିଳ୍ପାଞ୍ଚଳସ୍ଥିତ 'ଓ ହବ୍' ପରିସରରେ ଇଜି ବ୍ୟାଙ୍କ ଲୋନ୍ ଡଟ୍ କମ୍ ସେବା ସମ୍ପର୍କିତ ଏକ ୱେବ୍‌ସାଇଟ ଲୋକାର୍ପିତ ହୋଇଯାଇଛି। ଓଡ଼ିଶାରେ ପ୍ରଥମ ଥର ପାଇଁ ଏଭଳି ଏକ ସ୍ୱତନ୍ତ୍ର ଆପ୍‌ର ବିକଶିତ କରାଯାଇ ସବୁବର୍ଗର ଗ୍ରାହକଙ୍କୁ ଋଣ ସମ୍ବନ୍ଧୀୟ ସମସ୍ତ ସେବା ଯୋଗାଇବ। ଏହି ଆପ୍ ଇଂଲିଶ, ହିନ୍ଦୀ, ଓଡ଼ିଆ ଭାଷାରେ ବିକଶିତ ସହ ଋଣ ସମ୍ବନ୍ଧୀୟ ସମସ୍ତ ସୂଚନା ଏବଂ ଋଣ ପାଇଁ ଆଗ୍ରହୀ ଗ୍ରାହକ ଉକ୍ତ ଆପ୍ ଜରିଆରେ ଆବେଦନ କରିପାରିବେ। ଏପରିକି ଗ୍ରାହକଙ୍କ ସମ୍ପୂର୍ଣ୍ଣ ସୂଚନା ଏଠାରେ ନିରାପଦ ଓ ଗୋପନୀୟ ବୋଲି କମ୍ପାନୀର ସିଇଓ ଦେବାଶିଷ ପଟ୍ଟନାୟକ କହିଛନ୍ତି। ଏହା ସହ ଇବିଏଲ୍ ଫିନ୍‌ଟେକ୍ ଓଡ଼ିଶା ଓ ଭାରତ ସରକାରଙ୍କ ଷ୍ଟାର୍ଟ ଅପ୍ ବିଭାଗ ଦ୍ୱାରା ଅନୁମୋଦିତ ବୋଲି କମ୍ପାନୀ ଡାଇରେକ୍ଟର ଡ. ବିଦ୍ୟାଭୂଷଣ ମହାନ୍ତି କହିଛନ୍ତି। ଏହା ଜରିଆରେ ଗ୍ରାହକମାନେ ତାଙ୍କ ମନ ମୁତାବକ ହୋମ୍ ଲୋନ୍, ପର୍ସନାଲ୍ ଲୋନ୍, ଗୋଲ୍ଡ ଲୋନ୍, ବିଜ୍‌ନେସ ଲୋନ୍ ସମେତ ଲୋନ୍ ଏଗନେଷ୍ଟ ପ୍ରପର୍ଟି, କ୍ରେଡିଟ୍ କାର୍ଡ ଓ କାର୍ ଲୋନ୍ ମଧ ପାଇପାରିବେ।

ଏହି ଅବସରରେ ସମ୍ମାନିତ ଅତିଥିଙ୍କ ସମେତ କମ୍ପାନୀର ବୋର୍ଡ ଅଫ୍ ଡାଇରେକ୍ଟର ଅଂଶୁମାନ ମହାପାତ୍ର, ନିଗମ ରାୟ, ଦିଲୀପ ବେହେରା, ପ୍ରିୟଦର୍ଶୀ ଦାସ ଓ ଶ୍ରୀ କିରନ ପ୍ରମୁଖ ଉପସ୍ଥିତ ଥିଲେ।

# ନାଲ୍‌କୋ ବକ୍ସାଇଟ୍ ଖଣିକୁ ୫-ଷ୍ଟାର ରେଟିଂ

ଭୁବନେଶ୍ୱର,୧୪।୭

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ର ପଞ୍ଚପଟ୍ଟମାଳି ସେଣ୍ଟ୍ରାଲ ଏବଂ ନର୍ଥ ବ୍ଲକ୍ ବକ୍ସାଇଟ୍ ଖଣିକୁ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ପକ୍ଷରୁ ୫-ଷ୍ଟାର୍ ରେଟିଂ ପ୍ରଦାନ କରାଯାଇଛି। ଏପରିକି ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ(ଆଇବିଏମ୍) ଦ୍ୱାରା ଏହା ମୂଲ୍ୟାଙ୍କନ କରାଯାଇଥିଲା। ନିକଟରେ ଦିଲ୍ଲୀଠାରେ ଆୟୋଜିତ ୬ଷ୍ଠ ଜାତୀୟ ଖଣି ଏବଂ ଖଣିଜ ସମ୍ମିଳନୀରେ ଏହି ସମ୍ମାନଜନକ ୫-ଷ୍ଟାର୍ ରେଟିଂ ପୁରସ୍କାର ସହ ଉତ୍କର୍ଷ ପ୍ରମାଣପତ୍ର କେନ୍ଦ୍ର ଖଣିମନ୍ତ୍ରୀ ପ୍ରହ୍ଲାଦ ଜୋଷୀଙ୍କଠାରୁ ନାଲ୍‌କୋର ନିର୍ଦ୍ଦେଶକ(ଉତ୍ପାଦନ) ବିଜୟ କୁମାର ଦାଶ ଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ର ଖଣି ରାଷ୍ଟ୍ରମନ୍ତ୍ରୀ ରାଓସାହେବ ପାଟିଲ ଦାନ୍‌ଭେ, କେନ୍ଦ୍ର ଖଣି ସଚିବ ଆଲୋକ ଟଣ୍ଡନ ଏବଂ ଅତିରିକ୍ତ ସଚିବ ସଞ୍ଜୟ ଲୋହିଆ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷକରି ନିରନ୍ତର ବିକାଶ ଫ୍ରେମ୍‌ୱାର୍କ (ଏସ୍‌ଡିଏଫ୍) ଉପରେ ଆଧାରିତ ବିଭିନ୍ନ




ପ୍ରୟାସ ଏବଂ ପଦକ୍ଷେପ ପାଇଁ ନାଲ୍‌କୋକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ବୈଜ୍ଞାନିକ କାର୍ଯ୍ୟଶୈଳୀ ତଥା ଖଣି ଖନନ ବିକାଶ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଏବଂ ଖଣି କାର୍ଯ୍ୟରେ ସର୍ବୋତ୍ତମ ପ୍ରୟୋଗ ତଥା ଖଣି କ୍ଷେତ୍ରର ଉନ୍ନତି, ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟସେବା, କୌଶଳ ଏବଂ ପାରିପାର୍ଶ୍ୱିକ ବିକାଶ ଇତ୍ୟାଦି ଏହି ଏସ୍‌ଡିଏଫ୍‌ରେ ଅନ୍ତର୍ଭୁକ୍ତ ରହିଛି। ଏ ସମ୍ପର୍କରେ ନାଲ୍‌କୋର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର କହିଛନ୍ତି, ଏହି ପୁରସ୍କାର ଆମର ନିରନ୍ତର ତଥା ପରିବେଶ ପ୍ରତି ଅନୁକୂଳ ଖଣି ଖନନ ପାଇଁ ଆମର ଦୃଢ଼ ପ୍ରତିବଦ୍ଧତାର ପ୍ରମାଣ। ଏପରିକି ନାଲ୍‌କୋ କର୍ମଚାରୀମାନଙ୍କର ଉତ୍ସର୍ଗୀକୃତ ତଥା ଦଳଗତ କାର୍ଯ୍ୟ ପ୍ରଣାଳୀ ତଥା ଖଣି ଖନନରେ ଅନୁସରଣ କରାଯାଉଥିବା ସର୍ବୋତ୍ତମ ପ୍ରୟୋଗ ଦ୍ୱାରା ଏହା ସମ୍ଭବ ହୋଇପାରିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ପରିଶେଷରେ ପାତ୍ର ମାଇନ୍ସର ସମସ୍ତ କର୍ମଚାରୀଙ୍କୁ ମଧ ଅଭିନନ୍ଦନ ଜଣାଇଛନ୍ତି।

# ଜୁନ୍‌ରେ ୨୩.୫% ରପ୍ତାନି ବୃଦ୍ଧି

ନୂଆଦିଲ୍ଲୀ,୧୪।୬

କେନ୍ଦ୍ର ସରକାରଙ୍କ ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ ଭାରତର ବାଣିଜ୍ୟ ରପ୍ତାନି ୨୩.୫୨% ବୃଦ୍ଧି ହୋଇ ୪୦.୧୩ ବିଲିୟନ ଡଲାରରେ ପହଞ୍ଚିଛି। ସେହିଭଳି ବାଣିଜ୍ୟ ନିଅଣ୍ଟ ମଧ ୨୬.୧୮ ବିଲିୟନ ଡଲାର ହୋଇଛି। ଗତ ବର୍ଷ ଜୁନ୍ ତୁଳନାରେ ଚଳିତ ବର୍ଷର ଆମଦାନୀ ୫୭.୫୫% ବୃଦ୍ଧି ପାଇ ୬୬.୩୧ ବିଲିୟନ ଡଲାରରେ ପହଞ୍ଚିଛି। ସେହିପରି ଚଳିତ ଆର୍ଥିକ ବର୍ଷ (ଏପ୍ରିଲରୁ ଜୁନ୍)ରେ ସଂଗୃହୀତ ରପ୍ତାନି ପ୍ରାୟ ୨୪.୫୧% ବୃଦ୍ଧି ହୋଇ ୧୧୮.୯୬ ବିଲିୟନ ଡଲାରରେ ପହଞ୍ଚିଥିବାବେଳେ ଆମଦାନୀ ୪୯.୪୭% ବୃଦ୍ଧି ପାଇ ୧୮୯.୭୬ ବିଲିୟନ ଡଲାରରେ ପହଞ୍ଚିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୩ ମାସରେ ବାଣିଜ୍ୟ ନିଅଣ୍ଟ ପୂର୍ବ ବର୍ଷ ଅବଧିରେ ୩୧.୪୨ ବିଲିୟନ ଡଲାରରୁ ୭୦.୮୦ ବିଲିୟନ ଡଲାରକୁ ବୃଦ୍ଧି ପାଇଛି।



ଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ 'ଜେନ୍ ନେକ୍ସଟ ଏ ୱାନ୍ ସଲ୍ୟୁସନ' ପ୍ରତିଯୋଗିତାର ୩ ବିଜେତାଙ୍କ ମଧ୍ୟରୁ ୨ଜଣ ଶସ୍ତ୍ର ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର। ଉଭୟ ବିଶ୍ୱବିଦ୍ୟାଳୟର ବି. ଟେକ୍ ଶେଷ ବର୍ଷର ଛାତ୍ର ଭେଙ୍କଟେଶ କୁମାର ଏମ୍ ଏବଂ ସୁଶ୍ରୀ ନିଜାସୁଜିତା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଅରୁନ୍ଧତୀ ମୋଟୋବାଇକ୍ସର ୧ମ ବର୍ଷ ପୂର୍ତ୍ତି ଉତ୍ସବ

ଭୁବନେଶ୍ୱର,୧୪।୭

ଦେଶର ପ୍ରମୁଖ ଦୁଇଚକିଆ ଯାନ 'ହିରୋ ମୋଟୋକର୍ପ'ର ପ୍ରମୁଖ ଡିଲର ଅରୁନ୍ଧତୀ ମୋଟୋବାଇକ୍ସ ୧ମ ବାର୍ଷିକ ଉତ୍ସବ ଗୁରୁବାର ସ୍ଥାନୀୟ ଲୁଇସ ରୋଡ୍‌ସ୍ଥିତ ଶୋ'ରୁମ୍ ପରିସରରେ ମହାଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ଅବସରରେ ଅରୁନ୍ଧତୀ ଗ୍ରୁପ୍‌ର ସିଏମ୍‌ଡି ବ୍ରହ୍ମାନନ୍ଦ ମେହେରଙ୍କ ଉପସ୍ଥିତିରେ ୧ମ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମେହେର କହିଥିଲେ, ତାଙ୍କ ସ୍ୱପ୍ନର ପ୍ରକଳ୍ପ ବିଗତ ବର୍ଷେ ତଳେ ବାସ୍ତବତାର ରୂପ ନେଇଥିଲା। ଏପରିକି ଭୁବନେଶ୍ୱରବାସୀଙ୍କୁ ନିରବଚ୍ଛିନ୍ନ ଭାବେ ସେବା ଯୋଗାଇବା ସହ ହଜାର ହଜାର ଗ୍ରାହକଙ୍କଠାରୁ ଉଚ୍ଚ ପ୍ରଶଂସିତ ହୋଇଛି। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକ ଯୋଗଦେଇ ଅରୁନ୍ଧତୀ




ମୋଟୋବାଇକ୍ସର ଉତ୍ତରୋତ୍ତର ଉନ୍ନତି କାମନା ସହ ଏହାର ସମସ୍ତ କର୍ମଚାରୀଙ୍କୁ ସମ୍ମାନିତ କରିଥିଲେ। ସେହିଭଳି ବର୍ଷକ ମଧରେ ସହଯୋଗର ହାତ ବଢ଼ାଇଥିବା ପ୍ରତ୍ୟେକ ଗ୍ରାହକଙ୍କୁ ଅରୁନ୍ଧତୀ ମୋଟୋବାଇକ୍ସ ପକ୍ଷରୁ ଅଭିନନ୍ଦନ ଓ କୃତଜ୍ଞତା ଜ୍ଞାପନ ସହ ଆଗକୁ ଆହୁରି ଦ୍ରୁତ ସେବା ଯୋଗାଇଦେବାକୁ ପ୍ରତିଶ୍ରୁତି ମଧ ଦିଆଯାଇଛି। ଅପରପକ୍ଷରେ ପ୍ରତିଦିନ ସକାଳ ୬ଟା ୩୦ରୁ ରାତି ୯ଟା ୩୦ ପର୍ଯ୍ୟନ୍ତ ସହରବାସୀ ଓ ହିରୋ ଗ୍ରାହକଙ୍କୁ ଆବଶ୍ୟକ ସେବା ଯୋଗାଇବା ସହ ପିକ୍ ଅପ୍ ଓ ଡ୍ରପ୍ ସେବା ମଧ ଯୋଗାଇ ଦିଆଯାଇଥାଏ। ଗ୍ରାହକଙ୍କ ଦ୍ୱାରା ସବୁବେଳେ ଆଦୃତ ଅରୁନ୍ଧତୀ ଗ୍ରୁପ୍‌ର ବାର୍ଷିକ ଉତ୍ସବ ଅବସରରେ ସଂସ୍ଥାର ସିନିୟର ମ୍ୟାନେଜର ସତ୍ୟବ୍ରତ ମହାନ୍ତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# 'ଭାବନାତ୍ମକ ସୁସ୍ଥତା ଓ ମାନସିକ ଚାପ ପରିଚାଳନା'

ଭୁବନେଶ୍ୱର,୧୪।୭

ଜିନ୍ଦଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିହେଭିଏରାଲ ସାଇନ୍ସ ପକ୍ଷରୁ ଗୁରୁବାର ସ୍ଥାନୀୟ ଜୟଦେବବିହାରସ୍ଥିତ ଏକ ହୋଟେଲ ପରିସରରେ 'ଭାବନାତ୍ମକ ସୁସ୍ଥତା ଓ ମାନସିକ ଚାପ ପରିଚାଳନା' ଶୀର୍ଷକ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜିନ୍ଦଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିହେଭିଏରାଲ ସାଇନ ମୁଖ୍ୟ ନିର୍ଦ୍ଦେଶକ ଡାକ୍ତର ପି. ସାହାଣୀ ଅଧିବେଶନରେ ଅଧକ୍ଷତା କରିଥିଲେ। ଉକ୍ତ ଅଧିବେଶନରେ ସହରର ପ୍ରମୁଖ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷକ ଓ କାଉନସିଲରମାନଙ୍କୁ ସେ ପରାମର୍ଶ ପ୍ରଦାନ କରିଛନ୍ତି। ଉକ୍ତ ଅଧିବେଶନରେ ୩୦ଟି ବିଦ୍ୟାଳୟରୁ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ଶିକ୍ଷାବିତ୍ ଅଂଶଗ୍ରହଣ କରିଥିଲେ। ବିଶେଷକରି ଏକାଗ୍ରତା,



ଧ୍ୟାନ ଓ ଶାରୀରିକ ବ୍ୟାୟାମ ଇତ୍ୟାଦିକୁ ନିଜର ଦୈନନ୍ଦିନ ଜୀବନରେ ସାମିଲକରି ମାନସିକ ଚାପ ବା ଷ୍ଟ୍ରେସ୍ ପରିଚାଳନା ନିମନ୍ତେ ବିଭିନ୍ନ ଉପାୟ ସହ କର୍ମମୟ ଜୀବନରେ ଉପଯୁକ୍ତ ସନ୍ତୁଳନ ରକ୍ଷାକରିବା ଓ ଚାପମୁକ୍ତ ରହିବା ସମ୍ପର୍କରେ ଡା. ସାହାଣୀ ପରାମର୍ଶ ପ୍ରଦାନ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଡାକ୍ତର ସାହାଣୀଙ୍କ ଦ୍ୱାରା ପରିଚାଳିତ ଏହି ସ୍ପେଶିଆଲାଇଜ୍‌ଡ ଟିଚର ଟ୍ରେନିଂ କାର୍ଯ୍ୟକ୍ରମକୁ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ସ୍ୱୀକୃତି ମିଳିସାରିଛି। ତାଙ୍କ ଦ୍ୱାରା ପ୍ରସ୍ତୁତ ଏହି ପାଠ୍ୟକ୍ରମ ବା ମଡ୍ୟୁଲଟି ୱାରଟନ୍ କ୍ୟୁଏସ୍ କ୍ୱାକ୍ୱେରଲି ସାଇମଣ୍ଡସ୍ ସଷ୍ଟେନିବିଲିଟି ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। ଏହା ବିଶ୍ୱ ସ୍ତରରେ ହୋଇଥିବା ସର୍ବଶ୍ରେଷ୍ଠ ଅଭିନବ ଉଦ୍ଭାବନଗୁଡ଼ିକର ଶ୍ରେଷ୍ଠ ୧୨% ମଧରେ ସ୍ଥାନ ପାଇଛି।

## ସାପ କାମୁଡ଼ାରେ ଦମ୍ପତି ମୃତ

**ପାଇକମାଳ,(ଡି.ଏନ.ଏ.):** ବରଗଡ ଜିଲା ପାଇକମାଳ ବ୍ଲକ ଝିଁକି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ବୁଧବାର ରାତିରେ ଘରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ କାମୁଡ଼ି ଦେବାରୁ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତ ଦମ୍ପତି ହେଲେ ଶଙ୍କର ପ୍ରଧାନ (୨୬) ଓ ଶାନ୍ତି ପ୍ରଧାନ (୨୨)। ତେବେ ଦେଢବର୍ଷର ଶିଶୁପୁତ୍ର ଅଳ୍ପକେ ବର୍ତ୍ତିଯାଇଛନ୍ତି। ରାତି ପ୍ରାୟେ ଅଢେଇଟା ସମୟରେ ଏକ ବିଷାକ୍ତ ଚିତି ସାପ ପ୍ରଥମେ ଶାନ୍ତି ଓ ପରେ ଶଙ୍କରଙ୍କୁ କାମୁଡି ଦେଇଥିଲା। ପରିବାର ଲୋକେ ସେମାନଙ୍କୁ ଗୁରୁବାର ସକାଳେ ପାଇକମାଳ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ଉଭୟଙ୍କୁ ନୂଆପଡା ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଉକ୍ତ ଦମ୍ପତିଙ୍କୁ ମୃତ ଘୋଷଣା କରାଯାଇଥିଲା।

# ଏସ୍‌ସିବିରେ ଉପଲବ୍ଧ ହେବ ଲିଭର ପ୍ରତିରୋପଣ

### ଆସ୍ତର ସିଏମ୍‌ଆଇ ହସ୍ପିଟାଲ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ବୁଝାମଣାପତ୍ର

ଭୁବନେଶ୍ୱର,୧୪।୭(ବ୍ୟୁରୋ)

ଶିଶୁମାନଙ୍କ କ୍ଷେତ୍ରରେ ଲିଭର ଟ୍ରାନ୍ସପ୍ଲାଣ୍ଟ କରିବା ପାଇଁ ଗୁରୁବାର ବେଙ୍ଗାଲୁରୁର ଆସ୍ତର ସିଏମ୍‌ଆଇ ହସ୍ପିଟାଲ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଓ ବିଭାଗୀୟ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ ଉପସ୍ଥିତିରେ ଆସ୍ତର ସିଏମ୍‌ଆଇ ହସ୍ପିଟାଲ ପକ୍ଷରୁ ଆଞ୍ଚଳିକ ନିର୍ଦ୍ଦେଶକ ନୀତୀଶ ସେଟ୍ଟି ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଡିଏମ୍‌ଇଟି ରମାରମଣ ମହାନ୍ତି ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ସୁବିଧା ପ୍ରଥମ ଥର ଲାଗି ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଉପଲବ୍ଧ ହେବ।

ଏଠାରେ ଆସ୍ତର ହସ୍ପିଟାଲ ଡାକ୍ତରମାନେ ଯକୃତ ରୋଗରେ ପୀଡ଼ିତ ଶିଶୁମାନଙ୍କ ପରୀକ୍ଷାନିରୀକ୍ଷା କରିବା ପରେ ଅସ୍ତ୍ରୋପଚାରର ଆବଶ୍ୟକତା ପଡ଼ିଲେ ସେମାନଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇଦେବେ। ଏହାସହ ଆସ୍ତର ପକ୍ଷରୁ ଡାକ୍ତର, ନର୍ସ, ପାରାମେଡିକ୍ସମାନଙ୍କୁ ଲିଭର ଟ୍ରାନ୍ସପ୍ଲାଣ୍ଟ ସମ୍ପର୍କିତ ସମସ୍ତ ପ୍ରକାର ତାଲିମ ପ୍ରଦାନ କରାଯିବ। ଏହି ଅବସରରେ ମନ୍ତ୍ରୀ ଦାସ କହିଥିଲେ, ଉକ୍ତ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ଦ୍ୱାରା ରାଜ୍ୟରେ ସୁପରସ୍ପେଶାଲିଟି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ ହୋଇଛି। ଏହାଦ୍ୱାରା ପ୍ରକୃତ ରୋଗୀ ବିନା ମୂଲ୍ୟରେ ଅତ୍ୟାଧୁନିକ ଚିକିତ୍ସାସୁବିଧା ପାଇପାରିବ। ଏଥିପାଇଁ ଆଉ ଖର୍ଚ୍ଚାନ୍ତ ହୋଇ ରାଜ୍ୟ ବାହାରକୁ ରୋଗୀଙ୍କୁ ଯିବାକୁ ପଡ଼ିବ ନାହିଁ। ସରକାରଙ୍କ ଯୋଜନା ଅନୁଯାୟୀ ଆଗାମୀ ଦିନରେ ବୟସ୍କମାନଙ୍କୁ ମଧ୍ୟ ଲିଭର ଟ୍ରାନ୍ସପ୍ଲାଣ୍ଟର ସୁବିଧା ଯୋଗାଇ ଦିଆଯିବ ବୋଲି ସେ ପ୍ରକାଶ କରିଥିଲେ।


ବୁଝାମଣାପତ୍ର ସ୍ୱାକ୍ଷର ବେଳେ ଉପସ୍ଥିତ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଓ ଅନ୍ୟ କାର୍ଯ୍ୟକର୍ତ୍ତା।

## ମାଟିତଳୁ ଶିଶୁପୁତ୍ରର ମୃତଦେହ ଜବତ

ଏମ୍‌ଭି-୭୯,୧୪।୭(ଡି.ଏନ.ଏ.)

**ସନ୍ଦେହ ଘେରରେ ମା'ବାପା**

ଜନ୍ମକଲା ନବଜାତ ଶିଶୁଙ୍କୁ ହତ୍ୟା କରିବା ଭଳି ସାଂଘାତିକ ଅଭିଯୋଗ ଆସିଛି ମାଆବାପାଙ୍କ ଉପରେ। ଏହାର ଏକ ଭିଡିଓ ବିଭିନ୍ନ ମୋବାଇଲରେ ଦେଖିବାକୁ ମିଳିଛି। ଜଣେ ବ୍ୟକ୍ତି ମାଟି ଖୋଳି ନବଜାତ ଶିଶୁର ଗଳିତ ମୃତଦେହ ବାହାର କରିବା ଏବଂ ତାଙ୍କୁ ଶତାଧିକ ଗ୍ରାମବାସୀ ଘେରି ରହିଥିବାର ଦୃଶ୍ୟ ମୋବାଇଲରୁ ଜଣାପଡ଼ିବା ପରେ ଏନେଇ ସମ୍ପୃକ୍ତ ଅଞ୍ଚଳରେ ଆଲୋଡନ ସୃଷ୍ଟି ହୋଇଛି। ମାଲକାନଗିରି ଜିଲା କାଲିମେଲା ବ୍ଲକ ଏମ୍‌ପିଭି-୮୩ ଗ୍ରାମରେ ଘଟିଛି ଏପରି ଘଟଣା। ଖବରରୁ ଜଣାପଡିଛି ଗତ ୧୨ ତାରିଖରେ ଏମ୍‌ପିଭି-୮୩ ଗ୍ରାମର ବିନୋଦ ପାଇକ ଓ ଜାମଲିଙ୍କ ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ଜନ୍ମ ପରେ ଗ୍ରାମବାସୀ ଶିଶୁଟି ସମ୍ପର୍କରେ କିଛି ଜାଣି ନ ପାରିବାରୁ ମାଆବାପାଙ୍କ ଉପରେ ସନ୍ଦେହ କରିଥିଲେ। ନବଜାତ ଶିଶୁପୁତ୍ରକୁ ସେମାନେ ମାରିଦେଇଥାଇପାରନ୍ତି ବୋଲି ସନ୍ଦେହ କରି ଗ୍ରାମବାସୀ ମୋଟୁ ଥାନାରେ ଜଣାଇଥିଲେ। ପରେ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିଥିଲା। ପୋଲିସ ସହ ବିନୋଦ ଜଙ୍ଗଲକୁ ଯାଇ ମାଟି ଖୋଳି ଶିଶୁପୁତ୍ରର ଗଳିତ ମୃତଦେହ ବାହାର କରିଥିଲେ। ଘଟଣା ନେଇ ମୋଟୁ ଥାନାରେ ୧୨/୨୨ରେ ଏକ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଛି।

## ମା' କାଖରେ ଦିବ୍ୟାଙ୍ଗ ଝିଅ

### ରାଶନ କାର୍ଡ ପାଇବା ପାଇଁ ଗୁହାରି

ବୌଦ୍ଧ,୧୪।୭(ସ୍ୱ.ପ୍ର.)

ସରକାର ବିଭିନ୍ନ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ କରୁଥିବା ଡିଣ୍ଡିମ ପିଟୁଥିବା ବେଳେ ଅସହାୟ ଗରିବ ଲୋକେ କିପରି କରୁଣ ସ୍ଥିତିରେ ରହୁଛନ୍ତି ତାର ଜ୍ୱଳନ୍ତ ଉଦାହରଣ ବୌଦ୍ଧ ଜିଲାରେ ଦେଖିବାକୁ ମିଳିଛି। ଗୁରୁବାର ଜଣେ ଦିବ୍ୟାଙ୍ଗ ମହିଳା ରାଶନ କାର୍ଡ ପାଇବା ପାଇଁ ଗୁହାରି କରିବାକୁ ନିଜ ବୁଢୀ ମା' କାନ୍ଧରେ ବସି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିବା ଘଟଣା ଜିଲାରେ ସରକାରୀ ଯୋଜନାର କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବୌଦ୍ଧ ବ୍ଲକ ବ୍ରାହ୍ମଣପାଲି ପଞ୍ଚାୟତ ଭୁକ୍ତାପଡା ଗ୍ରାମର ତରଙ୍ଗିନୀ ଉର୍ମା (୪୦) ଜଣେ ଦିବ୍ୟାଙ୍ଗ। ସେ ଚଲାବୁଲା କରିପାରନ୍ତି ନାହିଁ। ଫଳରେ ସେ ବିଧବା ବୁଢୀ ମା'ଙ୍କ ସାହାରାରେ ଚଳି ଆସୁଛନ୍ତି। ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଦିନକୁ ଦିନ ଚଳିବା କଷ୍ଟକର ହୋଇପଡିଛି। ଏଭଳି ପରିସ୍ଥିତିରେ ତାଙ୍କ ପାଇଁ ସରକାରୀ ଯୋଜନା ଅପହଞ୍ଚ ହୋଇଛି। ୩୫ କେଜି ଚାଉଳ ପାଇବା ପାଇଁ ଏକ ରାଶନ କାର୍ଡ ପ୍ରଦାନ କରିବାକୁ ବହୁବାର ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟକୁ ଧାଇଁ ଧାଇଁ ନିରାଶ ହେବା ପରେ ଶେଷରେ ମା'ଙ୍କ କାନ୍ଧରେ ବସି ଗୁହାରି କରିବାକୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଗାଁରୁ ବସ୍‌ରେ ଆସି ବୌଦ୍ଧ ବସ୍‌ଷ୍ଟାଣ୍ଡରୁ ପ୍ରାୟ ୨ କି.ମି. ଦୂର ଚାଲିଚାଲି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଥିଲା। ତରଙ୍ଗିନୀ ଏନେଇ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିବା ବେଳେ କେବଳ ରାଶନ କାର୍ଡ ଖଣ୍ଡିଏ ପ୍ରଦାନ କଲେ ପେଟକୁ ଦୁଇମୁଠା ଖାଦ୍ୟ ମିଳିପାରନ୍ତା ବୋଲି କୋହଭରା କଣ୍ଠରେ ପ୍ରକାଶ କରିଥିଲେ।


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବୁଢୀ ମା'ଙ୍କ ସହ ଦିବ୍ୟାଙ୍ଗ ମହିଳା।

## ୭ ଜିଲାରେ ନିଅଣ୍ଟିଆ ବର୍ଷା

ଭୁବନେଶ୍ୱର,୧୪।୭(ବ୍ୟୁରୋ)

ଦକ୍ଷିଣ ପଶ୍ଚିମ ମୌସୁମୀ ପ୍ରବେଶ କରିବା ପରଠାରୁ ରାଜ୍ୟରେ ଯେତିକି ବର୍ଷା ହେବା କଥା ସେତିକି ହୋଇନାହିଁ। କେତେକ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ କିଛି ଜିଲାରେ ସ୍ୱାଭାବିକଠାରୁ ଅଧିକ ଏବଂ ଆଉ କିଛି ଜିଲାରେ ନିଅଣ୍ଟିଆ ବର୍ଷା ହୋଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଜୁନ୍ ୧ରୁ ଜୁଲାଇ ୧୪ ମଧ୍ୟରେ ରାଜ୍ୟରେ ୩୪୫.୫ ମିମି ବର୍ଷା ହେବା ସ୍ଥଳେ ହୋଇଛି ୩୪୦.୮ ମିଲିମିଟର। ୬ ଜିଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେହି ଜିଲାଗୁଡ଼ିକ ହେଲା ବୌଦ୍ଧ, ଢେଙ୍କାନାଳ, କନ୍ଧମାଳ, ରାୟଗଡ଼ା, ମାଲକାନଗିରି ଓ ନୂଆପଡ଼ା। ୭ ଜିଲାରେ ନିଅଣ୍ଟିଆ ବର୍ଷା ହୋଇଛି। ସେହି ଜିଲାଗୁଡ଼ିକ ହେଲା ସୁନ୍ଦରଗଡ଼, ସମ୍ବଲପୁର, ବଲାଙ୍ଗୀର, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା। ବାକି ୧୭ ଜିଲାରେ ସ୍ୱାଭାବିକ ବର୍ଷା ହୋଇଛି। ମୌସୁମୀ ବାୟୁ ପୂରା ରାଜ୍ୟକୁ ଛୁଇଁବା ପରେ ଏକାଧିକ ଥର ଲଘୁଚାପ ବର୍ଷା ହୋଇଛି। କିନ୍ତୁ ସବୁ ଅଞ୍ଚଳରେ ଏହି ବର୍ଷା ହୋଇନାହିଁ।

## ମିଶାଇଲ ମାଡ଼ରେ ୨୨ ମୃତ

### ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ୨୦ ସପ୍ତାହ

କିଭ୍, ୧୪।୭

କେନ୍ଦ୍ରୀୟ ୟୁକ୍ରେନ୍‌ର ଭିନିତ୍‌ସିଆ ସହରରେ ରୁଷିଆ ପକ୍ଷରୁ ଗୁରୁବାର ମିଶାଇଲ ମାଡ଼ କରାଯାଇଛି। ଏଥିରେ ୨୨ ଜଣଙ୍କ ଜୀବନ ଯାଇଥିବାବେଳେ ଶତାଧିକ ଆହତ ହୋଇଛନ୍ତି। ରୁଷୀୟ ସୈନ୍ୟ ଜାଣିଶୁଣି ଜନବସତି ଅଞ୍ଚଳକୁ ଟାର୍ଗେଟ କରୁଛନ୍ତି ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଅଭିଯୋଗ ଆଣିଛନ୍ତି।

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ୨୦ ସପ୍ତାହରେ ପହଞ୍ଚିଥିବାବେଳେ ବ୍ଲାକ୍ ସିକୁ ଟାର୍ଗେଟର ମାଧ୍ୟମ କରିଛି ମସ୍କୋ। କୃଷ୍ଣ ସାଗରରେ ରୁଷିଆର ଏକ ବୁଡ଼ାଜାହାଜରୁ କାଲିବର କ୍ରୁଜ୍ ମିଶାଇଲ ଉତ୍‌କ୍ଷେପଣ କରାଯାଇଥିଲା। କିଭ୍‌ରୁ ୨୬୮ କି.ମି. ଦୂରରେ ଥିବା ଭିନିତ୍‌ସିଆ ଅଞ୍ଚଳକୁ ଟାର୍ଗେଟ କରି କ୍ଷେପଣାସ୍ତ୍ର ଛଡ଼ାଯାଇଥିବାବେଳେ ସେଥିରୁ ୨ଟିକୁ ୟୁକ୍ରେନ୍ ଖସାଇ ଦେଇଥିବା ଦାବି କରିଛି। ମାଡ଼ ହୋଇଥିବା ଅନ୍ୟ ୨ ମିଶାଇଲ ଯୋଗୁ ୨୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ପରିଚୟ ମିଳିଛି। ଅନ୍ୟ ୩୯ ଜଣ ନିଖୋଜ ଥିବା କୁହାଯାଇଛି।

## ବେଆଇନ ଫୋନ୍ ଟ୍ୟାପିଂ ମାମଲା: ଚିତ୍ରା ପୁଣି ଗିରଫ

ନୂଆଦିଲ୍ଲୀ, ୧୪।୭

ଏକ ମନିଲଣ୍ଡରିଂ ମାମଲା ସମ୍ପର୍କିତ ଫୋନ୍ ଟ୍ୟାପିଂ ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଗୁରୁବାର ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ପୂର୍ବତନ ପରିଚାଳନା ନିର୍ଦ୍ଦେଶିକା ଚିତ୍ରା ରାମକ୍ରିଷ୍ଣାଙ୍କୁ ଗିରଫ କରିଛି। ଉକ୍ତ ମାମଲାରେ ତଦନ୍ତ ପାଇଁ ଦିଲ୍ଲୀର ଏକ କୋର୍ଟରୁ ଅନୁମତି ମିଳିବା ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଚିତ୍ରାଙ୍କୁ ୪ ଦିନିଆ ରିମାଣ୍ଡରେ ନେବା ପାଇଁ ସ୍ୱତନ୍ତ୍ର ବିଚାରପତି ସୁନୈନା ଶର୍ମା ଇଡିକୁ ଅନୁମତି ଦେଇଛନ୍ତି। ପ୍ରକାଶ ଯେ, ସିବିଆଇ ତଦନ୍ତ କରୁଥିବା ଏକ ଭିନ୍ନ ମାମଲାରେ ରାମକ୍ରିଷ୍ଣା ଗିରଫ ହୋଇ ତିହାର ଜେଲରେ ଥିଲେ।



## ଅଭିଯୋଗକାରୀଙ୍କୁ ପୋଲିସର ଠେଙ୍ଗିଆ

କାମାକ୍ଷାନଗର, ୧୪।୭(ଡି.ଏନ୍.ଏ.)

ଶୋଚନୀୟ ହୋଇପଡ଼ିଥିବା ସଡ଼କ ସମସ୍ୟା ନେଇ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରକୁ ଆସିଥିବା ଜଣେ ଅଭିଯୋଗକାରୀଙ୍କୁ ପୋଲିସ ଠେଙ୍ଗିଆମାରି ଥାନାକୁ ନେଇଯିବା ଭଳି ସ୍ପର୍ଶକାତର ଘଟଣା ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକରେ ଆଲୋଡ଼ନ ସୃଷ୍ଟି କରିଛି। ଗତ ୧୧ ତାରିଖରେ ଏହି ଘଟଣା ଘଟିଥିବା ବେଳେ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବାଟଗାଁ ପଞ୍ଚାୟତ ଗୋଡିସାହିର ଯୁବକ ବିପିନ ପରିଡ଼ା ଗ୍ରାମର ରାସ୍ତା ସମସ୍ୟା ସମ୍ପର୍କରେ ଅଭିଯୋଗ ନେଇ ଆସିଥିଲେ ଏବଂ ବଡ଼ପାଟିରେ ଅଭିଯୋଗ ଜଣାଇଥିଲେ। ତେବେ ସେଠାରେ ଉପସ୍ଥିତ ପୋଲିସ ଅଧିକାରୀମାନେ ତାଙ୍କୁ ଶିବିର ନିକଟରୁ ଟାଣି ଆଣିବା ସହ ଠେଙ୍ଗିଆ ମାରି ପୋଲିସ ଭ୍ୟାନରେ ବସାଇ ଥାନାକୁ ନେଇଯାଇଥିଲେ।

## କ୍ଷତି ସହୁଛି ଓଏସ୍‌ଆର୍‌ଟିସି

ଭୁବନେଶ୍ୱର,୧୪।୭(ବ୍ୟୁରୋ)

ରାଜ୍ୟରେ ମୋଟ ୩୮୧ ଓଏସ୍‌ଆର୍‌ଟିସି ବସ୍ ଚାଲୁଛି। ନିକଟ ଭବିଷ୍ୟତରେ ୨୦୦ ନୂଆ ବସ୍ କ୍ରୟ କରିବା ଯୋଜନା ଥିବା ରାଜ୍ୟ ସରକାର ଉଲ୍ଲେଖ କରିଛନ୍ତି। ତେବେ ଓଏସ୍‌ଆର୍‌ଟିସି ବସ୍ ଯୋଗୁ ରାଜ୍ୟ ସରକାର କ୍ଷତି ସହୁଥିବା ଜଣାପଡ଼ିଛି। ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି, ୨୦୨୧-୨୨ ଆର୍ଥିକ ବର୍ଷରେ ୧୫୧.୮୬ ଲକ୍ଷ ଟଙ୍କା ଲାଭ ହୋଇଛି। ୨୦୨୦-୨୧ ଆର୍ଥିକ ବର୍ଷରେ ୧,୦୫୪.୭୨ ଲକ୍ଷ ଟଙ୍କା କ୍ଷତି ହୋଇଛି। ୨୦୧୯-୨୦ ଆର୍ଥିକ ବର୍ଷରେ ୯୦୬.୨୦ ଲକ୍ଷ ଟଙ୍କା କ୍ଷତି ହୋଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ ୩୫୩.୭୮ ଲକ୍ଷ ଟଙ୍କା ଲାଭ ହୋଇଛି। ସେହିପରି ୨୦୧୭-୧୮ ଆର୍ଥିକ ବର୍ଷରେ ୨୪୭.୯୦ ଲକ୍ଷ ଟଙ୍କା ଲାଭ ହୋଇଛି। ତେବେ ୩୧।୦୩।୨୦୨୨ ସୁଦ୍ଧା ୧୮,୨୦୦ ଲକ୍ଷ ଟଙ୍କା କ୍ରମାନ୍ୱୟ କ୍ଷତି ହୋଇଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

ସେହିପରି ରାଜ୍ୟ ସରକାର ଗତ ୫ ବର୍ଷ ମଧ୍ୟରେ ଓଏସ୍‌ଆର୍‌ଟିସି ବସ୍ ଲାଗି ୧୦,୭୫୧.୬୧ ଲକ୍ଷ ଟଙ୍କା ଅନୁମୋଦନ କରିଛନ୍ତି। ୨୦୨୧-୨୨ ଆର୍ଥିକ ବର୍ଷରେ ୩୦୦୦ ଲକ୍ଷ ଟଙ୍କା, ୨୦୨୦-୨୧ ଆର୍ଥିକ ବର୍ଷରେ ସରକାର କିଛି ଅନୁମୋଦନ କରିନାହାନ୍ତି। ସେହିପରି ୨୦୧୯-୨୦ରେ ୨୦୨୮.୫୦ ଲକ୍ଷ, ୨୦୧୮-୧୯ରେ ୩୮୦୪.୩୪ ଲକ୍ଷ, ୨୦୧୭-୧୮ରେ ୧୯୧୮.୭୭ ଲକ୍ଷ ଟଙ୍କା ଅନୁମୋଦନ ହୋଇଛି। ସେହିପରି ଏହି ୫ ବର୍ଷରେ ଏହାର ମୂଳଧନ ୯୦୦୦ ଲକ୍ଷ ଟଙ୍କା ଥିବା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

**ଫୁର୍‌ସତ**

## ସ୍ତ୍ରୀ ହେଲେ ମାସକୁ ୨୫ ଲକ୍ଷ ଅଫର


ନୀତୁ ଚନ୍ଦ୍ରା

**ମୁମ୍ବାଇ:** ସ୍ତ୍ରୀ ହେଲେ ମାସକୁ ମିଳିବ ୨୫ ଲକ୍ଷ। ଜଣେ ବ୍ୟବସାୟୀଙ୍କ ନିକଟରୁ ବଲିଉଡ୍ ଅଭିନେତ୍ରୀ ନୀତୁ ଚନ୍ଦ୍ରାଙ୍କୁ ମିଳିଥିଲା ଏଭଳି ଏକ ଘୃଣ୍ୟ ଅଫର। ଅଙ୍ଗେ ନିଭାଇଥିବା ଏଭଳି ଦୁଃଖଦ ଘଟଣାକୁ ନିକଟରେ ଏକ ସାକ୍ଷାତ୍‌କାରରେ ସାର୍ବଜନୀନ କରିଛନ୍ତି ସେ। ବି-ଟାଉନ୍‌ରେ କେତେବେଳେ କାହା ଭାଗ୍ୟ ବଦଳିଯିବ ତାହା କହିବା ମୁସ୍କିଲ୍। ଇଣ୍ଡଷ୍ଟ୍ରିରେ କିଏ କେତେବେଳେ ଉପରକୁ ଉଠିଯାଏ ତ କିଏ କେବେ ହଜିଯାଆନ୍ତି। ଠିକ୍ ସେମିତି ଜଣେ ଅଭିନେତ୍ରୀ ହେଉଛନ୍ତି ନୀତୁ ଚନ୍ଦ୍ରା। ନାୟିକା ନୀତୁ ୨୦୦୫ରେ ଫିଲ୍ମ 'ଗରମ ମସଲା' ଜରିଆରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଏଥିରେ ସେ ଏୟାରହୋଷ୍ଟେସ୍ ଚରିତ୍ରରେ ନଜରକୁ ଆସିଥିଲେ। ଖିଲାଡି ଷ୍ଟାର ଅକ୍ଷୟ କୁମାର ଏବଂ ଜନ୍ ଆବ୍ରାହମ୍ ମଧ୍ୟ ତାଙ୍କ ବିପକ୍ଷରେ ଅଭିନୟ କରିଥିଲେ। ଏହା ପରେ ସେ 'ଟ୍ରାଫିକ୍ ସିଗ୍‌ନାଲ୍', 'ୱାନ୍ ଥ୍ରୀ', 'ଓଏ ଲକି ଲକି ଓଏ' ଭଳି ସିନେମାରେ ଅଭିନୟ କରିଥିଲେ। ଶେଷ ଥର ପାଇଁ ତାଙ୍କୁ 'କୁଛ୍ ଲଭ୍ ଜୈସା'ରେ ଦେଖିବାକୁ ମିଳିଥିଲା। ହାତଗଣତି ସିନେମାରେ ଅଭିନୟ କରିଥିଲେ ମଧ୍ୟ ନୀତୁ ଦର୍ଶକଙ୍କ ମନରେ ଛାଡ଼ିଛନ୍ତି ସ୍ୱତନ୍ତ୍ର ଛାପ। ତେବେ ମାସିକ ୨୫ ଲକ୍ଷ ଟଙ୍କାରେ ଜଣେ ବ୍ୟବସାୟୀ ନୀତୁଙ୍କୁ ତାଙ୍କର ଧର୍ମପତ୍ନୀ ହେବାକୁ ଅଫର ଦେଇଥିଲେ। ଲୋକମାନେ ବିବାହ ଭଳି ପବିତ୍ର ସମ୍ପର୍କକୁ ନେଇ ଡିଲ୍ କରିପାରନ୍ତି, ଏହା ଭାବିବା ବେଳକୁ ବିଶ୍ୱାସ କରିବା କଷ୍ଟକର ବୋଲି ନୀତୁ କୋହଭରା କଣ୍ଠରେ କହିଛନ୍ତି।

## ବିକାଶ କ୍ଷେତ୍ରରେ ଯୁବବର୍ଗଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




ପୃଥିବୀର ବିକାଶ କ୍ଷେତ୍ରରେ ଯୁବବର୍ଗଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯୁବବର୍ଗଙ୍କ ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁଲାଇ ୧୫ରେ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଥାଏ। ୨୦୧୪, ଜୁଲାଇ ୧୫ରେ ମିଳିତ ଜାତିସଂଘର ସାଧାରଣ ସଭା ଏହି ଦିବସ ପାଳନ କରିବା ନିମନ୍ତେ ଘୋଷଣା କରିଥିଲା। ଯୁବବର୍ଗଙ୍କୁ ରୋଜଗାର, ଉପଯୁକ୍ତ କାର୍ଯ୍ୟ ଏବଂ ଉଦ୍ୟୋଗ ପାଇଁ ଦକ୍ଷତା ଉପଲବ୍ଧ କରାଇବା ସମ୍ପର୍କରେ ଏହି ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ପୃଥିବୀର ବିକାଶ ଲାଗି ଯୁବବର୍ଗଙ୍କୁ ବୈଷୟିକ ଏବଂ ଧନ୍ଦାମୂଳକ ଶିକ୍ଷା ତାଲିମ ପ୍ରଦାନ ଜରୁରୀ ବୋଲି ବିଶ୍ୱର ବିଭିନ୍ନ ରାଷ୍ଟ୍ର ହୃଦୟଙ୍ଗମ କରିଛନ୍ତି। ଏହି ଦିନ ଅର୍ଥାତ୍ ଜୁଲାଇ ୧୫ରେ ସ୍କିଲ୍ ଇଣ୍ଡିଆ ମିଶନ ମଧ୍ୟ ଆରମ୍ଭ କରାଯାଇଥିଲା। ଏହି ଦିନଟି ବର୍ତ୍ତମାନର ତଥା ଭବିଷ୍ୟତର ବିଶ୍ୱସ୍ତରୀୟ ଆହ୍ୱାନର ମୁକାବିଲା କରିବାରେ କୁଶଳୀ ଯୁବବର୍ଗମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ମଧ୍ୟ ପ୍ରାଧାନ୍ୟ ପ୍ରଦାନ କରିଥାଏ।

ସ୍କିଲ୍ ଇଣ୍ଡିଆ ହେଉଛି କେନ୍ଦ୍ର ସରକାରଙ୍କ ଏକ ପଦକ୍ଷେପ, ଯାହା ଯୁବ ଦକ୍ଷତାକୁ ସଶକ୍ତ କରିବା ଏବଂ ସେମାନଙ୍କୁ କାର୍ଯ୍ୟକ୍ଷେତ୍ରରେ ଅଧିକ ନିଯୁକ୍ତି ଏବଂ ଉତ୍ପାଦନକ୍ଷମ କରିବା ପାଇଁ ଆରମ୍ଭ କରାଯାଇଥିଲା। ୟୁନେସ୍କୋ ଅନୁଯାୟୀ, ବିଶ୍ୱର ପ୍ରାୟ ୭୦ ପ୍ରତିଶତ ଶିକ୍ଷାର୍ଥୀଙ୍କର ଶିକ୍ଷାସ୍ତରରେ ବିଦ୍ୟାଳୟକୁ ନ ଯିବା ଯୋଗୁ ପାଠପଢ଼ା ପ୍ରଭାବିତ ହୋଇଥାଏ ବୋଲି ଆକଳନ କରାଯାଇଛି। ଏହାର ବିଭିନ୍ନ କାରଣ ମଧ୍ୟ ରହିଛି। ୟୁନେସ୍କୋ, ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲଓ) ଏବଂ ବିଶ୍ୱ ବ୍ୟାଙ୍କ ମିଳିତ ଭାବେ ଯୁବବର୍ଗଙ୍କ ବିକାଶ ଲାଗି କାର୍ଯ୍ୟ କରିଥାନ୍ତି। ଏହି ଦିବସ ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନାନାପ୍ରକାର ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।

## ପିଲାଙ୍କ ଦେହରେ ଟାଟୁ

ୱେଲିଂଟନ୍: ନିଜର ନିଆରା ସଉକ୍ ପାଇଁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି ନ୍ୟୁଜିଲାଣ୍ଡର ଚାଇଲ୍ଡ ଟାଟୁ ଆର୍ଟିଷ୍ଟ ବେଞ୍ଜାମିନ୍ ଲାୟଡ୍। ବେଞ୍ଜାମିନ୍ କେବଳ ଛୋଟ ପିଲାଙ୍କ ଦେହରେ ଟାଟୁ କରିଥାନ୍ତି। ୨୦୧୬ରୁ ସେ ଏହି କାମ ଆରମ୍ଭ କରିଥିଲେ। ହେଲେ ତାଙ୍କ ଟାଟୁ ଥିଲା ଅନ୍ୟମାନଙ୍କଠାରୁ ଭିନ୍ନ। ଟାଟୁ ଆର୍ଟିଷ୍ଟମାନେ ସାଧାରଣତଃ ସାବାଳକଙ୍କ ଶରୀରରେ ଟାଟୁ ଆଙ୍କିଥାଆନ୍ତି। ହେଲେ ସେମାନଙ୍କଠାରୁ ପାଦେ ଆଗରେ ଅଛନ୍ତି ବେଞ୍ଜାମିନ୍। ସେ କେବଳ ଶିଶୁମାନଙ୍କ ଶରୀରରେ ଫୁଟାଉଛନ୍ତି ନିଜର ନିଆରା କଳା। ବେଞ୍ଜାମିନ୍ ଏୟାରବ୍ରଶ ସାହାଯ୍ୟରେ ପିଲାଙ୍କ ଶରୀରରେ ଟାଟୁ କରିଥାନ୍ତି। ପ୍ରଥମ ଥର ପାଇଁ ସେ ତାଙ୍କ ବନ୍ଧୁଙ୍କ ପୁଅ ଦେହରେ ଟାଟୁ କରିଥିଲେ। ଏହି ଟାଟୁକୁ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିଥିଲେ, ଯାହାକୁ ୪ ଲକ୍ଷରୁ ଅଧିକ ଲୋକ ପସନ୍ଦ କରିଛନ୍ତି।



## ଇନ୍ଦିରା ଗାନ୍ଧୀଙ୍କ ଭୂମିକାରେ କଙ୍ଗନା

ମୁମ୍ବାଇ: ଝାନ୍ସି ରାଣୀ ଲକ୍ଷ୍ମୀ ବାଈ, ଜୟଲଲିଥାଙ୍କ ବାୟୋପିକ୍ ପରେ ଏବେ ସବୁଠାରୁ ଶକ୍ତିଶାଳୀ ମହିଳା ତଥା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଭୂମିକାରେ ନଜର ଆସିଛନ୍ତି ବଲିଉଡ୍ ପଙ୍ଗା କୁଇନ୍ କଙ୍ଗନା ରାଣାୱତ୍। 'ମୁଁ ମାଡାମ୍ ନୁହେଁ ସାର୍, ଆମେରିକା ପ୍ରେସିଡେଣ୍ଟଙ୍କୁ କହିଦେବେ ମତେ ଅଫିସରେ ସମସ୍ତେ ସାର୍ କୁହନ୍ତି'। ରିଲିଜ୍ ହୋଇଥିବା ଆଗାମୀ ଫିଲ୍ମ 'ଏମର୍ଜେନ୍ସି'ର ଟିଜରରେ ଏପରି କିଛି ଦମଦାର ଡାଇଲଗ ସହ ନଜରକୁ ଆସିଛନ୍ତି କଙ୍ଗନା। ଟିଜରଟି ଏକ ଫୋନ କଲ୍‌ରୁ ଆରମ୍ଭ ହୋଇଛି। କଙ୍ଗନାଙ୍କ ଲୁକ୍, ଭଏସ୍ ଏବଂ ଏକ୍ସପ୍ରେଶନ୍‌କୁ ଇନ୍ଦିରାଙ୍କ ପରି ଅବିକଳ କରିବାକୁ ଉଦ୍ୟମ କରାଯାଇଛି। ଟିଜରକୁ କଙ୍ଗନା ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଶେୟାର କରିଛନ୍ତି। ସେଥିରେ ସେ ଲେଖିଛନ୍ତି, ପ୍ରାୟ ବର୍ଷେ ହେଲା ସେ ସିନେମା 'ଏମର୍ଜେନ୍ସି' ଉପରେ କାମ କରୁଛନ୍ତି। ରୀତେଶ ଶାହା ଏହି ଫିଲ୍ମର ରଚନା କରିଥିବାବେଳେ କଙ୍ଗନା ନିଜେ ଏହାର ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିଛନ୍ତି। ଏହା ପୂର୍ବରୁ ସେ 'ମଣିକର୍ଣ୍ଣିକା'ରେ ପ୍ରଥମ ନିର୍ଦ୍ଦେଶନା ଦେଇଥିଲେ। 'ଏମର୍ଜେନ୍ସି' ହେଉଛି ତାଙ୍କର ଦ୍ୱିତୀୟ ନିର୍ଦ୍ଦେଶିତ ସିନେମା। ରାଜନୈତିକ ଡ୍ରାମା ଉପରେ ଆଧାରିତ ଏହି ଚଳଚ୍ଚିତ୍ରରେ ଅନୁପମ ଖେର୍ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜରକୁ ଆସିବେ। ୨୦୨୩ରେ ଏହି ସିନେମା ପରଦାକୁ ଆସିବ। ଉକ୍ତ ଫିଲ୍ମ କଙ୍ଗନାଙ୍କୁ ପୁଣି ଥରେ 'ନ୍ୟାଶନାଲ ଫିଲ୍ମ ଆୱାର୍ଡ' ଜିତାଇବ ବୋଲି ଏବେଠାରୁ ବି-ଟାଉନ୍‌ରେ ଚର୍ଚ୍ଚା ଆରମ୍ଭ ହେଲାଣି।



# ଇଂଲଣ୍ଡକୁ ଜିତାଇଲେ ଟପ୍‌ଲେ


ପ୍ଲେୟର ଅଫ୍ ଦି ମ୍ୟାଚ୍ ରିସି ଟପ୍ଲେ । (୬/୨୪)

**ଲର୍ଡସ, ୧୪।୭**

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚକୁ ୧୦୦ ରନରେ ଜିତିନେଇଛି ଇଂଲଣ୍ଡ। ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୨୪୬ ରନ କରିଥିବା ବେଳେ ଭାରତକୁ ୧୪୬ ରନରେ ସୀମିତ ରଖି ସିରିଜକୁ ଫେରିଛି ଦଳ। ମାତ୍ର ୨୪ ରନ୍ ବ୍ୟୟରେ ୬ ଉଇକେଟ ନେଇ ଦ୍ରୁତ ବୋଲର ରିସି ଟପ୍‌ଲେ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଭାରତର ଟପ୍ ଅର୍ଡର ସମ୍ପୂର୍ଣ୍ଣ ଫେଲ୍ ମାରିଥିବା ବେଳେ ଜାଡେଜା ଓ ପାଣ୍ଡ୍ୟା ୨୯ ରନ ଲେଖାଏ ସ୍କୋର କରିଥିଲେ। ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲେ ରୋହିତ ଶର୍ମା।

ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ପକ୍ଷରୁ ଦୁଇ ଓପନର ଜାସନ ରୟ(୨୩) ଓ ଜନି ବେୟାରଷ୍ଟୋ(୩୮) ପ୍ରଥମ ଉଇକେଟରେ ୪୧ ରନ୍ ଯୋଗ କରିଥିଲେ। ରୟଙ୍କୁ ହାର୍ଦ୍ଦିକ ପାଣ୍ଡ୍ୟା ଆଉଟ କରିବା ପରେ ଚହଲଙ୍କ ସ୍ପିନ୍ ଯାଦୁ ଇଂଲଣ୍ଡ ପାଇଁ କାଳ ସାଜିଥିଲା। ଜୋ ରୁଟ୍(୧୧) ଓ ବେନ୍ ଷ୍ଟୋକ୍ସ(୨୧)ଙ୍କ ଉଇକେଟ ନେଇ ଇଂଲଣ୍ଡକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ ଚହଲ। ଲିଆମ୍ ଲିଭିଙ୍ଗଷ୍ଟୋନ୍(୩୩) ଏବଂ ମୋଇନ୍ ଅଲୀ(୪୭) ଇନିଂସ ସଜାଡିଥିଲେ। ନିମ୍ନକ୍ରମରେ ଡେଭିଡ୍ ୱିଲି (୪୧)ଙ୍କୁ ସାଥି କରି ଦଳୀୟ ସ୍କୋରକୁ ୨୦୦ ପାର କରାଇଥିଲେ ମୋଇନ୍ ଅଲୀ। ଇଂଲଣ୍ଡର ଟପ୍ ସ୍କୋରର ରହିଥିବା ମୋଇନ୍ ଅଲୀ ୬୪ ବଲ୍‌ରୁ ଦୁଇଟି ଲେଖାଏ ଛକା ଓ ଚୌକା ମାରିଥିଲେ। ଭାରତ ପକ୍ଷରୁ ୟୁଜବେନ୍ଦ୍ର ଚହଲ ୪୭ ରନ ବ୍ୟୟରେ ୪ଟି

**ଭାରତ-ଇଂଲଣ୍ଡ ଦ୍ୱିତୀୟ ଦିନିକିଆ**

ଉଇକେଟ ନେଇଥିଲେ। ପାଣ୍ଡ୍ୟା ଓ ବୁମରା ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

୨୪୭ ରନର ଲକ୍ଷ୍ୟ ଭାରତ ପାଇଁ ସହଜ ରହିବ ବୋଲି ଆଶା କରାଯାଉଥିଲା। ମାତ୍ର ଟପ୍ ଅର୍ଡର ବିପର୍ଯ୍ୟୟ ସହିତ ମ୍ୟାଚ ଇଂଲଣ୍ଡ ହାତକୁ ଟେକି ଦେଇଥିଲେ ବ୍ୟାଟ୍ସମ୍ୟାନ୍। ରୋହିତ ଶର୍ମା(୦), ଶିଖର ଧାୱନ(୯), ବିରାଟ କୋହଲି(୧୬) ଓ ରିଷଭ ପନ୍ତ(୦) ବିଫଳ ହେବା ସହିତ ମାତ୍ର ୩୧ ରନରେ ୪ ଉଇକେଟ ହରାଇଥିଲା ଭାରତ। ସୂର୍ଯ୍ୟକୁମାର ଯାଦବ(୨୭) ଓ ହାର୍ଦ୍ଦିକ ପାଣ୍ଡ୍ୟା(୨୯) ଇନିଂସ ସମ୍ଭାଳିବାକୁ ଉଦ୍ୟମ କରିବା ସହିତ ୪୨ ରନର ପାର୍ଟନରଶିପ୍ କରିଥିଲେ। ଯାଦବଙ୍କ ଉଇକେଟ ପତନ ପରେ ଦଳୀୟ ସ୍କୋର ୧୦୧ ଥିବାବେଳେ ପ୍ୟାଭିଲିୟନ ଫେରିଥିଲେ ପାଣ୍ଡ୍ୟା। ଶେଷ ଆଡକୁ ରବୀନ୍ଦ୍ର ଜାଡେଜା(୨୯) ଓ ମହମ୍ମଦ ଶାମି(୨୩) କିଛି ବଡ ଶଟ୍ ମାନ ଖେଳିଥିଲେ। ୩୮.୫ ଓଭରରେ ଭାରତ ସମସ୍ତ ଉଇକେଟ ହରାଇ ୧୪୬ ରନ ସଂଗ୍ରହ କରିଥିଲା। ଟପ୍‌ଲେଙ୍କ ବ୍ୟତୀତ ମୋଇନ୍ ଅଲୀ, ଲିଭିଙ୍ଗଷ୍ଟୋନ, କାର୍ସେ ଓ ଡେଭିଡ୍ ୱିଲି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ଇନିଂସ ୪୯ ଓଭରରେ ୨୪୬/ଅଲଆଉଟ (ମୋଇନ ଅଲୀ-୪୭, ଡେଭିଡ୍ ୱିଲି-୪୧, ଜନି ବେୟାରଷ୍ଟୋ-୩୮, ଲିଆମ ଲିଭିଙ୍ଗଷ୍ଟୋନ୍-୩୩; ୟୁଜବେନ୍ଦ୍ର ଚହଲ-୪/୪୭, ହାର୍ଦ୍ଦିକ ପାଣ୍ଡ୍ୟା-୨/୨୮, ଯଶପ୍ରୀତ ବୁମ୍‌ରା-୨/୪୯)। ଭାରତ ଇନିଂସ : ୩୮.୫ ଓଭରରେ ୧୪୬/ଅଲଆଉଟ (ହାର୍ଦ୍ଦିକ ପାଣ୍ଡ୍ୟା-୨୯, ରବୀନ୍ଦ୍ର ଜାଡେଜା-୨୯, ସୂର୍ଯ୍ୟକୁମାର ଯାଦବ-୨୭, ମହମ୍ମଦ ଶାମି-୨୩; ରିସି ଟପ୍‌ଲେ-୬/୨୪, ଲିଆମ ଲିଭଙ୍ଗଷ୍ଟୋନ୍-୧/୪)

# ଓଡ଼ିଶାକୁ ୧ ସ୍ୱର୍ଣ୍ଣ ସହ ୮ ପଦକ


ପଦକ ବିଜେତା ଓଡ଼ିଶା ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

**ଜାତୀୟ ସବ୍‌ଜୁନିୟର ଉଷୁ**

**ଭୁବନେଶ୍ୱର, ୧୪।୭ (କ୍ରୀଡ଼ା ପ୍ରତିନିଧି):** ହିମାଚଳ ପ୍ରଦେଶର ମାନ୍ଦିଠାରେ ଗୁରୁବାର ଶେଷ ହୋଇଥିବା ୨୨ତମ ଜାତୀୟ ସବ୍‌ଜୁନିୟର ଉଷୁ ଚାମ୍ପିୟନଶିପ୍‌ରେ ଓଡ଼ିଶାକୁ ମୋଟ ୮ଟି ପଦକ ମିଳିଛି। ଏହା ମଧ୍ୟରେ ୧ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ସାମିଲ। ୩୯ କେଜି ବାଳିକା ବର୍ଗରେ ଶ୍ୱେତାରାଣୀ ମହନ୍ତ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସାବିନୀ ମୁନ୍ଲା ବାଳିକା ୨୧ କେଜିରେ ଏବଂ ଅମିତ ବାବାଙ୍ଗା ୩୩ କେଜି ବାଳକ ବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି। ବାଳିକା ୪୫ କେଜିରେ ସବିତା ମୁଣ୍ଡା, ବାଳକ ୨୧ କେଜିରେ ସ୍ୱୋନ ମହନ୍ତ, ୨୪ କେଜିରେ ପପୁ ମୁଣ୍ଡା, ୨୭ କେଜିରେ ଯୋଗେଶ୍ୱର ମହନ୍ତ ଏବଂ ୩୯ କେଜି ବର୍ଗରେ ମଦନ ମୁଣ୍ଡା ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି। ପ୍ରତିଯୋଗିତାର ସାଣ୍ଡା ବିଭାଗରେ ହରିୟାଣା ଦଳଗତ ଚାମ୍ପିୟନ ହୋଇଥିଲା। ଉତ୍ତର ପ୍ରଦେଶ ଓ ରାଜସ୍ଥାନ ଯଥାକ୍ରମେ ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିଲେ। ସେହିପରି ତାଓଲୁ ବିଭାଗରେ ମଣିପୁର ଚାମ୍ପିୟନ ଏବଂ ଦିଲ୍ଲୀ ଓ ତାମିଲନାଡୁ ପରବର୍ତ୍ତୀ ୨ ସ୍ଥାନରେ ରହିଥିଲେ। ମଣିପୁର ଓଭରଅଲ୍ ଚାମ୍ପିୟନ ହୋଇଥିଲା। ୩୨ ଖେଳାଳି ଓ ୬ ଅଫିସିଆଲଙ୍କୁ ନେଇ ଓଡ଼ିଶାର ମୋଟ ୩୮ ଜଣିଆ ପ୍ରତିନିଧି ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲା। ଚାମ୍ପିୟନଶିପ୍‌ର ତାଓଲୁ ବିଭାଗରେ ପ୍ରଦ୍ୟୁମ୍ନ ବେହେରା ମୁଖ୍ୟ ଜଜ୍ ଦାୟିତ୍ୱ ତୁଲାଇଥିଲେ। ଅନୁରାଧା ଦୋରା ଜଜ୍ ଥିବାବେଳେ ପଙ୍କଜ ମହନ୍ତ ଓ ଉଦୟନାଥ ରାଉତ ଓଡ଼ିଶା ଦଳର କୋଚ୍ ଥିଲେ। ସୁଜନ ରଥ ଓ କୃଷ୍ଣ ସାହୁ ମ୍ୟାନେଜର ଦାୟିତ୍ୱ ନିର୍ବାହ କରିଥିଲେ। ଉଷୁ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ଏସ.ଏସ. ହରିଚନ୍ଦନ, ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, ଉପସଭାପତି ଶିବାନନ୍ଦ ରାୟ ଓ ବିକାଶ ପଟ୍ଟନାୟକ ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ୧୭ ତାରିଖରେ ଓଡ଼ିଶା ଦଳ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବା କାର୍ଯ୍ୟକ୍ରମ ରହିଛି।

## ଲିଜେଣ୍ଡ ଲିଗ୍‌ରେ ଖେଳିବେ ହରଭଜନ



**ନୂଆଦିଲ୍ଲୀ, ୧୪।୭ (ପି.ଟି.):** ପୂର୍ବତନ ଭାରତୀୟ ଅଫ୍ ସ୍ପିନର ହରଭଜନ ସିଂ କ୍ରିକେଟ ପଡ଼ିଆକୁ ଫେରିବେ। ସେପ୍ଟେମ୍ବରରେ ହେବାକୁଥିବା ଲିଜେଣ୍ଡ୍ସ ଲିଗ୍ କ୍ରିକେଟ (ଏଲ୍‌ଏଲ୍‌ସି)ରେ ସେ ଅଂଶଗ୍ରହଣ କରିବେ। ଫଳରେ ସେ ପୂର୍ବତନ ଭାରତୀୟ ଓପନର ବୀରେନ୍ଦ୍ର ସେହ୍ୱାଗ, ଇର୍ଫାନ ପଠାନ, ୟୁସୁଫ୍ ପଠାନ, ଅଷ୍ଟ୍ରେଲିଆର ପୂର୍ବତନ ସ୍ପିଡ୍‌ଷ୍ଟର ବ୍ରେଟ୍ ଲି, ସ୍ପିନ କିମ୍ବଦନ୍ତୀ ମୁଥୟା ମୁରଲୀଧରନ ଏବଂ ବିଶ୍ୱକପ୍ ବିଜୟୀ ଇଂଲଣ୍ଡର ପୂର୍ବତନ ଅଧିନାୟକ ଇଓନ ମୋର୍ଗାନଙ୍କ ସହ ଯୋଗ ଦେଇଛନ୍ତି। ଏଲ୍‌ଏଲ୍‌ସିର ଦ୍ୱିତୀୟ ସିଜନରେ ୪ଟି ଦଳ ଓ ୧୧୦ ପୂର୍ବତନ ଖେଳାଳି ଭାଗ ନେବେ। ହରଭଜନଙ୍କ ବ୍ୟତୀତ ପୂର୍ବତନ ବାଂଲାଦେଶ ଅଧିନାୟକ ମାଶ୍ରାଫି ମୋର୍ତାଜ୍ ମଧ୍ୟ ଏଲଏଲସିର ଆଗାମୀ ସଂସ୍କରଣରେ ଭାଗ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପୂର୍ବତନ ୱେଷ୍ଟଇଣ୍ଡିଜ କ୍ରିକେଟର ଲେଣ୍ଡଲ ସିମନ୍ସ ଓ ଦୀନେଶ ରାମ୍‌ଦିନ୍ ଆଗାମୀ ସିଜନ ପାଇଁ ଖେଳାଳି ଚିଠା ତାଲିକାରେ ସ୍ଥାନ ପାଇଛନ୍ତି। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସଂସ୍କରଣରେ ଭାରତ, ପାକିସ୍ତାନ, ଶ୍ରୀଲଙ୍କା, ଅଷ୍ଟ୍ରେଲିଆ, ଇଂଲଣ୍ଡର ପୂର୍ବତନ ଖେଳାଳିମାନେ ତିନୋଟି ଟିମ୍ ଭାରତ, ଏସିଆ ଓ ଅବଶିଷ୍ଟ ବିଶ୍ୱ ଆଦି ତିନୋଟି ଦଳରେ ବିଭକ୍ତ ହୋଇ ଖେଳିଥିଲେ।

## ମୁମ୍ବାଇ ଏଫ୍‌ସି ଦଳରେ ସଞ୍ଜୀବ ଷ୍ଟାଲିନ୍



**ମୁମ୍ବାଇ, ୧୪।୭ (ପି.ଟି.):** ଡିଫେଣ୍ଡର ସଞ୍ଜୀବ ଷ୍ଟାଲିନ୍ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଫ୍ରାଞ୍ଚାଇଜ୍ ମୁମ୍ବାଇ ସିଟି ଏଫ୍‌ସି ତରଫରୁ ଖେଳିବେ। ୨୧ ବର୍ଷୀୟ ଏହି ଫୁଟ୍‌ବଲ ଖେଳାଳିଙ୍କୁ ଟ୍ରାନ୍ସଫର ଜରିଆରେ କେରଳ ବ୍ଲାଷ୍ଟର୍ସରୁ ଦଳରୁ ଆଣିଛି। ଷ୍ଟାଲିନ୍ ମୁମ୍ବାଇ ସିଟି ସହ ୨୦୨୬ ପର୍ଯ୍ୟନ୍ତ ଏକ ୪ ବର୍ଷିଆ ଚୁକ୍ତି କରିଛି। ସେ ୧୭ ବର୍ଷରୁ କମ୍ ୨୦୧୭ ଫିଫା ବିଶ୍ୱକପ୍‌ରେ ଖେଳିଛନ୍ତି। ୨୦ ବର୍ଷରୁ କମ୍ ସ୍ତରରେ ମଧ୍ୟ ସେ ଭାରତରୁ ପ୍ରତିନିଧିତ୍ୱ କରିଛନ୍ତି। ପରେ ସେ ଆଇ-ଲିଗ୍ ଦଳ ଇଣ୍ଡିଆନ୍ ଆରୋଜ୍‌ରେ ଯୋଗ ଦେଇଥିଲେ। ଏହି ଦଳ ସହିତ ଦୁଇଟି ସିଜନରେ ସେ ୨୮ଟି ମ୍ୟାଚ ଖେଳିବା ପରେ ୨୦୧୯ରେ ସେ ପର୍ତ୍ତୁଗାଲ ପଳାଇଥିଲେ। ସେଠାରେ ସେ ଡେପୋର୍ଟିଭ ଆଭେସ୍‌ର ୨୩ ବର୍ଷରୁ କମ୍ ଦଳରେ ଖେଳିଥିଲେ ଏବଂ ଲୋନ୍ ଭିତ୍ତିରେ ସେ ତୃତୀୟ ଡିଭିଜନ କ୍ଲବ ସର୍ଟାନିଞ୍ଜ୍ ସହ ଖେଳିଥିଲେ। ଷ୍ଟାଲିନ୍ ୨୦୨୧ ମାର୍ଚ୍ଚରେ କେରଳ ବ୍ଲାଷ୍ଟର୍ସ ଦଳରେ ଯୋଗଦାନ କରିଥିଲେ। ୨୦୨୧-୨୨ ସିଜନ ଆଇଏସ୍‌ଏଲ୍ ଅଭିଯାନରେ ପଦାର୍ପଣ କରି ସେ ଏହି ଦଳ ତରଫରୁ ୮ଟି ମ୍ୟାଚ ଖେଳିଥିଲେ। କ୍ଲବର ମୁଖ୍ୟ କୋଚ୍ ଡେସ୍ ବକିଂହାମ୍ ଷ୍ଟାଲିନ୍‌ଙ୍କୁ ଦେଶର ଅନ୍ୟତମ ପ୍ରତିଭାସମ୍ପନ୍ନ ଡିଫେଣ୍ଡର ବୋଲି କହିଛନ୍ତି।

## ଶୁଟିଂ ବିଶ୍ୱକପ୍: ପଦକ ତାଲିକା ଶୀର୍ଷରେ ଭାରତ

**ଚାଙ୍ଗଓନ୍, ୧୪।୭(ପି.ଟି) :** ଚାଙ୍ଗଓନ୍‌ରେ ଶେଷ ହୋଇଛି ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍। ଅନ୍ତିମ ଦିନରେ ଭାରତୀୟ ଶୁଟରମାନେ ଗୋଟିଏ ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ପଦକ ହାସଲ କରିଥିବା ବେଳେ ପଦକ ତାଲିକାର ଶୀର୍ଷରେ ରହି ଟୁର୍ନାମେଣ୍ଟ ଶେଷ କରିଛି ଭାରତ। ୧୦ ମିଟର ଏୟାର ରାଇଫଲ ବର୍ଗରେ ପୁରୁଷ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ସେହିପରି ୧୦ ମି.ଏୟାର ରାଇଫଲ ମହିଳା ଦଳ, ୧୦ ମି. ଏୟାର ପିସ୍ତଲର ପୁରୁଷ ଓ ମହିଳା ଦଳଗତ ବିଭାଗରେ ରୌପ୍ୟ ପଦକ ହାସଲ କରିଥିଲା। କୋରିଆ ଓ ସର୍ବିଆଠାରୁ ଢେର ଆଗରେ ରହି ଅଭିଯାନ ଶେଷ କରିଛି ଭାରତ।


ସିଙ୍ଗାପୁର ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ: ଚାଇନାର ହି ବିଙ୍ଗ୍ ଜିଆଓଙ୍କ ବିପକ୍ଷରେ ଶଟ୍ ଖେଳୁଛନ୍ତି ସାଇନା ନେହ୍ୱାଲ।

## ଭୋଲାଙ୍କ ହ୍ୟାଟ୍ରିକ, ଓଡ଼ିଶା ପୋଲିସ ବିଜୟୀ


ଫାଓ ଲିଗ୍‌ରେ ଗୁରୁବାର ଓଡ଼ିଶା ପୋଲିସ ଓ ଇଷ୍ଟକୋଷ୍ଟ ରେଲୱେ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ଫାଓ ଲିଗ୍**

**ଭୁବନେଶ୍ୱର, ୧୪।୭ (କ୍ରୀଡ଼ା ପ୍ରତିନିଧି):** ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫୁଟବଲ ଲିଗ୍‌ର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ପୋଲିସ ୩-୧ ଗୋଲରେ ଇଷ୍ଟକୋଷ୍ଟ ରେଲୱେକୁ ପରାସ୍ତ କରିଛି। ଓଡ଼ିଶା ପୋଲିସ ପକ୍ଷରୁ ଭୋଲା ଶଙ୍କର ମାଝି ୨୦, ୨୪ ଓ ୩୩ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଇଷ୍ଟକୋଷ୍ଟ ରେଲୱେର ସଞ୍ଜିତ ପାନ୍ନା ୧୪ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ସୁବ୍ରତ କୁମାର ପୁରୋହିତ, ଅରୁଣ କୁମାର ନାୟକ, ଶଶିକାନ୍ତ ଦାସିଆ ଓ ଦିଲୀପ କୁମାର ରାଉତ ମ୍ୟାଚ ପରିଚାଳନା କରିଥିଲେ। ସୁଜିତ କୁମାର ପାତ୍ରୋ ମ୍ୟାଚ କମିଶନର ଥିଲେ। ଶୁକ୍ରବାର ସ୍ପୋର୍ଟ୍ସ ହଷ୍ଟେଲ ଓ ରୋଭର୍ସ କ୍ଲବ ମଧ୍ୟରେ ମ୍ୟାଚ ଅପରାହ୍ନ ୩ଟା ୩୦ରେ ଅନୁଷ୍ଠିତ ହେବ।

**ମୋ ଫାରା ମାନବ ଚାଲାଣ ପ୍ରସଙ୍ଗ**

## ତଦନ୍ତ ଆରମ୍ଭ କଲା ୟୁକେ ପୋଲିସ

**ଲଣ୍ଡନ, ୧୪।୭(ପି.ଟି) :** ମୋ ଫାରାଙ୍କ ମାନବ ଚାଲାଣ ଖୁଲାସା ପରେ ମାମଲାର ତଦନ୍ତ ଆରମ୍ଭ କରିଛି ୟୁକେ ପୋଲିସ। କିଛି ଦିନ ତଳେ ୪ ଥର ଅଲିମ୍ପିକ୍ ଚାମ୍ପିୟନ୍ ମୋ ଫାରା ଏକ ଡକ୍ୟୁମେଣ୍ଟାରିରେ ଲଣ୍ଡନକୁ ଆସିବାର କାହାଣୀ କହିଥିଲେ। କିଭଳି ଜଣେ ଅପରିଚିତ ମହିଳା ତାଙ୍କୁ ଜାଲ କାଗଜପତ୍ର ସହିତ ଆଣି ଘରୋଇ କାମରେ ନିୟୋଜିତ କରିଥିଲେ, ଆଉ ୧୨ ବର୍ଷ ଯାଏ ତାଙ୍କୁ ସ୍କୁଲ ଯିବାର ସୁଯୋଗ ମିଳି ନ ଥିଲା ତାହା ବର୍ଣ୍ଣନା କରିଥିଲେ। ସେ ସୋମାଲିଆର ବାସିନ୍ଦା ଆଉ ଅସଲି ନାମ ହୁସେନ୍ ଆବଦି କହିନ୍ ବୋଲି ମଧ୍ୟ କହିଥିଲେ ଫାରା। ତେବେ ଫାରାଙ୍କ ଏହି କାହାଣୀରେ କେତେ ସତ୍ୟତା ରହିଛି ଏହାର ଯାଞ୍ଚ କରିବା ପାଇଁ ଏକ ଟିମ୍ ଗଠନ କରିଛି ଲଣ୍ଡନ ମେଟ୍ରୋପଲିଟାନ୍ ସର୍ଭିସ୍। ପୋଲିସର ସ୍ୱତନ୍ତ୍ର ଅଧିକାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ୟୁକେ ପୋଲିସ ପକ୍ଷରୁ ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ, ଏହି ମାମଲାରେ କୌଣସି ରିପୋର୍ଟ ହୋଇନାହିଁ। ତେବେ ସ୍ୱତନ୍ତ୍ର ଅଧିକାରୀମାନଙ୍କୁ ନେଇ ଗଠିତ ଟିମ୍ ପକ୍ଷରୁ ସମସ୍ତ ଘଟଣାର ତଦନ୍ତ କରାଯିବ।

## ଫର୍ମକୁ ଫେରିଲେ ସାଇନା: ସିନ୍ଧୁ, ପ୍ରଣୟ କ୍ୱାର୍ଟରଫାଇନାଲରେ

**ସିଙ୍ଗାପୁର, ୧୪।୭(ପି.ଟି.)**

ଭାରତର ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ନେହ୍ୱାଲ ବିଶ୍ୱର ୯ନମ୍ବର ମାନ୍ୟତାପ୍ରାପ୍ତ ତଥା ଚାଇନାର ହି ବିଙ୍ଗ୍ ଜିଆଓଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଛନ୍ତି। ଏହାଦ୍ୱାରା ସେ ଫର୍ମକୁ ଫେରିଥିବା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଦୁଇଥର ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜୟିନୀ ପି.ଭି. ସିନ୍ଧୁ ଓ ଏଚ୍.ଏସ୍. ପ୍ରଣୟ ସିଙ୍ଗାପୁର ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜୟିନୀ ସାଇନା ୫ମ ସିଡ୍ ଚାଇନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୨୧-୧୯, ୧୧-୨୧, ୨୧-୧୭ ଗେମ୍‌ରେ ହରାଇ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଅଢେଇବର୍ଷ ପରେ ଏକ ସୁପର ୫୦୦ ଇଭେଣ୍ଟରେ ଏହା ହେଉଛି ତାଙ୍କର ପ୍ରଥମ କ୍ୱାର୍ଟରଫାଇନାଲ ପଦାର୍ପଣ। ଏହି ପର୍ଯ୍ୟାୟରେ ସେ ଜାପାନର ଆୟା ଓହୋରିଙ୍କୁ ଭେଟିବେ। ହାଇଦ୍ରାବାଦର ଏହି ୩୨ ବର୍ଷୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଆଘାତ ଜନିତ ସମସ୍ୟା ସହିତ ସଂଘର୍ଷ ଚଳାଇ ଆସୁଥିଲେ। ଫଳତଃ ଏପ୍ରିଲରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ସିଲେକ୍ସନ ଟ୍ରାଏଲ୍‌ରୁ ତାଙ୍କୁ ଓହରିଯିବାକୁ ପଡ଼ିଥିଲା। ବିଗତ ୩ ବର୍ଷ ମଧ୍ୟରେ ସାଇନାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଗତ ବର୍ଷ ଓର୍ଲିନ ମାଷ୍ଟର୍ସ ସୁପର ୧୦୦ରେ ସେମିଫାଇନାଲ ପର୍ଯ୍ୟନ୍ତ ଉଠିପାରିଥିଲେ। ସେ ଏହାପୂର୍ବରୁ ୨୦୨୦ରେ ମାଲେସିଆ ମାଷ୍ଟର୍ସ ଓ ବାର୍ସିଲୋନା ସ୍ପେନ ମାଷ୍ଟର୍ସ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଥିଲେ। ଦୁଇଥର ଅଲିମ୍ପିକ ପଦକ ବିଜୟିନୀ ସିନ୍ଧୁ ଏବଂ ଫର୍ମରେ ଥିବା ପ୍ରଣୟ ସେମାନଙ୍କ ମ୍ୟାଚରେ ଲଢୁଆ ବିଜୟ ହାସଲ କରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି।

## ରୁଷିଆ ପରିବର୍ତ୍ତେ ଫିନ୍‌ଲାଣ୍ଡରେ ଫିଗର ସ୍କେଟିଂ ଗ୍ରାଁ ପ୍ରି

**ଲାଉସାନେ, ୧୪।୭ (ଏପି):** ୟୁକ୍ରେନ୍ ଉପରେ ଆକ୍ରମଣ କାରଣରୁ ରୁଷିଆରେ ହେବାକୁ ଥିବା ଫିଗର ସ୍କେଟିଂ ଗ୍ରାଁ ପ୍ରି ସିରିଜର ଗୋଟିଏ ରାଉଣ୍ଡ ପ୍ରତିଯୋଗିତା ପ୍ରତ୍ୟାହାର କରି ନିଆଯାଇଛି। ଇଣ୍ଟରନ୍ୟାଶନାଲ ସ୍କେଟିଂ ୟୁନିୟନ (ଆଇଏସ୍‌ୟୁ) ପକ୍ଷରୁ ଗୁରୁବାର ଏ ବିଷୟରେ ସୂଚନା ଦିଆଯାଇଛି। ଏହି ଇଭେଣ୍ଟ ବର୍ତ୍ତମାନ ନଭେମ୍ବର ୨୫ରୁ ୨୭ ଫିନ୍‌ଲାଣ୍ଡର ଏସ୍ପୁଠାରେ ହେବ ବୋଲି ଆଇଏସ୍‌ୟୁ ଗୁରୁବାର ପ୍ରକାଶ କରିଛି। ସ୍କେଟିଂ ଗ୍ରାଁ ପ୍ରି ଫାଇନାଲ ଇଟାଲୀରେ ହେବ। ରୁଷିଆ ହେଉଛି ବିଶ୍ୱର ଏକ ଅନ୍ୟତମ ଅଗ୍ରଣୀ ଫିଗର ସ୍କେଟିଂ ରାଷ୍ଟ୍ର। ୧୯୯୬ରୁ ପ୍ରତିବର୍ଷ ଏହି ଦେଶରେ ଗ୍ରାଁ ପ୍ରି ଅନୁଷ୍ଠିତ ହୋଇ ଆସୁଛି। ଏହା ରୋସ୍‌ଟେଲିକମ୍ କପ୍ ଭାବେ ପରିଚିତ। ୟୁକ୍ରେନ୍ ଉପରେ ଆକ୍ରମଣର କିଛିଦିନ ପରେ ଆଇଏସ୍‌ୟୁ ମାର୍ଚ୍ଚ ୧ରୁ ରୁଷିଆ ଏବଂ ଏହାର ମେଣ୍ଟ ରାଷ୍ଟ୍ର ବେଲାରୁଷକୁ ଅନ୍ତର୍ଜାତୀୟ ପ୍ରତିଯୋଗିତାରୁ ବାରଣ କରିଛି।

# କୋହଲି, ବୁମ୍‌ରାଙ୍କୁ ବିଶ୍ରାମ, ଅଶ୍ୱିନ ସାମିଲ

**ନୂଆଦିଲ୍ଲୀ, ୧୪।୭ (ପି.ଟି.)**

ୱେଷ୍ଟଇଣ୍ଡିଜ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ପାଇଁ ଗୁରୁବାର ଭାରତୀୟ ଦଳ ଘୋଷଣା କରାଯାଇଛି। ବିରାଟ କୋହଲି ଓ ଯଶପ୍ରୀତ୍ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯାଇଥିବାବେଳେ ଭେଟେରାନ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ସାମିଲ କରାଯାଇଛି। ଅଶ୍ୱିନ ଶେଷଥର ପାଇଁ ଗତ ନଭେମ୍ବରରେ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ନିକଟରେ ସ୍ପୋର୍ଟ୍ସ ହାର୍ନିଆ

**ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ସିରିଜ ପାଇଁ ଭାରତୀୟ ଦଳ**

ପାଇଁ ଅସ୍ତ୍ରୋପଚାର କରାଇଥିବା ଲୋକେଶ ରାହୁଲ ଏବଂ ହାତରେ ଆଘାତ ପାଇଥିବା କୁଲଦୀପ ଯାଦବଙ୍କୁ ସବ୍‌ଜେକ୍ଟ ଟୁ ଫିଟ୍‌ନେସ ଭିତ୍ତିରେ ଦଳରେ ସ୍ଥାନ ମିଳିଛି। ଗତ ଜୁନ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ଅବସରରେ କୁଲଦୀପ ଆହତ ହୋଇଥିଲେ। କାରିବିୟନ ଏବଂ ଆମେରିକାରେ ଖେଳାଯିବାକୁଥିବା ଆଗାମୀ ସିରିଜ ଜୁଲାଇ ୨୯ରୁ ଆରମ୍ଭ ହେବ।

ସମ୍ପ୍ରତି ଫର୍ମରେ ନ ଥିବା କୋହଲିଙ୍କୁ ଏହି ସିରିଜ ପାଇଁ ବିଶ୍ରାମ ଦିଆଯିବ ବୋଲି ପୂର୍ବାନୁମାନ କରାଯାଉଥିଲା। ୨୦୧୯ ନଭେମ୍ବର ପରଠାରୁ କୋହଲି କୌଣସି ଫର୍ମାଟରେ ଶତକ ହାସଲ କରିପାରି ନାହାନ୍ତି। ୱେଷ୍ଟଇଣ୍ଡିଜରେ ଟି୨୦ ବ୍ୟତୀତ ଭାରତ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ମଧ୍ୟ ଖେଳିବ। ଏହା ଜୁଲାଇ ୨୨ରୁ ଆରମ୍ଭ ହେବ। ତାରକା ଲେଗ୍‌ସ୍ପିନର ୟୁଜବେନ୍ଦ୍ର ଚହଲଙ୍କୁ ମଧ୍ୟ ବିଶ୍ରାମ ଦିଆଯାଇଛି। ଅଧିନାୟକ ରୋହିତ ଶର୍ମା, ରିଷଭ ପନ୍ତ ଓ ହାର୍ଦ୍ଦିକ ପାଣ୍ଡ୍ୟା ଦିନିକିଆ ସିରିଜ ପାଇଁ ଭାରତୀୟ ଦଳରେ ନାହାନ୍ତି। ଶିଖର ଧାୱନ ଭାରତୀୟ ଦଳର ନେତୃତ୍ୱ ନେବେ। ଲେଗ୍ ସ୍ପିନର ରବି ବିଷ୍ଣୋଇ ଓ ପେସର ଆଭେଶ ଖାଁ ଟି୨୦ ଦଳରେ ସ୍ଥାନ ବଜାୟ ରଖିଛନ୍ତି। ଇଂଲଣ୍ଡ ବିପକ୍ଷ ଶେଷ ୨ଟି ଟି୨୦ରେ ଖେଳିବା ସୁଯୋଗ ପାଇ ନ ଥିବା ଅର୍ଶଦୀପ ସିଂ ଦଳକୁ ଫେରିଛନ୍ତି। ତେବେ ପେସ୍ ସେନ୍‌ସେସନ ଉମ୍ରାନ ମଲିକ ଦଳରୁ ବାଦ୍ ପଡ଼ିଛନ୍ତି। ସେ ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷରେ ଖେଳିଥିଲେ ହେଁ ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିଲେ। ଜୁଲାଇ ୨୯ରେ ପ୍ରଥମ ଟି୨୦ ତ୍ରିନିଦାଦରେ ଖେଳାଯିବ। ସେଣ୍ଟ କିଟ୍ସରେ ଅଗଷ୍ଟ ୧ ଓ ୨ରେ ପରବର୍ତ୍ତୀ ୨ଟି ଟି୨୦ ଅନୁଷ୍ଠିତ ହେବା ପରେ ଆମେରିକାର ଫ୍ଲୋରିଡ଼ାସ୍ଥିତ ଲୌଡରହିଲ୍‌ରେ ଶେଷ ୨ ଟି୨୦ ମ୍ୟାଚ ୬ ଓ ୭ ତାରିଖରେ ଆୟୋଜନ ହେବ।

**ଭାରତୀୟ ଟି୨୦ ଦଳ:** ରୋହିତ ଶର୍ମା (ଅଧିନାୟକ), ଇଶାନ କିଷନ, ଲୋକେଶ ରାହୁଲ (ସବ୍‌ଜେକ୍ଟ ଟୁ ଫିଟ୍‌ନେସ), ସୂର୍ଯ୍ୟକୁମାର ଯାଦବ, ଦୀପକ ହୁଡା, ଶ୍ରେୟାସ ଆୟାର, ଦୀନେଶ କାର୍ତ୍ତିକ, ରିଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ରବିଚନ୍ଦ୍ରନ ଅଶ୍ୱିନ, ରବି ବିଷ୍ଣୋଇ, କୁଲଦୀପ ଯାଦବ (ସବ୍‌ଜେକ୍ଟ ଟୁ ଫିଟ୍‌ନେସ), ଭୁବନେଶ୍ୱର କୁମାର, ଆଭେଶ ଖାଁ, ହର୍ଷଲ ପଟେଲ, ଅର୍ଶଦୀପ ସିଂ।


ରବିଚନ୍ଦ୍ରନ ଅଶ୍ୱିନ



# ଡେଙ୍ଗମେଇଙ୍କ ସ୍ୱପ୍ନ ସାକାର



ଭାରତୀୟ ମହିଳା ଫୁଟବଲ୍‌ର ତାରକା ଖେଳାଳି ଡେଙ୍ଗମେଇ ଗ୍ରେସ୍ ସ୍ପର୍ଶ କରିଛନ୍ତି ଆଉ ଏକ ମାଇଲଖୁଣ୍ଟ। ତାଙ୍କୁ ମିଳିଛି ଏକ ପ୍ରଫେଶନାଲ କଣ୍ଟ୍ରାକ୍ଟ। ଉଜ୍‌ବେକିସ୍ତାନର କ୍ଲବ୍ ଏଫ୍‌ସି ନସାଫ୍ ପକ୍ଷରୁ ଡେଙ୍ଗମେଇଙ୍କୁ ପ୍ରଦାନ କରାଯାଇଛି ଏହି ପ୍ରଫେଶନାଲ କଣ୍ଟ୍ରାକ୍ଟ। ଏଥି ସହିତ ତାଙ୍କର ବିଦେଶୀ କ୍ଲବ୍ ପାଇଁ ଖେଳିବାର ସ୍ୱପ୍ନ ପୂରଣ ହୋଇଛି ବୋଲି ଏକ ସାକ୍ଷାତ୍‌କାର ଅବସରରେ କହିଛନ୍ତି ଡେଙ୍ଗମେଇ। ଭାରତୀୟ ଫୁଟବଲର ଆମ୍ବାସାଡର ଭାବରେ ସେ ଦକ୍ଷତା ଦେଖାଇବାର ସୁଯୋଗ ପାଇବେ। ୨୦୧୩ ସାଫ୍ ଚାମ୍ପିୟନଶିପ୍‌ରୁ ନିଜର କ୍ୟାରିୟର ଆରମ୍ଭ କରିଥିଲେ ଡେଙ୍ଗମେଇ। ପରେ ୨୦୧୬ ଏବଂ ୨୦୧୯ରେ ସାଫ୍ ଚାମ୍ପିୟନଶିପ୍ ବିଜେତା ଦଳର ସଦସ୍ୟ ରହିଥିଲେ। ପୂର୍ବରୁ କ୍ରିପ୍‌ସା ଏଫ୍‌ସି ଏବଂ ୨୦୧୮-୧୯ ସିଜନ ପାଇଁ ସେଥୁ ଏଫ୍‌ସି ପକ୍ଷରୁ ଖେଳିଥିଲେ ଏହି ତାରକା ଫୁଟବଲର। ଏହାପରେ ଗୋକୁଲମ କେରଳ ଏଫ୍‌ସି ପକ୍ଷରୁ ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ପ୍ରତିନିଧିତ୍ୱ କରିଥିଲେ। ଏହା ସହିତ ଦୁଇଟି ଏଚ୍‌ଡବ୍ଲ୍ୟୁଏଲ୍ ଟାଇଟଲ ଏବଂ ଏଏଫ୍‌ସି ମହିଳା କ୍ଲବ୍ ଚାମ୍ପିୟନଶିପରେ ବ୍ରୋଞ୍ଜ ଜିତିଥିଲେ। ଦୀର୍ଘବର୍ଷ ଧରି ଖେଳୁଥିବାରୁ ଅନ୍ତର୍ଜାତୀୟ ଅଭିଜ୍ଞତା ତାଙ୍କପାଇଁ କାମରେ ଆସିବ ବୋଲି ଅନୁଭବ କରୁଛନ୍ତି ଏହି ୨୬ ବର୍ଷୀୟା ଫରୱାର୍ଡ।

# ଫେଡେରରଙ୍କ ପଥରେ ନାଡାଲ

ସୁଇଜରଲାଣ୍ଡର ରୋଜର ଫେଡେରରଙ୍କ ପରି ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ଅଧାରୁ ଓହରିଛନ୍ତି ସ୍ପାନିସ ତାରକା ରାଫାଲ ନାଡାଲ। ୨୦୨୧ରେ ସମାନ ଢଙ୍ଗରେ ୱିମ୍ବଲଡନ୍ କୋର୍ଟ ଛାଡିଥିଲେ ସ୍ୱିସ୍ ତାରକା ଫେଡେରର। କ୍ୱାର୍ଟର ଫାଇନାଲ ମୁକାବିଲାରେ ନାଡାଲଙ୍କ ପେଟର ମାଂସପେଶୀ ଟାଣି ହୋଇଯାଇଥିଲା। ଏହା ସତ୍ତ୍ୱେ ସେ ବିଜୟ ହାସଲ କରିବାରେ ସକ୍ଷମ ହୋଇଥିଲେ। ତେବେ ସମାନ କାରଣରୁ ନିକ୍ କିର୍ଗିଓସଙ୍କ ବିପକ୍ଷ ସେମିଫାଇନାଲରୁ ଓହରି ଯାଇଥିଲେ ନାଡାଲ। ୩୬ ବର୍ଷ ବୟସରେ ଫ୍ରେଞ୍ଚ ଓପନ ଜିତିଥିବା ନାଡାଲ ମାସେ ପୂର୍ବରୁ ୱିମ୍ବଲଡନରେ ଅଂଶଗ୍ରହଣକୁ ନେଇ ଆଶଙ୍କା ପ୍ରକାଶ କରିଥିଲେ। ବାମ ପାଦରେ ଥିବା ପୁରୁଣା ଯନ୍ତ୍ରଣା କମ୍ କରିବା ପାଇଁ ତାଙ୍କୁ ସ୍ନାୟୁକୁ ଅବଶ କରୁଥିବା ଇଞ୍ଜେକ୍ସନ୍ ଦିଆଯାଏ। ତେଣୁ ନାଡାଲଙ୍କ ଅଂଶଗ୍ରହଣ କରିବା ଆପାତତଃ ଅସମ୍ଭବ ଥିଲା। ନାଡାଲଙ୍କ ବିଦାୟ ପରେ ଫ୍ୟାନ୍‌ମାନେ ଏହାକୁ ୨୦୨୧ରେ ଫେଡେରରଙ୍କ ବିଦାୟ ସହିତ ତୁଳନା କରିବାରେ ଲାଗିଛନ୍ତି। ଫେଡେରର ମଧ୍ୟ ଆହତ ଥାଇ ୨୦୨୧ ୱିମ୍ବଲଡନ୍ ଖେଳିଥିଲେ। ୧୮ ମାସ ମଧ୍ୟରେ ଆଣ୍ଠୁରେ ୩ଟି ସର୍ଜରି କରାଯାଇଥିଲେ ହେଁ ଏହାକୁ ଖାତିର ନ କରି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। କ୍ୱାର୍ଟର ଫାଇନାଲରେ କଡା ମୁକାବିଲା କରିବା ସତ୍ତ୍ୱେ ସେ ପରାଜିତ ହୋଇଥିଲେ। ମାତ୍ର ଆଣ୍ଠୁର



ରାଫାଲ ନାଡାଲ

ଆଘାତ ସମସ୍ୟା ବଢ଼ିଥିଲା। ଏହା ଏତେ ଗୁରୁତର ଥିଲା ଯେ ସେବେଠୁ ଆଉ ପଡିଆକୁ ଫେରିନାହାନ୍ତି। ଉଭୟ ଖେଳାଳି ନିଜ କ୍ୟାରିୟରର ଶ୍ରେଷ୍ଠ ଫର୍ମ ଦେଇ ମଧ୍ୟ ଗତି କରି ସାରିଛନ୍ତି। ବର୍ତ୍ତମାନ ଖେଳିବାକୁ ଚାହିଁଲେ ମଧ୍ୟ ସେମାନଙ୍କ ଶରୀର ଅନୁମତି ପ୍ରଦାନ କରୁନାହିଁ। ନାଡାଲ ଓହରି ଯିବାରୁ ପ୍ରଥମଥରପାଇଁ ୱିମ୍ବଲଡନ ଫାଇନାଲରେ ପ୍ରବେଶ କରିଥିଲେ କିର୍ଗିଓସ। ତେବେ ନାଡାଲଙ୍କ ପ୍ରଶଂସାରେ ଶତମୁଖ ହୋଇପଡ଼ିଥିଲେ ଏହି ଅଷ୍ଟ୍ରେଲୀୟ ଟେନିସ ତାରକା। ନାଡାଲ ମାସେ ମଧ୍ୟରେ ସୁସ୍ଥ ହୋଇ ୟୁଏସ୍ ଓପନ ଖେଳିବାର ଲକ୍ଷ୍ୟ ରଖିଥିବା ବେଳେ ଏହା ଉପରେ ଟେନିସ ଜଗତର ନଜର ରହିଛି।

# ବୁମ୍ ବୁମ୍ ବୁମ୍ରା



ଭାରତୀୟ ସ୍ପିଡ୍‌ଷ୍ଟର ଯଶପ୍ରୀତ୍ ବୁମ୍‌ରା ଆଇସିସି ଦିନିକିଆ ବୋଲର ତାଲିକାରେ ପୁଣିଥରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ୭୧୮ ପଏଣ୍ଟ ହାସଲ କରି ସେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବୋଲର ଟ୍ରେଣ୍ଟ ବୋଲ୍ଟଙ୍କୁ ଦ୍ୱିତୀୟ ସ୍ଥାନକୁ ଠେଲି ଦେଇଛନ୍ତି। ପାଖାପାଖି ଦୁଇବର୍ଷ ବ୍ୟବଧାନରେ ସେ ଏହି ସ୍ଥାନକୁ ଫେରିଛନ୍ତି...



ରୁଦ୍ର ପ୍ରସନ୍ନ ରଥ

ଭାରତୀୟ ସ୍ପିଡ୍‌ଷ୍ଟର ଯଶପ୍ରୀତ୍ ବୁମ୍‌ରା ଆଇସିସି ଦିନିକିଆ ବୋଲର ତାଲିକାରେ ପୁଣିଥରେ ପ୍ରଥମ ସ୍ଥାନ ଦଖଲ କରିଛନ୍ତି। ୭୧୮ ପଏଣ୍ଟ ହାସଲ କରି ସେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବୋଲର ଟ୍ରେଣ୍ଟ ବୋଲ୍ଟଙ୍କୁ ଦ୍ୱିତୀୟ ସ୍ଥାନକୁ ଠେଲି ଦେଇଛନ୍ତି। ଫେବୃୟାରୀ ୨୦୨୦ ପରେ ପାଖାପାଖି ଦୁଇବର୍ଷ ବ୍ୟବଧାନରେ ସେ ଏହି ସ୍ଥାନକୁ ଫେରିଛନ୍ତି। କପିଳ ଦେବଙ୍କ ପରେ ଏହି କୃତିତ୍ୱ ହାସଲ କରିବାରେ ସେ ହେଉଛନ୍ତି ଦ୍ୱିତୀୟ ଭାରତୀୟ ଫାଷ୍ଟ ବୋଲର। ପୂର୍ବରୁ ମନିନ୍ଦର ସିଂ, ଅନିଲ କୁମ୍ବଲେ ଏବଂ ରବୀନ୍ଦ୍ର ଜାଡ଼େଜା ଏହି କୃତିତ୍ୱ ହାସଲ କରିଥିଲେ ବି ସେମାନେ ସବୁ ସ୍ପିନ୍ ବୋଲର ଥିଲେ। ଚଳିତ ଇଂଲଣ୍ଡ ଗସ୍ତରେ ବୁମ୍‌ରା ଉଭୟ ବ୍ୟାଟିଂ ଏବଂ ବୋଲିଂରେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଗତ କିଛିବର୍ଷ ଧରି ସେ ଭାରତୀୟ ଦଳର ମୁଖ୍ୟ ବୋଲିଂ ଅସ୍ତ୍ର ପାଲଟିଛନ୍ତି। ଚଳିତ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍‌ରେ ସେ ଓଭାଲ୍‌ଠାରେ ୧୯ ରନ ବିନିମୟରେ ୬ ଉଇକେଟ୍ ନେଇ ବିଜୟର କର୍ଣ୍ଣଧାର ସାଜିଥିବାବେଳେ ଏହି ପ୍ରଦର୍ଶନ ତାଙ୍କୁ ଆଇସିସିର ଏକଦିବସୀୟ ବୋଲରମାନଙ୍କ ତାଲିକାରେ ଶ୍ରେଷ୍ଠ ସ୍ଥାନ ପ୍ରଦାନ କରିବାରେ ସହାୟକ ହୋଇଛି ବୋଲି କୁହାଯାଇପାରେ।

ଭାରତୀୟ ଦଳରେ ଭୁବନେଶ୍ୱର କୁମାର, ମହମ୍ମଦ ଶାମିଙ୍କପରି ବରିଷ୍ଠ ବୋଲର ଥିଲେ ବି ବିପକ୍ଷ ଦଳ ବୁମ୍‌ରାଙ୍କ ପାଇଁ ସବୁବେଳେ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରି ପଡ଼ିଆକୁ ଓହ୍ଲାଇ ଥା'ନ୍ତି। ସାଧାରଣତଃ ଜଣେ ପାରମ୍ପରିକ ଫାଷ୍ଟ ବୋଲର ଲମ୍ବା ରନଅପ୍ ନେଇ ଦୌଡ଼ିଥାଏ। ଏହାବାଦ୍ ଜଣେ ନିୟମିତ ଫାଷ୍ଟ ବୋଲରଙ୍କ ଜମ୍ପ, ଲ୍ୟାଣ୍ଡିଂ, ରିଷ୍ଟ ପୋଜିଶନ, ସିମ୍ ପୋଜିଶନ ଏବଂ ରିଲିଜ୍ ପଏଣ୍ଟ ଉପରେ ମଧ୍ୟ ସମସ୍ତେ ନଜର ରଖିଥା'ନ୍ତି। ଟି୨୦ର ଆଗମନ ପରେ ଫାଷ୍ଟ ବୋଲର ଗତି କିମ୍ବା ସୁଇଂ ଅପେକ୍ଷା ବିବିଧତା ଉପରେ ଗୁରୁତ୍ୱ ଦେଉଛନ୍ତି। ଫାଷ୍ଟ ବୋଲରମାନେ ସ୍ଲୋ ଅଫ୍ କଟର, ନକେଲ୍ ବଲ୍, ସ୍ଲୋ ବାଉନ୍‌ସର ଉପରେ ଧ୍ୟାନ ଦେଉଛନ୍ତି। ତୀବ୍ର ଗତିରେ ବ୍ୟାଟରଙ୍କୁ ଚକ୍‌ମା ଦେବା ଅପେକ୍ଷା ସ୍ଲୋ ବଲରେ ଚକିତ କରିବା ଉପରେ ରଣନୀତି ପ୍ରସ୍ତୁତ କରୁଛନ୍ତି। ପଡ଼ିଆ ଭିତରେ କ୍ୟାପଟେନ୍ ଏବଂ ପଡ଼ିଆ ବାହାରେ ଦର୍ଶକ ସବୁବେଳେ ବୁମ୍‌ରା ପଡ଼ିଆରେ ଛାଇ ରହି ବିପକ୍ଷର ଦୁର୍ଗପତନ କରନ୍ତୁ ବୋଲି ଚାହିଁ ରହୁଛନ୍ତି। ତେବେ ଏସବୁ କ୍ଷେତ୍ରରେ ବୁମ୍‌ରା ବେଶ୍ ଭିନ୍ନ। ପାରମ୍ପରିକ ବୋଲରଙ୍କ ପରି ତାଙ୍କର ଲମ୍ବା ରନଅପ୍ ନାହିଁ। ତେବେ ଛୋଟିଆ ରନଅପ୍‌ରେ ମଧ୍ୟ ସେ ନିୟମିତ ଘଣ୍ଟାପ୍ରତି ପାଖାପାଖି ୧୪୦ କିଲୋମିଟରରୁ ଅଧିକ ବେଗରେ ବଲ ପକାଇ ପାରୁଛନ୍ତି। ପୁଣି ସମାନ ଆକ୍ସନରେ ସମାନ ସ୍ଥାନରୁ ସ୍ଲୋ ବାଉନ୍ସର ଏବଂ ନିୟମିତ ବାଉନ୍ସର ପକାଇବାର ଦକ୍ଷତା ସେ ରଖିଛନ୍ତି। ତାଙ୍କର ୟର୍କର ଏବଂ ଅଫ୍‌ଷ୍ଟମ୍ପରୁ ବାହାରକୁ ଯାଉଥିବା ଆଉଟ୍ ସୁଇଂ ଯେତିକି ମାରାତ୍ମକ, ବିଳମ୍ବରେ ସୁଇଂ ହୋଇ ଭିତରକୁ ଆସୁଥିବା ବଲ ମଧ୍ୟ ସେତିକି ବିପଜ୍ଜନକ। ସେ ଏ ସବୁ ପକାନ୍ତି ମାତ୍ର କେଇ ପାହୁଣ୍ଡ ଦୌଡ଼ି। ଦେଖିବାକୁ ଜଟିଳ ଲାଗୁଥିଲେ ବି ଏହା ପ୍ରକୃତରେ ସେତେ ଜଟିଳ ନୁହେଁ। ତେବେ ଭିନ୍ନ ଧରଣର ଆକ୍ସନ କାରଣରୁ ବୁମ୍‌ରାଙ୍କ ବଲକୁ ହାତରୁ ପଢ଼ିବା ସହଜ ନୁହେଁ। ଆଉ କ୍ରିକେଟରେ ଯେଉଁ ବଲ ବୋଲର ହାତରୁ ପଢ଼ାଯାଇ ପାରେ ନାହିଁ ତାକୁ ପିଚ୍‌ରୁ ପଢ଼ିବାକୁ ହୁଏ। ଅଥଚ ଏହି ବଲ ଏତେ ଦ୍ରୁତ ଗତିରେ ବୁମ୍‌ରାଙ୍କ ହାତରୁ ରିଲିଜ୍ ହୁଏ ଯେ ବ୍ୟାଟରଙ୍କ ପାଖରେ ଏହାକୁ ପିଚ୍‌ରୁ ପଢ଼ିବାକୁ ମଧ୍ୟ ସମୟ ହୁଏ ନାହିଁ। କାନ୍ଧରୁ ନୁହେଁ ସେ ବରଂ କଟିରୁ ହିଁ ସ୍ପିଡ୍ ବାହାର କରନ୍ତି। ଏଣୁ ବୁମ୍‌ରା ଅନେକ ସମୟରେ ବ୍ୟାଟରଙ୍କ ଆଗରେ ଦୁର୍ବୋଧ୍ୟ ପ୍ରଶ୍ନବାଚୀ ହୋଇ ଛିଡ଼ା ହୁଅନ୍ତି। ଆଉଟ୍ ନ ହୋଇ ପିଚ୍ ଉପରେ ଛିଡ଼ା ହୋଇ ରହିଥିବା ବ୍ୟାଟର ନିଜକୁ ଅନେକ ସମୟରେ ଭାଗ୍ୟବାନ ମନେକରିଥାଏ।

ବୁମ୍‌ରା ଭାରତ ପକ୍ଷରୁ ବୋଲିଂ ଓପନ କରନ୍ତି। ପୁଣି ଖେଳ ମଝିରେ ମ୍ୟାଚ୍ ସ୍ଥିତିକୁ ଦେଖି ବୋଲିଂ କରିବାକୁ ବି ଆସନ୍ତି। ଶେଷ ଓଭର ବେଳକୁ ସେ ପାଲଟି ଯାଆନ୍ତି ଜଣେ ଡେଥ୍ ଓଭର ସ୍ପେଶାଲିଷ୍ଟ। ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ବ୍ୟାଟରଙ୍କୁ ଭିନ୍ନ ଭିନ୍ନ ବାଗରେ ବୋଲିଂ କରିବାକୁ ପଡ଼େ। ସବୁଠି ଲକ୍ଷ୍ୟଥାଏ ରନ ରୋକିବା ସହ ବିପକ୍ଷର ଉଇକେଟ୍ କାଢ଼ିବା। ଆଉ ଯେତେବେଳେ ବୁମ୍‌ରା ଏ ଦୁଇଟି କାମରେ ସଫଳ ହୁଅନ୍ତି, ମ୍ୟାଚ୍ ବିନା କଷ୍ଟରେ ଭାରତ ହାତକୁ ଆସିଯାଏ। ଅନେକ ସମୟରେ ଦେଖା ଦେଇଛି ଯେ ବୁମ୍‌ରା ବିଫଳ ହେଲେ ଭାରତ ପରାଜୟ ଆଡ଼କୁ ଠେଲି ହୋଇଯାଇଥାଏ।

୨୦୧୬ରେ ଏକଦିବସୀୟ ଏବଂ ୨୦୧୮ରେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିବା ବୁମ୍‌ରା ୩୦ଟି ଟେଷ୍ଟରୁ ୧୨୮ ଉଇକେଟ୍ ଏବଂ ୭୧ଟି ଏକଦିବସୀୟରୁ ୧୧୯ ଉଇକେଟ ନେଇଛନ୍ତି। ଏହା ବ୍ୟତୀତ ସେ ୫୮ଟି ଟି୨୦ରୁ ୬୯ ଉଇକେଟ ପାଇସାରିଲେଣି। କହିଲେ ଅତ୍ୟୁକ୍ତି ହେବନାହିଁ ଯେ, କରୋନା ପାଇଁ ବିଶ୍ୱ କ୍ରିକେଟ୍ ୨୦୨୦ ଏବଂ ୨୦୨୧ରେ ପ୍ରଭାବିତ ହୋଇ ନ ଥିଲେ ବୁମ୍‌ରାଙ୍କ ଚର୍ଚ୍ଚା ଏବେ ଆକାଶ ଛୁଉଁଥା'ନ୍ତା।

ଏବେ ବୁମ୍‌ରାଙ୍କ ଯାଦୁ ଏବଂ ଯୁଗ ଚାଲିଛି ବୋଲି କୁହାଯାଇ ପାରେ। ଅନେକେ ଆଶଙ୍କା କରୁଥିଲେ ଯେ ଲ୍ୟାଣ୍ଡିଂବେଳେ ବୁମ୍‌ରାଙ୍କ ଆଣ୍ଠୁ ଉପରେ ଅଧିକ ଚାପ ପଡୁଥିବାରୁ ଏହା ତାଙ୍କୁ ଆଘାତ ଆଣିଦେଇପାରେ। ତେବେ ଆପାତତଃ ଏବେ ସେପରି କିଛି ସମସ୍ୟା ନାହିଁ କହିଲେ ଚଳେ। ନିଜକୁ ଫିଟ୍ ରଖିପାରି ବୋଲିଂ କଲେ ବୁମ୍‌ରା ଭବିଷ୍ୟତରେ ଅନେକ ରେକର୍ଡ ଭାଙ୍ଗି ପାରିବେ। ବର୍ତ୍ତମାନ ବୁମ୍‌ରାଙ୍କୁ ସବୁଫର୍ମାଟ୍‌ର ଶ୍ରେଷ୍ଠ ବୋଲି କୁହାଯାଉଛି ଏବଂ ଜଣେ ଭାରତୀୟ ହିସାବରେ ଆମ ସମସ୍ତଙ୍କୁ ଏ ନେଇ ଗର୍ବ ଅନୁଭବ କରିବା ସ୍ୱାଭାବିକ କଥା। ଏହିପରି ପ୍ରଦର୍ଶନ ଜାରି ରଖିଲେ ବୁମ୍‌ରା ଚଳିତ ଦଶନ୍ଧିର ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫାଷ୍ଟ ବୋଲର ହେବେ ବୋଲି କୁହାଯାଇପାରେ।

# ଐତିହାସିକ ସଫଳତା

**ରଣଜୀ ଚାମ୍ପିୟନ ହୋଇ କିଛିଦିନ ତଳେ ଇତିହାସ ରଚିଛି ମଧ୍ୟପ୍ରଦେଶ। ଦୃଢ଼ ଇଚ୍ଛାଶକ୍ତି ଏବଂ କଠିନ ଅଧ୍ୟବସାୟ ହିଁ ସଫଳତା ଆଣିଦିଏ ବୋଲି ଚନ୍ଦ୍ରକାନ୍ତ ପଣ୍ଡିତଙ୍କ ପ୍ରଶିକ୍ଷଣପ୍ରାପ୍ତ ଦଳ ପ୍ରମାଣିତ କରିଛି...**



ନିର୍ମଳ କୁମାର ମିଶ୍ର

ଘରୋଇ କ୍ରିକେଟ୍‌ର ସର୍ବୋଚ୍ଚ ଟୁର୍ନାମେଣ୍ଟ ରଣଜୀ ଟ୍ରଫିର ୮୭ତମ ସଂସ୍କରଣ କିଛି ଦିନତଳେ ସଫଳତାର ସହ ଶେଷ ହୋଇଛି। ଯୁବ ଖେଳାଳିଙ୍କୁ ନେଇ ଗଠିତ ମଧ୍ୟପ୍ରଦେଶ ଦଳକୁ ପ୍ରଥମଥର ପାଇଁ ମିଳିଛି ବିରାଟ ସଫଳତା। ରଣଜୀ ଚାମ୍ପିୟନ ହୋଇ ଇତିହାସ ରଚିଛି ଏହି ଦଳ। ରଣଜୀ ଇତିହାସରେ ସର୍ବାଧିକ ୪୧ଥର ଚାମ୍ପିୟନ ଶକ୍ତିଶାଳୀ ମୁମ୍ବାଇକୁ ଫାଇନାଲରେ ହରାଇ କ୍ରିକେଟପ୍ରେମୀଙ୍କ ହୃଦୟ ଜିତିଛି ମଧ୍ୟପ୍ରଦେଶ। କୋଚ୍ ଚନ୍ଦ୍ରକାନ୍ତ ପଣ୍ଡିତଙ୍କ ସ୍ୱପ୍ନ ସାକାର ହୋଇଛି। ଦୃଢ଼ ଇଚ୍ଛାଶକ୍ତି ଏବଂ କଠିନ ଅଧ୍ୟବସାୟ ହିଁ ସଫଳତା ଆଣିଦିଏ ବୋଲି ଏଥିରୁ ପ୍ରମାଣିତ ହୋଇଛି। ସେମିଫାଇନାଲରେ ବେଙ୍ଗଲକୁ ପରାସ୍ତ କରି ମଧ୍ୟପ୍ରଦେଶ ଏବଂ ଉତ୍ତରପ୍ରଦେଶକୁ ହରାଇ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଥିଲା ମୁମ୍ବାଇ। ଆଇପିଏଲ୍ ୧୫ ଯୋଗୁ ଏହା ୨ଟି ପର୍ଯ୍ୟାୟରେ ଖେଳାଯାଇଥିଲା। ମୋଟ ୩୮ଟି ଦଳକୁ ନେଇ ୬୫ଟି ମ୍ୟାଚ ଖେଳାଯାଇଥିଲା। ମଧ୍ୟପ୍ରଦେଶ ପୂର୍ବରୁ ୧୯୯୮-୯୯ ସିଜନରେ ରନର୍ସଅପ୍ ହୋଇଥିଲା।

ଲିଗ୍ ମ୍ୟାଚ୍ ଆରମ୍ଭ ସମୟରେ ପ୍ରଥମ ଖେଳାଳି ରୂପେ ବିହାର ବ୍ୟାଟର ସକିବୁଲ୍ ଗନି ମିଜୋରାମ ବିପକ୍ଷରେ ପଦାର୍ପଣରେ ୩୪୧ ରନ୍‌ର ତ୍ରିଶତକୀୟ ଇନିଂସ ଖେଳି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପର୍ଯ୍ୟନ୍ତ ୧୧ଟି ତ୍ରିଶତକ ରଣଜୀ ଇତିହାସରେ ହୋଇଥିବା ବେଳେ ଏଥିରେ ସେ ନିଜର ନାମକୁ ସାମିଲ କରିଥିଲେ। ମଧ୍ୟପ୍ରଦେଶ, ବେଙ୍ଗଲ, କର୍ନାଟକ, ମୁମ୍ବାଇ, ଉତ୍ତରାଖଣ୍ଡ, ପଞ୍ଜାବ, ଉତ୍ତରପ୍ରଦେଶ ଲିଗ୍ ପର୍ଯ୍ୟାୟରୁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଝାଡ଼ଖଣ୍ଡ ଗ୍ରୁପ 'ଏଚ୍'ରୁ ଏବଂ ନାଗାଲାଣ୍ଡ ପ୍ଲେଟ ଗ୍ରୁପରୁ ନକ୍‌ଆଉଟ୍ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଥିଲେ। ବିହାର ଏବଂ ମିଜୋରାମ ବିପକ୍ଷରେ ବବୁଲ କୁମାର ଏବଂ ସକିବୁଲ ଗନିଙ୍କ ମଧ୍ୟରେ ସର୍ବାଧିକ ପାର୍ଟନରଶିପ୍ ୫୩୮ ରନ୍ ରହିଥିଲା।

ମୁମ୍ବାଇ ବ୍ୟାଟର ସର୍ଫରାଜ୍ ଖାଁ ବ୍ୟାଟିଂରେ ନିଜର କମାଲ ଦେଖାଇ ସର୍ବାଧିକ ୯୮୨ରନ୍ କରିଥିଲେ। ସେହିପରି ଦଳର ବୋଲର ସାମ୍ସ ମୁଲାନୀ ସର୍ବାଧିକ ୪୫ଟି ଉଇକେଟ ନେଇଥିଲେ। ଏହାସତ୍ତ୍ୱେ ୪୭ଥର ଫାଇନାଲ ଖେଳିବାର ଯୋଗ୍ୟତା ହାସଲ କରିଥିବା ମୁମ୍ବାଇ ଦଳକୁ ଦୁହେଁ ଚାମ୍ପିୟନ କରାଇପାରି ନ ଥିଲେ। ସର୍ଫରାଜ୍ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ୧୯ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ଟିମ୍ ଇଣ୍ଡିଆ ଅଧିନାୟକ ୟାଶ୍ ଧୁଲ୍ ଦିଲ୍ଲୀ ପାଇଁ ତାଙ୍କର ପ୍ରଥମ ରଣଜୀ ସିଜନରେ ୩ଟି ଶତକ ଲଗାଇ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିପାରିଛନ୍ତି। ଗତ ସିଜନ୍‌ରେ ବ୍ୟାଟରମାନେ ୯ଟି ଦ୍ୱିଶତକ ହାସଲ କରିଥିଲେ। ନାଗାଲାଣ୍ଡ ବ୍ୟାଟର ଚେତନ ବିଷ୍ଟ ୫ଟି ଏବଂ ସର୍ଫରାଜ୍ ଖାଁ ଏବଂ ଶୁଭମ୍ ଶର୍ମା ପ୍ରତ୍ୟେକ ୪ଟି ଲେଖାଏ ଶତକ ଅର୍ଜନ କରିଥିଲେ। ସର୍ଫରାଜ ଟୁର୍ନାମେଣ୍ଟର ୯ ମ୍ୟାଚ୍‌ରୁ ସର୍ବାଧିକ ୧୯ଟି ଛକା ମାରିଥିଲେ। ମୁମ୍ବାଇ ବୋଲର ସାମ୍ସ ମୁଲାନୀ ୪୫ଟି ଉଇକେଟ ନେଇଥିବାବେଳେ ମଧ୍ୟପ୍ରଦେଶ ବୋଲର କୁମାର କାର୍ତ୍ତିକେୟ ୬ଟି ମ୍ୟାଚରୁ ୩୨ଟି ଉଇକେଟ ନେଇଥିଲେ। ମୁଲାନୀ ୨ଥର ଏବଂ କୁମାର କାର୍ତ୍ତିକେୟ ୩ଥର ୫ ଉଇକେଟ୍ ସଫଳତା ପାଇଥିଲେ।

ଯୁବ ବ୍ୟାଟରଙ୍କ ସଫଳତା ଫାଇନାଲ ମ୍ୟାଚର ମୁଖ୍ୟ ଆକର୍ଷଣ ରହିଥିଲା। ମଧ୍ୟପ୍ରଦେଶର ଶୁଭମ୍ ଶର୍ମା ପ୍ଲେୟର ଅଫ ଦି ଫାଇନାଲ ବିବେଚିତ ହୋଇଥିଲେ। ଯଶସ୍ୱୀ ଜୟସ୍ୱାଲ, ଅରମାନ ଜାଫର, ୟାଶ ଦୁବେ, ରଜତ ପଟିଦାର, ୟାଶ ଧୁଲ୍, ହିଂମାଂଶୁ ମନ୍ତ୍ରୀ, ହାର୍ଦ୍ଦିକ ଟାମୋରେ ଏବଂ ସାମ୍ସ ମୁଲାନୀଙ୍କ ପରି ଯୁବଖେଳାଳି ସଫଳତା ହାସଲ କରିବା ଭାରତୀୟ କ୍ରିକେଟ ପାଇଁ ନିଶ୍ଚିତ ରୂପେ ଶୁଭ ସୂଚନା।

ରେକର୍ଡ ଦେଖିବାକୁ ଗଲେ ରଣଜୀ ଟ୍ରଫି ଇତିହାସରେ ସର୍ବାଧିକ ଦଳଗତ ସ୍କୋର ୯୧୨ ରନ୍ ମଧ୍ୟପ୍ରଦେଶ ଏବଂ କର୍ନାଟକ ମ୍ୟାଚରେ ହୋଇଛି। ସର୍ବାଧିକ ବ୍ୟକ୍ତିଗତ ସ୍କୋର ମୁମ୍ବାଇ ବ୍ୟାଟର ବି. ନିମ୍ବାରକରଙ୍କ ନାମରେ (୪୪୩*) ରହିଛି, ଯାହାକି ଏକ ରେକର୍ଡ। ୧୯୯୯-୨୦୦୦ରେ ଗୋଟିଏ ସିଜନ୍‌ରେ ବ୍ୟକ୍ତିଗତ ସର୍ବାଧିକ ରନ୍ ଭି.ଭି.ଏସ୍. ଲକ୍ଷ୍ମଣ (୧୪୧୫ ରନ୍)ଙ୍କ ନାମରେ ରହିଥିବା ବେଳେ ୧୦ ଜଣ ବ୍ୟାଟର ଏପର୍ଯ୍ୟନ୍ତ ଗୋଟିଏ ସିଜନ୍‌ରେ ୧ ହଜାରରୁ ଅଧିକ ରନ୍ ସଂଗ୍ରହ କରିଛନ୍ତି। ଓଡ଼ିଶା ସିନିୟର ଦଳର ମୁଖ୍ୟ କୋଚ୍ ୱାସିମ୍ ଜାଫର ରଣଜୀ ଟ୍ରଫିରେ ୧୨ ହଜାର ୩୮ ରନ୍ ସଂଗ୍ରହ କରିଛନ୍ତି। ୪୦ଟି ଶତକ ତାଙ୍କ ନାମରେ ରହିଛି।



ଗତ ସିଜନ୍‌ରେ ଓଡ଼ିଶା ରଣଜୀ ଦଳର ପ୍ରଦର୍ଶନ ସେତେ ଉତ୍ସାହଜନକ ହୋଇପାରି ନାହିଁ। ଗ୍ରୁପ୍-ଡିରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ମୁମ୍ବାଇ, ସୌରାଷ୍ଟ୍ରଠାରୁ ହାରିଥିବା ବେଳେ ଗୋଆ ସହିତ ମ୍ୟାଚ ଡ୍ର ରଖିଥିଲା। ଆଗାମୀ ସିଜନ୍ ପାଇଁ ଟିମ୍ ଓଡ଼ିଶାକୁ ଆଗୁଆ ପ୍ରସ୍ତୁତ ରହିବାକୁ ହେବ। ଆମ ପାଖରେ ଅଭିଜ୍ଞ କୋଚ୍ ସହ ସମସ୍ତ ସୁବିଧା ସୁଯୋଗ ରହିଥିବା ବେଳେ ବାରମ୍ବାର ଅସଫଳ ହେବା ଓଡ଼ିଶା କ୍ରିକେଟ୍ ପାଇଁ ସମସ୍ୟା ସୃଷ୍ଟି କରିଛି। ମଧ୍ୟପ୍ରଦେଶଠାରୁ ଆମକୁ ଢେର କିଛି ଶିଖିବାର ଅଛି।

## ନମ୍ବରୱାନ

ଯଶପ୍ରୀତ୍ ବୁମ୍‌ରାଙ୍କ ବୋଲିଂରେ
ଧରାଶାୟୀ ଇଂଗଲଣ୍ଡ
ବୋଲିଂ, ବ୍ୟାଟିଂ ଫିଲ୍ଡିଂରେ ଟିମ୍
ଇଣ୍ଡିଆ ରଖିଳି ମୁଣ୍ଡ
ପ୍ରଥମ ୱାନ୍‌ଡେରେ ଷଣ୍ଢ
ଘରୋଇ ପିଚ୍‌ରେ ଦଶ
ଉଇକେଟରେ ହାରି
ଖୋଲୁନି ବଟଲର ତୁଣ୍ଡ।

ଆଇସିସି ବୋଲର ୱାନ୍‌ଡେ ତାଲିକା
ହୋଇଅଛି ପ୍ରକାଶିତ
କିଛି ଦିନ ଗ୍ୟାପ୍ ପରେ ପୁଣି ଶୀର୍ଷ
ମାନ୍ୟତାରେ ଯଶପ୍ରୀତ
କପିଳଙ୍କ ପରେ ଦ୍ରୁତ
ବୋଲର ଗୌରବ ବୁମ୍‌ରା ବେକରେ
ଫୁଲମାଳ ପକା ମିତ।

କିର୍ଗିଓଜ୍‌ଙ୍କୁ ସାତ-ଛଅ ସେଟ୍‌ରେ
ହରାଇ ନମ୍ବର ୱାନ
ଟେନିସ ଖେଳାଳି ଜୋକୋଭିଚ୍ ପୁଣି
ୱିମ୍ବଲଡନ ଚାମ୍ପିୟନ
ଧ୍ୟାନ ରଖି ନିଷ୍ଠାବାନ
ଶୀର୍ଷକୁ ଉଠଇ ନିଷ୍ଠାହୀନ ଦେଖେ
ସପନରେ ସଦା ଜହ୍ନ।

-ସୁବାସ ଚନ୍ଦ୍ର ପ୍ରଧାନ

# ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୧୫/୨୦୨୨ Bhubaneswar, Friday, July 15/ 2022







## ବ୍ରିଟିଶ ସଂସଦରେ ଗାଙ୍ଗୁଲି ସମ୍ବର୍ଦ୍ଧିତ

**ଲଣ୍ଡନ, ୧୪।୭:** ଭାରତୀୟ କ୍ରିକେଟ ବୋର୍ଡର ସଭାପତି ସୌରଭ ଗାଙ୍ଗୁଲିଙ୍କୁ ବ୍ରିଟିଶ ସଂସଦରେ ସମ୍ମାନିତ କରାଯାଇଛି। ବୁଧବାର ବ୍ରିଟିଶ ସଂସଦରେ ପୂର୍ବତନ ଭାରତୀୟ ଅଧିନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜଣେ ବଙ୍ଗାଳୀ ଭାବରେ ବ୍ରିଟିଶ ସଂସଦ ରେ ସମ୍ବର୍ଦ୍ଧିତ ହେବା ନିହାତି ସୌଭାଗ୍ୟର ବିଷୟ। ୬ ମାସ ତଳେ ବ୍ରିଟିଶ ସଂସଦ ପକ୍ଷରୁ ତାଙ୍କୁ ସମ୍ପର୍କ କରାଯାଇଥିଲା। ଜୁଲାଇ ୧୩ ତାରିଖରେ ତାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି କୁହାଯାଇଥିଲା। ଭାରତ ୨୦୦୨ ନାଟଓ୍ୱେଷ୍ଟ ଫାଇନାଲକୁ ଜିତିବା ସହିତ ଇତିହାସ ରଚିଥିଲା। ନାଟଓ୍ୱେଷ୍ଟ ଫାଇନାଲକୁ ୨୦ ବର୍ଷ ପୁରୁଥିବା ବେଳେ ଗାଙ୍ଗୁଲିଙ୍କୁ ସମ୍ମାନିତ କରାଯାଇଛି। ଏହା ସହିତ ବର୍ତ୍ତମାନ ଇଂଲଣ୍ଡ ଗସ୍ତରେ ଥିବା ଭାରତୀୟ ଦଳର ପ୍ରଦର୍ଶନକୁ ବେଶ ପ୍ରଶଂସା କରିଛନ୍ତି ଗାଙ୍ଗୁଲି। ଗାଙ୍ଗୁଲି କହିଛନ୍ତି ଟେଷ୍ଟ ପରାଜୟ ପରେ ଭାରତୀୟ ଦଳ ଯେଉଁ ଭଳି ଢଙ୍ଗରେ ପ୍ରତ୍ୟାବର୍ତ୍ତନ କରିଛି ତାହା ନିଶ୍ଚିତ ପ୍ରଶଂସାଯୋଗ୍ୟ। ଟି୨୦ ସିରିଜକୁ ୨-୧ରେ ଜିତିବା ସହିତ ଭାରତ ପ୍ରଥମ ଦିନିକିଆକୁ ୧୦ ୱିକେଟରେ ଜିତି ନେଇଥିଲା। ବୁମରା ଓ ଶାମି ଭାରତୀୟ ବୋଲିଂ ଆକ୍ରମଣର ଯେଉଁଭଳି ଢଙ୍ଗରେ ନେତୃତ୍ୱ ନେଲେ ତାକୁ ଯେତେ ତାରିଫ୍ କଲେ ବି କମ ପଡିବ। ଏହା ସହିତ ପୂର୍ବତନ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କୁ ଫର୍ମ ଫେରି ପାଇବା ପାଇଁ କିଛି ଇନିଂସ ଆବଶ୍ୟକ ବୋଲି କହିଥିଲେ ଗାଙ୍ଗୁଲି।

## ପ୍ରମୋଦ ସିଙ୍ଗଲ୍ସ ସେମିରେ

**ଭୁବନେଶ୍ୱର, ୧୪।୭ (ସ୍ପୋର୍ଟ୍ସ ବ୍ୟୁରୋ):** ଆୟର୍ଲାଣ୍ଡର ଡବଲିନ୍‌ଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ଷ୍ଟାର ଖେଳାଳି ପ୍ରମୋଦ ଭଗତ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ବିଳମ୍ବିତ ରାତିରେ ପ୍ରମୋଦ ଭଗତ ଗ୍ରୁପ ପର୍ଯ୍ୟାୟରେ ତାଙ୍କ ପ୍ରଥମ ମ୍ୟାଚରେ ବୁଲଗେରିଆର ଦିମିତ୍ରି ପାଭଲୋଭଙ୍କୁ ୨୧-୦୮, ୨୧-୦୯ ହରାଇ ଦେଇଥିଲେ। ଗୁରୁବାର ସନ୍ଧ୍ୟାରେ ସେ ତାଙ୍କ ଦ୍ୱିତୀୟ ମ୍ୟାଚ୍‌ରେ ଜାପାନର ଦାଇସୁକି ଫୁଜିହାରାଙ୍କୁ ୨୧-୧୬, ୧୩-୨୧, ୨୩-୨୧ରେ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ୧ ଘଣ୍ଟା ୧୨ ମିନିଟରେ ଶେଷ ହୋଇଥିଲା। ଗ୍ରୁପର ଶୀର୍ଷସ୍ଥାନ ଅଧିକାର କରିଥିବାରୁ ପ୍ରମୋଦଙ୍କୁ କ୍ୱାର୍ଟରରେ ବାଇ ମିଳିଛି। ସେ ଶନିବାର ସେମିଫାଇନାଲ ଖେଳିବେ।













## ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ବଣ୍ଟନ

ଚୌଦ୍ୱାର,(ଡି.ଏନ୍.ଏ.): ସରକାରଙ୍କ ଜାଗା ମିଶନ୍ ଯୋଜନା ମାଧ୍ୟମରେ ଚୌଦ୍ୱାର ପୌରପାଳିକା ୧୭ ନମ୍ବର ୱାର୍ଡରେ ଥିବା ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ବଣ୍ଟନ କରାଯାଇଛି। ଏହି ଅବସରରେ ନୂଆସାହି ସୁଇପର କଲୋନୀରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବସ୍ତି ଉନ୍ନୟନ ସଂଘ ସଭାପତି ପ୍ରକାଶ ଗୋଛାୟତଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ପବିତ୍ର ବେହେରା ଓ ସ୍ଥାନୀୟ କାଉନ୍ସିଲର ଆଶୁତୋଷ ଦାସ ଅତିଥି ଭାବେ ଯୋଗଦେଇ ୭୫ଜଣ ହିତାଧିକାରୀଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ବଣ୍ଟନ କରିଥିଲେ। ଗୋଷ୍ଠୀ ସଂଯୋଜନା ଅଧିକାରୀ ବାସନ୍ତୀ ସାହୁ ଓ ୱାର୍ଡ ଅଫିସର ରଶ୍ମିରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସଂକ୍ଷେପରେ

## ଆଜିଠୁ ୪ ସ୍ୱାସ୍ଥ୍ୟକେନ୍ଦ୍ରରେ ଦିଆଯିବ ମାଗଣା ବୁଷ୍ଟର ଡୋଜ୍

**କଟକ ଅଫିସ,୧୪।୭:** ଶୁକ୍ରବାରଠାରୁ କଟକ ସହରର ୪ଟି ସ୍ଥାନରେ ମାଗଣା ବୁଷ୍ଟର ଡୋଜ୍ ଦିଆଯିବ। ଏଥିପାଇଁ ସିଡ଼ିଏ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସିଟି ହସ୍ପିଟାଲ, ଚାଉଳିଆଗଞ୍ଜ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କଟକ ବଡ଼ ମେଡ଼ିକାଲରେ ଟିକାକରଣ ବ୍ୟବସ୍ଥା କରାଯାଇଥିବା ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର ସୂଚନା ଦେଇଛନ୍ତି। ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତିମାନେ ଟିକାକେନ୍ଦ୍ରକୁ ଯାଇ ଟିକା ନେଇପାରିବେ। କେବଳ ପ୍ରଥମ ଓ ଦ୍ୱିତୀୟ ଡୋଜ୍ ଟିକା ନେଇଥିବା ବ୍ୟକ୍ତି ସାର୍ଟିଫିକେଟ ଏବଂ ଆଧାରକାର୍ଡ ଦେଖାଇ ଟିକା ନେଇପାରିବେ। ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହାକୁ ପ୍ରତିହତ କରିବା ପାଇଁ ଟିକାକରଣ ଜରୁରୀ ହୋଇପଡ଼ିଛି। ସେଥିପାଇଁ ସିଏମ୍‌ସି ପକ୍ଷରୁ ଟିକାକରଣକୁ ଗୁରୁତ୍ୱ ଦିଆଯାଉଛି ବୋଲି ଡା. ମହାପାତ୍ର କହିଛନ୍ତି।

## ସିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ

**କଟକ ଅଫିସ,୧୪।୭:** କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଗୁରୁବାର ବଜ୍ରକବାଟୀଠାରୁ ଫ୍ରେଣ୍ଡସ୍ କଲୋନୀ ପର୍ଯ୍ୟନ୍ତ ମୁଖ୍ୟଡ୍ରେନର ଉଭୟ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ପ୍ରାୟ ୨୦ଟି ଦୋକାନ ଉଚ୍ଛେଦ ହୋଇଥିବା ସିଏମ୍‌ସି ଡେପୁଟି କମିଶନର ଅଜୟ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଶୁକ୍ରବାର ବାଦାମବାଡି ଟ୍ରାଫିକ୍ ଛକରୁ ମଧୁପାଟଣା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରୁ ଉଚ୍ଛେଦ କରାଯିବ। ଏଥିପାଇଁ ବ୍ୟବସାୟୀମାନେ ନିଜ ସାମଗ୍ରୀ ସ୍ଥାନାନ୍ତର କରିବାକୁ ଗୁରୁବାର ସିଏମ୍‌ସି ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି।

## ଡ. ଜ୍ଞାନୀ ବେଦାଶିଷ ମିଶ୍ର ପାଇବେ ନାଥବ୍ରହ୍ମ ଯୁବଗବେଷକ ପୁରସ୍କାର

**କଟକ ଅଫିସ,୧୪।୭:** ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଯୁବଗବେଷକ ଡ. ଜ୍ଞାନୀ



ବେଦାଶିଷ ମିଶ୍ରଙ୍କୁ ଚଳିତବର୍ଷ ନାଥବ୍ରହ୍ମ ଯୁବଗବେଷକ ପୁରସ୍କାର ପ୍ରଦାନ କରାଯିବ। ଅନୁଷ୍ଠାନର କାର୍ଯ୍ୟନିର୍ବାହିକା ସମିତି କାର୍ଯ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ଓଡ଼ିଆ ସାହିତ୍ୟ ପ୍ରତି ଡ. ମିଶ୍ରଙ୍କ ଅବଦାନ ନିମନ୍ତେ ଆସନ୍ତା ୨୩ ତାରିଖରେ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ଅନୁଷ୍ଠାନର ୧୨୦ତମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ସଭାପତି ତରୁଣ କୁମାର ସାହୁ ଓ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ସୂଚନା ଦେଇଛନ୍ତି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ଭାବେ ଡ. ମିଶ୍ର କାର୍ଯ୍ୟ କରୁଛନ୍ତି। ସେ 'ଅଭିନୟରେ ଜୀବନଚର୍ଯ୍ୟା', 'ସମୟ ସହ କେଇପାଦ', 'ଅଞ୍ଚଳ ଓ ସାହିତ୍ୟ: ପ୍ରସଙ୍ଗ ନୟାଗଡ଼' ଓ 'ନାଟ୍ୟ ପରିକ୍ରମା' ଆଦି ସମାଲୋଚନା ପୁସ୍ତକ ରଚନା କରିଛନ୍ତି। ଏଥିସହ 'ତଥାପି ଜୀବନ', 'ଦାଗ', 'ପୟରେ ନଲାଗଇ ଧୂଳି', 'ତରା ଓ ପଜେରୋ' କବିତା ପୁସ୍ତକ ଏବଂ 'ସୁରଦେଓଙ୍କ କାନ୍‌ଭାସ', 'ନଟ-ନାଟ-ନାଟ୍ୟାୟନ', 'ମେଘତଳର ଜ୍ୟୋତ୍ସ୍ନା: ପୂତନା' ପୁସ୍ତକ ସମ୍ପାଦନା କରିଛନ୍ତି।

# 'କଟକ ଜିଲ୍ଲାକୁ ବାଲ୍ୟ ବିବାହମୁକ୍ତ କରାଯିବ'



ବାରବାଟୀ ପ୍ୟାଲେସଠାରେ ଅନୁଷ୍ଠିତ ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

**କଟକ ଅଫିସ, ୧୪।୭**

କଟକ ଜିଲ୍ଲାକୁ ବାଲ୍ୟ ବିବାହମୁକ୍ତ କରାଯିବ। ଏଥିପାଇଁ ଜିଲ୍ଲାର ଗ୍ରାମାଞ୍ଚଳର ତୃଣମୂଳ ସ୍ତରରେ ୧୮ ବର୍ଷରୁ କମ୍ କିଶୋରୀକିଶୋରମାନଙ୍କୁ ସଚେତନ କରାଯିବ। ବ୍ଲକ ଓ ପଞ୍ଚାୟତସ୍ତରରେ ଶିଶୁବିକାଶ ପ୍ରକଳ୍ପ ଅଧିକାରୀ, ଅଙ୍ଗନୱାଡ଼ି ସୁପରଭାଇଜର ଓ କର୍ମୀମାନେ କର୍ମଶାଳା ଆୟୋଜନ କରି କିଶୋରୀକିଶୋରମାନଙ୍କୁ ସଚେତନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ବିଜୟ କୁମାର ଖଣ୍ଡାୟତରାୟ କହିଛନ୍ତି। ଜିଲ୍ଲା ପ୍ରଶାସନ, ଆକ୍ସନଏଡ ଓ ୟୁନିସେଫ ମିଳିତ ଆନୁକୂଲ୍ୟରେ ଏକ ଦିବସୀୟ ଜିଲ୍ଲାସ୍ତରୀୟ ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚ ବୈଠକ କଟକ ବାରବାଟୀ ପ୍ୟାଲେସଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ଖଣ୍ଡାୟତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅଭୟ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ

**ଜିଲ୍ଲାସ୍ତରୀୟ ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚ ବୈଠକ**

- ଟୋଲ୍ ଫ୍ରି ନମ୍ବର ୧୧୨ ଓ ୧୦୦କୁ ଫୋନ କରନ୍ତୁ ନିର୍ଯାତିତା
- ଶିଶୁ ଯତ୍ନ ଅନୁଷ୍ଠାନର ଆଇନଗତ ସହାୟତା ନିଆଯାଉ

ବୈଠକରେ ସମ୍ମାନିତ ଅତିଥି ଭାବେ ଉପଆରକ୍ଷୀ ଅଧୀକ୍ଷକ ଅଶ୍ୱିନୀ କୁମାର ସାହୁ ଯୋଗଦେଇ ଶିଶୁ ଯୌନ ନିର୍ଯାତନା ପ୍ରତିରୋଧ ଆଇନ ସମ୍ବନ୍ଧରେ କହିଥିଲେ। ୧୮ ବର୍ଷରୁ କମ୍ କିଶୋରୀମାନଙ୍କୁ ପ୍ରଲୋଭନ, ଭୟ ଦେଖାଇ ସମାଜରେ ଯୌନ ନିର୍ଯାତନା ଭଳି କୁତ୍ସିତ କାର୍ଯ୍ୟ ହେବା ଦ୍ୱାରା ସମାଜ କଳୁଷିତ ହେଉଛି। ଏଣୁ ପୋଲିସର ସହାୟତା ପାଇଁ ନିର୍ଯାତିତାମାନେ ଟୋଲ ଫ୍ରି ନମ୍ବର-୧୧୨ ଓ ୧୦୦କୁ ଫୋନ୍ କରି ନିଜକୁ ସୁରକ୍ଷିତ ରଖିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି ଯୋଗଦେଇ ବିନା ସଙ୍କୋଚରେ ସେମାନଙ୍କ ପ୍ରତି ହେଉଥିବା ନିର୍ଯାତନା ଓ ଅନ୍ୟାୟକୁ ମାତାପିତାଙ୍କୁ ଜଣାଇବା ସହ ପୋଲିସଠାରୁ ଆରମ୍ଭ କରି ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକର ଆଇନଗତ ସହାୟତା ନେବାକୁ ସେ କହିଥିଲେ। ଏହି ବୈଠକରେ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜିକା ସ୍ୱାଗତିକା ପରିଡା, ଆକ୍ସନଏଡ ଜିଲ୍ଲା ସଂଯୋଜିକା ନିବେଦିତା ପାଣିଗ୍ରାହୀ, ଜିଲ୍ଲା ସଂଯୋଜକ ସୁଧାଂଶୁ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମଞ୍ଜୁଲତା ନାୟକ ଧନ୍ୟବାଦ ଦେଇଥିଲେ।

# ବ୍ଲକ ଅଧ୍ୟକ୍ଷ ନିର୍ବାଚନ ପାଇଁ ଦ୍ୱିତୀୟଥର ବିଜ୍ଞପ୍ତି ପ୍ରକାଶିତ

**କଟକ ସଦର,୧୪।୭(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଧ୍ୟକ୍ଷ ନିର୍ବାଚନ ପାଇଁ ଦ୍ୱିତୀୟ ଥର ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୨୭ ତାରିଖରେ ନିର୍ବାଚନ କରାଯିବ ବୋଲି ରାଜ୍ୟ ନିର୍ବାଚନ ଆୟୋଗ ଘୋଷଣା କରିଛନ୍ତି। ସେହିଦିନ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ ହେବ ବୋଲି ପତ୍ରସଂଖ୍ୟା ୭୬୨୮/୧୩।୭।୨୦୨୨ରେ ସମୟ ନିର୍ଘଣ୍ଟ ସ୍ଥିର ହୋଇଛି। ଗତ ୬ ତାରିଖରେ ଅଧ୍ୟକ୍ଷ ନିର୍ବାଚନ ହେବ ବୋଲି ଘୋଷଣା ହୋଇଥିଲା। ମାତ୍ର ନିର୍ଦ୍ଧାରିତ ସମୟରେ କୌଣସି ସଭ୍ୟା ବୈଠକକୁ ନ ଆସିବାରୁ ନିର୍ବାଚନ ହୋଇପାରି ନ ଥିଲା। ତେଣୁ ଦ୍ୱିତୀୟଥର ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ନିର୍ବାଚନ ଆଇନ ଅନୁଯାୟୀ, ଏଥର ଯଦି କେହି ମନୋନୟନ ପତ୍ର ଦାଖଲ ନ କରନ୍ତି, ତା' ହେଲେ ଅଧ୍ୟକ୍ଷ ପଦବୀ ପାଇଁ ସରକାର ନିଜ ଆଡୁ ପ୍ରାର୍ଥୀ ମନୋନିତ କରିପାରିବେ ବୋଲି ବ୍ଲକର ଜଣେ ବରିଷ୍ଠ ଅଧିକାରୀ ପରିଚୟ ଗୋପନ ରଖି କହିଛନ୍ତି। ଅପରପକ୍ଷରେ ଖାଲି ପଡ଼ିଥିବା ଗଡିରାଉତ ପାଟଣା ପଞ୍ଚାୟତ ସମିତି ସଭ୍ୟା ପଦବୀ ପାଇଁ ପ୍ରଥମେ ନିର୍ବାଚନ କରାଯାଉ ବୋଲି ୧୬ ଜଣ ସମିତି ସଭ୍ୟାସଭ୍ୟ ଦାବିକରି ଗତ ୬ ତାରିଖରେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କ ଜରିଆରେ ପ୍ରଦାନ କରିଥିଲେ। ଏପର୍ଯ୍ୟନ୍ତ ଦାବିପତ୍ରଟି ଆୟୋଗଙ୍କର ହସ୍ତଗତ ହୋଇ ନ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଏପ୍ରିଲ ୨୧ ତାରିଖରେ ନବ ନିର୍ବାଚିତ ଅଧ୍ୟକ୍ଷା ବିଷ୍ଣୁପ୍ରିୟା ରାଉତଙ୍କର ଅକାଳ ବିୟୋଗ ଘଟିଥିଲା। ଏହାପରଠାରୁ ଉକ୍ତ ପଦବୀ ଖାଲି ରହିଛି।

# 'ବାର୍ ମଜଭୁତ ହେଲେ ଭଲ ଜଜ୍ ସୃଷ୍ଟି ହେବେ'



ଆଇନଜୀବୀ ଜୟନ୍ତ ଦାସ, ଡ. ଗଙ୍ଗାଧର ତ୍ରିପାଠୀଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଅନ୍ୟମାନେ।

**କଟକ ଅଫିସ, ୧୪।୭**

ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ବରିଷ୍ଠ ଆଇନଜୀବୀ ଜୟନ୍ତ ଦାସ ଓ ଡ. ଗଙ୍ଗାଧର ତ୍ରିପାଠୀଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ବାର୍‌କୁ ନେଇ ବେଞ୍ଚ। ବାର୍‌ରୁ ହିଁ ଆଇନଜୀବୀମାନେ ବେଞ୍ଚକୁ ଯାଉଛନ୍ତି। ତେଣୁ ବାର୍ ମଜଭୁତ ହେଲେ ଭବିଷ୍ୟତରେ ଭଲ ଜଜ୍‌ମାନେ ସୃଷ୍ଟି ହୋଇପାରିବେ। ବରିଷ୍ଠ ଆଇନଜୀବୀ ଜୟନ୍ତ ଦାସ ସୁପ୍ରିମକୋର୍ଟର ଜଣେ ଭଲ ଓକିଲ ଥିଲେ। ଓକିଲାତି କରିବା ସମୟରେ ଦାସଙ୍କ ସଂସ୍ପର୍ଶରେ ଆସିଥିଲେ ବୋଲି ମୁଖ୍ୟ ବିଚାରପତି କହିଥିଲେ। ଆଇନଜୀବୀମାନେ ଦାସ ଓ ତ୍ରିପାଠୀଙ୍କ ଆଦର୍ଶ ଅନୁସରଣ କରନ୍ତୁ ବୋଲି ମୁଖ୍ୟ ବିଚାରପତି କହିଥିଲେ। ଏହି ଅବସରରେ ଡ. ତ୍ରିପାଠୀ ଓ ଦାସଙ୍କର ତୈଳଚିତ୍ର ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଜଷ୍ଟିସ ବି. ଆର୍. ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ଆସୋସିଏଶନ ସଭାପତି କାଳୀ ପ୍ରସନ୍ନ ମିଶ୍ର, ସମ୍ପାଦକ ଆଲୋକ ନନ୍ଦ, ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିସହ ହାଇକୋର୍ଟର ସମସ୍ତ ବିଚାରପତି, ବରିଷ୍ଠ ଓକିଲମାନେ ଉପସ୍ଥିତ ଥିଲେ। ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ ସ୍ୱାଗତ ଭାଷଣ ଓ ଦେବସ୍ମାନ ଦାସ ଧନ୍ୟବାଦ ଦେଇଥିଲେ।

## ବ୍ୟକ୍ତିଙ୍କ ଠାରୁ ଚେନ୍ ଲୁଟ୍

**ଚୌଦ୍ୱାର,୧୪।୭(ଡି.ଏନ୍.ଏ.)**

ଚୌଦ୍ୱାର ଥାନା ଅଧୀନ ଚଷାପଡା ନିକଟରେ ଗୁରୁବାର ପୂର୍ବାହ୍ନରେ ଜଣେ ବ୍ୟକ୍ତିଙ୍କ ବେକରୁ ସୁନାଚେନ୍ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। କଖଡ଼ି ପଞ୍ଚାୟତ ଅଧୀନ ବିଦ୍ୟାଧରପୁର ଗ୍ରାମର ସୁଚିତ୍ର ମହାନ୍ତି ସ୍କୁଟିରେ ଚୌଦ୍ୱାର ଅଭିମୁଖେ ଆସୁଥିବାବେଳେ ପଛରୁ ଜଣେ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କ ବେକରୁ ସୁନାଚେନ୍ ଲୁଟି ଫେରାର ହୋଇ ଯାଇଥିଲେ। ଏନେଇ ସୁଚିତ୍ର ଥାନାରେ ଅଭିଯୋଗ କରିଛନ୍ତି।

# ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ଘୃଣ୍ୟ ମନ୍ତବ୍ୟକୁ ବିରୋଧ

**କଟକ ଅଫିସ, ୧୪।୭**

**ରାହୁଲ ଗାନ୍ଧୀ ଓ ଅଜୟ କୁମାରଙ୍କ କୁଶପୁତ୍ତଳିକା ଦାହ**

କଂଗ୍ରେସ ନେତା ଅଜୟ କୁମାରଙ୍କର ରାଷ୍ଟ୍ରପତି ପ୍ରାର୍ଥିନୀ ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ଘୃଣ୍ୟ ମନ୍ତବ୍ୟକୁ ବିରୋଧ କରି କଟକ ଚଣ୍ଡୀ ଛକରେ ଭାଜପା କଟକ ନଗର ଯୁବମୋର୍ଚ୍ଚା ପକ୍ଷରୁ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ମନ୍ତବ୍ୟ ପାଇଁ ରାହୁଲ ଗାନ୍ଧୀ କ୍ଷମା ମାଗିବା ଦାବିରେ ଉକ୍ତ ସ୍ଥାନରେ ରାହୁଲ ଓ ଅଜୟଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଯୁବମୋର୍ଚ୍ଚା ସଭାପତି ସତ୍ୟବ୍ରତ ମିଶ୍ର କହିଛନ୍ତି, ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପ୍ରାର୍ଥିନୀ ଭାବେ ଆଦିବାସୀ, ମହିଳା ଓ ଗରିବ ଲୋକଙ୍କ ପ୍ରତିନିଧିତ୍ୱ କରୁଛନ୍ତି। ହେଲେ କଂଗ୍ରେସ ନେତା ଏଭଳି କୁତ୍ସିତ ଆରୋପ କରି କେବଳ ଦ୍ରୌପଦୀଙ୍କୁ ନୁହେଁ, ଭାରତର ସମଗ୍ର ଆଦିବାସୀ ସମ୍ପ୍ରଦାୟ, ମହିଳା ଓ ଗରିବ ଲୋକଙ୍କୁ ଅପମାନିତ କରିଛନ୍ତି। ଏଥିପାଇଁ ରାହୁଲ ଗାନ୍ଧୀ ଓ ଅଜୟ କୁମାର କ୍ଷମା ମାଗନ୍ତୁ। ଏହି କାର୍ଯ୍ୟକ୍ରମରେ ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ, ଶ୍ରୀତମ ଦାସ, ସିକନ୍ଦର ଅଲ୍ଲି, ରଶ୍ମିରେଖା ଦାସ, ଦେବାଶିଷ ରାୟ, ପ୍ରବୀଣା ମହାପାତ୍ର, ରତନ ମହାନ୍ତି, ନମିତା ମିଶ୍ର, ଶରତ ଭୋଳ, ଜୟକୃଷ୍ଣ ସ୍ୱାଇଁ, ମହମ୍ମଦ ସବିରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ତାଳଦଣ୍ଡା କେନାଲରେ ଜଳ ପ୍ରବାହକୁ ନେଇ ଅନିଶ୍ଚିତତା

**କଟକ ସଦର,୧୪।୭(ଡି.ଏନ୍.ଏ.)**

ଜୁଲାଇ ପ୍ରଥମ ସପ୍ତାହରେ ଯୋବ୍ରା ଆନିକଟରୁ ତାଳଦଣ୍ଡା କେନାଲକୁ ପାଣି ଛଡାଯିବାର ଥିଲା। ମାତ୍ର ଚଳିତ ମାସର ଅର୍ଦ୍ଧେକ ସମୟ ବିତି ଯାଇଥିଲେ ମଧ୍ୟ ପାଣି ଛଡାଯିବାକୁ ନେଇ ଅନିଶ୍ଚିତତା ଲାଗି ରହିଛି। କାରଣ ଉକ୍ତ କେନାଲର ଯୋବ୍ରା-ବିଦ୍ୟାଧରପୁର ଅଂଶରେ ପଥର ପ୍ୟାକିଂ, ପୋଲ ନିର୍ମାଣ କାମ ଅଧାପନ୍ତରିଆ ଅବସ୍ଥାରେ ରହିଛି। କେନାଲର ବିଭିନ୍ନ ସ୍ଥାନରେ କାମ ପାଇଁ ମାଟିବନ୍ଧ କରାଯାଇଛି। ଏହାଛଡା କୁଢ଼ କୁଢ଼ କଳିକିତି ଦଳ କେନାଲରେ ଜମି ରହିଛି। ପାଣି ଛଡାଯିବାରେ ବିଳମ୍ବ ହେଉଥିବାରୁ କଟକ ସଦର ସମେତ ଜଗତ୍‌ସିଂହପୁର ଜିଲ୍ଲାର ଚାଷୀମାନେ ଧାନ ରୋଇବା ପାଇଁ ଅସୁବିଧାର ସମ୍ମୁଖୀନ ହେବେ। ବିଳମ୍ବରେ ରୁଆ ଯୋଗୁ ଧାନ ଅମଳରେ ମଧ୍ୟ ବିଳମ୍ବ ଘଟିବ। ତେଣୁ ଚାଷୀମାନେ ସେବା ସମବାୟ ସମିତି ଜରିଆରେ ଧାନ ବିକ୍ରି କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେବେ ବୋଲି କମରପଦା ଗ୍ରାମର ଚାଷୀ ପ୍ରଶାନ୍ତ ପ୍ରଧାନ କହିଛନ୍ତି। ଏ ସମ୍ପର୍କରେ ମହାନଦୀ ସାଉଥ ଜଳସେଚନ ଡିଭିଜନର ନିର୍ବାହୀଯନ୍ତ୍ରୀ ରାଜେଶ ମହାନ୍ତି କହିଛନ୍ତି, ଯୋବ୍ରା ଆନିକଟ କେନାଲ ମୁହଁର ଏକ ପୋଲ ଉପରେ ଛାତ ପଡ଼ିବ। ଖୁବ୍‌ଶୀଘ୍ର ଏହି କାର୍ଯ୍ୟ ସାରିବା ପାଇଁ ପୋଲ ନିର୍ମାଣକାରୀ ସଂସ୍ଥା ସହ ଆଲୋଚନା କରିଛି। ପରେ ପାଣି ଛାଡିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ।

# 'ସୁସ୍ଥ ସମାଜ ଗଠନ ପାଇଁ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

**କଟକ ଅଫିସ, ୧୪।୭**

**୧୬ରେ ପାରଚାମ କେଶରିଆ ଶକ୍ତି କର୍ମଶାଳା**

ତେରାପନ୍ତ ମହିଳା ମଣ୍ଡଳ କଟକ ପକ୍ଷରୁ ପାର୍‌ଚାମ କେଶରିଆ ଶକ୍ତି କର୍ମଶାଳା ଆସନ୍ତା ୧୬ ତାରିଖରେ ସହିଦ ଭବନରେ ଅନୁଷ୍ଠିତ ହେବ। ମହିଳା ସଶକ୍ତୀକରଣ ପାଇଁ କଟକ ସହରରେ ଏହି ନିଆରା କାର୍ଯ୍ୟକ୍ରମର ଆୟୋଜନ ହେବ। ଏଥିରେ ମୁଖ୍ୟ ଅତିଥି ଭାବେ ନୀଲମ ସେଥିଆ, ମୁଖ୍ୟବକ୍ତା ଭାବେ ସ୍ମିତା ଜୈନ କୁଚେରିଆ ଯୋଗଦେଇ 'ସଶକ୍ତ ମହିଳା-ସମୃଦ୍ଧ ସମାଜ' ପ୍ରସଙ୍ଗ ଉପରେ ମାର୍ଗଦର୍ଶନ ପ୍ରଦାନ କରିବେ ବୋଲି କାଠଗଡ଼ା ସାହିସ୍ଥିତ ତେରାପନ୍ଥ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୁନିଶ୍ରୀ ଜିନେଶ କୁମାର ସୂଚନା ଦେଇଛନ୍ତି। ଜିନେଶ କହିଛନ୍ତି, ମହିଳାମାନେ ବିଶ୍ୱରେ ଏକ ମହାନ ଶକ୍ତି। ଏକ ସୁସ୍ଥ ସମାଜ ଗଠନରେ ସେମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ। ସମାଜରେ ଅନେକ ସମସ୍ୟାର ସମାଧାନ ମହିଳା ସଶକ୍ତିକରଣ ସହିତ ଜଡିତ। ତେଣୁ ସମୟ ସମୟରେ ବିଭିନ୍ନ ଜ୍ଞାନ କର୍ମଶାଳା ମାଧ୍ୟମରେ ସମାଜର ମହିଳା ଶକ୍ତି ଜାଗ୍ରତ ତଥା ସଶକ୍ତୀକରଣ ପାଇଁ ପ୍ରୟାସ କରାଯାଉଛି। ଏହାଦ୍ୱାରା ପରିବାରରେ ସୁଖ, ଶାନ୍ତି ଏବଂ ସମୃଦ୍ଧି ଆସିପାରିବ। ବର୍ତ୍ତମାନ ମହିଳାମାନଙ୍କ ମଧ୍ୟରେ ଶିକ୍ଷାର ସ୍ତର ବହୁତ ଭଲ ହୋଇଛି। କିନ୍ତୁ ସଂସ୍କୃତି ଏବଂ ସହନଶୀଳତା ଭଳି ନୈତିକ ମୂଲ୍ୟବୋଧ ହ୍ରାସ ପାଉଛି। ସେହି ମୂଲ୍ୟଗୁଡ଼ିକର ପ୍ରଚାର ପାଇଁ ତାଲିମ ଜରୁରୀ। ଜଣେ ତାଲିମପ୍ରାପ୍ତ ମହିଳା ନିଜ ପରିବାରକୁ ସମୃଦ୍ଧ କରିପାରିବେ। ଏଥିପାଇଁ ଉକ୍ତ ମହିଳା ସଶକ୍ତୀକରଣ କର୍ମଶାଳା ଆୟୋଜନ କରାଯାଇଛି ବୋଲି ଜିନେଶ କହିଛନ୍ତି। ଏହି ସମ୍ମିଳନୀରେ ମୁନିଶ୍ରୀ ପରମାନନ୍ଦ, ମୁନିଶ୍ରୀ କୁନାଲ କୁମାର, ତେରାପନ୍ତ ମହିଳା ମଣ୍ଡଳ କଟକର ସଭାପତି ହୀରା ବୈଦ, ସମ୍ପାଦକ ଶଶି ପିନାୟକିଆ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ୱାର୍ଟର୍ସ, ହଷ୍ଟେଲରେ ଜମି ରହିଛି ବର୍ଷାଜଳ



**କଟକ ଅଫିସ,୧୪।୭**

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**

- ନିୟୁ ପିଜି ହଷ୍ଟେଲରେ ରୋଷେଇ ବନ୍ଦ

ଲଗାଣ ବର୍ଷାଯୋଗୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ବିଭିନ୍ନ ସ୍ଥାନରେ ପାଣି ଜମି ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବର୍ଷା ହେଲେ ମାଲ୍‌ଗୋଦାମ ପାର୍ଶ୍ୱରୁ ଡ୍ରେନ୍‌ରୁ ଦୂଷିତ ଜଳ କ୍ୱାର୍ଟର୍ସ ମଧ୍ୟକୁ ପ୍ରବେଶ କରୁଛି। ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଥିବାରୁ ବିଶ୍ୱବିଦ୍ୟାଳୟର ମୁଖ୍ୟ ୱାର୍ଡେନଙ୍କ କ୍ୱାର୍ଟର୍ସରେ ନର୍ଦ୍ଦମା ପାଣି ଜମି ରହିଛି। ଅପରପକ୍ଷେ ବିଶ୍ୱବିଦ୍ୟାଳୟ ଖେଳପଡିଆକୁ ନର୍ଦ୍ଦମା ଜଳ ଛଡାଯାଉଥିବାରୁ କୁଳପତି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିସହ ଜଳ ନିଷ୍କାସନକୁ ମଧ୍ୟ ବନ୍ଦ କରିଦେଇଛନ୍ତି। ମୁଖ୍ୟ ୱାର୍ଡେନଙ୍କ ସମେତ ଉକ୍ତ କ୍ୱାର୍ଟର୍ସ ପରିସରରେ ରହୁଥିବା ଅନ୍ୟ ୫ଜଣ କର୍ମଚାରୀ ଏବଂ ତାଙ୍କ ପରିବାର ଲୋକେ ଜଳଘେରରେ ରହିଛନ୍ତି। ସେହିପରି ବିଶ୍ୱବିଦ୍ୟାଳୟ ପରିସର ରାସ୍ତାରେ ପାଣି ଜମି ରହିଥିବାବେଳେ କ୍ୱାର୍ଟର୍ସ ଓ ହଷ୍ଟେଲଗୁଡ଼ିକରେ ପାଣି ପଶିଛି। ନିୟୁ ପିଜି ହଷ୍ଟେଲର ରୋଷେଇଗୃହରେ ପାଣି ଜମି ରହିଥିବାରୁ ରୋଷେଇ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଫଳରେ ଅନ୍ତେବାସୀଙ୍କ ପାଇଁ ଅନ୍ୟ ଏକ ହଷ୍ଟେଲରେ ବିକଳ୍ପ ବ୍ୟବସ୍ଥା କରାଯାଇଛି। ବାତ୍ୟା ଫନି ପ୍ରଭାବରେ ବିଶ୍ୱବିଦ୍ୟାଳୟର ପାଚେରି ଭାଙ୍ଗିଯାଇଥିଲା। ଫଳରେ ଡ୍ରେନ୍‌ରୁ କ୍ୟାମ୍ପସ ପରିସରକୁ ନର୍ଦ୍ଦମା ଜଳ ପ୍ରବେଶ କରୁଛି। ହେଲେ ଏପର୍ଯ୍ୟନ୍ତ ପାଚେରି ନିର୍ମାଣ କରାଯାଇନାହିଁ। ଏ ସମ୍ପର୍କରେ କୁଳସଚିବ ଭକ୍ତଚରଣ ପ୍ରଧାନ କହିଛନ୍ତି, ବର୍ଷା ଯୋଗୁ ବିଶ୍ୱବିଦ୍ୟାଳୟରେ ଜଳ ନିଷ୍କାସନ ହୋଇପାରୁନାହିଁ। ଖୁବ୍‌ଶୀଘ୍ର ଏଥିପାଇଁ ବ୍ୟବସ୍ଥା କରାଯିବ।

# ସିଏମ୍‌ସି ଗାଡ଼ି ମରାମତି କରିବେ ଆଇଟିଆଇ ଛାତ୍ରୀଛାତ୍ର

**କଟକ ଅଫିସ, ୧୪।୭**

କଟକ ମହାନଗର ନିଗମ(ସିଏମ୍‌ସି)ର ଇ-ଗାଡିଗୁଡିକ ଖପୁରିଆସ୍ଥିତ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ(ଆଇଟିଆଇ)ର ଛାତ୍ରୀଛାତ୍ରମାନେ ମରାମତି କରିବେ। ଏଥିପାଇଁ ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନ ସହଯୋଗରେ ସ୍କାଏ ରାଇଡର ଇଲେକ୍ଟ୍ରି



ଅତ୍ୟାଧୁନିକ ଲାବ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସିଏମ୍‌ସି କମିଶନର ଓ ଅନ୍ୟମାନେ।

ପ୍ରାଇଭେଟ୍ ଲିମିଟେଡ୍ ଓ ଅଟୋମୋବାଇଲ ଡକ୍ଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଉକ୍ତ ଆଇଟିଆଇରେ ଦୁଇଟି ଅତ୍ୟାଧୁନିକ ଲାବ୍ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ ଏହାକୁ ଉଦ୍‌ଘାଟନ କରି କହିଥିଲେ, ସିଏମ୍‌ସିର ସମସ୍ତ ଗାଡି ଆଇଟିଆଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ମରାମତି କରାଯିବା ନେଇ ୧ ବର୍ଷ ପୂର୍ବରୁ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିଲା। ଏବେ ଏନେଇ କାର୍ଯ୍ୟ ଆରମ୍ଭ ହେବ। ସିଏମ୍‌ସି ନିକଟରେ ଥିବା ଇଲେକ୍ଟ୍ରୋନିକ ଗାଡ଼ିଗୁଡିକ ମଧ୍ୟରୁ ୧୦ରୁ ୧୫ଟି ଗାଡି ମରାମତିର ଆବଶ୍ୟକତା ରହିଛି । ଖୁବ୍‌ଶୀଘ୍ର ଉକ୍ତ ଗାଡିଗୁଡିକ ଆଇଟିଆଇ ପଠାଯିବ। ଯାହାଦ୍ୱାରା ପିଲାମାନେ ଅଧିକ ପ୍ରଶିକ୍ଷିତ ହେବେ ବୋଲି କମିଶନର କହିଛନ୍ତି। ସେହିପରି ଆଇଟିଆଇ ଅଧ୍ୟକ୍ଷ ହୃଷୀକେଶ ମହାନ୍ତି କହିଛନ୍ତି, ଛାତ୍ରୀଛାତ୍ରଙ୍କ ପାଇଁ ଏହି ଶିଳ୍ପଭିତ୍ତିକ ଜ୍ଞାନକୌଶଳ ବେଶ ଲାଭ ଦାୟକ ହେବ। ନୂତନ ଯୁଗରେ ଟେକ୍ନୋଲୋଜିରେ ଯେଉଁ ପରିବର୍ତ୍ତନ ଆସୁଛି ତାହାକୁ ଆମେ ଆଇଟିଆଇରେ ସ୍ଥାପନ କରିବାକୁ ଚାହିଁଛୁ। ଫଳସ୍ୱରୂପ ବିଭିନ୍ନ ଅନୁଷ୍ଠାନ ସହ ଆମେ ଏମ୍‌ଓୟୁ ସ୍ୱାକ୍ଷର କରୁଛୁ।

# ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ଅବସ୍ଥା ଶୋଚନୀୟ

**କଟକ ଅଫିସ, ୧୪।୭**

ବର୍ଷା ଯୋଗୁ ବାଦାମବାଡିର ପୁରୀ, ଅନୁଗୋଳ ଓ ପାରାଦୀପ ବସ୍‌ଷ୍ଟାଣ୍ଡ ଅବସ୍ଥା ଶୋଚନୀୟ ହୋଇପଡିଛି। ଷ୍ଟାଣ୍ଡରୁ ବସ୍ ବାହାରୁଥିବା ରାସ୍ତାରେ ବର୍ଷା ପାଣି ଜମି ରହିବା ସହ ପଙ୍କ କାଦୁଅରେ ପରିପୂର୍ଣ୍ଣ ହୋଇଛି। ବର୍ଷା ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରାଯାଉ ନ ଥିବାବେଳେ ପଙ୍କୋଦ୍ଧାର କରାଯାଉନାହିଁ। ଏହାକୁ ନେଇ ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସିଏମ୍‌ସି ମେୟର ସୁବାସ ସିଂ ଓ କମିଶନର ନିଖିଲ ପୱନ କଲ୍ୟାଣ ଗୁରୁବାର ଉକ୍ତ ବସ୍‌ଷ୍ଟାଣ୍ଡରେ ପହଞ୍ଚି ଶୋଚନୀୟ ଅବସ୍ଥା ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ଉକ୍ତ ସ୍ଥାନରେ ଏଭଳି


ସିଏମ୍‌ସି ମେୟର ସୁବାସ ସିଂ ବାଦାମବାଡି ବସ୍‌ଷ୍ଟାଣ୍ଡର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ଅବସ୍ଥା କାହିଁକି ହେଲା ବୋଲି ସେମାନେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ଆସନ୍ତା ୭ ଦିନ ମଧ୍ୟରେ ଅବସ୍ଥାରେ ସୁଧାର ଆଣିବାକୁ ମେୟର

**ସ୍ଥିତି ସୁଧାରିବା ପାଇଁ ମେୟରଙ୍କ ନିର୍ଦ୍ଦେଶ**

ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ତତ୍କ୍ଷଣାତ ଯାତାୟାତ ଉପଯୋଗୀ କରିବାକୁ ସ୍ୱାସ୍ଥ୍ୟ ଅଧିକାରୀ ଓ ଯନ୍ତ୍ରୀଙ୍କୁ କହିଥିଲେ। ଏହି ପରିଦର୍ଶନ ସମୟରେ ବିଧାୟକ ସୌଭିକ୍ ବିଶ୍ୱାଳ, ୱାର୍କ୍ସ କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ଖୁଣ୍ଟିଆ, ସ୍ୱାସ୍ଥ୍ୟ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୁଳିଆ, ଚୌଧୁରୀ ସୁବ୍ରତ ଘଡ଼ାଇ, ପୂର୍ବତନ ଡେପୁଟି ମେୟର ତଥା ବସ୍ ଆସୋସିଏଶନର ସାଧାରଣ ସମ୍ପାଦକ ଅଜୟ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଚୋରି ସ୍କୁଟି ଜବତ, ୨ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା),୧୪।୭(ଡି.ଏନ୍.ଏ.): ଟାଙ୍ଗୀ ଥାନା ଅନ୍ତର୍ଗତ କାଲୁପଡା ଘାଟ ନିକଟସ୍ଥ ଜଗାବଳିଆ ଲଜ ଆଗରୁ ଚୋରି ହୋଇ ଥିବା ଏକ ସ୍କୁଟିକୁ ଭୁବନେଶ୍ୱର ୨ ନମ୍ବର ମାର୍କେଟ ନିକଟରୁ ପୋଲିସ ଜବତ କରିବା ସହ ୨ଜଣ ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଗଞ୍ଜାମ ଜିଲା କୋଦଳା ଥାନା ଅନ୍ତର୍ଗତ ବେଲଝରି ଗ୍ରାମର କୃଷ୍ଣଚନ୍ଦ୍ର ପ୍ରଧାନ ଓ ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅନ୍ତର୍ଗତ ଡୋମଣି ସାହିର ଜଗନ କୁମାର ସାହୁ। ଏ ନେଇ ଥାନାରେ ଏକ ମାମଲା(ନଂ.୩୪୧/୨୨) ରୁଜୁ କରି ତଦନ୍ତ ଚଳାଇଛି। ବାଲୁଗାଁ ଏସଡିପିଓ ମାନସ ରଞ୍ଜନ ବାରିକଙ୍କ ନିର୍ଦ୍ଦେଶକ୍ରମେ ଥାନା ଆଇଆଇସି ଦିଗବିଜୟ ବିଶ୍ୱାଳଙ୍କ ନେତୃତ୍ୱରେ ଗଠିତ ଏକ ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିବା ବେଳେ ଚୋରି ସ୍କୁଟିକୁ ଉଦ୍ଧାର କରିବାରେ ସଫଳ ହୋଇଛି।

### ୭୧ ୟୁନିଟ ରକ୍ତ ସଂଗ୍ରହ

ଖୋର୍ଦ୍ଧା ଅଫିସ,୧୪।୭: ବିଜୁ ଜନତା ଦଳର ୨୫ବର୍ଷ ପୂର୍ତ୍ତି ଅବସରରେ ଖୋର୍ଦ୍ଧା ବିଜେଡି ନିର୍ବାଚନମଣ୍ଡଳୀ ପକ୍ଷରୁ କୁରାଢମଲ୍ଲ ପଞ୍ଚାୟତରେ ରକ୍ତଦାନ ଶିବିର ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୭୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ରାଜ୍ୟ ସଭା ସଦସ୍ୟ ମଜିବୁଲ୍ଲା ଖାଁ, ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜିଲା ପରିଷଦ ଅଧକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ଖୋର୍ଦ୍ଧା ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଜୁ ଯୁବ ଜନତା ଦଳ ରାଜ୍ୟ ସମ୍ପାଦକ ରୁଦ୍ରନାଥ ଦତ୍ତ, ଦିଲୀପ ପରିଡ଼ା, ନସିମ ଖାନ, ଗୌତମ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୧୦.୯୫ ଗ୍ରାମ୍ ବ୍ରାଉନସୁଗାର ଜବତ, ବେପାରୀ ଗିରଫ

ଭୁବନେଶ୍ୱର,୧୪।୭(ବ୍ୟୁରୋ): ବ୍ରାଉନସୁଗାର କାରବାର କରୁଥିବା ଜଣେ ବେପାରୀଙ୍କୁ ଗୁରୁବାର ଏୟାରପୋର୍ଟ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଭୁବନେଶ୍ୱର କାର୍ଗିଲ ବସ୍ତିରେ ରହୁଥିବା ଅନୁଗୋଳର ଦୀପକ ସାହୁ (୨୪)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ପୋଲିସ ଏନ୍‌ଡିପିଏସ୍ ଆକ୍ଟ ମାମଲା (ନଂ. ୨୧୨/୨୨) ରୁଜୁ କରିଛି। ସେମାନଙ୍କଠାରୁ ପୋଲିସ ୧୦.୯୫ ଗ୍ରାମ୍‌ର ବ୍ରାଉନସୁଗାର ଜବତ କରିବା ସହ ନିଶା କାରବାରରେ ବ୍ୟବହାର କରୁଥିବା ସ୍କୁଟି ଓ ବିଭିନ୍ନ କମ୍ପାନୀର ୪ ଟି ମୋବାଇଲ ଫୋନ ଓ ନଗଦ ୩୨ ହଜାର ୭୭୦ ଟଙ୍କା ଜବତ କରିଛି। ସୂଚନାନୁଯାୟୀ, ଦୀପକ କାର୍ଗିଲ ରୋଡସ୍ଥିତ ମା' ଗୌରୀ ରିସର୍ଟ ନିକଟରେ ସ୍କୁଟିରେ ବ୍ରାଉନ୍‌ସୁଗାର ରଖି ବିକ୍ରି କରିବା ଉଦ୍ଦେଶ୍ୟରେ ଛିଡା ହୋଇଥିଲେ। ଖବରପାଇ ପୋଲିସ ଦୀପକଙ୍କୁ ଧରିବାରେ ସଫଳ ହୋଇଥିଲା।

### ୨ ଲୁଟେରା ଗିରଫ, ଟିଭି ଜବତ

ଭୁବନେଶ୍ୱର,୧୪।୭(ବ୍ୟୁରୋ): ଘରେ ପଶି ଚୋରି କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ୨ ଜଣ ଲୁଟେରାଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭରତପୁର ଥାନା ଅଧୀନ ଶ୍ୟାମପୁର ଗ୍ରାମର ସୁଶାନ୍ତ ସାହୁ (୨୧), ହାପି ନାୟକ (୨୭)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ପୋଲିସ ଏକ ମାମଲା (କେସ୍ ନଂ ୨୮୨/୨୨) ରୁଜୁ କରିଛି। ସେମାନଙ୍କଠାରୁ ପୋଲିସ ଗୋଟେ ଏଲ୍‌ଇଡି ଟିଭି ଜବତ କରିଛି। ସୂଚନାନୁଯାୟୀ, ଅଭିଯୋଗକାରୀ ଘରେ ନ ଥିବାବେଳେ ଏହାର ସୁଯୋଗ ନେଇ ଅଭିଯୁକ୍ତ ଦ୍ୱୟ ତାଙ୍କ ଘରୁ ଏକ ଏଲ୍‌ଇଡି ଟିଭି ଚୋରି କରିନେଇଥିଲେ। ଏନେଇ ଅଭିଯୋଗକାରୀ ଭରତପୁର ଥାନାରେ ବୁଧବାର ଲିଖିତ ଅଭିଯୋଗ କରିଥିଲେ।

# ଏନ୍‌ଜିଟି ନିର୍ଦ୍ଦେଶ କାର୍ଯ୍ୟକାରିତାରେ ପଛଘୁଞ୍ଚା

**ଖୋର୍ଦ୍ଧା ଅଫିସ,୧୪।୭**

ଖୋର୍ଦ୍ଧା ଜିଲା ନିଜିଗଡ଼ ତାପଙ୍ଗ ପଞ୍ଚାୟତ ଅନ୍ତର୍ଗତ ତାପଙ୍ଗ, ଅଣ୍ଡା ଓ ଝିଙ୍କିଝାରୀ ପ୍ରଭୃତି ଗ୍ରାମରେ ଶତାଧିକ ଏକର ଜଗନ୍ନାଥ ଜମି ହରିଲୁଟ ହେଉଛି। ଏହି ଅଞ୍ଚଳରୁ ଦୈନିକ ଶହ ଶହ ଟ୍ରକ୍‌ରେ ମାଙ୍କଡ଼ା ପଥର ଚାଲାଣ କରାଯାଉଛି। ଏପରି କି ବିଭିନ୍ନ ରାଜ୍ୟକୁ ପଥର ଚାଲାଣ ମଧ୍ୟ ହେଉଛି। ଜିଲା ପ୍ରଶାସନର ଆନ୍ତରିକତା ଅଭାବ ଏବଂ ଦାୟିତ୍ୱହୀନତାରୁ ରାଜ୍ୟ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବା ଅଭିଯୋଗ ହେଉଛି। ଖୋର୍ଦ୍ଧା ଜିଲାରେ ବେଆଇନ ପଥର ଖନନକୁ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି)ପୂର୍ବରୁ ବହୁବାର କ୍ଷୋଭ ପ୍ରକାଶ କରିଛନ୍ତି। ଜିଲାରେ କେତେ ପଥର ଚୋରି ହେଉଛି, ପରିବେଶ କ୍ଷତିଭରଣା ପାଇଁ କେତେ ଟଙ୍କା ଜରିମାନା କରାଯାଉଛି ଏବଂ ବେଆଇନ ଖଣି ଖନନକାରୀଙ୍କ ଠାରୁ କେତେ ଅର୍ଥ ଆଦାୟ କରାଯାଉଛି,ସେ ନେଇ ସତ୍ୟପାଠ ଦାଖଲ କରିବାକୁ ଏନ୍‌ଜିଟି ଖୋର୍ଦ୍ଧା ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସତ୍ୟପାଠରେ ବେଆଇନ ଖଣି ଖନନକାରୀଙ୍କ ନାମ, ସେମାନଙ୍କୁ ପ୍ରୋତ୍ସାହିତ କରୁଥିବା ବ୍ୟକ୍ତି, ପଥର ବୋହୁଥିବା ଟ୍ରକ୍ ମାଲିକ, ବେଆଇନ ପଥର ଚୋରାଚାଲାଣକାରୀଙ୍କ ଦ୍ୱାରା ରାଜ୍ୟ ରାଜକୋଷକୁ ହୋଇଥିବା କ୍ଷତି, ପରିବେଶ କ୍ଷତିଭରଣା ପାଇଁ ଆଦାୟ ହୋଇଥିବା ଅର୍ଥ ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଜଣାଇବାକୁ କହିଥିଲେ। ଏପରି କି ବେଆଇନ ପଥର ଖନନ ରୋକିବା ପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗୃହ ସଚିବ, ପୋଲିସ ଡିଜି, ରାଜ୍ୟ ପ୍ରଦୂଷଣ ବୋର୍ଡର ଅଧ୍ୟକ୍ଷ, ପରିବେଶ ମନ୍ତ୍ରଣାଳୟର ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ବୋର୍ଡ, କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ, ରାଜ୍ୟସ୍ତରୀୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ(ଏସ୍‌ଇଆଇଏଏ)ର ଜଣେ ଅଧିକାରୀଙ୍କ ସହ ଖୋର୍ଦ୍ଧା ଜିଲାପାଳଙ୍କୁ ନେଇ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶେଷଥର ପାଇଁ ୨୦୨୨ ମାର୍ଚ୍ଚରେ ଏନ୍‌ଜିଟି ଏହି ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ଏହାକୁ ଏଯାବତ୍ କାର୍ଯ୍ୟକାରୀ କରାଯାଇ ପାରିନାହିଁ। ବିଶେଷକରି ଏନ୍‌ଜିଟିର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାରେ ଜିଲା ପ୍ରଶାସନ ପଛଘୁଞ୍ଚା ଦେଉଥିବା ମନେ ହେଉଛି।

ଜିଲାସ୍ତରରେ ଜଙ୍ଗଲ, ରାଜସ୍ୱ ଓ ପୋଲିସ ପ୍ରଶାସନକୁ ନେଇ ଗଠିତ ମିଳିତ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ବେଆଇନ ଲଘୁ ଖଣିଜ ଚୋରା ଚାଲାଣ, ମାଙ୍କଡ଼ା ଚାଲାଣକୁ ନେଇ ଜରିମାନା ଆଦାୟ ସହ ବ୍ୟବହୃତ ଯାନକୁ ଜବତ କରାଯାଉଛି। ତେବେ ଜିଲାରେ ପ୍ରାକୃତିକ ଖଣିଜ ସମ୍ପଦ ସୁରକ୍ଷା ଏବଂ ଚୋରା ଚାଲାଣ ନେଇ କେଉଁ ସବୁ ପଦକ୍ଷେପ ଗ୍ରହଣ କରାଯାଉଛି, ସେ ସମ୍ପର୍କରେ କୌଣସି ଅଧିକାରୀ ମୁହଁ ଖୋଲୁନାହାନ୍ତି। ଏନେଇ ଗଣମାଧ୍ୟମକୁ ଅନ୍ଧାରରେ ରଖାଯାଉଛି। କେବଳ ପୋଲିସ ପକ୍ଷରୁ କୌଣସି ମାଙ୍କଡ଼ା ପଥର ଗାଡ଼ି ଧରାହେଲେ ଜଣାପଡୁଛି। ନଚେତ୍ ପ୍ରଶାସନ ପକ୍ଷରୁ କୌଣସି ସୂଚନା ନାହିଁ। ପ୍ରକାଶ ଯେ, ଖୋର୍ଦ୍ଧା ଜିଲାରେ ବେଆଇନ ପଥର ଚାଲାଣ ଯୋଗୁ ପରିବେଶ ଜନିତ କ୍ଷତି ଯାଞ୍ଚ ଲାଗି ଏନ୍‌ଜିଟି ଏକ ୪ଜଣିଆ କମିଟି ଗଠନ କରିବାକୁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ସେହି କମିଟିରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ନିର୍ଦ୍ଦେଶକ, ଖୋର୍ଦ୍ଧା ଜିଲା ମାଜିଷ୍ଟ୍ରେଟ, ଏସଇଆଇଏଏ ମେମ୍ବର ସେକ୍ରେଟାରୀ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ଅଧିକାରୀ ସଦସ୍ୟ ରହିଛନ୍ତି। ପଥର ଖୋଳିବା ବେଳେ ଖଣିର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁର(ଏସ୍‌ଓପି) ଏବଂ ଅନ୍ୟାନ୍ୟ ପରିବେଶ ଆଇନକୁ ଅନୁସରଣ କରାଯାଉ ନ ଥିବାନେଇ ପୂର୍ବରୁ ଏନ୍‌ଜିଟିରେ ଅଭିଯୋଗ ହୋଇଥିଲା। ନିଜିଗଡ଼ ତାପଙ୍ଗ, ଅଣ୍ଡା, ଝିଙ୍କିଝାରୀ ପ୍ରଭୃତି ଗ୍ରାମର ୪୦ଟି ସ୍ଥାନରେ ୫ଶହ ଏକର ଜମିରେ ଏଭଳି ବେଆଇନ ଖଣି ଖନନ ହେଉଥିବା ନେଇ ଅଭିଯୋଗ ହୋଇଛି। ସେହିସବୁ ଅଞ୍ଚଳରେ କାଜୁ ବଗିଚା, ଗ୍ରାମ୍ୟ ଜଙ୍ଗଲ ଏବଂ ଗୋଚର ଜମି ରହିଛି। ଖଣି ଖନନ ପାଇଁ କୌଣସି ଅନୁମତି କିମ୍ବା ପରିବେଶ ଅନୁମତି ନ ଥାଇ ବହୁ ସଂଖ୍ୟାରେ ଗଛ କଟାଯାଇଛି।

### ଚୋରାଚାଲାଣ ରୋକିପାରୁନି ଜିଲା ପ୍ରଶାସନ

୧୬।୧୨।୨୦୧୮ରେ ଅଭିଯୋଗକାରୀଙ୍କ ଅଭିଯୋଗ ଉପରେ ଟ୍ରିବ୍ୟୁନାଲ ୪।୨।୨୦୧୯ରେ ଖୋର୍ଦ୍ଧା ଜିଲାପାଳ, ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ମୁଖ୍ୟ ପରିଚାଳକ, ଖୋର୍ଦ୍ଧା ଏସ୍‌ପି, ରାଜ୍ୟ ପ୍ରଦୂଷଣ ବୋର୍ଡ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ଯୁଗ୍ମ କମିଟି ଗଠନ କରି ଏ ସଂକ୍ରାନ୍ତରେ ରିପୋର୍ଟ ଦାଖଲ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ। ଏନେଇ ଜିଲା ପ୍ରଶାସନ ପକ୍ଷରୁ ବାରମ୍ବାର ରିପୋର୍ଟ ଦାଖଲ କରାଯାଉଥିଲେ ସୁଦ୍ଧା ସନ୍ତୋଷଜନକ ଉତ୍ତର ଦିଆଯାଇପାରୁ ନାହିଁ। ଖୋର୍ଦ୍ଧା ଉପଜିଲାପାଳ ୨୦୨୦ ଅକ୍ଟୋବରରେ ଦାଖଲ କରିଥିବା ରିପୋର୍ଟକୁ ଟ୍ରିବ୍ୟୁନାଲ ଖାରଜ କରିବା ସହ ଆଦାୟ ହୋଇଥିବା ଜରିମାନାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜରିମାନା କେବଳ ପଥର ଚାଲାଣ କରୁଥିବା ଡ୍ରାଇଭର ନୁହେଁ ବରଂ ବେଆଇନ ଖନନ କାର୍ଯ୍ୟରେ ଲିପ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏପରି କି ୨୦୨୦ ଡିସେମ୍ବର ୨ରେ ଖୋର୍ଦ୍ଧା ଉପଜିଲାପାଳ ଦାଖଲ କରିଥିବା ରିପୋର୍ଟ ଉପରେ ଏନ୍‌ଜିଟି ଅସନ୍ତୋଷ ପ୍ରକାଶ କରିଥିଲେ। ଉଲ୍ଲଙ୍ଘନକାରୀଙ୍କୁ ଚିହ୍ନଟ କରାଯାଇ ନ ଥିବାରୁ ଟ୍ରିବ୍ୟୁନାଲ ଅସନ୍ତୁଷ୍ଟ ହୋଇଥିଲେ। ଜିଲା ପ୍ରଶାସନ ପକ୍ଷରୁ କେବଳ ବର୍ଷ ଶେଷ ଆଡକୁ ରାଜସ୍ୱ ଆଦାୟ ରେକର୍ଡ ହାସଲ ଲାଗି ଲୋକଦେଖାଣିଆ କିଛି ମାସ ଜରିମାନା ଆଦାୟ କରାଯାଉଥିବା ଅଭିଯୋଗ ହେଉଛି। ଏନେଇ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କୁହନ୍ତି,ବେଆଇନ ଚୋରାଚାଲାଣକୁ ରୋକିବା ଲାଗି ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଜିଲା ପ୍ରଶାସନ, ଜଙ୍ଗଲ ବିଭାଗ ଏବଂ ପୋଲିସକୁ ନେଇ ଏକ ଯୁଗ୍ମ କମିଟି ଗଠନ କରାଯାଇଛି। ଏହି କମିଟି ବେଆଇନ ଭାବେ ଚାଲିଥିବା ପଥରଖଣି ଏବଂ କ୍ରଶର ୟୁନିଟ ଉପରେ ଚଢ଼ାଉ ଜାରି ରଖିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବିନା ଅନୁମତିରେ ଚାଲିଥିବା କ୍ରଶର ୟୁନିଟ୍ ସିଲ କରାଯିବ। ଏଣିକି ଚୋରା ଚାଲାଣକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଜିଲାପାଳ ଚକ୍ରବର୍ତ୍ତୀ କହିଛନ୍ତି।

### ଜମି ବିବାଦକୁ ନେଇ ଆକ୍ରମଣ, ୨ ଗିରଫ

**ଝାଁଳା,୧୪।୭(ଡି.ଏନ୍.ଏ.)**

ପୈତୃକ ସମ୍ପତ୍ତି ବିକ୍ରିକୁ ନେଇ ଇଣ୍ଟୋଭ୍ୟାଲି ଥାନା ଅନ୍ତର୍ଗତ ଝାଁଳା ଗ୍ରାମର ଗୋଟିଏ ପରିବାର ମଧ୍ୟରେ ସଂଘର୍ଷ ଘଟିଛି। ଦୁଇ ଭାଇ ଓ ପୁତୁରା ଅନ୍ୟ ଜଣେ ସମ୍ପର୍କୀୟଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଝାଁଳା ମଠ ସାହିର ଶତ୍ରୁଘ୍ନ ପ୍ରଧାନ (୫୯) ଓ ପୁତୁରା ପାର୍ଥ ପ୍ରଧାନ (୩୫)। ଆହତ ଦ୍ୱୟ ହେଲେ ଭରତ ପ୍ରଧାନ ଓ ତାଙ୍କ ସମ୍ପର୍କୀୟ ମୋହନ ମହାନ୍ତି। ସୂଚନା ଅନୁସାରେ ପୈତୃକ ସମ୍ପତ୍ତି ବଣ୍ଟନ ଓ ବିକ୍ରିକୁ ନେଇ ପୂର୍ବରୁ ଭାଇମାନଙ୍କ ମଧ୍ୟରେ ବିବାଦ ରହିଥିଲା। ଗୁରୁବାର ଭରତ ସ୍ଥାନୀୟ ଏକ ଫାର୍ମରେ କାମ କରୁଥିଲେ। ଏହି ସମୟରେ ଭାଇ ଶତ୍ରୁଘ୍ନ ଓ ପୁତୁରା ପାର୍ଥ ତାଙ୍କ ତିନି ଜଣ ସହଯୋଗୀ ପୂର୍ବ ଶତ୍ରୁତାକୁ ନେଇ ଠେଙ୍ଗା, ଲୁହାରଡ୍ ଓ କଟୁରି ଧରି ଭରତ ଓ ତାଙ୍କ ବନ୍ଧୁ ମୋହନକୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଭରତ ଓ ମୋହନ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସକୁ ପଠାଇଥିଲେ। ଏନେଇ ଭରତଙ୍କ ପୁଅ ଗଙ୍ଗାଧର ଇଣ୍ଟୋଭ୍ୟାଲି ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।



ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଗୁରୁବାର ବିଭିନ୍ନ ଦାବି ନେଇ ମିଳିତ ଟ୍ରେଡ୍ ୟୁନିୟନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ପୋଲିସ୍ ଇନ୍‌ଫର୍ମର ସନ୍ଦେହରେ ଆକ୍ରମଣ

**ନିରାକାରପୁର,୧୪।୭(ଡି.ଏନ୍.ଏ.)**

### ବାପପୁଅ ଗିରଫ, ଫାର୍ସା, ଭୁଜାଲି, ଲୁହାଛଡ ଜବତ

ପୋଲିସ ଇନଫର୍ମର ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଜଙ୍କିଆ ପୋଲିସ ବାପପୁଅଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର ତେନ୍ତୁଳିମୂଳ ଗ୍ରାମର ବୈଦ୍ୟନାଥ ପ୍ରଧାନ ଓ ତାଙ୍କ ପୁଅ ଆଶିଷ। ଜଙ୍କିଆ ପୋଲିସର ବେଣୁଧର ରାୟଙ୍କଠାରୁ ସୂଚନା ଯେ, ତେନ୍ତୁଳିମୂଳ ଗ୍ରାମରେ ବୈଦ୍ୟନାଥ ଓ ତାଙ୍କ ପୁଅ ଅଞ୍ଚଳରେ ଚୋରା ମଦ କାରବାର କରି ଆଗରୁ ଗିରଫ ହୋଇ ଜେଲ ଯାଇଛନ୍ତି। ମାତ୍ର ଗ୍ରାମର ଚରଣ କୋଦମାସିଂଙ୍କୁ ସେମାନେ ପୋଲିସ୍ ଇନଫର୍ମର ଭାବେ ସନ୍ଦେହକରି ବୁଧବାର ଅପରାହ୍ଣରେ ପାଟିତୁଣ୍ଡ କରିଥିଲେ। ଚରଣ ଏହାର ବିରୋଧ କରିବାରୁ ସେମାନେ ଏକ ଭୁଜାଲି ଫାର୍ସା ଓ ଲୁହାରଡରେ ଆକ୍ରମଣ କରିଥିଲେ। ଫଳରେ ଚରଣ ଗୁରୁତର ଆହତ ହୋଇ ପ୍ରଥମେ କଣାସ ସରକାରୀ ମେଡିକାଲ ଓ ପରେ କ୍ୟାପିଟାଲ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ଏ ନେଇ ଆହତ ଚରଣଙ୍କ ସ୍ତ୍ରୀ ତିଳୋତ୍ତମା କୋଦମାସିଂହ ଜଙ୍କିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ. ୨୫୫/୨୨) ରୁଜୁ କରି ବୁଧବାର ବିଳମ୍ବିତ ରାତିରେ ବୈଦ୍ୟନାଥଙ୍କ ଘରେ ଚଢ଼ାଉକରି ବାପ-ପୁଅ ଉଭୟଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଫାର୍ସା, ଲୁହାରଡ ଓ ଭୁଜାଲିକୁ ଜବତ କରିଥିଲେ।

## ୧୧ କେନ୍ଦ୍ରରେ ଦିଆଯିବ ବୁଷ୍ଟର ଡୋଜ୍

**ଖୋର୍ଦ୍ଧା ଅଫିସ,୧୪।୭**

ଆଜାଦୀ କା ଅମୃତ ମହୋତ୍ସବ ଅବସରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚଳିତ ମାସ ୧୫ ତାରିଖଠାରୁ ୧୮ରୁ ୫୯ ବର୍ଷ ବୟସର ଲୋକଙ୍କୁ ସମସ୍ତ ସରକାରୀ ଟିକାକରଣ କେନ୍ଦ୍ରରେ ବିନା ମୂଲ୍ୟରେ ବୁଷ୍ଟର ଡୋଜ୍ ଦିଆଯିବ। ୭୫ଦିନ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ଏହି କ୍ରମରେ ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ରେ ଏହି ଟିକା ଦିଆଯିବ। ଲୋକେ 'kowin. gov. in'ରେ ନାମ ପଞ୍ଜୀକରଣ କରି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ନେଇପାରିବେ। ଏଥିଲାଗି ଟିକାକରଣ କେନ୍ଦ୍ରରେ ବ୍ୟବସ୍ଥା କରାଯାଇଛି ବୋଲି ଏଡିଏମ୍‌ଓ (ପରିବାର କଲ୍ୟାଣ) ଡା. ରଘୁନାଥ ନାୟକ ଗୁରୁବାର ସୂଚନା ଦେଇଛନ୍ତି।

### ଉଦ୍ଧାର ଚଉଶିଙ୍ଗା ମୃତ, ନରସୀମା ଅସୁସ୍ଥ

**ବାରଙ୍ଗ,୧୪।୭(ଡି.ଏନ୍.ଏ.)**

ସମ୍ବଲପୁର ଡିଭିଜନର ରେଢାଖୋଲ ରେଞ୍ଜରୁ ଜୁନ୍ ୨ରେ ଉଦ୍ଧାର ହୋଇ ନନ୍ଦନକାନନକୁ ଆସିଥିବା ୩ ବର୍ଷର ମାଈ ଚଉଶିଙ୍ଗା ହରିଣର ଗୁରୁବାର ମୃତ୍ୟୁ ଘଟିଛି। ହରିଣ ସମ୍ବଲପୁରରୁ ଆସିବା ପରେ ପ୍ରାଣୀ ଚିକିତ୍ସକମାନେ ତା'ର ପ୍ରାଥମିକ ଚିକିତ୍ସା କରିଥିଲେ। ଏକ୍ସରେ କରିବା ପରେ ତା' ଗୋଡ ଭାଙ୍ଗିଯାଇଥିବା ଜାଣିବାକୁ ପାଇଥିଲେ। ହରିଣ ଭଙ୍ଗାଗୋଡ଼କୁ ପ୍ଲାଷ୍ଟର କରି କ୍ୱାରେଣ୍ଟାଇନର ପୃଥକୀକରଣ ଖୁଆଡରେ ରଖି ଚିକିତ୍ସା ଆରମ୍ଭ କରିଥିଲେ। ହେଲେ ତାକୁ ବଞ୍ଚାଇ ପାରିଲେ ନାହିଁ। ହରିଣଟି ନିକଟସ୍ଥ ଜଙ୍ଗଲରୁ ମାଆଠାରୁ ଅଲଗା ହୋଇ ଜନବସତିକୁ ଚାଲିଆସିଥିଲା। ଖବରପାଇ ବନ ବିଭାଗ କର୍ମଚାରୀ ହରିଣକୁ ଉଦ୍ଧାର କରି ନନ୍ଦନକାନନ ପଠାଇଥିଲେ। ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୩ରେ ପହଞ୍ଚିଛି। ସେହିପରି ନନ୍ଦନକାନନର ଅନ୍ୟତମ ଆକର୍ଷଣ ସିଂହ ନରସୀମା ଅସୁସ୍ଥ ହୋଇପଡିଛି। ତା'ର ଡାହାଣ ଗୋଡ଼ ଆଣ୍ଠୁରେ ପାଣି ଜମି ରହି ଚାଲିବାରେ କଷ୍ଟ ଅନୁଭବ କରୁଥିଲା। ଏହା ଜାଣିବା ପରେ ଗୁରୁବାର ନନ୍ଦନକାନନ ଚିକିତ୍ସକ ତା'କୁ ନିଶା ଦେଇ ଆଣ୍ଠୁରୁ ପାଣି ବାହାର କରିଛନ୍ତି। ଏବେ ନରସିଂମା କିଛି ମାତ୍ରାରେ ସୁସ୍ଥ ହୋଇଛି।

## ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ଜବତ

**ବାଣପୁର,୧୧।୭(ଡି.ଏନ୍.ଏ.)**

ବାଣପୁର ବ୍ଲକ ଅନ୍ତର୍ଗତ ବରବରା ଜଙ୍ଗଲ ମଧ୍ୟସ୍ଥ ଅରାଙ୍ଗ ଗ୍ରାମସ୍ଥିତ ବାରିମୁଣ୍ଡିଆରୁ ୭ଟି ଶାଗୁଆନ ଗଛର ଗଣ୍ଡି ଜବତ ହୋଇଛି। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ନିରୀକ୍ଷକ ଉକ୍ତ କାଠ ଜବତ କରିଛନ୍ତି। ଜବତ କାଠର ମୂଲ୍ୟ ପ୍ରାୟ ଦୁଇ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ବାଲୁଗାଁ ବନାଞ୍ଚଳ ଅନ୍ତର୍ଗତ ସଂରକ୍ଷିତ ବରବରା ଜଙ୍ଗଲ ମଧ୍ୟସ୍ଥ ବାରିମୁଣ୍ଡିଆ ଜଙ୍ଗଲରୁ କିଛିଦିନ ହେବ କାଠ ମାଫିଆମାନେ ମୂଲ୍ୟବାନ ଶାଗୁଆନ ଗଛ କାଟୁଥିଲେ। ଏହାଦେଖି ସ୍ଥାନୀୟ ଗ୍ରାମବାସୀ ବାଣପୁର ତହସିଲଦାରଙ୍କୁ ଅଭିଯୋଗ କରିଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ନୀଳାଦ୍ରି ପ୍ରସାଦ ରାଜସ୍ୱ ନିରୀକ୍ଷକ ବନ ବିଭାଗ କର୍ମଚାରୀଙ୍କ ସହାୟତାରେ ସେଠାରେ ଚଢ଼ାଉ କରି ୭ଟି ସଦ୍ୟ କଟାଯାଇଥିବା ଶାଗୁଅନ କାଠ ଜବତ କରିଛନ୍ତି। ଏ ନେଇ ତହସିଲଦାର କୁଞ୍ଜବିହାରୀ ବଡଜେନା କହିଛନ୍ତି, ସମ୍ପୃକ୍ତ ସ୍ଥାନଟି ଗୋଚର ଜମି ହୋଇଥିବା ବେଳେ କାଠରେ କୌଣସି ଦାବିଦାର ନ ଥିବାରୁ ସମ୍ପୃକ୍ତ କାଠଗୁଡିକୁ ଜବତ କରିଛି। ତେବେ ସମ୍ପୃକ୍ତ ଅଞ୍ଚଳଟି ଜଙ୍ଗଲ ମଧ୍ୟରେ ରହିଥିବା ବେଳେ ମାଫିଆମାନେ ଗଛ କାଟୁଥିଲେ। କିନ୍ତୁ ଘଟଣାସ୍ଥଳରୁ ମାତ୍ର ଅଧ କିଲୋମିଟର ଦୂରରେ ବନ ବିଭାଗ କାର୍ଯ୍ୟାଳୟ ରହିଥିବା ବେଳେ ଗଛକଟା ବିଷୟରେ କିଭଳି ବନ କର୍ମଚାରୀ ଜାଣିପାରିଲେନି ତାହା ଆଶ୍ଚର୍ଯ୍ୟର ବିଷୟ। ସମ୍ପୃକ୍ତ ସ୍ଥାନ ନିକଟରୁ ଏକ ମାସ ପୂର୍ବେ ୧୦ଟି ସଦ୍ୟ ଶାଗୁଅନ କଟା ଯାଇଥିବା ଶାଳ ଗଛ ଗଣ୍ଡି ଜବତ ହୋଇଥିଲା। ତେଣୁ ବନ ବିଭାଗ ପକ୍ଷରୁ ବରବରା ଜଙ୍ଗଲକୁ ସୁରକ୍ଷିତ ରଖିବା ପାଇଁ କଡ଼ା ପହରା ଦିଆଯାଉ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।


ବରବରା ଜଙ୍ଗଲରୁ ଜବତ ହୋଇଥିବା ଶାଗୁଆନ କାଠ।

## ଥାନା ସାମ୍ନା ରାସ୍ତା ପାଲଟିଛି ଗୋଶାଳା

**ନିରାକାରପୁର,୧୪।୭(ଡି.ଏନ୍.ଏ.)**

ନୂଆ ଜଗନ୍ନାଥ ସଡ଼କ ପୁରୀ-ନୟାଗଡ ସଂଯୋଗ କରୁଥିବା ସ୍ଥଳରେ ନିରାକାରପୁର ଗ୍ରାମ ଅବସ୍ଥିତ। ତେବେ ନିରାକାରପୁର ମୁଖ୍ୟ ରାସ୍ତା ଉପରେ ରହିଥିବାରୁ ଟ୍ରାଫିକ ଶୃଙ୍ଖଳା ନିୟନ୍ତ୍ରଣ ପାଇଁ ନିରାକାରପୁର ଥାନା ରହିଛି। ହେଲେ ଥାନା ମୁଖ୍ୟ ଫାଟକ ଆଗରେ ଆଲୋକ ଓ ବ୍ୟାରିକେଡ ବ୍ୟବସ୍ଥା କରାଯାଇଛି। କିନ୍ତୁ ଏସବୁ ସତ୍ତ୍ୱେ ଅନେକ ସମୟରେ ଏହି ରାସ୍ତାରେ ବହୁ ସଂଖ୍ୟାରେ ଗାଈ, ବଳଦ, ବାଛୁରି ଓ ଷଣ୍ଢ ଜମା ହୋଇ ରାସ୍ତା ଉପରେ ରହି ଗୋ ଶାଳା ଭ୍ରମ ସୃଷ୍ଟି କରୁଛନ୍ତି। ରାତିରେ ଛାଡିଦେଇ ସକାଳେ ପ୍ରାଣୀ ମାଲିକମାନେ ଗୋବର ପାଇଁ ଗହଳି କରିବା ଓ ପାଟିତୁଣ୍ଡ ମଧ୍ୟ କରୁଛନ୍ତି। ରାସ୍ତା ଉପରେ ଗୋରୁ ରହିବା ଦ୍ୱାରା ଛୋଟ ବଡ଼ ଦୁର୍ଘଟଣା ହେବା ସହ ଲୋକଙ୍କୁ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ଅନ୍ୟପଟେ ବିଏମ୍‌ସି ବୁଲା ଗୋରୁଙ୍କ ଉପରେ ଜରିମାନା ନେବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି।


ରାସ୍ତା ଉପରେ ଗୋରୁ ଶୋଇଛନ୍ତି।

## ବିଏମ୍‌ସି ଦୋକାନ ଦେବାକୁ କହି ୧.୪୮ ଲକ୍ଷ ଠକେଇ

**ଭୁବନେଶ୍ୱର,୧୪।୭ (ବ୍ୟୁରୋ)**

ବିଏମ୍‌ସି ଦୋକାନ ଘର ଯୋଗାଇ ଦେବାକୁ କହି ଜଣେ ମହିଳା ବ୍ୟବସାୟୀଙ୍କଠାରୁ ୧ ଲକ୍ଷ ୪୮ ହଜାର ଟଙ୍କା ଠକେଇ ହୋଇଛି। ଏହି ଘଟଣାରେ ଶହୀଦନଗର ଥାନା ପୋଲିସ ଜଣଙ୍କୁ ଗୁରୁବାର ଗିରଫ କରିଛି। ସେ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ବିକାଶ ସ୍ୱାଇଁ (୩୬)। ଅଭିଯୁକ୍ତ ବିକାଶଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବିକାଶ ଜଣେ ଅଭ୍ୟାସଗତ ଠକ। ତାଙ୍କ ନାଁରେ ବିଭିନ୍ନ ଥାନାରେ ୪ଟି ମାମଲା ରହିଛି। ଏନେଇ ପୋଲିସ ଅଧିକ ତଦନ୍ତ କରୁଛି ବୋଲି ଡିସିପି ପ୍ରତୀକ ସିଂ କହିଛନ୍ତି। ଅନ୍ୟପକ୍ଷରେ, ଗିରଫ ପରେ ବିକାଶ ଗଣମାଧ୍ୟମ ଆଗରେ ନିଜ ଭୁଲ୍ ସ୍ୱୀକାର କରି ଠକେଇ ଆଉ କରିବେନି ବୋଲି ହାତଯୋଡ଼ି କହିଛନ୍ତି। ସୂଚନା ଅନୁଯାୟୀ, ସ୍ଥାନୀୟ ଥାନା ଅଞ୍ଚଳର ପ୍ରତିମା ସାହୁଙ୍କର ବିଏମ୍‌ସି ଭବାନୀ ମଲ୍ ନିକଟରେ ଏକ ଅସ୍ଥାୟୀ ଭେରାଇଟି ଷ୍ଟୋର୍ ରହିଛି। ବିଏମ୍‌ସି ପକ୍ଷରୁ ଏନେକ ଥର ତାଙ୍କ ଦୋକାନକୁ ଉଚ୍ଛେଦ କରାଯାଉଥିଲା। ତେଣୁ ସେ ଏକ ସ୍ଥାୟୀ ଦୋକାନ କରିବାକୁ ଚିନ୍ତା କରୁଥିଲେ। ଗତ ଜାନୁୟାରୀରେ ଅଭିଯୁକ୍ତ ବିକାଶ ତାଙ୍କ ନିକଟକୁ ଆସି ନିଜକୁ ବିଏମ୍‌ସିର ମାର୍କେଟିଂ ମ୍ୟାନେଜର ବୋଲି ପରିଚୟ ଦେଇ ବିଏମ୍‌ସି ଦୋକାନ ଘର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ସେ ପ୍ରତିମାଙ୍କଠାରୁ ବିଭିନ୍ନ ପର୍ଯ୍ୟାୟରେ ୧ ଲକ୍ଷ ୪୮ ହଜାର ଟଙ୍କା ନେଇଥିଲେ। ଉକ୍ତ ଟଙ୍କା ବାବଦକୁ ବିକାଶ ଜାଲ୍ ମନି ରସିଦ ଧରାଉଥିଲେ। ପରେ କୌଣସି ବିଏମ୍‌ସି କାଗଜପତ୍ର ନ ମିଳିବାରୁ ଠକେଇ ହୋଇଥିବାର ଜାଣି ପ୍ରତିମା ବୁଧବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ମାମଲା (ନଂ.୩୨୧/୨୨) ରୁଜୁ କରିଥିଲା।

### ଗିରଫ ପରେ ହାତଯୋଡ଼ିଲେ ଅଭିଯୁକ୍ତ

## ଜହ୍ନିକୁଦାରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ଦାବି

**କୃଷ୍ଣପ୍ରସାଦ,୧୪।୭(ଡି.ଏନ୍.ଏ.)**

ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ଅଧୀନ ଚିଲିକା ନୂଆପଡ଼ା ପଞ୍ଚାୟତର ଜହ୍ନିକୁଦା ଗ୍ରାମଟି ସମୁଦ୍ରଠାରୁ ଅଢ଼େଇ କିଲୋମିଟର ଦୂରରେ ଅବସ୍ଥିତ ହୋଇଥିବା ବେଳେ ଗାଁ ଚତୁଃପାର୍ଶ୍ୱକୁ ଚିଲିକାର ଜଳରାଶି ଘେରି ରହିଛି। ବାତ୍ୟା, ବନ୍ୟା ପରି ଦୈବଦୁର୍ବିପାକ ସମୟରେ ଜହ୍ନିକୁଦା ଗ୍ରାମବାସୀ ପ୍ରମାଦ ଗଣୁଥାନ୍ତି। ଗ୍ରାମରେ ଏକ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ ନିମନ୍ତେ ଗ୍ରାମବାସୀ ଦୀର୍ଘ ବର୍ଷ ଧରି ଦାବି କରି ଆସୁଥିଲେ ମଧ୍ୟ ଏଥିପ୍ରତି ଲୋକପ୍ରତିନିଧି, ପ୍ରଶାସନିକ ଅଧିକାରୀମାନେ ଧ୍ୟାନ ଦେଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ବାସିନ୍ଦା ବିଧାୟକଙ୍କଠାରୁ ଆରମ୍ଭ କରି ବିଡିଓ, ଜିଲାପାଳ ଏବଂ ସମସ୍ତ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ ମଧ୍ୟ ଅଦ୍ୟାବଧି ଉକ୍ତ ଗ୍ରାମରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଗଲା ନାହିଁ। ରାଜ୍ୟ ସରକାର ବାତ୍ୟା ଓ ବନ୍ୟା ଦ୍ୱାରା ପ୍ରତି ବର୍ଷ କ୍ଷତିଗ୍ରସ୍ତ ହେଉଥିବା ଗ୍ରାମଗୁଡିକରେ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳୀ ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟ କରୁଥିଲେ ମଧ୍ୟ ଦୀପ ତଳ ଅନ୍ଧାର ପରି ଜହ୍ନିକୁଦା ଗ୍ରାମରେ ବାତ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଉଛି। ବିଳମ୍ବରେ ହେଉପଛେ ଜହ୍ନିକୁଦା ଗ୍ରାମବାସୀଙ୍କ ସାର୍ଥକୁ ଦୃଷ୍ଟିରେ ରଖି ଗ୍ରାମରେ ଏକ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ ନିମନ୍ତେ ରାଜ୍ୟ ସରକାରଙ୍କ ୫-ଟି ସଚିବ, ମୁଖ୍ୟ ଶାସନ ସଚିବ, ଆରଡିସି, ପୁରୀ ଜିଲାପାଳ ଦୃଷ୍ଟି ଦେବାକୁ ଗ୍ରାମ୍ୟ କମିଟି ସଭାପତି ରାଜ କିଶୋର ପଲେଇ, ସମ୍ପାଦକ ଗଣେଶ ତରେଇ, ରଘୁନାଥ ବଡ୍ଡୁ, ରବୀନ୍ଦ୍ର ନାଥ ତରେଇ, ଯୋଗୀ ମହାନ୍ତି, ବିଦ୍ୟାଧର ମୁଦୁଲି, ରଙ୍ଗନାଥ ତରେଇ ଦାବି କରିଛନ୍ତି। ନଚେତ ୨୦୨୪ରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନକୁ ଗ୍ରାମବାସୀ ପ୍ରତ୍ୟାଖ୍ୟାନ କରିବେ ବୋଲି ଚେତାବନୀ ଦେଇଛନ୍ତି।

### ଅଭିଯୋଗ ସତ୍ତ୍ୱେ ଶୁଣୁନି ପ୍ରଶାସନ

# ଖୋର୍ଦ୍ଧା ସହରର ବିକାଶ ସ୍ଥାଣୁ

**ଖୋର୍ଦ୍ଧା ଅଫିସ,୧୪।୭**

ଲାଲ୍‌ମାଟିର ଗଡ଼ ଭାବେ ପରିଚିତ ଖୋର୍ଦ୍ଧା ମାଟିର ପ୍ରତି ରେଣୁରେ ରହିଛି ଐତିହ୍ୟର ଛାପ। ତଥାପି ଏହି ଐତିହ୍ୟ ସହର ଖୋର୍ଦ୍ଧା ଅବହେଳିତ। ଖୋର୍ଦ୍ଧା ନୂତନ ଜିଲା ଗଠନ ହେବାକୁ ଇତିମଧ୍ୟରେ ୨୯ ବର୍ଷ ପୂରିଲାଣି। ଅଥଚ ବିକାଶ ସ୍ଥାଣୁ। ରାଜଧାନୀ ଭୁବନେଶ୍ୱରଠାରୁ ୩୦ କିମି ଦୂରରେ ଖୋର୍ଦ୍ଧା ସହର ଅବସ୍ଥିତ। କଳା, ସଂସ୍କୃତି, ଭାସ୍କର୍ଯ୍ୟ ଏବଂ ସୂକ୍ଷ୍ମ କାରୁକାର୍ଯ୍ୟ ପାଇଁ ଖୋର୍ଦ୍ଧାର ସ୍ୱତନ୍ତ୍ର ପରିଚୟ ରହିଛି। ରାଜ୍ୟ ସରକାର ବିଭିନ୍ନ ଜିଲାର ବିକାଶ ପାଇଁ ବିପୁଳ ଅର୍ଥ ବ୍ୟୟ କରୁଛନ୍ତି, ହେଲେ ଖୋର୍ଦ୍ଧା ପାଇଁ କୌଣସି ଆଖିଦୃଶିଆ ଯୋଜନା ହେଉନାହିଁ। ଦୀପତଳ ଅନ୍ଧାର ଭଳି ଖୋର୍ଦ୍ଧା ଅବହେଳିତ ହୋଇରହିଛି।

### ବିଲୁପ୍ତ ପଥେ ଐତିହ୍ୟ କୀର୍ତ୍ତିରାଜି

ଐତିହ୍ୟ ଖୋର୍ଦ୍ଧାଗଡ଼ ପୁନରୁଦ୍ଧାର ପାଇଁ ସରକାରଙ୍କ ପକ୍ଷରୁ ଯୋଜନା କରାଯାଉନାହିଁ। ସେହିପରି ବିଭିନ୍ନ ଐତିହ୍ୟ କୀର୍ତ୍ତିରାଜି, ମଠ, ମନ୍ଦିର, ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏସବୁର ଉନ୍ନତି କରାଗଲେ, ପର୍ଯ୍ୟଟକ ଆକୃଷ୍ଟ ହୁଅନ୍ତେ।

### ପ୍ରସ୍ତାବରେ ସୀମିତ ପାଇକ ସ୍ମାରକୀ

ଇଂରେଜଙ୍କ ବିରୋଧରେ ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଥମ ସ୍ୱାଧୀନତା ଆନ୍ଦୋଳନର ବୀଜ ଏଠାରୁ ଅଙ୍କୁରିତ ହୋଇଥିଲା। ୧୮୧୭ର ପାଇକ ବିଦ୍ରୋହ ଓଡ଼ିଶା ତଥା ଜାତୀୟ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି। ୨୦୧୯ ଡିସେମ୍ବର ୮ରେ ବରୁଣେଇ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ପାଇଁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶିଳାନ୍ୟାସ କରିଥିଲେ। ୨ବର୍ଷ ବିତିବାକୁ ବସିଲାଣି, ହେଲେ ଆଜି ପର୍ଯ୍ୟନ୍ତ ଇଟା ଖଣ୍ଡେ ପଡ଼ିପାରିଲା ନାହିଁ ବୋଲି କଳିଙ୍ଗ ପାଇକ ସଙ୍ଗଠନ ସମ୍ପାଦକ କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ କହିଛନ୍ତି।

### ଅସ୍ତିତ୍ୱ ହରାଉଛି ବରୁଣେଇ ପାହାଡ଼

ପାଇକ ବିଦ୍ରୋହର ମୂକସାକ୍ଷୀ ଭାବେ ବରୁଣେଇ ପାହାଡ଼ ଆଜି ବି ଦଣ୍ଡାୟମାନ। ପାହାଡ଼ ଉପରୁ ପ୍ରକୃତିର ମନୋରମ ଦୃଶ୍ୟ ପର୍ଯ୍ୟଟକଙ୍କୁ ଆତ୍ମହରା କରେ। କୁହାଯାଏ, ଏଠାରୁ ଶ୍ରୀମନ୍ଦିର ନୀଳଚକ୍ର ଦୃଶ୍ୟମାନ ହୁଏ। ଗବେଷକ ଗୋପାଳକୃଷ୍ଣ ଦାସଙ୍କ ମତରେ ଏଠାରେ ଦୁଇହଜାର ବର୍ଷ ତଳର ଓଡ଼ିଆରେ ଲେଖାଯାଇଥିବା ଶିଳାଲେଖ ଓ ବୌଦ୍ଧ କୀର୍ତ୍ତିରାଜି ରହିଛି। ଅଥଚ ଏହି ପାହାଡ଼ର ସଂରକ୍ଷଣ ପାଇଁ ସରକାରଙ୍କ ପକ୍ଷରୁ ଯୋଜନା ହେଉନାହିଁ। ପାହାଡ଼କୁ ପାଦଚଲା ରାସ୍ତା ମଧ୍ୟ ହୋଇପାରିନାହିଁ। ପାହାଡ଼ ଉପରକୁ ରୋପ ୱେ ଏବଂ ପାହାଡ଼ ଉପରେ ପାଇକ ବିଦ୍ରୋହର ମୁଖ୍ୟ ନାୟକ ଜୟୀ ରାଜଗୁରୁ ଏବଂ ବକ୍ସି ଜଗବନ୍ଧୁଙ୍କ ସୁଉଚ୍ଚ ପ୍ରତିମୂର୍ତ୍ତି ନିର୍ମାଣ କରାଗଲେ ଅନ୍ତର୍ଜାତୀୟ ସ୍ତରରେ ଏହାର ଗୌରବ ବୃଦ୍ଧି ପାଇବ ବୋଲି ଐତିହାସିକ ପ୍ରଫେସର ନାରାୟଣ ରାଓ ମତ ପ୍ରକାଶ କରିଛନ୍ତି।

### ବିଶ୍ୱବିଦ୍ୟାଳୟ ମାନ୍ୟତା ଅଟକିଛି

ଶିକ୍ଷାର ପ୍ରଗତି ପାଇଁ ମହାନ୍ ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକ ଏଠାରେ କଲେଜଟିଏ ଆରମ୍ଭ କରିଥିଲେ। ଏହା ପ୍ରାଣନାଥ କଲେଜ ଭାବେ ପରିଚିତ। ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ କଲେଜ ମଧ୍ୟରୁ ଏହା ଅନ୍ୟତମ। ଏହାକୁ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ଦାବି ସତ୍ତ୍ୱେ ଗୁରୁତ୍ୱ ଦିଆଯାଉନି ବୋଲି ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି କହିଛନ୍ତି।

### ଉତ୍ତମ ସ୍ୱାସ୍ଥ୍ୟସେବା ମିଳୁନି

ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ଖୋର୍ଦ୍ଧା ସମେତ ପଡ଼ୋଶୀ ଜିଲାର ରୋଗୀ ନିର୍ଭର କରୁଛନ୍ତି। ଅଥଚ ରୋଗୀଙ୍କୁ ଉନ୍ନତ ସେବା ମିଳିପାରୁନାହିଁ। ଆବଶ୍ୟକସଂଖ୍ୟକ ଡାକ୍ତର ଓ କର୍ମଚାରୀଙ୍କ ଅଭାବ ସାଙ୍ଗକୁ ଭିତ୍ତିଭୂମି ସମସ୍ୟା ଲାଗିରହିଛି। ଦୀର୍ଘବର୍ଷ ହେଲା ଟ୍ରମା କେୟାର ବନ୍ଦ ରହିଛି।

### ଜବରଦଖଲରେ ସରକାରୀ ଜମି

ଦଲାଲ, ରାଜନେତା ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ କବ୍‌ଜାରେ ଅନେକ ସରକାରୀ ଜମି ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିକୁ ମଧ୍ୟ ମାଡ଼ିବସିଛନ୍ତି। ମୂଲ୍ୟବାନ ଲଘୁଖଣିଜ ସମ୍ପଦ ଲୁଟ୍ ଚାଲିଛି। ପ୍ରଶାସନ ପକ୍ଷରୁ ଏ ଦିଗରେ ପଦକ୍ଷେପ ନିଆଯିବାକୁ ମତ ପ୍ରକାଶ ପାଉଛି।

### ଆନ୍ତରିକତା, ସମନ୍ୱୟ ଅଭାବ

ଜିଲା ସଦର ମହାକୁମା ଖୋର୍ଦ୍ଧା ହୋଇଥିଲେ ବି ଅଧିକାଂଶ କାର୍ଯ୍ୟାଳୟ ଭୁବନେଶ୍ୱରରେ ରହିଛି। ଅନେକ ଅଧିକାରୀ ଏଠାରେ ନ ରହି ଭୁବନେଶ୍ୱରରେ ରହିବାକୁ ପସନ୍ଦ କରୁଛନ୍ତି। ଅପରାହ୍ନ ୪ଟା ପରେ ଅଧିକାରୀଙ୍କ ଦେଖା ମିଳୁନାହିଁ। ଏଥିରୁ ସରକାରୀ ବାବୁମାନଙ୍କର କାର୍ଯ୍ୟ ପ୍ରତି ଆନ୍ତରିକତା ଅଭାବ ଥିବା ସ୍ପଷ୍ଟ ହେଉଛି। ସେହିପରି ଜଟଣୀକୁ ବାଦ୍‌ଦେଲେ ଜିଲା ସମସ୍ତ ବିଧାୟକ ଶାସକ ଦଳର। ଅଥଚ ବିଧାୟକଙ୍କ ମଧ୍ୟରେ ସମନ୍ୱୟ ନ ଥିବା କୁହାଯାଉଛି। ଅନ୍ୟପଟେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଏବଂ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁଙ୍କ ମତରେ ପୂର୍ବାପେକ୍ଷା ଜିଲାରେ ଯଥେଷ୍ଟ ଉନ୍ନତି ଘଟିଛି। ବିଭିନ୍ନ କ୍ଷେତ୍ରରେ ଜିଲାର ବିକାଶ ପ୍ରତି ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ସେମାନେ କହିଛନ୍ତି।

### ଜାତୀୟସ୍ତରୀୟ ବିଦ୍ୟାଳୟ ମାନ୍ୟତା ମିଳୁନି

ରାଜ୍ୟର ଲବ୍ଧ ପ୍ରତିଷ୍ଠିତ ହାଇସ୍କୁଲଗୁଡ଼ିକ ମଧ୍ୟରେ ଅନ୍ୟତମ ଖୋର୍ଦ୍ଧାସ୍ଥିତ ବିଜେବି ହାଇସ୍କୁଲ। ଆସନ୍ତା ବର୍ଷ ଏହି ବିଦ୍ୟାଳୟ ୧୨୫ ବର୍ଷରେ ପଦାର୍ପଣ କରିବ। ୧୯୨୧ ଅସହଯୋଗ ଆନ୍ଦୋଳନ, ୧୯୩୦ ଲବଣ ସତ୍ୟାଗ୍ରହ ଏବଂ ୧୯୪୨ ଭାରତ ଛାଡ଼ ଆନ୍ଦୋଳନରେ ଏହି ବିଦ୍ୟାଳୟର ତତ୍କାଳୀନ ଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ବହୁ ବିଶିଷ୍ଟ ଜନନାୟକ, ରାଜନେତା, ପ୍ରଶାସନିକ ଅଧିକାରୀ, ସାହିତ୍ୟିକ ପ୍ରମୁଖ ଏହି ବିଦ୍ୟାଳୟରୁ ଶିକ୍ଷାଦାନ କରି ଏହାର ଗୌରବକୁ ବୃଦ୍ଧି କରିଛନ୍ତି। ତେବେ ଏହି ଶିକ୍ଷାନୁଷ୍ଠାନକୁ ଜାତୀୟସ୍ତରୀୟ ବିଦ୍ୟାଳୟ ମାନ୍ୟତା ପାଇଁ ବାରମ୍ବାର ଦାବି ସତ୍ତ୍ୱେ ପଦକ୍ଷେପ ନିଆଯାଉନାହିଁ। ବିଦ୍ୟାଳୟର ଖେଳ ପଡ଼ିଆ ଏକ ଘରୋଇ କ୍ରୀଡ଼ାନୁଷ୍ଠାନ ଓ ପୁରୁଣା ଛାତ୍ରାବାସ ପୋଲିସ ଅକ୍ତିଆରରେ ରହିଛି।

## ସଂକ୍ଷେପରେ

### ବିଧାୟକଙ୍କ ନାଁ ନେଇ ଜୀବନରୁ ମାରିଦେବାକୁ ଧମକ ଦେଲେ ଦୁର୍ବୃତ୍ତ

**୨୯ ନମ୍ବର ୱାର୍ଡ କର୍ପୋରେଟରଙ୍କୁ ମରଣାନ୍ତକ ଆକ୍ରମଣ**

**ଭୁବନେଶ୍ୱର,୧୪।୭(ବ୍ୟୁରୋ):** ବିଏମ୍‌ସିର ୨୯ ନମ୍ବର ୱାର୍ଡ ଭାଜପା କର୍ପୋରେଟରଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ ହୋଇଛି। ବୁଧବାର ରାତିରେ କର୍ପୋରେଟର ଅପରୂପ ନାରାୟଣ ରାଉତ ତାଙ୍କର ୪ ଜଣ ସହଯୋଗୀଙ୍କ ସହ ଘରକୁ ଫେରୁଥିବାବେଳେ ୨୫ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ଲୁହାରଡ, ଖଣ୍ଡାରେ ଆକ୍ରମଣ କରିଥିଲେ। ଶହୀଦନଗର ଥାନା ଅଧୀନ ଗ୍ରୀଡ୍‌କୋ କଲୋନୀଠାରେ ଏଭଳି ଘଟଣା ଘଟିଥିବାବେଳେ ରାଜନୈତିକ ଆକ୍ରୋଶରୁ ଆକ୍ରମଣ ହୋଇଥିବା ସନ୍ଦେହ କରାଯାଉଛି। ଦୁର୍ବୃତ୍ତଙ୍କ ଆକ୍ରମଣରେ କର୍ପୋରେଟର ଅପରୂପଙ୍କ ବାମ ହାତ ଭାଙ୍ଗିବା ସହ ୪ ଜଣ ସହଯୋଗୀ ଗୁରୁତର ଆହତ ହୋଇଛନ୍ତି। ଏନେଇ ଅପରୂପ ପ୍ରାଥମିକ ଚିକିତ୍ସା ପରେ ଗୁରୁବାର ଶହୀଦନଗର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିବା ସହ ଦୁର୍ବୃତ୍ତଙ୍କୁ ଧରିବା ଲାଗି ଉଦ୍ୟମ ଚଳାଇଛି। ସୂଚନାନୁଯାୟୀ କର୍ପୋରେଟର ଅପରୂପ ଗ୍ରୀଡ୍‌କୋ କଲୋନୀଠାରେ ରୁହନ୍ତି। ଘଟଣା ଦିନ ସେ ତାଙ୍କ ଘରକୁ ଫେରୁଥିବାବେଳେ ପୂର୍ବରୁ ଛପି ରହିଥିବା ୨୫ରୁ ଅଧିକ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ଏହାପରେ ଦୁର୍ବୃତ୍ତମାନେ ଜଣେ ବିଧାୟକଙ୍କ ନାଁ ନେଇ ଗାଳିଗୁଲଜ କରିବା ସହ ଖଣ୍ଡା, ଲୁହାରଡ, ପିସ୍ତଲ ଦେଖାଇ କର୍ପୋରେଟର ଓ ତାଙ୍କ ସହଯୋଗୀଙ୍କୁ ଧମକ ଦେବା ସହ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏନେଇ କର୍ପୋରେଟର ଅପରୂପ ଶହୀଦନଗର ଥାନାରେ ଅଭିଯୋଗ କରିଛନ୍ତି।

### ସମବାୟ ପରିଚାଳନା ପରିଷଦର ପ୍ରଥମ ବୈଠକ

**ବାଲିଅନ୍ତା,୧୪।୭(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ସେବା ସମବାୟ ସମିତି ପରିଚାଳନା ପରିଷଦର ପ୍ରଥମ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ରବୀନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ବୈଠକରେ ପରିଷଦର ସମସ୍ତ ଡାଇରେକ୍ଟର ଯୋଗଦେଇଥିଲେ। ବୈଠକରେ ଖରିଫ ଧାନ ବିକ୍ରୟ ପାଇଁ ଚାଷୀଙ୍କ ପଞ୍ଜୀକରଣ ଚଳିତ ମାସ ୧୫ ତାରିଖରୁ ଆରମ୍ଭ ହେଉଥିବା ସମିତି ସମ୍ପାଦକ ଜଗମୋହନ ଦାସ ସୂଚନା ଦେଇଥିଲେ। ଏଥିସହ ସମିତିର ଚାଷୀମାନେ କାର୍ଯ୍ୟାଳୟକୁ ଆସି ନାମ ପଞ୍ଜୀକରଣ କରିବାକୁ ସେ କହିଥିଲେ। ବୈଠକରେ ନବ ନିର୍ବାଚିତା ଉପ ସଭାନେତ୍ରୀ ଜ୍ୟୋତିର୍ମୟୀ ଦାସ, ସହ ସମ୍ପାଦକ କିଶୋର ଚନ୍ଦ୍ର ଭୋଇସ ରଜନୀକାନ୍ତ ମହାପାତ୍ର ଓ ଗୋପୀନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମିଠା ବ୍ୟବସାୟୀଙ୍କ ଝିଅ, ପୁତୁରାକୁ ସ୍ନେହ ବାଣ୍ଟିଲେ ରାଜ୍ୟପାଳ

**ବାଲିଅନ୍ତା,୧୪।୭(ଡି.ଏନ୍.ଏ.)**

ରାଜଧାନୀ ଉପକଣ୍ଠ ପାହାଳ ମିଠା ବଜାରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଗୁରୁବାର ରସଗୋଲା ଖାଇଛନ୍ତି। କଟକରୁ କାର୍ଯ୍ୟକ୍ରମ ସାରି ଭୁବନେଶ୍ୱର ଦେଇ ଫେରିବା ବାଟରେ ସେ ପାହାଳଠାରେ ଅଟକିଥିଲେ। ସେଠାରେ ମିଠା ଦୋକାନୀ ଦୀପ୍ତିରଞ୍ଜନ ସାହୁଙ୍କ ଦୋକାନରେ ମାଟି ପାତ୍ରରେ ରସଗୋଲା ଓ ଛେନାପୋଡ ଖାଇଥିଲେ। ରସଗୋଲା ଖାଇ ସାରିବା ପରେ ଏହା ସ୍ୱାଦିଷ୍ଟ ଥିବା ରାଜ୍ୟପାଳ କହିଥିଲେ। ପ୍ରାୟ ୨୦ ମିନିଟ୍ ଧରି ବସି ମିଠା ବ୍ୟବସାୟୀମାନଙ୍କ ସହ କଥାବାର୍ତ୍ତା କରିଥିଲେ। ମିଠା ବ୍ୟବସାୟୀ ସଂଘ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଭାପତି ଅକ୍ଷୟ ଲେଙ୍କା ପାହାଳ ମିଠା ସମ୍ପର୍କରେ ଓ ଶ୍ରୀମନ୍ଦିର ଏହି ମିଠାର ଇତିହାସ ସମ୍ପର୍କରେ ଅବଗତ କରିଥିଲେ। ବ୍ୟବସାୟୀଙ୍କ ସହ ଆଲୋଚନା ସମୟରେ ଦୀପ୍ତିଙ୍କ ଝିଅ ପାପାଲି(୪) ଓ ପୁତୁରା ସାଇ(୨)ଙ୍କୁ କୋଳରେ ବସାଇ ସ୍ନେହ ଶ୍ରଦ୍ଧା ଦେଇଥିଲେ। ସେଠାରେ ରାଜ୍ୟପାଳଙ୍କ ପୁଅ ମନୀଷ ଓ ଅନ୍ୟ ସୁରକ୍ଷାକର୍ମୀମାନେ ପାହାଳ ରସଗୋଲା ଖାଇଥିଲେ। ପରେ ରାଜ୍ୟପାଳ ସେଠାରୁ ଯିବା ସମୟରେ ଛୋଟ ପିଲା ଦୁହିଁଙ୍କୁ ୨ ହଜାର ଟଙ୍କା ଦେଇଥିଲେ।

## ପୋଲିସ କବ୍‌ଜାରେ ଲୁଟେରା ଗ୍ୟାଙ୍ଗ, ୩ ଗିରଫ

**୧୦୨ ମୋବାଇଲ୍ ଜବତ**



**ଭୁବନେଶ୍ୱର,୧୪।୭(ବ୍ୟୁରୋ)**

ରାଜଧାନୀରେ ଲୁଟ୍‌ପାଟ୍ କରୁଥିବା ୩ ଜଣିଆ ଲୁଟେରା ଗ୍ୟାଙ୍ଗକୁ ଗୁରୁବାର ଶହୀଦନଗର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲୀବସ୍ତି ପିଏଚ୍‌ଡି ସାହିର ସନ୍ତୋଷ ନାୟକ ଓରଫ ରକେଟ୍(୨୬), ପ୍ରଶାନ୍ତ ଘଡ଼େଇ(୨୩), ରାଧାକ୍ରିଷ୍ଣା ବସ୍ତିର ସୁରଜ ଘଡ଼େଇ(୨୪)। ଜାମିନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ପୋଲିସ ସେମାନଙ୍କ ବିରୋଧରେ ପୃଥକ ମାମଲା ରୁଜୁ କରିଛି। ସେମାନଙ୍କଠାରୁ ୧୦୨ଟି ମୋବାଇଲ ଫୋନ୍, ୪୦ଗ୍ରାମ୍ ସୁନାଗହଣା ଏବଂ ୩ଟି ବାଇକ୍ ପୋଲିସ ଜବତ କରିଛି। ଉକ୍ତ ଅଭିଯୁକ୍ତମାନଙ୍କ ନାଁରେ ନୟାପଲ୍ଲୀରେ ୨ଟି, ଶହୀଦନଗରରେ ୫ଟି, କ୍ୟାପିଟାଲରେ ୨ଟି, ଖାରବେଳନଗରରେ ୨ଟି, ଚନ୍ଦ୍ରଶେଖରପୁର ଥାନାରେ ଗୋଟିଏ ମାମଲା ଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, କିଛିଦିନ ହେବ ଶହୀଦନଗର ଥାନାରେ, ନୟାପଲ୍ଲୀ, ଖାରବେଳନଗର, କ୍ୟାପିଟାଲ, ଚନ୍ଦ୍ରଶେଖରପୁର, ମଞ୍ଚେଶ୍ୱର, ଏୟାରଫିଲ୍ଡ ଥାନା ଅଞ୍ଚଳରେ ଲୁଟେରାମାନେ ଲୁଟପାଟ୍ କରୁଥିଲେ। ଭୁବନେଶ୍ୱର ସହରାଞ୍ଚଳ ପୋଲିସ ସ୍ପେଶାଲ ସ୍କ୍ୱାଡ୍ ଏବଂ ସମସ୍ତ ଥାନାର ପିଓପିଡି ଟିମ୍ ମିଳିତ ଭାବେ ଏହାର ତଦନ୍ତ କରିଥିଲେ। ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପୋଲିସ ଟିମ୍ ଏହି ୩ ଅଭିଯୁକ୍ତଙ୍କୁ କାବୁ କରିଥିଲେ।

## ଶ୍ରୀଲୋକନାଥ ପୀଠରେ ଜଳାଭିଷେକ ପାଇଁ ଜମିବ ଭିଡ଼



ବୈଠକରେ ଯୋଗଦେଇଥିବା ଉପଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

**ପୁରୀ ଅଫିସ, ୧୪।୭**

ସନାତନ ଧର୍ମରେ ଶ୍ରାବଣ ମାସକୁ ପବିତ୍ର ବୋଲି ମନେ କରାଯାଏ। ଏହି ମାସରେ ବିଶେଷ ଭାବେ ମହାଦେବଙ୍କ ଉପାସନା କରାଯାଇଥାଏ। ଶୈବ ଭକ୍ତମାନେ ଆରାଧ୍ୟ ଦେବତା ମହାଦେବଙ୍କ ଉପାସନା କରିବା ସହ ଜଳାଭିଷେକ କରିଥାନ୍ତି। ଆଷାଢ଼ ପୂର୍ଣ୍ଣିମା ପରଦିନ ଅର୍ଥାତ ଶ୍ରାବଣ ପ୍ରତିପଦାଠାରୁ ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ୧ ମାସ ଧରି କାଉଡିଆମାନେ ମହାଦେବଙ୍କ ଉପାସନା କରିବେ। ରାଜ୍ୟର ବିଭିନ୍ନ ଶୈବପୀଠ ସହ ପୁରୀର ପ୍ରସିଦ୍ଧ ଶୈବପୀଠ ବାବା ଲୋକନାଥଙ୍କ ପୀଠରେ କାଉଡ଼ିଆଙ୍କ ଭିଡ଼ ଜମିବ। ଗତ ଦୁଇବର୍ଷ ହେବ ମହାମାରୀ କରୋନାଜନିତ କଟକଣା କାରଣରୁ କାଉଡ଼ିଆମାନେ ଶ୍ରାବଣ ମାସରେ ଲୋକନାଥ ପୀଠରେ ଜଳାଭିଷେକ କରିପାରି ନ ଥିଲେ। ତେଣୁ ଚଳିତବର୍ଷ ବିଗତବର୍ଷ ଠାରୁ ଅଧିକ ଶ୍ରଦ୍ଧାଳୁ ତଥା କାଉଡିଆ ଲୋକନାଥଙ୍କ ପୀଠରେ ସମାଗମ ହେବା ସମ୍ଭାବନା ରହିଛି। ଲୋକନାଥଙ୍କ ପୀଠରେ ଅନେକ ସମସ୍ୟା ରହିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ସୁବିଧା କରାଯାଇନାହିଁ। ଦୀର୍ଘଦିନ ହେବ ପାର୍ବତୀ ସାଗରର ପାଚେରୀ ଭାଙ୍ଗିପଡ଼ିଥିଲେ ମଧ୍ୟ ମରାମତି କରାଯାଇନାହିଁ। ଏନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷେ ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ଜଳାଭିଷେକ ବ୍ୟବସ୍ଥା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସେବାୟତଙ୍କ ସହ ନୀତିକାନ୍ତି ସହ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯାଇଛି। ଉପଜିଲାପାଳ ଭବତାରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀଲୋକନାଥ ମନ୍ଦିରର ସେବାୟତ ଏବଂ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ। ଶ୍ରାବଣ ମାସରେ କିପରି ମହାପ୍ରଭୁଙ୍କ ନୀତିକାନ୍ତି ଠିକ ଭାବରେ ହୋଇପାରିବ ସେ ସମ୍ପର୍କରେ ବିଶେଷ ଭାବରେ ଆଲୋଚନା ହୋଇଥିଲା। ସେହିପରି ପାଣିଭାର ନେଇ ଲୋକନାଥ ପୀଠକୁ ଆସୁଥିବା କାଉଡ଼ିଆମାନେ କିପରି ସୁବିଧାରେ ମନ୍ଦିରକୁ ପ୍ରବେଶ କରି ଯେଉଁ ସ୍ଥାନରେ ପାଣି ଢାଳିବେ ଓ ପୁଣି ସୁବିଧାରେ କେଉଁ ରାସ୍ତା ଦେଇ ବାହାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ଏଥିଲାଗି ଅସ୍ଥାୟୀ ବ୍ୟାରିକେଡ କରାଯିବ। କାଉଡ଼ିଆମାନେ ଉକ୍ତ ବ୍ୟାରିକେଡ ଦେଇ ମନ୍ଦିରକୁ ପ୍ରବେଶ କରିବେ। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ମୁତୟନ କରାଯିବ। ରାଜ୍ୟ ସରକାରଙ୍କ କୋଭିଡ ଗାଇଡ୍‌ଲାଇନ ଅନୁପାଳନ କରାଯିବ। କାଉଡ଼ିଆଙ୍କ ସମସ୍ୟା ସମାଧାନ ପାଇଁ ଏକ ଟୋଲ ଫ୍ରି ନମ୍ବର ଜାରି କରାଯିବ। ସେମାନେ ମଧ୍ୟ ସ୍ଥାନୀୟ ଥାନକୁ ଯାଇ ତାଙ୍କ ସମସ୍ୟା ସମ୍ପର୍କରେ ଜଣାଇପରିବେ। ଚଳିତ ମାସ ୧୮ ଓ ୨୫, ଅଗଷ୍ଟ ୧ ଏବଂ ୮ ତାରିଖ ସୋମବାର ପଡୁଛି। ଏହି ଚାରିଦିନ ପାଣିଢାଳିବା ପାଇଁ କାଉଡ଼ିଆଙ୍କ ପ୍ରବଳ ଭିଡ଼ ହେବ। ଅନ୍ୟପକ୍ଷେ ଶ୍ରଦ୍ଧାଳୁ କିପରି ଶୋଷଣ ଓ ଦୁର୍ବ୍ୟବହାରର ଶିକାର ନ ହେବେ ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

**ପ୍ରଶାସନ ପକ୍ଷରୁ ପ୍ରସ୍ତୁତି**

- କାଉଡ଼ିଆଙ୍କ ସମସ୍ୟା ସମାଧାନ ପାଇଁ ଏକ ଟୋଲ ଫ୍ରି ନମ୍ବର ଜାରି କରାଯିବ।


**ଓଡ଼ିଆ ଭାଷା ପ୍ରତିଷ୍ଠାନ**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
**ବିଜ୍ଞାପନ**

No. 14-RR: ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ଓଡ଼ିଆ ଭାଷାର ସମ୍ପାଦନା ତଥା ବନାନ ଶୁଦ୍ଧି ଏବଂ ପ୍ରୁଫ୍ ସଂଶୋଧନ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ୫ଦିନ ଧରି ଅନୁଷ୍ଠିତ ହେବ। ଇଚ୍ଛୁକ ପ୍ରାର୍ଥୀମାନେ ନିମ୍ନ ସର୍ତ୍ତରେ ତା୩୦।୦୭।୨୦୨୨ରିଖ ସୁଦ୍ଧା ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦାନ ପାଇଁ ପ୍ରତିଷ୍ଠାନର ୱେବ୍‌ସାଇଟ୍‌ରେ ଉପଲବ୍ଧ ଦରଖାସ୍ତର ନମୁନା ଫର୍ମ ଓ ସର୍ତ୍ତାବଳୀ ଅନୁଯାୟୀ ସ୍ପିଡ୍‌ପୋଷ୍ଟ କିମ୍ବା ଇ-ମେଲ୍ ମାଧ୍ୟମରେ ଆବେଦନ କରିପାରିବେ।

୧. ପ୍ରଶିକ୍ଷଣ ଶିବିର କେବଳ ତାଲିମ ପାଇଁ ଉଦ୍ଦିଷ୍ଟ। ଏହା ପ୍ରତିଷ୍ଠାନର ନିଯୁକ୍ତି ପାଇଁ ନୁହେଁ।
୨. ଏଥିରେ ଯାତାୟାତ ଖର୍ଚ୍ଚ ଏବଂ ବୈଠକୀ ବାବଦରେ ଉପଯୁକ୍ତ ପାରିଶ୍ରମିକ ପ୍ରଦାନ କରାଯିବ।
୩. ପ୍ରତ୍ୟେକ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ସମ୍ପୂର୍ଣ୍ଣ କରିବା ପରେ ପ୍ରମାଣପତ୍ର ଦିଆଯିବ।
୪. ପ୍ରଶିକ୍ଷାର୍ଥୀମାନେ ଅନୂନ ସ୍ନାତକ ଡିଗ୍ରୀଧାରୀ ଏବଂ ବୟସ ୨୧ବର୍ଷରୁ ଊର୍ଦ୍ଧ୍ୱ ହେବା ଆବଶ୍ୟକ।
୫. ପ୍ରତିଷ୍ଠାନର ଶୃଙ୍ଖଳା ଓ ନିୟମାନୁଯାୟୀ ପ୍ରଶିକ୍ଷାର୍ଥୀମାନେ ଏହି ତାଲିମ ଶିବିରରେ ଯୋଗଦାନ କରିବେ।

**ଦରଖାସ୍ତ ପଠାଇବା ଠିକଣା:**
ନିର୍ଦ୍ଦେଶକ
ଓଡ଼ିଆ ଭାଷା ପ୍ରତିଷ୍ଠାନ
ସଂସ୍କୃତି ଭବନ, ଭୁବନେଶ୍ୱର – ୧୪
E-mail: odiabhasapratisthan@yahoo.co.in
Website: www.odiabhasapratisthana.in

ସ୍ୱା./– ନିର୍ଦ୍ଦେଶକ
ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର
OIPR-03026/11/0001/2223


See Career Appointment on every Wednesday & Saturday


**Angul Fresh Producer Company Limited, Angul**
C/o- DRDA Office Building, DRDA, Angul,Odisha,India
PIN:759122, Email:angulfreshpcl@gmail.com
CIN-U01400OR2021PTC035778,
PAN-AAUCA8829Q, TAN-BBNA04836G
Notice No.256, Date:13.07.2022

**ADVERTISEMENT**

**No.CAD-1117:**Application is invited from eligible candidates for the post of Manager( Marketing and Procurement); Accountant cum MIS and Cluster Coordinators for Angul Fresh Producer Company Ltd., Angul C/O DRDA Office Building, 2nd Floor, DRDA, Angul, Odisha, Pin-759122. The detail advertisement along with Terms & Conditions may be downloaded from the following website: www.angul.nic.in from 14.07.2022 to 25.07.2022 upto 5.00PM through Registered Post/ Speed Post/ Courier/ By Hand only. No other means will be accepted, The Managing Director, AFPCL, Angul reserves the rights to reject any or all applications without assigning any reason thereof.

Sd./- Managing Director, AFPCL, Angul
OIPR-19132/11/0002/2223



**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଧର୍ମଶାଳା**
**PANCHAYAT SAMITI OFFICE, DHARMASALA**
At/Po- Kumari, Dist- Jajpur, Pin:755050, Tel/Fax No.06725-283023,Email:ori-dharmasala@nic.in

**Detail Tender Call Notice No.2691/2022-23 Date:13.07.2022**

**No.i-64:The Block Development Officer, Dharmasala invites sealed tenders on behalf of Governor of Odisha from registered and eligible Contractors of the State P.W.D (R&B)/Water Resources/ Rural Works/M.I./C.P.W.D. for the following work eventually to be drawn up in the P.W.D. F-2 forms in conformity with the Detailed Tender Call Notice.**

| Sl. No. | Name of the Work | DTCN No. | Amount put to tender | Cost of tender paper non-refundable | E.M.D. 1% | Time for completion the work in months | Class of contractors |
|---|---|---|---|---|---|---|---|
| 1 | Const. of Day care Sub Center at Anjira | 1/22-23 | Rs.24,74,740 | Rs.6720/- | Rs.24,747/- | 06 (Six) Calendar Month | C B & above |
| 2 | Const. of Day care Sub Center at Jaraka | 2/22-23 | Rs.24,74,740 | Rs.6720/- | Rs.24,747/- | 06 (Six) Calendar Month | C B & above |
| 3 | Const. of Day care Sub Center at Mangalpur | 3/22-23 | Rs.24,74,740 | Rs.6720/- | Rs.24,747/- | 06 (Six) Calendar Month | C B & above |
| 4 | Const. of Day care Sub Center at Patapur | 4/22-23 | Rs.24,74,740 | Rs.6720/- | Rs.24,747/- | 06 (Six) Calendar Month | C B & above |
| 5 | Const.of Day care Sub Center at Samsundarpur | 5/22-23 | Rs.24,74,740 | Rs.6720/- | Rs.24,747/- | 06 (Six) Calendar Month | C B & above |

**Terms and Conditions:**

1. **Cost of Tender Paper :** The tender specifications can be obtained from Panchayat Samiti Office, Dharmasala on payment towards cost of the tender papers as mentioned above (Non-refundable) in shape of Bank Draft In favour of Block Development Officer, Dharmasala in UCO Bank having Its branch at Dharmasala.
2. **Sale of Tender Papers :** The tender documents will be sold from 15/07/2022 to 30/07/2022 at Panchayat Samiti Office Dharmasala. The tender documents will be sold during the above mentioned period between 10 AM to 5 PM on working days only. The cost of bid document should be attached with the bid (in shape of Bank Draft payable at UCO Bank, Dharmasala).
3. **Date of receipt and mode of submission of Tender Papers :** The tenderers have to submit sealed tender papers in complete shape through Registered Post /Speed Post Only to the B.D.O., Dharmasala in his official postal address. The last date of receipt of tender papers is 30.07.2022 (up to 4.00PM). The undersigned will not be responsible for postal delay if any or non-receipt of the papers In time. The tenderers must superscribe the name of the work/ Project,DTCN no and detailed address on the sealed envelopes.
4. **Date of Opening Of Tender Paper:** The tender papers shall be opened on 01/08/2022 at 11 am at Conference Hall, Dharmasala Block in the presence of the tenderers or their authorized representatives having written authorization for the purpose and the tender committee.
5. **Earnest money deposit:** The E.M.D. is to be deposited in shape of Post Office Short term deposit/Term deposit/N.S.C./ KVP, or deposit receipt of any nationalized bank duly pledged in favour of Block Development Officer, Dharmasala. The Tender Papers without required amount of E.M.D. will not be considered and transfer or adjustment of E.M.D. is not also admissible.
6. **Document to be attached :** The tender is to submit in one cover is to contain E.M.D., signed DTCN, Price bid duly filled in and signed by the tenderer along with the following documents should be furnished with the tender papers failing which the tender will be liable to rejection.
   a) E.M.D. pledged in favour of the Block Development Officer, Dharmasala. b) Attested copy of Contractor Registration Certificate c) Attested copy of PAN card. d)Up to date GST clearance certificate, e) Attested copy of up to date valid labour license, f) Attested copy of Caste Certificate issued by competent authorities in case of S.C. /S.T. contractors desirous of availing preference, g) Affidavit as regards the fact of availing award of work without submission of E.M.D. /I.S.D. during the current financial year in case of Engineer Contractors desirous of availing exemption of E.M.D. h) Affidavit about the authentication of document including bank guarantee.
7. **Additional Performance Security Deposit:** The additional performance security shall be deposited by the bidder, when the bid amount less than the estimated cost put to tender. In such case/event the bidder who have quoted less bid price than the estimated cost put to tender shall have to furnish the exact amount of differential cost i.e. estimated cost put to tender minus the quoted amount as Additional Performance Security in shape of Post office short term deposit /NSC/K.V.P/ deposit receipt of any Nationalised bank duly pledged in favour of Block Development Officer, Dharmasala in the sealed envelope along with the price bid at the time of submission of bids.
8. **Forfeiture:** a) The E.M.D. amount will be forfeited, if the tenderer backs out from the offer of acceptance of tender, by the competent authority.

b) Submission of more than one tender paper by a bidder for a single work will be liable for refection of all such tender papers.
c) On review of the last performance of the works executed through B.D.O., Dharmasala previously, the lowest- 1 tenderer may/may not be considered for the works, though he/she becomes lowest -1 tenderer.
d) The Contractors who have failed to execute projects of this agency/backed out from execution process/abandoned the project work midway/those who have been declared by considered at all.
e) **The undersigned reserves the right either to reject any or all tenders or cancel the entire process without assigning the reason thereof.**

**Sd./- Block Development Officer, Dharmasala**
OIPR-19216/11/0001/2223



**OFFICE OF THE SUPERINTENDING ENGINEER, RWSS DIVISION, BERHAMPUR**
Near Jarada Bunglow, PIN - 760004, Ph.: 0680-2296344
eerwss_bam@nic.in, rwssbam@gmail.com
**Government of Odisha “e” Procurement Notice**
**NATIONAL COMPETITIVE BIDDING**
**Bid Identification No. EERWSSBAM-08/2022-23**

No. O-655: The Superintending Engineer, RWS&S Division, Berhampur, Ganjam on behalf of Governor of Odisha invites Bids in Single Cover & Double Cover System according to the norm of “e” Procurement System in Online mode for Supply, Drawing, Design, Construction, Testing and Commissioning and Maintenance of different PWS Schemes and electrification works in Ganjam district from the eligibile contractors as per DTCN.

| | | |
|---|---|---|
| 1 | Name of the work | Execution of different works of different P.W.S. Scheme in Ganjam District |
| 2 | No. of Work (Tender) | 03 Nos. |
| 3 | Estimated Cost (Approximate) | From Rs.10.55 lakhs to Rs.467.72 lakhs |
| 4 | Period of Completion | From 60 to 360 days |
| 5 | Date & time of availability of bid document in the portal | From 20.07.2022 at 11.00 hrs. to 10.08.2022 upto 17.00 hrs. |
| 6 | Last date & time for seeking clarification | 06.08.2022 upto 17.00 hrs. |
| 7 | Dt. of Opening of Bid | 12.08.2022 at 11.00 hrs. |
| 8 | Last date/time for receipt of bids in the portal | 10.08.2022 upto 17.00 hrs. |
| 9 | Name & address of the Officer Inviting Tender | Superintending Engineer, RWSS Division, Near Jarada Bunglow, Berhampur - 760004, Dist.- Ganjam, Odisha |

Further details can be seen from the e-procurement portal **https://tendersorissa.gov.in**.

OIPR-25035/11/0004/2223
**Superintending Engineer**
**RWS&S Division, Berhampur**



**SAMBALPURI BASTRALAYA**
**HLCS LTD., GOVINDPALI ROAD, BARGARH**
**SHORT TENDER CALL NOTICE**

**No. 1256 Dt.12.07.2022**

No. PP-22: Sealed tenders are invited from experienced individual/company to run the Garment Manufacturing Unit at Sambalpuri Bastralaya HLCS Ltd., Bargarh, Odisha. **The last date and time of submission of tender paper is Dt.02.08.2022 at 4.00 P.M.** at Bargarh which shall be opened on 03.08.2022 at 4.00 P.M. Refer to our website **www.sambalpuribastralaya.com**. All the information on this tender notice will be available in the above website.

**Sd./- S.K. Nag**
**Managing Director**
OIPR-31032/11/0014/2223




୧୪।୭।୨୦୨୨

| ୩,୮୯,୨୦୨ ଟଙ୍କା | |
|---|---|
| ସୁନା | ୧.୨୦୦ ଗ୍ରାମ |
| ରୁପା | ୩୨,୫୦୦ ଗ୍ରାମ |

## ସଂକ୍ଷେପରେ

### ବଡ଼ାସ ସମବାୟ ସମିତି ସଭାପତି ହେଲେ ସୁବାସ ବେହେରା

କଣାସ,୧୪।୭(ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ ବଡ଼ାସ ଗ୍ରାମପଞ୍ଚାୟତ ବଡ଼ାସ ସମବାୟ ସମିତି ସଭାପତି ଭାବେ ସୁବାସ ବେହେରା ଗୁରୁବାର ନିର୍ବାଚିତ ହୋଇଛନ୍ତି। ସୁବାସ ୮ଖଣ୍ଡ ଭୋଟ ପାଇ ସଭାପତି ହୋଇଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଧନେଶ୍ୱର ମଲ୍ଲିକ ୩ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ। ବଡ଼ାସ ସେବା ସମବାୟ ସମିତିର କୃଷକମାନଙ୍କର କିପରି ଉନ୍ନତି ହେବ, ସେ ଦିଗରେ ଅଧିକା ଧ୍ୟାନ ଦେବେ ବୋଲି ବେହେରା ମତବ୍ୟକ୍ତ କରିଥିଲେ।

### ବିଧାୟକଙ୍କୁ ଘେରିଲେ ବସ୍ତି ବାସିନ୍ଦା

#### ପ୍ରତିଶ୍ରୁତି ପାଳନରେ ବିଫଳ

ପୁରୀ ଅଫିସ, ୧୪।୭: ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କୌଣସି କାର୍ଯ୍ୟ ପାଇଁ ବଳିଆପଣ୍ଡା ବସ୍ତିକୁ ଯାଇଥିବା ବେଳେ ତାଙ୍କୁ ବସ୍ତିବାସିନ୍ଦା ଘେରିବା ସହ ଅନେକ ପ୍ରଶ୍ନ କରିଥିଲେ। କେବେ ସେମାନଙ୍କୁ ପଟ୍ଟା ମିଳିବ ବୋଲି ବିଧାୟକଙ୍କୁ ବସ୍ତିବାସିନ୍ଦା ପ୍ରଶ୍ନ କରିଥିଲେ। ବୁଧବାର ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। କଂଗ୍ରେସ ଯୁବନେତା ଆଲୋକ କୁମାର ଦାସଙ୍କ କହିବା ଅନୁଯାୟୀ, ସରକାର ବସ୍ତିବାସିନ୍ଦାଙ୍କୁ ଜମି ଅଧିଗ୍ରହଣ ପଟ୍ଟା ଦେବା ପାଇଁ ଘୋଷଣା କରିଥିଲେ। ଘୋଷଣା ଅନୁଯାୟୀ ପୁରୀରେ ଥିବା କୋଡଜଣ ବସ୍ତି ବାସିନ୍ଦାଙ୍କୁ ପଟ୍ଟା ମିଳିଲା। ମାତ୍ର ପୁରୀ ସହରର କିଛି ବସ୍ତିକୁ ପଟ୍ଟା ମିଳିଲା ନାହିଁ। ଯାହାମଧ୍ୟରେ ବଳିଆପଣ୍ଡା ଅଞ୍ଚଳର ବିଜୟ ନଗର ବସ୍ତି ଥିଲା। ସରକାରଙ୍କ ଏପରି ନିଷ୍ପତ୍ତିକୁ ବିରୋଧ କରି କିଛି ମାସ ତଳେ ବସ୍ତି ଥଇଥାନ ପାଇଁ କଂଗ୍ରେସ ବିରୋଧ କରିଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସହ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପୁରୀ ବିଧାୟକ ଏ ନେଇ ପ୍ରତିଶ୍ରୁତି ଦେଇଥିଲେ, ହେଲେ ଏପର୍ଯ୍ୟନ୍ତ ତାହାକୁ ପୂରଣ କରିନାହାନ୍ତି। ସେହିପରି ବସ୍ତି ନେତା ମନୋଜ ମଣ୍ଡଳ ମଧ୍ୟ ବିଧାୟକଙ୍କୁ ଏଭଳି ପ୍ରଶ୍ନ କରିଥିଲେ। ଯଦି ଆଗାମୀ ଦିନରେ ଦାବି ପୂରଣ ନ ହୁଏ ତେବେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଏହି ନେତା ଦ୍ୱୟ କହିଛନ୍ତି।

# ଯାଞ୍ଚ ପ୍ରକ୍ରିୟାରେ ଅବହେଳା ସନ୍ଦେହ

**ଜାଲ୍ ପ୍ରମାଣପତ୍ର ଦେଇ ଏସ୍‌ସିଏସ୍‌ରେ ନାମଲେଖା ପ୍ରସଙ୍ଗ**

- ଭୁଲ୍ ୟୁଡିଆଇଡି ନମ୍ବର ଦେଇ କରିଥିଲେ ଆଡ୍‌ମିଶନ
- ଆବେଦନକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯାଉ

ପୁରୀ ଅଫିସ,୧୪।୭: ଜାଲ୍ ପ୍ରମାଣପତ୍ର ଦେଇ ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ମହାବିଦ୍ୟାଳୟରେ ଆଡ୍‌ମିଶନ କରିଥିବା ୧୧ଜଣ ଛାତ୍ରୀଛାତ୍ରଙ୍କ ଆଡ୍‌ମିଶନକୁ ଉଚ୍ଚଶିକ୍ଷା ବିଭାଗ ଅବୈଧ ଘୋଷଣା କରିବା ପରେ କଲେଜ କର୍ତ୍ତୃପକ୍ଷଙ୍କ ଭୂମିକାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। ସମ୍ପୃକ୍ତ ଛାତ୍ରୀଛାତ୍ରମାନେ ଜାଲ୍ ପ୍ରମାଣପତ୍ର ଦେଇ ଆଡ୍‌ମିଶନ କରିଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। ସେହିଭଳି ଠିକ ଭାବେ କାହିଁକି ଯାଞ୍ଚ କରାଗଲା ନାହିଁ ତାହାକୁ ନେଇ ଛାତ୍ର କଂଗ୍ରେସ ପ୍ରଶ୍ନ ଉଠାଇଛି। ପୁରୀ ଜିଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ମିଶ୍ର କହିଛନ୍ତି, ଜଣେ ଆବେଦନକାରୀ ପ୍ରମାଣପତ୍ର ଦାଖଲ କରିବା ବେଳେ ତାହାକୁ ଠିକ୍ ଭାବେ ଯାଞ୍ଚ କରିବା କଲେଜ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ । ଭିନ୍ନକ୍ଷମ ପ୍ରମାଣପତ୍ରର ବିଶ୍ୱସନୀୟତା ଜାଣିବା ପାଇଁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି କରାଯିବା କଥା। ଫଳରେ କେଉଁ ଆବେଦନକାରୀ ମିଛ ପ୍ରମାଣପତ୍ର ଦାଖଲ କଲେ ତାହା ତଦନ୍ତ ଦ୍ୱାରା ସହଜରେ ଜଣାପଡ଼ିଥାନ୍ତା। ମାତ୍ର କଲେଜ ସେଭଳି କରୁନାହିଁ। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କୁ ମିଛ ପ୍ରମାଣପତ୍ର ଦାଖଲ ପାଇଁ ପରୋକ୍ଷରେ ପ୍ରୋତ୍ସାହିତ କରାଯାଉଛି। ତେବେ ଏସ୍‌ସିଏସ୍ କଲେଜରେ ଏଭଳି ପରମ୍ପରା ବହୁ ପୁରୁଣା। କେତେଜଣ ରାଜନୈତିକ ଦଲାଲ ପିଲାଙ୍କଠାରୁ ପ୍ରତିବର୍ଷ ଟଙ୍କା ନେଇ ଏଭଳି ଆଡ୍‌ମିଶନ କରାଉଛନ୍ତି। ଏଭଳି ବ୍ୟବସ୍ଥାର ମୂଳୋତ୍ପାଟନ ପାଇଁ ମିଛ ପ୍ରମାଣପତ୍ର ଦାଖଲ କରିଥିବା ପିଲାଙ୍କୁ କଲେଜ ତରଫରୁ କାରଣ ଦର୍ଶାଅ ନୋଟିସ କରାଯିବା ଦରକାର। ଫଳରେ ଆବେଦନକାରୀଙ୍କ ପ୍ରଚ୍ଛଦପଟରେ ଥିବା ଦଲାଲମାନଙ୍କୁ ଧରିବା ସମ୍ଭବପର ହୋଇପାରିବ। ଅନ୍ୟପକ୍ଷରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ର ଏସମ୍ପର୍କରେ କହିଛନ୍ତି, ଭିନ୍ନକ୍ଷମ ପ୍ରମାଣପତ୍ର ଯାଞ୍ଚ ପାଇଁ କଲେଜ ତରଫରୁ ଆବେଦନ ଆସିବା ପରେ ଯାଞ୍ଚ କରିଥିଲୁ। ତେବେ ଯାଞ୍ଚରେ ଅତି ସହଜରେ ନକଲି ପ୍ରମାଣପତ୍ର ଚିହ୍ନଟ କରିହୋଇଥିଲା। ସବୁ ଭିନ୍ନକ୍ଷମଙ୍କର ଏକ ସ୍ୱତନ୍ତ୍ର ୟୁଡିଆଇଡି ନମ୍ବର ରହିଛି। ନକଲି ପ୍ରମାଣପତ୍ରରେ ଥିବା ନମ୍ବର ସରକାରୀ ତଥ୍ୟ ସହ ମେଳ ନ ଖାଇଲେ ତାହା ନକଲି ବୋଲି ଧରାପଡ଼ିଥାଏ। ସଂପୃକ୍ତ ଘଟଣାରେ ୪୦ରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ଆବେଦନକାରୀଙ୍କ ପ୍ରମାଣପତ୍ର ହସ୍ତଗତ ହୋଇଥିଲା ଓ ୧୧ ଜଣଙ୍କ ପ୍ରମାଣପତ୍ର ନକଲି ବୋଲି ଜଣାପଡ଼ିଥିଲା। ସେହିଭଳି ପ୍ରତିବର୍ଷ ଆଡ୍‌ମିଶନ ବେଳେ ପ୍ରମାଣପତ୍ର ଯାଞ୍ଚ ପାଇଁ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟକୁ ଦିଆଯାଏ ନାହିଁ। ଚଳିତ ବର୍ଷ ଯାଞ୍ଚ ପାଇଁ ଦେବା ବ୍ୟତିକ୍ରମ ବୋଲି ସେ ସ୍ପଷ୍ଟ କରିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି, ଆଡ୍‌ମିଶନ ବେଳେ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟକୁ ପ୍ରମାଣପତ୍ର ସମ୍ପର୍କିତ ତଥ୍ୟ ନ ଦେଇ ନିଜ ମନଇଚ୍ଛା କିପରି କାର୍ଯ୍ୟ କରାଗଲା। ସେହିଭଳି କଂଗ୍ରେସ ଯୁବନେତା ଆଲୋକ କୁମାର ଦାଶ କହିଛନ୍ତି, ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଲାଗି ପୁରୀ ଜିଲାପାଳଙ୍କୁ ଦାବିପତ୍ର ଦିଆଯିବ। ଏଭଳି ଅବ୍ୟବସ୍ଥାରେ ସୁଧାର ଆଣିବା ଲାଗି ପଦକ୍ଷେପ ନେବାକୁ ଦାବି କରାଯିବ।






ପୁରୀ ଗୋବର୍ଦ୍ଧନ ପୀଠରେ ଗୁରୁବାର ଅନୁଷ୍ଠିତ ରାଷ୍ଟ୍ରୀୟ ଅଧିବେଶନରେ ଉପସ୍ଥିତ ବିଭିନ୍ନ ପୀଠାଧୀଶଙ୍କୁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଉଦ୍‌ବୋଧନ ଦେଉଛନ୍ତି ।

## ଶ୍ରୀଲୋକନାଥ ପୀଠରେ ଜମିବ କାଉଡ଼ିଆଙ୍କ ଭିଡ଼



ପ୍ରସ୍ତୁତି ବୈଠକରେ ଉପଜିଲାପାଳ ଭବତାରଣ ସାହୁ ଏବଂ ଅନ୍ୟମାନେ ।

**ଜଳାଭିଷେକ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି**

ପୁରୀ ଅଫିସ, ୧୪।୭: ସନାତନ ଧର୍ମରେ ଶ୍ରାବଣ ମାସକୁ ପବିତ୍ର ବୋଲି ମନେ କରାଯାଏ। ଏହି ମାସରେ ବିଶେଷ ଭାବେ ମହାଦେବଙ୍କ ଉପାସନା କରାଯାଇଥାଏ। ଶୈବ ଭକ୍ତମାନେ ଆରାଧ୍ୟ ଦେବତା ମହାଦେବଙ୍କ ଉପାସନା କରିବା ସହ ଜଳାଭିଷେକ କରିଥାନ୍ତି। ଆଷାଢ଼ ପୂର୍ଣ୍ଣିମା ପରଦିନ ଅର୍ଥାତ ଶ୍ରାବଣ ପ୍ରତିପଦାଠାରୁ ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ୧ ମାସ ଧରି କାଉଡିଆମାନେ ମହାଦେବଙ୍କ ଉପାସନା କରିବେ। ରାଜ୍ୟର ବିଭିନ୍ନ ଶୈବପୀଠ ସହ ପୁରୀର ପ୍ରସିଦ୍ଧ ଶୈବପୀଠ ବାବା ଲୋକନାଥଙ୍କ ପୀଠରେ କାଉଡ଼ିଆଙ୍କ ଭିଡ଼ ଜମିବ। ଗତ ଦୁଇବର୍ଷ ହେବ ମହାମାରୀ କରୋନାଜନିତ କଟକଣା କାରଣରୁ କାଉଡ଼ିଆମାନେ ଶ୍ରାବଣ ମାସରେ ଲୋକନାଥ ପୀଠରେ ଜଳାଭିଷେକ କରିପାରି ନ ଥିଲେ। ତେଣୁ ଚଳିତବର୍ଷ ବିଗତବର୍ଷ ଠାରୁ ଅଧିକ ଶ୍ରଦ୍ଧାଳୁ ତଥା କାଉଡିଆ ଲୋକନାଥଙ୍କ ପୀଠରେ ସମାଗମ ହେବା ସମ୍ଭାବନା ରହିଛି। ଲୋକନାଥଙ୍କ ପୀଠରେ ଅନେକ ସମସ୍ୟା ରହିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ସୁବିଧା କରାଯାଇନାହିଁ। ଦୀର୍ଘଦିନ ହେବ ପାର୍ବତୀ ସାଗରର ପାଚେରୀ ଭାଙ୍ଗିପଡ଼ିଥିଲେ ମଧ୍ୟ ମରାମତି କରାଯାଇନାହିଁ। ଏନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷେ ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ଜଳାଭିଷେକ ବ୍ୟବସ୍ଥା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସେବାୟତଙ୍କ ସହ ନୀତିକାନ୍ତି ସହ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯାଇଛି। ଉପଜିଲାପାଳ ଭବତାରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀଲୋକନାଥ ମନ୍ଦିରର ସେବାୟତ ଏବଂ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ। ଶ୍ରାବଣ ମାସରେ କିପରି ମହାପ୍ରଭୁଙ୍କ ନୀତିକାନ୍ତି ଠିକ ଭାବରେ ହୋଇପାରିବ ସେ ସମ୍ପର୍କରେ ବିଶେଷ ଭାବରେ ଆଲୋଚନା ହୋଇଥିଲା। ସେହିପରି ପାଣିଭାର ନେଇ ଲୋକନାଥ ପୀଠକୁ ଆସୁଥିବା କାଉଡ଼ିଆମାନେ କିପରି ସୁବିଧାରେ ମନ୍ଦିରକୁ ପ୍ରବେଶ କରି ଯେଉଁ ସ୍ଥାନରେ ପାଣି ଢାଳିବେ ଓ ପୁଣି ସୁବିଧାରେ କେଉଁ ରାସ୍ତା ଦେଇ ବାହାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ଏଥିଲାଗି ଅସ୍ଥାୟୀ ବ୍ୟାରିକେଡ କରାଯିବ। କାଉଡ଼ିଆମାନେ ଉକ୍ତ ବ୍ୟାରିକେଡ ଦେଇ ମନ୍ଦିରକୁ ପ୍ରବେଶ କରିବେ। ଶାନ୍ତିଶୃଙ୍ଖଳତ ରକ୍ଷା ନିମନ୍ତେ ପୋଲିସ ମୁତୟନ କରାଯିବ। ରାଜ୍ୟ ସରକାରଙ୍କ କୋଭିଡ ଗାଇଡ୍‌ଲାଇନ ଅନୁପାଳନ କରାଯିବ। କାଉଡ଼ିଆଙ୍କ ସମସ୍ୟା ସମାଧାନ ପାଇଁ ଏକ ଟୋଲ ଫ୍ରି ନମ୍ବର ଜାରି କରାଯିବ। ସେମାନେ ମଧ୍ୟ ସ୍ଥାନୀୟ ଥାନକୁ ଯାଇ ତାଙ୍କ ସମସ୍ୟା ସମ୍ପର୍କରେ ଜଣାଇପରିବେ। ଚଳିତ ମାସ ୧୮ ଓ ୨୫, ଅଗଷ୍ଟ ୧ ଏବଂ ୮ ତାରିଖ ସୋମବାର ପଡୁଛି। ଏହି ଚାରିଦିନ ପାଣି ଢାଳିବା ପାଇଁ କାଉଡ଼ିଆଙ୍କ ପ୍ରବଳ ଭିଡ଼ ହେବ। ଅନ୍ୟପକ୍ଷେ ଶ୍ରଦ୍ଧାଳୁ କିପରି ଶୋଷଣ ଓ ଦୁର୍ବ୍ୟବହାରର ଶିକାର ନ ହେବେ ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବିପଦସଙ୍କୁଳ ଅବସ୍ଥାରେ ପୋଡ଼ପଡ଼ା ସେତୁ

ଅସ୍ତରଙ୍ଗ,୧୪।୭(ଡି.ଏନ୍.ଏ.): ପୁରୀ ଜିଲାର ସର୍ବଧର୍ମ ସମନ୍ୱୟ ପୀଠ ବାବା ସତ୍ୟପିରଙ୍କ ସହ ସମୁଦ୍ର ବେଳାଭୂମି ଓ ଦେବୀ ମୁହାଣ ନିକଟ ଗଙ୍ଗାଦେବୀ ପିଠକୁ ସଂଯୋଗ କରୁଥିବା ପୋଡ଼ପଡ଼ା ସେତୁଟି ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ରହିଛି। ୨୮ ବର୍ଷ ତଳେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, ମନ୍ତ୍ରୀ ସୁରେନ୍ଦ୍ରନାଥ ନାୟକ ସେତୁର ଉଦ୍‌ଘାଟନ କରିଥିଲେ। ସେହି ଦିନଠାରୁ ଏପର୍ଯ୍ୟନ୍ତ ଗ୍ରାମ ଉନ୍ନୟନ ବିଭାଗ ଏହି ପୋଲଟିର କୌଣସି ମରାମତି କରିନାହିଁ। ଫଳରେ ମରାମତି ନ ହେବା ଦ୍ୱାରା ପୋଲ ତଳ ପିଲର ଉପରେ ଦିଆଯାଇଥିବା ବେରିଙ୍ଗଗୁଡିକ ଖରାପ ହୋଇଯାଇଛି। ଏଥିସହ ଉଭୟ ପାର୍ଶ୍ୱ ବାଡ଼ା, ଉପର ଢଳେଇଗୁଡିକ ଭାଙ୍ଗି ଛାଡିଯାଇଛି। ଯଦି କୌଣସି ଭାରି ଯାନ ଯାଉଛି ତେବେ ପୋଲଟି ଦୋହଲୁଛି। ଏ ବିଷୟରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହେଲାପରେ ଅଧିକାରୀ ମାସେ ତଳେ ଅନୁଧ୍ୟାନ କରିଯାଇଥିଲେ। ହେଲେ ମଧ୍ୟ ଏପର୍ଯ୍ୟନ୍ତ ବିଭାଗ କୌଣସି କାର୍ଯ୍ୟ ହାତକୁ ନେଇ ନ ଥିବାରୁ ଭାରିଯାନଗୁଡିକ ଚଳାଚଳବେଳେ ପୋଲଟି କେଉଁ ସମୟରେ ବି ଭୁଶୁଡି ପଡିବାର ସମ୍ଭାବନା ରହିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଜାତାୟତର ସୁରକ୍ଷା ଦୃଷ୍ଟିରୁ ପୋଲଟିର ଶୀଘ୍ର ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

## ପୋଲିସ୍ ଇନ୍‌ଫର୍ମର ସନ୍ଦେହରେ ଆକ୍ରମଣ

### ବାପପୁଅ ଗିରଫ, ଫାର୍ସା, ଭୁଜାଲି, ଲୁହାଛଡ ଜବତ

ନିରାକାରପୁର,୧୪।୭(ଡି.ଏନ୍.ଏ.) ପୋଲିସ ଇନଫର୍ମର ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଜଙ୍କିଆ ପୋଲିସ ବାପପୁଅଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର ତେନ୍ତୁଳିମୂଳ ଗ୍ରାମର ବୈଦ୍ୟନାଥ ପ୍ରଧାନ ଓ ତାଙ୍କ ପୁଅ ଆଶିଷ। ଜଙ୍କିଆ ପୋଲିସର ବେଣୁଧର ରାୟଙ୍କଠାରୁ ସୂଚନା ଯେ, ତେନ୍ତୁଳିମୂଳ ଗ୍ରାମରେ ବୈଦ୍ୟନାଥ ଓ ତାଙ୍କ ପୁଅ ଅଞ୍ଚଳରେ ଚୋରା ମଦ କାରବାର କରି ଆଗରୁ ଗିରଫ ହୋଇ ଜେଲ ଯାଇଛନ୍ତି। ମାତ୍ର ଗ୍ରାମର ଚରଣ କୋଦମାସିଂଙ୍କୁ ସେମାନେ ପୋଲିସ୍ ଇନଫର୍ମର ଭାବେ ସନ୍ଦେହକରି ବୁଧବାର ଅପରାହ୍ନରେ ପାଟିତୁଣ୍ଡ କରିଥିଲେ। ଚରଣ ଏହାର ବିରୋଧ କରିବାରୁ ସେମାନେ ଏକ ଭୁଜାଲି ଓ ଲୁହାରଡରେ ଆକ୍ରମଣ କରିଥିଲେ। ଫଳରେ ଚରଣ ଗୁରୁତର ଆହତ ହୋଇ ପ୍ରଥମେ କଣାସ ଓ ପରେ କ୍ୟାପିଟାଲ ମେଡିକାଲରେ ଭର୍ତ୍ତି ହୋଇଛନ୍ତି।

## ଅସହାୟା ବୃଦ୍ଧାଙ୍କୁ ମାଡ଼ମାରିଲେ ପଡ଼ୋଶୀ

କଣାସ,୧୪।୭(ସ୍ୱ.ପ୍ର.): ଜଣେ ଅସହାୟା ବୃଦ୍ଧାଙ୍କୁ ପଡିଶା ଘରର ବାପ, ପୁଅ ମାଡ଼ ମାରିଥିବା ଗୁରୁବାର ଗଡିଶାଗୋଦା ଥାନାରେ ଅଭିଯୋଗ ହୋଇଛି। ବୃଦ୍ଧା ଜଣକ ହେଲେ କଣାସ ବ୍ଲକ ଅନ୍ତର୍ଗତ ସାହୁପଡ଼ା ଗ୍ରାମପଞ୍ଚାୟତର ସାହୁପଡ଼ା ଗ୍ରାମର ବିଦ୍ୟୁଲତା ବେଓ୍ୱା (୭୫)।

ସୂଚନା ମୁତାବକ, ବିଦ୍ୟୁଲତାଙ୍କ ମାତ୍ର ଗୋଟିଏ ବଖରା ମାଟିକାନ୍ଥ ଥିବା ଚାଳ ଘର ରହିଛି। ଯାହା ଫନି ବାତ୍ୟାରେ ଚାଳଛପର ଉଡିଯିବା ସହ ମାଟି ଭାଙ୍ଗିଯିବାରୁ ଘର ତିଆରି କରିପାରି ନାହାନ୍ତି। ତେବେ ବର୍ଷା ହେବାରୁ ବାରମ୍ବାର କାନ୍ଥରୁ ମାଟି ଛିଣ୍ଡି ପଡିଶା ଘର ଲକ୍ଷ୍ମୀଧର ମହାରଣାଙ୍କ ପଟେ ପଡୁଥିବାରୁ ସେ ବିଦ୍ୟୁଲତାଙ୍କୁ ମାଟି କାଢିବାକୁ କହିଥିଲେ। ବିଦ୍ୟୁଲତା କାମ କରିବାରେ ଅକ୍ଷମ ଥିବାରୁ ସେ ଲକ୍ଷ୍ମୀଧରଙ୍କୁ ପଡିଥିବା ମାଟି କାଢିଦେବାକୁ କହିଥିଲେ। ସେଥିପାଇଁ ବିଦ୍ୟୁଲତାଙ୍କୁ ପଇସା ଦେବାକୁ ପଡିବ ବୋଲି ସେ କହିଥିଲେ। ବୁଧବାର ବର୍ଷାହେବାରୁ କାନ୍ଥରୁ ମାଟି ଛିଣ୍ଡି ଲକ୍ଷ୍ମୀଧରଙ୍କ ଘରପଟେ ପଡିଥିଲା। ସେଥିରେ ଉତ୍ତେଜିତ ହୋଇ ଲକ୍ଷ୍ମୀଧର ଓ ପୁଅ ଶିବ ରାତି ୮ଟାବେଳେ ବିଦ୍ୟୁଲତାଙ୍କ ଘରେ ପଶି ତାଙ୍କୁ ମାଡ ମାରିଥିଲେ। ବିଦ୍ୟୁଲତା ଆହତ ଅବସ୍ଥାରେ ଗଡିଶାଗୋଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏଥିସହ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସକ ହେଉଥିବା ଜଣାପଡିଛି। ଏ ସମ୍ପର୍କରେ ଗଡିଶାଗୋଦା ଥାନା ଆଇଆଇସି ନାରାୟଣ ଚନ୍ଦ୍ର ଲେଙ୍କାଙ୍କୁ ପଚାରିବାରୁ, ଏତଲା ପାଇବା ପରେ ଉକ୍ତ ଘଟଣାର ତଦନ୍ତ କରୁଥିବା କହିଥିଲେ।

## ବସ୍ତିରେ ପଶିଲା ବର୍ଷାଜଳ, ଭୁଶୁଡ଼ିଲା କଲେଜ ପାଚେରି



ପିପିଲି, ୧୪।୭: ପିପିଲି ଅଞ୍ଚଳରେ ଗୁରୁବାର ମୂଷଳ ଧାରାରେ ବର୍ଷା ହୋଇଛି। ଫଳରେ ଏନ୍‌ଏସି ଅନ୍ତର୍ଗତ ୨ ନମ୍ବର୍ ୱାର୍ଡର କିଛି ବସ୍ତି ଜଳମଗ୍ନ ହୋଇଥିଲା। ଖବର ପାଇ ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ ଓ କାଉନସିଲର୍ ଚନ୍ଦନ ସେଠୀ ପହଞ୍ଚି ଜଳ ନିଷ୍କାସନର ବ୍ୟବସ୍ଥା କରିଥିଲେ। ସେହିପରି ପିପିଲି ମହାବିଦ୍ୟାଳୟର ରାସ୍ତା ପଟ ମୁଖ୍ୟ ଗେଟ୍ ପାଖରେ ଥିବା ପଥର ପାଚେରି ଭୁଶୁଡ଼ି ପଡ଼ିଛି। ଏହି ପାଚେରି ନିକଟସ୍ଥ ବିଦ୍ୟାମନ୍ଦିରକୁ ଲାଗିଥିଲା। ଉଭୟ ମହାବିଦ୍ୟାଳୟ ଏବଂ ଶିଶୁ ମନ୍ଦିରର ଛାତ୍ରୀଛାତ୍ର ଶ୍ରେଣୀଗୃହରେ ଉପସ୍ଥିତ ଥିବାରୁ କାହାରି କିଛି କ୍ଷତି ହୋଇନାହିଁ। ମହାବିଦ୍ୟାଳୟର ଅଧ୍ୟକ୍ଷ ଶିବ ପ୍ରସାଦ ମିଶ୍ର ସେଠାରେ ପହଞ୍ଚି ପଡ଼ିଥିବା ପଥର ସବୁ ହଟାଇବା ବ୍ୟବସ୍ଥା କରିବା ପରେ ଯାତାୟାତ ସୁବିଧା ହୋଇଥିଲା।




ପୁରୀ ଟାଉନ ଥାନା ସମ୍ମୁଖରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ

ପୁରୀ ଅଫିସ, ୧୪।୭: ଭାଜପା ପକ୍ଷରୁ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରାଯାଇଛି। ତେବେ ଦ୍ରୌପଦୀଙ୍କୁ ଝାଡ଼ଖଣ୍ଡ କଂଗ୍ରେସର ମୁଖପାତ୍ର ଅଜୟ କୁମାର ବିରୋଧ କରିବା ସହିତ ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି। ଏହାକୁ ନେଇ ଭାଜପା ପକ୍ଷରୁ ବିଭିନ୍ନ ସ୍ଥାନରେ କଂଗ୍ରେସ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଏହି ପରିପେକ୍ଷୀରେ ଗୁରୁବାର ପୁରୀ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଅଜୟ କୁମାର ଏବଂ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଭାରତୀୟ ଜନତା ଯୁବ ମୋର୍ଚ୍ଚା ପକ୍ଷରୁ ଟାଉନ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଓଡ଼ିଆ ଝିଅ ଓ ବୋହୁ ଦ୍ରୌପଦୀଙ୍କ ଅପମାନକୁ ଆମ ଓଡ଼ିଶାର ଅପମାନ ବୋଲି ଯୁବମୋର୍ଚ୍ଚା ପକ୍ଷରୁ ଅଭିଯୋଗ କରାଯାଇଛି। ବିକ୍ଷୋଭରେ ଯୁବମୋର୍ଚ୍ଚାର ଜିଲା ସଭାପତି ଜୟନ୍ତ କୁମାର ଦାଶ, ମଣ୍ଡଳ ସଭାପତି ଅନିଲ ସାହୁ, ମିଥୁନ ଜେନା, ସଂଗ୍ରାମ ପରିଡ଼ା, ମନୋରଞ୍ଜନ ବିଶୋଇ, ଶକ୍ତି ମିଶ୍ର, ଶିବ ନାରାୟଣ ଦାଶ, ସ୍ନେହାଶିଷ ଦାଶ, ଅଭିଜିତ ପଣ୍ଡା, ସଙ୍ଗୀତା ପୂଜାପଣ୍ଡା, ସୌମ୍ୟ ମିଶ୍ର, ମନିଷୀ ମିଶ୍ର, ପ୍ରଦୀପ ପରିଡା, ବିଶ୍ୱରଞ୍ଜନ ରାଉଳ, ଭବାନୀ ଦାସ ମହାପାତ୍ର, ଅକ୍ଷୟ ମହାନ୍ତି, ରବି ଦାଶ, ସଞ୍ଜୀବ ମୁଖାର୍ଜୀ, ଉମାକାନ୍ତ ନାୟକ, ପ୍ରଭଞ୍ଜନ ମହାପାତ୍ର, ସୋମନାଥ ଦାସ, ପ୍ରତାପ ମହାନ୍ତି ପ୍ରମୁଖ ସାମିଲ ଥିଲେ ।

## କୋଣାର୍କ ଅଞ୍ଚଳର ବିକାଶ ପାଇଁ ଜନ ସମାବେଶ

**ସମସ୍ୟା ସମାଧାନ ଲାଗି ପଦକ୍ଷେପ ନିଆଯିବ: ଅପରାଜିତା**

କୋଣାର୍କ/ନିମାପଡ଼ା, ୧୪।୭(ଡି.ଏନ୍.ଏ): ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କ ଅଞ୍ଚଳର ସାମଗ୍ରିକ ବିକାଶ ଓ ବହୁବିଧ ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଗୁରୁବାର କୋଣାର୍କ ସୁରକ୍ଷା ପରିଷଦ ପକ୍ଷରୁ ଶାମୁକା ପଡ଼ିଆରେ ବିଶାଳ ଜନସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦ ସଂଯୋଜକ ପ୍ରଶାନ୍ତ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇଥିଲେ। ତାଙ୍କୁ ମାଧିପୁର ଛକଠାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ସେଠାରୁ ସେ ବିଶାଳ ପଦଯାତ୍ରାରେ ସାମିଲ ହୋଇ ଚାଲି ଚାଲି ସମାବେଶ ସ୍ଥଳରେ ପହଞ୍ଚିଥିଲେ। ଜମିଜମା ସମସ୍ୟାର ସମାଧାନ କରି ପ୍ରତ୍ୟେକ ବ୍ୟକ୍ତିଙ୍କୁ ସ୍ଥାୟୀ ପଟ୍ଟା ଦେବା, କୋଣାର୍କ ହେଲିପ୍ୟାଡ୍‌ର ଆଧୁନିକୀକରଣ, କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏରିଆ ହସ୍ପିଟାଲ ମାନ୍ୟତା ଦେବା, ସୂର୍ଯ୍ୟମନ୍ଦିର ପରିସରରେ ଫଟୋ ଉଠାଉଥିବା ଫଟୋଗ୍ରାଫରଙ୍କୁ ନ୍ୟାୟ ପ୍ରଦାନ, ଚନ୍ଦ୍ରଭାଗା ତୀର୍ଥ ଓ ବେଳାଭୂମି ସୌନ୍ଦର୍ଯ୍ୟକରଣ, ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସମେତ ବିଭିନ୍ନ ଦାବି କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରି ସମାଧାନ କରାଯିବ ବୋଲି କହିଥିଲେ। ଏହି ସମାବେଶରେ କୋଣାର୍କ ସୁରକ୍ଷା ପରିଷଦର ମୁଖ୍ୟ ଉପଦେଷ୍ଟା ଖବରଦାତା ଅକ୍ଷୟ କୁମାର ନାୟକ, ଆବାହକ ସୁରେନ କୁମାର ପାଲ, ଖୋର୍ଦ୍ଧା ଜିଲାର ପୂର୍ବତନ ଭାଜପା ସଭାପତି ନିକୁଞ୍ଜ ପଟ୍ଟନାୟକ, ବନାଖଣ୍ଡି ସରପଞ୍ଚ ପ୍ରଜ୍ଞା ପାରମିତା ନାୟକ, ନାରୀନେତ୍ରୀ ବିଦ୍ୟୁତପ୍ରଭା ସ୍ୱାଇଁ, ମନ୍ମଥ ମଲ୍ଲିକ, ହରିହର ବେହେରା, ଅମ୍ବିକା ପଣ୍ଡା, ଜୀବନ ସାହୁ, ମିନର୍ଭା ରାଉତ ପ୍ରମୁଖ ଯୋଗଦେଇଥିଲେ। ସମାବେଶରେ ୧ହଜାରରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ।

ଗସ୍ତ ଅବସରରେ ନିମାପଡ଼ାଠାରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଅପରାଜିତାଙ୍କୁ ସ୍ୱାଗତ କରାଯାଇଥିଲା। ହରିପୁରଠାରୁ ନିମାପଡ଼ା ପର୍ଯ୍ୟନ୍ତ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜୟଶ୍ରୀ ଛକ, ହରିପୁର ଛକ, କାଜିପାଟଣା ଛକଠାରେ ଦଳୀୟ ସମର୍ଥକମାନେ ତାଙ୍କୁ ସ୍ୱାଗତ କରିଥିଲେ। ଜୟଶ୍ରୀ ଛକଠାରୁ ଗୋଲେଇ ଛକ ପର୍ଯ୍ୟନ୍ତ ଏକ ବିଶାଳ ପଦଯାତ୍ରାରେ ଅପରାଜିତା ସହର ପରିକ୍ରମା କରିବା ସହ ଦୋଳବେଦି ଛକସ୍ଥିତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ମୋହନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ମନୋରଞ୍ଜନ ପାତ୍ର, ମାଧବ ମଲ୍ଲିକ, ଅକ୍ଷୟ ନାୟକ, ପ୍ରଶାନ୍ତ ସ୍ୱାଇଁ, ମିଲନ୍ ବରାଳ, ସୁଧାଂଶୁ ମିଶ୍ର, ଦେବାଶିଷ ପଟ୍ଟନାୟକ ପ୍ରମୁଖଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହା ଏମ୍‌ପିଙ୍କ ବ୍ୟକ୍ତିଗତ ଗସ୍ତ ବୋଲି ଭାଜପାର ଗ୍ରାମୀଣ ମଣ୍ଡଳ ସଭାପତି ମାନସ ପ୍ରଧାନ ଓ ନଗର ମଣ୍ଡଳ ସଭାପତି ଦିଲୀପ ପାତ୍ର କହିଛନ୍ତି।




ସମାବେଶରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଅନ୍ୟ ଅତିଥିମାନେ ।

